ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୨୦/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, May 20/2025 | Page 16 | ₹ 7.00

୫୧ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 174 | ମୂଲ୍ୟ ₹୭/-

GROWTH DEEPLY ROOTED | FALCON AGRIFRIZ FOODS

# A New Chapter in India's Frozen Food Future Begins!

**Falcon Agrifriz** proudly launches the nation's largest frozen potato processing facility in Mehsana, Gujarat. The facility was inaugurated by the Hon'ble Home Minister and Minister of Cooperation, Government of India, **Shri Amit Shah,** alongside **Shri Balvantsinh Rajput,** Hon'ble Cabinet Minister of Industries, Government of Gujarat, **Shri Haribhai Patel,** Hon'ble Member of Parliament, Mehsana Constituency; Shri Tara Patnaik, Chairman of Falcon Group, along with Shri J. N. Patnaik, Shri Prava Patnaik, and Shri Parthajeet Patnaik, Directors of the Falcon Agrifriz.

## Rooted in Gujarat, Ready for the World.
















FALCON AGRIFRIZ FOODS
(A PART OF FALCON GROUP)

**FALCON AGRIFRIZ FOODS PVT. LTD.**
Registered Office: A/22, Falcon House, 1st Floor, Cuttack Road, Bhubaneswar-751006, Odisha, India
Corporate Office: 6th Floor, Shivarth The ACE, Sindhu Bhavan Road, Bodakdev, Ahmedabad-380054, Gujarat, India
Production Unit: Survey No. 740, Village-Sadra, Taluka-Kadi, District: Mehsana-382716, Gujarat, India
E-mail: info@falconagrifriz.com | Website: www.just-crave.com

## ସଂକ୍ଷେପରେ

### ବାଇଡେନ୍‌ଙ୍କୁ କ୍ୟାନ୍‌ସର



ୱାଶିଂଟନ, ୧୯।୫

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍(୮୨) ପ୍ରୋଷ୍ଟେଟ୍ କ୍ୟାନ୍‌ସରରେ ପୀଡ଼ିତ। ଏନେଇ ରବିବାର ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ସପ୍ତାହରେ ସେ ନିଜ ପରିସ୍ରା ସମ୍ବନ୍ଧିତ ଲକ୍ଷଣ ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ରିପୋର୍ଟରେ ସେ କ୍ୟାନ୍‌ସରରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ବାଇଡେନ୍‌ଙ୍କ ପ୍ରୋଷ୍ଟେଟ୍ କ୍ୟାନ୍‌ସର ଗମ୍ଭୀର ସ୍ଥିତିରେ ଥିବା ବେଳେ ଏହା ତାଙ୍କ ହାଡ଼ ପର୍ଯ୍ୟନ୍ତ ବ୍ୟାପିଯାଇଥିବା ଡାକ୍ତର କହିଛନ୍ତି। ତାଙ୍କ ଗ୍ଲିସନ ସ୍କୋର ୯ (ଗ୍ରେଡ୍ ଗ୍ରୁପ୍ ୫) ରହିଛି। ପ୍ରକାଶ ଯେ, ୨୦୧୫ରେ କ୍ୟାନ୍‌ସରରେ ପୀଡ଼ିତ ହୋଇ ବାଇଡେନ୍‌ଙ୍କ ପୁଅ ବ୍ୟୁ ବାଇଡେନ୍‌ଙ୍କର ମୃତ୍ୟୁ ହୋଇଯାଇଥିଲା।

### କାର୍‌ରେ ଶ୍ୱାସରୁଦ୍ଧ ହୋଇ ୪ ଶିଶୁ ମୃତ

ବିଜୟନଗରମ, ୧୯।୫

ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲା ଦ୍ୱାରାପୁଡ଼ି ଗ୍ରାମରେ ଏକ କାର୍ ମଧ୍ୟରେ ୪ ଶିଶୁ ଖେଳୁଥିବା ସମୟରେ ଏହାକୁ ଲକ୍ କରିଦିଆଯିବାରୁ ଶ୍ୱାସରୁଦ୍ଧ ହୋଇ ସେମାନଙ୍କର ମୃତ୍ୟୁ ଘଟିଛି। ସମସ୍ତ ମୃତକଙ୍କ ବୟସ ୬ରୁ ୮ ବର୍ଷ ହୋଇଥିବା ଜଣାପଡ଼ିଛି। ସେମାନେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଦ୍ୱାରାପୁଡ଼ି ଆସିଥିଲେ। ପିଲାମାନେ ଖେଳୁ ଖେଳୁ ରାସ୍ତା କଡ଼ରେ ଛିଡ଼ା ହୋଇଥିବା କାର୍‌ରେ ପଶିଯାଇଥିଲେ। ଭିତରେ କେହି ନ ଥିବା ଭାବି ମାଲିକ କାର୍‌କୁ ଲକ୍ କରିଦେଇଥିଲେ।

### 'ସବୁ ହାଇକୋର୍ଟ ବିଚାରପତି ପୂର୍ଣ୍ଣ ପେନ୍‌ସନ ପାଇବାକୁ ହକ୍‌ଦାର'

ନୂଆଦିଲ୍ଲୀ, ୧୯।୫(ପି.ଟି.)

ସମସ୍ତ ହାଇକୋର୍ଟ ବିଚାରପତି ଏବଂ ଅତିରିକ୍ତ ବିଚାରପତି ପୂର୍ଣ୍ଣ ପେନ୍‌ସନ ଏବଂ ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର ବୋଲି ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତିମାନେ ପେନ୍‌ସନ ବାବଦରେ ମାସକୁ ୧୫ ଲକ୍ଷ ଟଙ୍କା ପାଇବେ। ପୂର୍ଣ୍ଣ ପେନ୍‌ସନ ପ୍ରଦାନ କରା ନ ଯିବା ସମ୍ବିଧାନର ଅନୁଚ୍ଛେଦ ୧୪ ଅନୁଯାୟୀ ସମାନତା ଅଧିକାରର ଉଲ୍ଲଂଘନ ବିବେଚନା କରାଯିବ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟର ଦିବଂଗତ ଅତିରିକ୍ତ ବିଚାରପତିଙ୍କ ପରିବାର ମଧ୍ୟ ସମାନ ପେନ୍‌ସନ ଓ ସ୍ଥାୟୀ ବିଚାରପତିଙ୍କ ପରିବାର ଭଳି ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର ବୋଲି ସିଜେଆଇ କହିଛନ୍ତି।

### ବ୍ରେକ୍ସିଟ୍‌ର ୫ ବର୍ଷ ପରେ ବ୍ରିଟେନ୍, ଇୟୁ ମଧ୍ୟରେ ନୂଆ ଚୁକ୍ତି

ଲଣ୍ଡନ, ୧୯।୫

ପ୍ରତିରକ୍ଷା ସହଯୋଗ ବଢ଼ାଇବା, ଖାଦ୍ୟପଦାର୍ଥ ବାଣିଜ୍ୟକୁ ସହଜ ଏବଂ ସୀମାରେ ଯାଞ୍ଚକୁ କୋହଳ କରିବା ପାଇଁ ବ୍ରିଟେନ୍ ସରକାର ୟୁରୋପୀୟ ସଂଘ (ଇୟୁ) ସହ କେତେକ ନୂଆ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ୟୁରୋପୀୟ ୟୁନିୟନ (ବ୍ରେକ୍ସିଟ୍)ରୁ ବ୍ରିଟେନ୍ ଓହରିଯିବାର ୫ ବର୍ଷ ପରେ ଏଭଳି ଚୁକ୍ତିନାମା ହୋଇଛି। ଏହା ବଳରେ ୨୭ ରାଷ୍ଟ୍ରବିଶିଷ୍ଟ ବାଣିଜ୍ୟ ବ୍ଲକ୍ ସହ ବ୍ରିଟେନ୍‌ର ଅର୍ଥନୈତିକ ଓ ବାଣିଜ୍ୟିକ ସମ୍ପର୍କ ବଢ଼ିବା ସହ ନାଲିଫିତା ପ୍ରତିବନ୍ଧକ କୋହଳ ହେବ ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର କହିଛନ୍ତି। ନୂଆ ଡିଲ୍ ଯୋଗୁ ବ୍ରିଟେନ୍-ଇୟୁ ପ୍ରତିରକ୍ଷା ଓ ସୁରକ୍ଷା ସହଭାଗିତା ବ୍ରିଟେନ୍‌କୁ ୟୁରୋପୀୟ ସଂଘର ୧୫୦ ବିଲିୟନ ୟୁରୋ ପ୍ରତିରକ୍ଷା ଋଣ ପ୍ରୋଗ୍ରାମରେ ବ୍ରିଟେନ୍ ସାମିଲ ହୋଇପାରିବ। ସୀମା ଦେଇ ଜୈବିକ ଉତ୍ପାଦ ଠାରୁ ଆରମ୍ଭ କରି ଖାଦ୍ୟସାମଗ୍ରୀ ବାଣିଜ୍ୟ ସହଜ କରିବା ପାଇଁ ଯାଞ୍ଚ ବ୍ୟବସ୍ଥା ହଟାଇ ଦିଆଯିବ।

# ବ୍ଲାକ୍‌ଆଉଟ୍ ବେଳେ ପାକିସ୍ତାନ ସହ ସମ୍ପର୍କରେ ଥିଲେ ଜ୍ୟୋତି

ଚଣ୍ଡିଗଡ଼, ୧୯।୫

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରିବା ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଓ ଅନ୍ୟ ୩ ଜଣ ସେମାନଙ୍କ ପାକ୍ ପରିଚାଳକମାନଙ୍କ ସହ ନିୟମିତ ଯୋଗସୂତ୍ରରେ ଥିଲେ। ଏପରିକି ନିକଟରେ ଭାରତ, ପାକିସ୍ତାନ ଲଢ଼େଇ ଉତ୍ତର ଭାରତରେ ବ୍ଲାକ୍‌ଆଉଟ୍ କରାଯିବା ସମୟରେ ମଧ୍ୟ ସେମାନେ ପାକିସ୍ତାନର ଗୋଇନ୍ଦା ଅଧିକାରୀଙ୍କ ସହ ସମ୍ପର୍କରେ ରହିଥିଲେ ବୋଲି ସୁରକ୍ଷା ସଂସ୍ଥା ଦାବି କରିଛି।

ଅପରେଶନ ସିନ୍ଦୂରର ଦିନକ ପୂର୍ବରୁ ମେ' ୬ରେ ଜ୍ୟୋତି ନୂଆଦିଲ୍ଲୀ ଯାଇ ପାକ୍ ଦୂତାବାସ ଅଧିକାରୀ ଡାନିସ୍ ଓ ଅନ୍ୟମାନଙ୍କୁ ଭେଟିଥିଲେ। ଅନ୍ୟମାନେ ମଧ୍ୟ ଅନୁରୂପ ଭାବେ ଯୋଗାଯୋଗରେ ଥିଲେ। ଗୁପ୍ତଚର ବୃତ୍ତି ଅଭିଯୋଗରେ ଗତ ୧୩ ତାରିଖରୁ ବର୍ତ୍ତମାନ ସୁଦ୍ଧା ହରିୟାଣା ପୋଲିସ ଉତ୍ତରପ୍ରଦେଶର ପାନିପତ୍‌ରୁ ନୌମାନ ଇଲାହି ନାମକ ଜଣେ ଗାର୍ଡ, କୈଥାଲର ଦେବେନ୍ଦର ସିଂ ଧିଲୋଁ ଏବଂ ନୁହର ଅର୍ମାନଙ୍କ ସମେତ ହିସାରରୁ ଜ୍ୟୋତିଙ୍କୁ ଗିରଫ କରିଛି। ବିଭିନ୍ନ ସୁରକ୍ଷା ସଂସ୍ଥା ସେମାନଙ୍କୁ ଜେରା କରୁଛି। ଏମାନେ ସମସ୍ତେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ପାଇଁ ଗୁପ୍ତଚରଗିରି କରୁଥିଲେ ଏବଂ ଭାରତର ଗୁରୁତ୍ୱପୂର୍ଣ୍ଣ ସାମରିକ ସ୍ଥଳର ସମ୍ବେଦନଶୀଳ ତଥ୍ୟ ପାକିସ୍ତାନ ପଠାଇଥିଲେ।

ଜ୍ୟୋତିଙ୍କ ବିରୋଧରେ ତଦନ୍ତ ଜାରି ରହିଥିବାବେଳେ ତାଙ୍କର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ବ୍ଲକ୍ କରାଯାଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ଜ୍ୟୋତି ଅନେକ ଥର ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନକୁ ଯାଇଥିଲେ। ଆତଙ୍କବାଦ ଲିଙ୍କ୍‌କୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତାଙ୍କୁ ଖୁବ୍‌ଶୀଘ୍ର ଜେରା କରିବ ବୋଲି ଆଶା କରାଯାଉଛି।

### ୟୁଟ୍ୟୁବରଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ବ୍ଲକ୍ ହେଲା



ଜ୍ୟୋତି ମାଲହୋତ୍ରା

## ଗୁପ୍ତଚର ବୃତ୍ତି: ୩ ସପ୍ତାହରେ ୧୨ ଗିରଫ

ନୂଆଦିଲ୍ଲୀ, ୧୯।୫

ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଇଣ୍ଟରସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗ ଉପରେ ତଦନ୍ତକୁ ବ୍ୟାପକ କରାଯାଇଥିବାବେଳେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ୩ ସପ୍ତାହ ମଧ୍ୟରେ ୧୨ ଜଣଙ୍କୁ ଗିରଫ କରାଗଲାଣି। ସେମାନଙ୍କ ମଧ୍ୟରେ ବ୍ଲଗର, ବ୍ୟବସାୟୀ, ଗାର୍ଡ ଆଦି ରହିଛନ୍ତି। ହରିୟାଣାରୁ ଅନ୍ୟୂନ ୪ ଜଣ ଗିରଫ ହୋଇଥିବାବେଳେ ପଞ୍ଜାବରୁ ୩ ଓ ଉତ୍ତରପ୍ରଦେଶରୁ ଜଣେ ଗିରଫ ହୋଇଛନ୍ତି। ସୋମବାର ପଞ୍ଜାବ ପୋଲିସ ଗୁରୁଦାସପୁରରୁ ୨ ଜଣଙ୍କୁ ଗିରଫ କରିଛି। ସହଜରେ ଟଙ୍କା ରୋଜଗାର ପାଇଁ ବ୍ଲଗରମାନେ ଭୁଲ୍ ମାର୍ଗ ବାଛୁଥିବା ହିସାର ଏସ୍‌ପି ଶଶାଙ୍କ କୁମାର ସାୱନ କହିଛନ୍ତି। ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ ଭାରତୀୟଙ୍କ ମଧ୍ୟରେ ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା, ପଟିଆଲା ଖାଲ୍‌ସା କଲେଜର ରାଜନୀତି ବିଜ୍ଞାନ ଛାତ୍ର ଦେବେନ୍ଦର ସିଂ ଧିଲୋଁ, ପାନିପତ୍‌ର ସୁରକ୍ଷା ଗାର୍ଡ ନୌମାନ ଇଲାହି, ହରିୟାଣାର ନୁହରୁ ଗିରଫ ଅର୍ମାନ, ଉତ୍ତରପ୍ରଦେଶ ରାମପୁରର ବ୍ୟବସାୟୀ ଶାହଜାଦ, ଜଲନ୍ଧରରୁ ଗୁଜରାଟ ପୋଲିସ ଦ୍ୱାରା ଗିରଫ ମହମ୍ମଦ ମୁର୍ତାଜା ଅଲି, ପଞ୍ଜାବରୁ ଗିରଫ ଗଜଲ ଏବଂ ୟାମିନ୍ ମହମ୍ମଦ ପ୍ରମୁଖ ରହିଛନ୍ତି।

## ନିକୁସୋର୍ ଡାନ୍ ରୋମାନିଆ ରାଷ୍ଟ୍ରପତି ନିର୍ବାଚିତ

ବୁଚାରେଷ୍ଟ, ୧୯।୫

ରୋମାନିଆ ରାଷ୍ଟ୍ରପତି ନିର୍ବାଚନରେ ୟୁରୋପୀୟ ସଂଘ ସପକ୍ଷବାଦୀ ବୁଚାରେଷ୍ଟ ମେୟର ନିକୁସୋର ଡାନ୍ ବିଜୟୀ ହୋଇଛନ୍ତି। ରୋମାନିଆର ଦକ୍ଷିଣପନ୍ଥୀ ଜାତୀୟତାବାଦୀ ମାନଙ୍କୁ ପରାସ୍ତ କରିବାରେ ଡାନ୍ ସଫଳ ହୋଇଛନ୍ତି। ଡାନ୍‌ଙ୍କୁ ୫୩.୪ ପ୍ରତିଶତ ଭୋଟ ମିଳିଥିବାବେଳେ ଦକ୍ଷିଣପନ୍ଥୀ ପ୍ରାର୍ଥୀ ଜର୍ଜ ସିମିଅନ୍‌ଙ୍କଠାରୁ ସେ ଆଗରେ ଅଛନ୍ତି। ଉତ୍ତେଜନାପୂର୍ଣ୍ଣ ନିର୍ବାଚନ ମଧ୍ୟରେ ଇୟୁ ସପକ୍ଷବାଦୀ ପ୍ରାର୍ଥୀଙ୍କ ବିଜୟକୁ ଅନେକ ଭୂରାଜନୈତିକ ପସନ୍ଦ ଭାବେ ଦେଖୁଛନ୍ତି। ୫୫ ବର୍ଷୀୟ ଡାନ୍ ଜଣେ ଗଣିତଜ୍ଞ ଏବଂ ପାଶ୍ଚାତ୍ୟ ସପକ୍ଷବାଦୀ ସଂସ୍କାରକ।



ନିକୁସୋର ଡାନ୍



ହିମାଳୟର କାଞ୍ଚନଜଙ୍ଘା ଶୃଙ୍ଗ ଆରୋହଣ କରିଥିବା ଭାରତୀୟ ଓ ନେପାଳୀ ସେନା ଯବାନଙ୍କ ମିଳିତ ଟିମ୍ ଫଟୋ ପୋଜ୍ ଦେଉଛନ୍ତି। ବିଶ୍ୱର ଏହି ତୃତୀୟ ଉଚ୍ଚତମ ଶୃଙ୍ଗ ଆରୋହଣ ପାଇଁ ୨ ଦେଶ ସେନାର ମିଳିତ ଅଭିଯାତ୍ରୀ ଦଳଙ୍କ ଯାତ୍ରାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗତ ମାସ ୩ରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ମଧ୍ୟପ୍ରଦେଶ ମନ୍ତ୍ରୀଙ୍କ ବିରୋଧରେ ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୯।୫ (ପି.ଟି.)

ମହିଳା ସେନା ଅଧିକାରୀ କଲୋନେଲ୍ ସୋଫିୟା କ୍ୟୁରେସୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ପାଇଁ ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ତାଙ୍କ ବିରୋଧରେ ଦାଏର ମାମଲାର ତଦନ୍ତ ପାଇଁ ୩ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟକୁ ଆମେ ଭିଡିଓରେ ଦେଖିଛୁ। ଏବେ ମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଏକ କୁମ୍ଭୀରକାନ୍ଦଣା ବା ଆଇନର କାଠଗଡ଼ାରୁ ଖସିଯିବା ପାଇଁ ଉଦ୍ୟମ ଭଳି ଲାଗୁଥିବା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି।

ମନ୍ତ୍ରୀ ଶାହଙ୍କ ମନ୍ତବ୍ୟ ସାରା ଦେଶକୁ ଲଜ୍ଜିତ କରିଛି। ଏଥିରେ ଅତ୍ୟନ୍ତ ଖରାପ ଭାଷା ବ୍ୟବହାର କରିଥିବା ଭିଡିଓରୁ ଦେଖିବାକୁ ପାଇଛୁ। ଏଥିପାଇଁ ଆପଣ ଲଜ୍ଜିତ ହେବା ଉଚିତ। ସେନାକୁ ନେଇ ସାରା ଦେଶ ଗର୍ବ ଅନୁଭବ କରୁଥିବାବେଳେ ଆପଣ ଏଭଳି ମନ୍ତବ୍ୟ ଦେଇଛନ୍ତି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଭୁଲ୍‌କୁ ଆପଣ ମାନିଯିବା ଆବଶ୍ୟକ ଥିବାବେଳେ, ଯଦି ମୁଁ ଏଭଳି କହିଥାଏ ତେବେ କ୍ଷମା ମାଗୁଛି ବୋଲି କହିବା କି ପ୍ରକାର କ୍ଷମା ପ୍ରାର୍ଥନା ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଜଣେ ଆଇଜି ପାହ୍ୟାର ଅଫିସରଙ୍କ ନେତୃତ୍ୱରେ ୩ ଜଣିଆ ଏସ୍‌ଆଇଟି ଗଠନ କରି ଏତଲାର ତଦନ୍ତ କରାଇବାକୁ ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ତଦନ୍ତକାରୀ ଟିମ୍‌ରେ ଜଣେ ମହିଳା ଅଫିସର ରଖିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ସୂଚନାଯୋଗ୍ୟ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଗତ ୭ ତାରିଖରେ ଭାରତୀୟ ସେନାର ଅପରେଶନ ସିନ୍ଦୂରର ନେତୃତ୍ୱ ନେଇଥିବା ୨ ମହିଳା ସେନା ଅଧିକାରୀଙ୍କ ମଧ୍ୟରେ କଲୋନେଲ କ୍ୟୁରେସୀ ଅନ୍ୟତମ। ଆତଙ୍କବାଦୀମାନଙ୍କୁ ମାରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ଭଉଣୀଙ୍କୁ ପାକିସ୍ତାନ ପଠାଇଥିଲେ ବୋଲି କ୍ୟୁରେସୀଙ୍କୁ ଆକ୍ଷେପ କରି ମନ୍ତ୍ରୀ ଶାହ କହିଥିଲେ।

### କଲୋନେଲ କ୍ୟୁରେସୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ



ବିଜୟ ଶାହ

## ବହୁଦଳୀୟ ପ୍ରତିନିଧି ମଣ୍ଡଳୀରୁ ୟୁସୁଫ୍ ପଠାନ ଓହରିଲେ

କୋଲକାତା/ନୂଆଦିଲ୍ଲୀ, ୧୯।୫

ଆତଙ୍କବାଦ ବିରୋଧରେ ଭାରତ ସରକାରଙ୍କ ଅପରେଶନ ସିନ୍ଦୂର ସମ୍ପର୍କରେ ବିଭିନ୍ନ ଦେଶକୁ ଅବଗତ କରାଇବା ପାଇଁ କେନ୍ଦ୍ର ସରକାର ଗଠନ କରିଥିବା ବହୁଦଳୀୟ ପ୍ରତିନିଧି ମଣ୍ଡଳୀରୁ ସୋମବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ୟୁସୁଫ୍ ପଠାନ ଓହରି ଯାଇଛନ୍ତି। ଜେଡିୟୁ ଏମ୍‌ପି ସଞ୍ଜୟ ଝାଙ୍କ ନେତୃତ୍ୱରେ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ ଏବଂ ସିଙ୍ଗାପୁର ଗସ୍ତ କରିବାକୁ ଥିବା ପ୍ରତିନିଧି ଦଳରେ ୟୁସୁଫ୍‌ଙ୍କୁ କେନ୍ଦ୍ର ସରକାର ସାମିଲ କରିଥିଲେ। ତାଙ୍କୁ ସାମିଲ କରିବା ପାଇଁ ଯଦି କେନ୍ଦ୍ରରୁ ଅନୁରୋଧ ଆସେ ତେବେ ବିଚାର କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଆତଙ୍କବାଦ ବିରୋଧରେ କେନ୍ଦ୍ରର ବହିର୍ବ୍ୟାପାର ନୀତିକୁ ଟିଏମ୍‌ସି ସମର୍ଥନ କରୁଛି, କିନ୍ତୁ କେଉଁ ଏମ୍‌ପି ବହୁଦଳୀୟ ପ୍ରତିନିଧି ମଣ୍ଡଳୀରେ ରହିବେ, ସେନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେଇପାରିବେ ନାହିଁ। ଯେଉଁ ପ୍ରଧାନମନ୍ତ୍ରୀ ଦିନେ ବିଦେଶକୁ ଯାଇ କଂଗ୍ରେସ ଦଳକୁ ଗାଳି ଦେଉଥିଲେ ଏବେ ସେ ବିଦେଶରେ କୂଟନୈତିକ ମିଶନ ପାଇଁ ବିରୋଧୀ ଦଳଗୁଡ଼ିକର ସାହାଯ୍ୟ ଲୋଡ଼ୁଥିବା କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।



## ବିଦେଶୀଙ୍କ ପାଇଁ ଭାରତ ଧର୍ମଶାଳା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୫

ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ୭ ବର୍ଷ ଜେଲଦଣ୍ଡ ଭୋଗିବା ପରେ ଭାରତରେ ରହିବାକୁ ଚାହୁଁଥିବା ଜଣେ ଶ୍ରୀଲଙ୍କା ନାଗରିକଙ୍କ ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ୧୪୦ କୋଟି ଲୋକସଂଖ୍ୟାକୁ ନେଇ ଯୁଝୁଥିବା ଦେଶ ବିଦେଶୀ ନାଗରିକଙ୍କ ପାଇଁ 'ଧର୍ମଶାଳା' ହୋଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଶ୍ରୀଲଙ୍କାର ବିଚ୍ଛିନ୍ନତାବାଦୀ ସଂଗଠନ ଲିବରେଶନ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ସହ ସମ୍ପୃକ୍ତ ଥିବା ସେଠାରେ ଜଣେ ତାମିଲଙ୍କୁ ୨୦୧୫ରେ ଗିରଫ କରାଯାଇଥିଲା। ୨୦୧୮ରେ ତାମିଲନାଡୁ ଅଦାଲତ ତାଙ୍କୁ ୟୁଏପିଏ ଆଇନରେ ଦୋଷୀସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ୨୦୨୨ରେ ମାଡ୍ରାସ ହାଇକୋର୍ଟ ଦଣ୍ଡାଦେଶକୁ ୭ ବର୍ଷକୁ ହ୍ରାସ କରିବା ସହ ଦଣ୍ଡ ଶେଷ ହେବା ପରେ ତାଙ୍କୁ ତାମିଲ ଶରଣାର୍ଥୀ ଶିବିରରେ ରଖାଯିବ ଏବଂ ଯଥାଶୀଘ୍ର ସମ୍ଭବ ଦେଶରୁ ବିଦା କରିବାକୁ ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଓ ପିଲା ଭାରତରେ ରହିଥିବାରୁ ଜେଲଦଣ୍ଡ ଅବଧି ଶେଷ ହେବା ପରେ ସେ ଏଠାରେ ରହିବାକୁ ଚାହୁଁଥିବା ତାଙ୍କ ଓକିଲ ଅଦାଲତଙ୍କୁ ଜଣାଇଥିଲେ। ତେବେ ଭାରତରେ ରହିବାର ତାଙ୍କର ଅଧିକାର ନାହିଁ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିବା ସହ ସାରା ବିଶ୍ୱର ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେବା ପାଇଁ ଭାରତ ଏକ ଧର୍ମଶାଳା କି ବୋଲି ପ୍ରଶ୍ନ କରିଥିଲେ। ତେବେ ଏଲ୍‌ଟିଟିଇ ସହ ସମ୍ପୃକ୍ତି ଯୋଗୁ ଶ୍ରୀଲଙ୍କା ଫେରିବା ତାଙ୍କ ପାଇଁ ବିପଜ୍ଜନକ ବୋଲି ଓକିଲ କହିବାରୁ ଅନ୍ୟ କୌଣସି ଦେଶକୁ ଯାଇପାର ବୋଲି ଖଣ୍ଡପୀଠ କହିଥିଲେ। ସୂଚନାଯୋଗ୍ୟ, ମ୍ୟାନ୍‌ମାରକୁ ବିଦାଦେବାକୁ ଥିବା ରୋହିଙ୍ଗ୍ୟା ମୁସଲମାନମାନଙ୍କୁ ଭାରତରେ ରହିବା ପାଇଁ ହୋଇଥିବା ଆବେଦନକୁ ଗତ ୮ ତାରିଖରେ ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଦତ୍ତା ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଖାରଜ କରିଦେବା ସହ ଅନୁରୂପ ପ୍ରଶ୍ନ କରିଥିଲେ। ଭାରତରେ ବସବାସ କରିବା ଅଧିକାର କେବଳ ଭାରତୀୟ ନାଗରିକଙ୍କର। ଏହା ବିଦେଶୀଙ୍କ ପାଇଁ ଉପଲବ୍ଧ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଥିଲେ।

### ଶ୍ରୀଲଙ୍କା ନାଗରିକଙ୍କ ଆବେଦନ ଖାରଜ



## ଫୁରସତ୍

## ୭ ବର୍ଷରେ ୧୪୧ ଚାକିରି

ବେଙ୍ଗାଲୁରୁ

ଜଣେ ବ୍ୟକ୍ତି କେବଳ ୭ ବର୍ଷ ମଧ୍ୟରେ ୧୪୧ ଚାକିରି କରିଛନ୍ତି। ମୁନ୍ ଲାଇଟିଂ (ଏକ ସମୟରେ ଏକାଧିକ ବୃତ୍ତିରେ ନିଯୁକ୍ତି)ର ଏହି ବିରଳ ମାମଲା ସମ୍ପର୍କରେ ସୋମବାର ବ୍ୟାକ୍‌ଗ୍ରାଉଣ୍ଡ ଭେରିଫିକେଶନ ପ୍ଲାଟ୍‌ଫର୍ମ ଅନ୍‌ଗ୍ରୀଡ୍ ପ୍ରଘଟ କରିଛି। ଭେରିଫାଏଡ୍ ଏମ୍ପ୍ଲୟିଜ୍ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେଶନ (ଇପିଏଫ୍‌ଓ) ଡେଟା ଦ୍ୱାରା ପରିଚାଳିତ ନିଜର ଏମ୍ପ୍ଲୟମେଣ୍ଟ ହିଷ୍ଟ୍ରୀ ଚେକ୍ (ଇଏଚ୍‌ସି) ସିଷ୍ଟମ ମାଧ୍ୟମରେ ଅନ୍‌ଗ୍ରୀଡ୍ ଏହି ବ୍ୟକ୍ତିଙ୍କୁ ଚିହ୍ନଟ କରିଛି, ଯିଏ ୭ ବର୍ଷ ମଧ୍ୟରେ ୧୪୧ଟି ଭିନ୍ନ ଭିନ୍ନ ଚାକିରିର ନିୟୋଜିତ ଥିଲେ। ଅନ୍‌ଗ୍ରୀଡ୍ ପକ୍ଷରୁ କୁହାଯାଇଛି, କୋଭିଡ୍ ସମୟରେ ଏକ ସଙ୍ଗେ ଏକାଧିକ ବୃତ୍ତିରେ ନିଯୁକ୍ତି ମାମଲା ଭାରତରେ ବଢ଼ିବାକୁ ଲାଗିଥିଲା। ଏନେଇ ସେତେବେଳେ ଇନ୍‌ଫୋସିସ୍ ଏବଂ ୱିପ୍ରୋ ଭଳି ଆଇଟି କମ୍ପାନୀଗୁଡ଼ିକ ନିଜ ନିଜ କର୍ମଚାରୀଙ୍କୁ କୌଣସି ଦ୍ୱିତୀୟ ନିଯୁକ୍ତିରେ ଲିପ୍ତ ନ ରହିବାକୁ ଚେତାବନୀ ଦେଇଥିଲେ। ଅନଗ୍ରୀଡ୍‌ର ରିପୋର୍ଟ ଅନୁଯାୟୀ, ୨୦୧୮ରୁ ୨୦୨୧ ମଧ୍ୟରେ ଏହି ବ୍ୟକ୍ତି ଜଣକ ଏକସଙ୍ଗେ ୧୦ ଅଲଗା ଅଲଗା ସଙ୍ଗଠନ ଦ୍ୱାରା ନିଯୁକ୍ତି ପାଇଥିଲେ। ୨୦୨୦ରେ ସାରା ବିଶ୍ୱ ଛଟେଇ, ନିଯୁକ୍ତି ଅନିଶ୍ଚିତତା ସହ ସଂଘର୍ଷ କରୁଥିବା ବେଳେ ଏହି ବ୍ୟକ୍ତି ଜଣକ ବିଭିନ୍ନ ଷ୍ଟାର୍ଟଅପ୍, ବଡ଼ ଉଦ୍ୟୋଗ ଏବଂ ବହୁ ରାଷ୍ଟ୍ରୀୟ କମ୍ପାନୀ ମଧ୍ୟରେ ନିଯୁକ୍ତି ପରିବର୍ତ୍ତନ କରି ୫୦ଟି ବିଭିନ୍ନ ନିଯୁକ୍ତି ହାସଲ କରିଥିଲେ। ଏ ସମ୍ପର୍କରେ ଅନ୍‌ଗ୍ରୀଡ୍‌ର ସିଇଓ ଏବଂ ସହ ପ୍ରତିଷ୍ଠାତା ପୀୟୂଷ ପେଶୱାନୀ କହିଛନ୍ତି, ସମ୍ପ୍ରତି ନିଯୁକ୍ତି କ୍ଷେତ୍ରରେ ରିମୋର୍ଟ ୱାର୍କ, ଫ୍ରିଲାନ୍ସିଂ ଏବଂ ହାଇବ୍ରିଡ୍ ମଡେଲ ସାଧାରଣ ହେବାରେ ଲାଗିଛି, ଯାହା ନିଯୁକ୍ତିଦାତାଙ୍କ ପାଇଁ ବଢ଼ୁଥିବା ବିପଦକୁ ଉଲ୍ଲେଖ କରିବା ସହ ସେମାନଙ୍କ ପାଇଁ ସତର୍କ ଘଣ୍ଟି ପାଲଟିଛି।



## ଖୁବ୍‌ଶୀଘ୍ର 'ଦି ଗର୍ଲଫ୍ରେଣ୍ଡ': ରଶ୍ମିକା

ହାଇଦ୍ରାବାଦ

ଅଭିନେତ୍ରୀ ରଶ୍ମିକା ମନ୍ଦାନା ସମ୍ପ୍ରତି ନିଜର ଆଗାମୀ ରୋମାଣ୍ଟିକ ଡ୍ରାମା ଫିଲ୍ମ 'ଦି ଗର୍ଲଫ୍ରେଣ୍ଡ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ୍ମକୁ ନେଇ ରଶ୍ମିକାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଫିଲ୍ମକୁ ଯଥାଶୀଘ୍ର ରିଲିଜ୍ କରିବା ପାଇଁ ସେମାନେ ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ୍ ଆରମ୍ଭ କରିଛନ୍ତି। ଏନେଇ ରଶ୍ମିକା ତାଙ୍କ ଏକ୍ସ' ହ୍ୟାଣ୍ଡେଲରେ କହିଛନ୍ତି, ପ୍ରିୟ ପ୍ରଶଂସକମାନେ, 'ଦି ଗର୍ଲଫ୍ରେଣ୍ଡ' ଫିଲ୍ମ ଯଥାଶୀଘ୍ର ରିଲିଜ୍ ହେଉ ବୋଲି ଆପଣମାନେ ଚାହୁଁଛନ୍ତି। ଏଥିପାଇଁ ଆପଣମାନେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ ମଧ୍ୟ ଆରମ୍ଭ କରିଛନ୍ତି। 'ଦି ଗର୍ଲଫ୍ରେଣ୍ଡ'ର ପୂରା ଟିମ୍ ପ୍ରତି ଏହା ଆପଣଙ୍କ ଭଲ ପାଇବାକୁ ଦର୍ଶାଉଛି। ସମ୍ପ୍ରତି ନିର୍ଦ୍ଦେଶକ ରାହୁଲ ରବୀନ୍ଦ୍ରନ୍ 'ଦି ଗର୍ଲଫ୍ରେଣ୍ଡ' ଫିଲ୍ମକୁ ଉତ୍କୃଷ୍ଟ କରିବା ପାଇଁ କଠିନ ପ୍ରୟାସ କରୁଛନ୍ତି। 'ଦି ଗର୍ଲଫ୍ରେଣ୍ଡ' ସମ୍ପୂର୍ଣ୍ଣ ଭାବରେ ଏକ ଚରିତ୍ର ଆଧାରିତ ଫିଲ୍ମ, ଯାହା ଏହାକୁ ଅନ୍ୟ ଫିଲ୍ମଗୁଡ଼ିକଠାରୁ ଅଲଗା କରୁଛି। ଫିଲ୍ମକୁ ଶୀଘ୍ର ରିଲିଜ୍ ନେଇ ପ୍ରଶଂସକଙ୍କ ଟ୍ରେଣ୍ଡ୍ ପରେ ଏହାର ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ଯଥାଶୀଘ୍ର 'ଦି ଗର୍ଲଫ୍ରେଣ୍ଡ'କୁ ରିଲିଜ୍ କରାଯିବ ବୋଲି ରଶ୍ମିକା ନିଜ ପ୍ରଶଂସକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। 'ଦି ଗର୍ଲଫ୍ରେଣ୍ଡ' ଏକ ତେଲୁଗୁ ଫିଲ୍ମ ହୋଇଥିବାବେଳେ ଏହାକୁ ହିନ୍ଦୀ, ତାମିଲ, ମାଲୟାଲମ ଏବଂ କନ୍ନଡ଼ ଭାଷାରେ ମଧ୍ୟ ରିଲିଜ୍ କରାଯିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି।





ପୁରୀ ରଥଯାତ୍ରା ପାଇଁ ଚକଡେରା ନୀତି: ସୋମବାର ଭଉଁରି ଅବସରରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ହେବା ପରେ ଭୋଇ ସେବକମାନେ ରଥର ପ୍ରଥମ ଯୋଡ଼ା ଚକକୁ ଅଖ ସହିତ ସଂଯୋଗ କରୁଛନ୍ତି। **(ଫଟୋ- ଯଜ୍ଞେଶ୍ୱର ମହାନ୍ତି)**

# ସାଇବର ଅପରାଧ ରୋକିବ ଇ-ଜିରୋ ଏଫ୍‌ଆଇଆର୍

**ସାଇବର ଅପରାଧ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ଅପରାଧୀମାନେ ନୂଆ ନୂଆ ଉପାୟରେ ସବୁ ବର୍ଗର ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଅପରାଧ ଘଟାଇ ଖସିଯାଉଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନୂଆ ଇ-ଜିରୋ ଏଫ୍‌ଆଇଆର୍ ବ୍ୟବସ୍ଥା ଆଣିଛନ୍ତି। ମନ୍ତ୍ରଣାଳୟ ଅଧୀନରେ ଥିବା ଆଇ୪ସି ଏଭଳି ନୂତନ ପଦକ୍ଷେପ ଆଣିଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି।**

**ନୂଆଦିଲ୍ଲୀ,୧୯।୫(ପି.ଟି.)**

ଦେଶରେ ସାଇବର ଅପରାଧ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଥିବାବେଳେ ଅପରାଧୀଙ୍କୁ ତୁରନ୍ତ ଧରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନୂଆ ଇ-ଜିରୋ ଏଫ୍‌ଆଇଆର୍ ବ୍ୟବସ୍ଥା ଆଣିଛନ୍ତି।

## ଆରମ୍ଭ ହେଲା ନୂଆ ବ୍ୟବସ୍ଥା

ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ସାଇବର ସମନ୍ୱୟ କେନ୍ଦ୍ର (ଆଇସିସିସି ବା ଆଇ୪ସି) ଏହି ନୂଆ ଇନିସିଏଟିଭ୍ ଆଣିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର କହିଛନ୍ତି। ଏକ ପାଇଲଟ୍ ପ୍ରକଳ୍ପ ଭାବେ ପ୍ରଥମେ ଦିଲ୍ଲୀରେ ଏହା ଆରମ୍ଭ ହୋଇଛି। ଏହି ନୂଆ ବ୍ୟବସ୍ଥା ନ୍ୟାଶନାଲ ସାଇବରକ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆର୍‌ପି) ଏବଂ ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଦାଏର ସାଇବର ଆର୍ଥିକ ଅପରାଧଗୁଡ଼ିକୁ ସ୍ୱତଃ ଏତଲାରେ ପରିଣତ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅପରାଧ ମାମଲାରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ବ୍ୟବସ୍ଥା ଖୁବ୍‌ଶୀଘ୍ର ସାରା ଦେଶକୁ ସମ୍ପ୍ରସାରିତ ହେବ ବୋଲି ଶାହା କହିଛନ୍ତି। ଅଭୂତପୂର୍ବ ଦ୍ରୁତ ବେଗରେ ଅପରାଧୀଙ୍କୁ ଧରିବା ଏହି ଇ-ଜିରୋ ଏତଲାର ଲକ୍ଷ୍ୟ। ଏହାଦ୍ୱାରା ସାଇବର ଅପରାଧର ମୂଳକୁ ଖୋଜି ବାହାର କରିବା ପାଇଁ ତଦନ୍ତକୁ ଦ୍ରୁତତର କରାଯିବ। ଭାରତକୁ ସାଇବର ସୁରକ୍ଷିତ କରିବା ପାଇଁ କେନ୍ଦ୍ର ସରକାର ସାଇବର ସିକ୍ୟୁରିଟି ଗ୍ରୀଡ୍‌କୁ ମଜଭୁତ କରୁଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ସାଇବର ଅପରାଧ ରୋକିବା ଦିଗରେ ସମନ୍ୱୟ ବଢ଼ାଇବା ପାଇଁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକୁ ଆବଶ୍ୟକ ଢାଞ୍ଚା ଓ ବ୍ୟବସ୍ଥା ଯୋଗାଇଦେବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଇ୪ସି ଗଠନ କରିଥିଲା। ସାଇବର ଅପରାଧ ରୋକିବା ଦିଗରେ ଏହା ଏକ ନୋଡାଲ ପଏଣ୍ଟ ଭାବେ କାର୍ଯ୍ୟ କରୁଛି।

# ବାଂଲାଦେଶୀଙ୍କୁ ହଟାଇବା ପ୍ରକ୍ରିୟା ଆରମ୍ଭ : ପୃଥ୍ୱୀରାଜ

**ଭୁବନେଶ୍ୱର, ୧୯।୫**
**(ସୁନିତ୍ ମିଶ୍ର/ସତ୍ୟଜିତ୍ ରାଉତ)**

ଓଡ଼ିଶାରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କୁ ହଟେଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି, ବିଭିନ୍ନ ଏଜେନ୍ସିରେ କାର୍ଯ୍ୟ କରୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରାଯିବ। କୌଣସି ଅଣନାଗରିକ ଏହି ରାଜ୍ୟରେ ରହିପାରିବେ ନାହିଁ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ବାଂଲାଦେଶୀଙ୍କ ହଟ୍‌ସ୍ପଟ୍ ପାଲଟିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ରାଜ୍ୟରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଖୁବ୍‌ଶୀଘ୍ର ବିଦା କରାଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ନୋଡାଲ ଏଜେନ୍ସି ଭାବେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ(ଏସ୍‌ଟିଏଫ୍) ଏହାର ଦାୟିତ୍ୱ ନେଇଛି। ସେମାନଙ୍କୁ ଚିହ୍ନଟ ପାଇଁ ସବୁ ଜିଲା ଅଧିକାରୀ, ତଟରକ୍ଷା ବାହିନୀ ସହ ସମସ୍ତ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ବାଂଲାଦେଶୀ ଚିହ୍ନଟ ପାଇଁ ଜୋରଦାର ଧରପଗଡ଼ କରାଯାଉଛି।

ଏ ନେଇ ଏସ୍‌ଟିଏଫ୍ ଡିଆଇଜି ପିନାକ୍ ମିଶ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରିବା ସକାଶେ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଜିଲା ପୋଲିସ, ଗୋଇନ୍ଦା ଏଜେନ୍ସି ଆଦି ସମସ୍ତଙ୍କ ସହ ନିୟମିତ ସମନ୍ୱୟ ରକ୍ଷା କରି ଏ ଦିଗରେ କାର୍ଯ୍ୟ କରାଯାଉଛି। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ଏସ୍‌ଟିଏଫ୍ ଅଫିସରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ପ୍ରମାଣ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଆଇଜି କହିଛନ୍ତି।

ସୂଚନାଯୋଗ୍ୟ, ପହଲଗାମ୍‌ରେ ୨୬ ଭାରତୀୟ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ହତ୍ୟା କରିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବେଆଇନ ଭାବେ ଦେଶରେ ରହି ଆସିଥିବା ଅଣଭାରତୀୟଙ୍କୁ ବିଦା କରିବାକୁ ଯୋଜନା ଆରମ୍ଭ ହୋଇଥିଲା। ଏହାପରଠାରୁ ଭାରତର ବିଭିନ୍ନ ରାଜ୍ୟରେ ଅନୁପ୍ରବେଶକାରୀ ଦୀର୍ଘବର୍ଷ ଧରି ରହିଆସିଥିବା ପାକିସ୍ତାନୀ ଓ ବାଂଲାଦେଶୀ ନାଗରିକଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସେହିକ୍ରମରେ ଓଡ଼ିଶାରେ ସେମାନଙ୍କୁ ଚିହ୍ନଟ କରି ବିଦା କରିବାକୁ ରାଜ୍ୟ ସରକାର ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ସେମାନଙ୍କ ରାଶନ କାର୍ଡ କାଟିବା ଲାଗି ମଧ୍ୟ କିଛିଦିନ ତଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏବେ ଏହି ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯାଇଛି।

**ଆଜିର ସମ୍ପାଦକୀୟ**

**ଯୌଥ ପରିବାର କାଳ**

**ଆଜିର ମନ୍ତବ୍ୟ**

“ମୋଦି ଦିନେ ବିଦେଶକୁ ଯାଇ କଂଗ୍ରେସକୁ ଗାଳି କରୁଥିଲେ। ଏବେ ବିଦେଶରେ କୂଟନୈତିକ ମିଶନ ପାଇଁ ସେ କଂଗ୍ରେସର ସାହାଯ୍ୟ ଲୋଡୁଛନ୍ତି।

**- ଜୟରାମ ରମେଶ, କଂଗ୍ରେସ ନେତା**

# ଯୁଦ୍ଧ ବନ୍ଦ ଦିଗରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ

**ୱାଶିଂଟନ,୧୯।୫**

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ସହ ୨ ଘଣ୍ଟା ଆଲୋଚନା କରିଛନ୍ତି। ଯୁଦ୍ଧ ବନ୍ଦ ଦିଗରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ପୁଟିନ୍ କହିଥିବା ଜଣାପଡ଼ିଛି।

## ଟ୍ରମ୍ପଙ୍କୁ ଜଣାଇଲେ ପୁଟିନ୍

ରୁଷିଆ ଶାନ୍ତିପୂର୍ଣ୍ଣ ସମାଧାନ ଚାହେଁ। ବୁଝାମଣା ଉଭୟ ପକ୍ଷକୁ ସୁହାଇଲା ଭଳି ହେବା ଆବଶ୍ୟକ ବୋଲି ପୁଟିନ୍ କହିଛନ୍ତି। ଟ୍ରମ୍ପ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ସପ୍ତାହ ଶେଷ ସୁଦ୍ଧା ଯୁଦ୍ଧବିରତି ନେଇ ଆଶାବ୍ୟକ୍ତ କରିଛନ୍ତି। ଏନେଇ ସେ ନାଟୋ ନେତାମାନଙ୍କ ସହ ଆଲୋଚନା କରିବାକୁ ଉଦ୍ୟମ କରିବେ। ତେବେ ବୁଝାମଣାକୁ ପୁଟିନ୍ ଗମ୍ଭୀର ଭାବେ ନେଉ ନ ଥିବା ଯଦି ଟ୍ରମ୍ପ୍ ଅନୁଭବ କରନ୍ତି, ତେବେ ସେ ନିଜ ଉଦ୍ୟମରୁ ଓହରିଯିବେ ବୋଲି ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ କହିଛନ୍ତି।

**ପୋଲାଭରମ ପ୍ରକଳ୍ପ ବିବାଦ**

# ୨୮ରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

## ଯୋଗଦେବେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ର, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)**

ପୋଲାଭରମ ପ୍ରକଳ୍ପ ବିବାଦ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୮ ତାରିଖରେ ଏହି ବୈଠକ ବସିବ। ଏଥିରେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ରାଜ୍ୟର ମୁଖ୍ୟମନ୍ତ୍ରୀ ସାମିଲହେବେ । ଜଳସେଚନ ଓ ଜଳ ନିୟନ୍ତ୍ରଣ ଉପରେ ଏହି ଅବସରରେ ଆଲୋଚନା ହେବ। ଏହି ପ୍ରକଳ୍ପ କାରଣରୁ ଜଳମଗ୍ନ ହେବାକୁଥିବା ଗାଁଗୁଡ଼ିକରେ ବସବାସ କରୁଥିବା ଗ୍ରାମବାସୀଙ୍କ ଥଇଥାନ ନେଇ ଆଲୋଚନା ହୋଇପାରେ ବୋଲି ଜଣାପଡ଼ିଛି। ସୁବ୍ୟବସ୍ଥିତ ଭାବେ ଯେପରି ଏହି ପ୍ରକଳ୍ପ ହୋଇପାରିବ ସେନେଇ



ବିଶେଷଜ୍ଞଙ୍କ ସହ ମଧ୍ୟ ଆଲୋଚନା ହେବ। ବୈଠକରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, ପୋଲାଭରମ ପ୍ରକଳ୍ପର ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

ପୋଲାଭରମ ପ୍ରକଳ୍ପ ନେଇ ଦୀର୍ଘଦିନ ଧରି ବିବାଦ ଲାଗିରହିଛି। ଗୋଟିଏପଟେ ଆନ୍ଧ୍ର ପକ୍ଷରୁ ପୋଲାଭରମ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ଦେବା ନେଇ ପ୍ରକ୍ରିୟା ଜାରି ରହିଥିବା ବେଳେ ଓଡ଼ିଶାର ମାଲକାନଗିରିର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବାକୁ ଥିବାରୁ ଚିନ୍ତା ବଢ଼ିଛି। ଏନେଇ ଉପୁଜିବାକୁ ଥିବା ସମସ୍ୟାର ସମାଧାନ ନେଇ ଆଲୋଚନା କରିବା ପାଇଁ ଆସନ୍ତା ୨୮ରେ ପ୍ରଧାନମନ୍ତ୍ରୀ ବୈଠକ ଡାକିଛନ୍ତି। ଅନ୍ୟପଟେ ପୋଲାଭରମ ପ୍ରକଳ୍ପ କାରଣରୁ ଓଡ଼ିଶାର ଅନେକ ଅଞ୍ଚଳ ଜଳମଗ୍ନ ହେବାରେ ଲାଗିଛି। ଏବେ କେନ୍ଦ୍ର ଏବଂ ରାଜ୍ୟରେ ଭାଜପାଶାସିତ ସରକାର ରହିଛି। ଏହାସହ ଆନ୍ଧ୍ରରେ ମଧ୍ୟ ଭାଜପା ସମର୍ଥିତ ସରକାର ଚାଲିଛି। ତେଣୁ ପୋଲାଭରମ ପ୍ରକଳ୍ପ ନେଇ ଉପୁଜିଥିବା ସମସ୍ୟାର ସମାଧାନ ତୁରନ୍ତ କରିବା ଲାଗି ରାଜ୍ୟ ସରକାରଙ୍କ ଉପରେ ବିରୋଧୀ ଚାପ ପକାଉଛନ୍ତି। ଏହି ଅବସରରେ ମହାନଦୀ ଉପରେ ଛତିଶଗଡ଼ ସରକାର କରିଥିବା ବ୍ୟାରେଜ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ପାକିସ୍ତାନ ଟାର୍ଗେଟରେ ଥିଲା ସ୍ୱର୍ଣ୍ଣ ମନ୍ଦିର

## ସବୁ ଡ୍ରୋନ୍, ମିଶାଇଲ୍‌କୁ ଖସାଇଥିଲା ଭାରତ ଏୟାର ଡିଫେନ୍ସ



**ଅମୃତସର,୧୯।୫**

ଜମ୍ମୁ-କଶ୍ମୀରର ପହଲଗାମ୍‌ର ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଗତ ୭ ତାରିଖରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରର ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା। ଏହା ପରଦିନ ପାକିସ୍ତାନୀ ସେନା ପଞ୍ଜାବ ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିରକୁ ଡ୍ରୋନ୍ ଓ ମିଶାଇଲ୍‌ରେ ଟାର୍ଗେଟ କରିଥିଲା ବୋଲି ସୋମବାର ୧୫ତମ ଇନ୍‌ଫାଣ୍ଟ୍ରି ଡିଭିଜନ୍‌ର ଜେନେରାଲ ଅଫିସର କମାଣ୍ଡିଂ ମେଜର ଜେନେରାଲ କାର୍ତ୍ତିକ ସି. ଶେଷାଦ୍ରୀ କହିଛନ୍ତି। ତେବେ ପାକିସ୍ତାନର ସମସ୍ତ ମିଶାଇଲ୍ ଓ ଡ୍ରୋନ୍‌କୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ଖସାଇ ଦେଇଥିଲା। ଅମୃତସରରେ ଗଣମାଧ୍ୟମକୁ ସୂଚନା ଦେଇ ଶେଷାଦ୍ରୀ କହିଛନ୍ତି, ଅପରେଶନ ସିନ୍ଦୂର ପରେ ପାକିସ୍ତାନୀ ସେନା ଭାରତର ସାମରିକ ସ୍ଥଳ ସହ ଜନବସତି ଅଞ୍ଚଳ ଏବଂ ସ୍ୱର୍ଣ୍ଣ ମନ୍ଦିର ଭଳି ଧର୍ମୀୟ ସ୍ଥଳକୁ ଟାର୍ଗେଟ କରି ଆକ୍ରମଣ କରିବା ନେଇ ଭାରତୀୟ ସେନା ଆଶଙ୍କା କରିଥିଲା। ସେଥିରୁ ସ୍ୱର୍ଣ୍ଣ ମନ୍ଦିର ପ୍ରମୁଖ ସ୍ଥଳ ଥିବାରୁ ତାହାକୁ ସୁରକ୍ଷା ଦେବା ପାଇଁ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ୍ ପଠାଯାଇଥିଲା। ଭାରତ ଖସାଇଥିବା ପାକିସ୍ତାନୀ ଡ୍ରୋନ୍ ଏବଂ ମିଶାଇଲ୍‌ର ଭଗ୍ନାବଶେଷକୁ ଜେନେରାଲ ଶେଷାଦ୍ରୀ ଗଣମାଧ୍ୟମ ଆଗରେ ପ୍ରଦର୍ଶନ କରିଛନ୍ତି। ସ୍ୱର୍ଣ୍ଣ ମନ୍ଦିର ସମେତ ପଞ୍ଜାବର ଗୁରୁତ୍ୱପୂର୍ଣ୍ଣ ସ୍ଥଳକୁ ଆକାଶମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଭାରତୀୟ ସେନା ଅତ୍ୟାଧୁନିକ ଏଲ୍-୭୦ ଏୟାର ଡିଫେନ୍ସ ଗନ୍ ଏବଂ ଆକାଶ ମିଶାଇଲ୍ ସିଷ୍ଟମ୍ ମୁତୟନ କରିଥିଲା।





ଲାଇଫ୍ କଭର୍ ସାଙ୍ଗକୁ ମାର୍କେଟ ରିଟର୍ନ୍‌ସ ର ଲାଭ

ନନ୍-ପାର୍, ଲିଙ୍କ୍‌ଡ, ଲାଇଫ୍, ଇଣ୍ଡିଭିଜୁଆଲ୍, ସେଭିଙ୍ଗ୍‌ସ ପ୍ଲାନ

- ଆରମ୍ଭ କରନ୍ତୁ ₹2,500/- ପରି ନ୍ୟୁନ ମାସିକ ପ୍ରିମିଅମ ସହିତ
- ଦୁଇଟି ଫଣ୍ଡ'ର ପସନ୍ଦ - ନିଫ୍‌ଟୀ 50 (ଫ୍ଲେକ୍ସି ସ୍ମାର୍ଟ ଗ୍ରୋଥ୍ ଫଣ୍ଡ) ବା ନିଫ୍‌ଟୀ 100 (ଫ୍ଲେକ୍ସି ଗ୍ରୋଥ୍ ଫଣ୍ଡ) ର ବଛା ବଛା ଷ୍ଟକ୍ ରେ 100% ପର୍ଯ୍ୟନ୍ତ ବିନିଯୋଜିତ
- ଗ୍ୟାରଣ୍ଟୀଡ୍ ଆଡିଶନ୍‌ସ ସହିତ*

*ସର୍ତ୍ତ ଓ ନିୟମାବଳୀ ଲାଗୁ

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

LIC/P1/2024-25/22/ORI

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital | ଦେଖନ୍ତୁ: licindia.in | କଲ୍ ମେସେଞ୍ଜର ସର୍ଭିସ (022) 6827 6827 | ଆମର ହ୍ୱାଟସଆପ୍ ନଂ: 8976862090 'Hi' କୁହନ୍ତୁ | ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512

ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ । ଆଇଆର୍‌ଡିଏଆଇ କିମ୍ବା ଏହାର ଅଧିକାରୀଗଣ ବୀମା ପଲିସୀ ବିକ୍ରି କରିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା, ରାଶି ଫେରସ୍ତ କରିବା ପରି ବୀମା ବ୍ୟବସାୟର କୌଣସି କାର୍ଯ୍ୟକଳାପରେ ଭାଗ ନିଅନ୍ତି ନାହିଁ । ଏଭଳି ଫୋନ କଲ୍ ପାଇବା ପଲିସିଧାରକ ବା ପ୍ରସ୍ପେକ୍ଟମାନେ ଏକ ପୁଲିସ ଅଭିଯୋଗ କରିବାକୁ ଅନୁରୋଧ । ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ ।

ଲିଙ୍କ୍‌ଡ ଇନ୍‌ସ୍ୟୋରାନ୍‌ସ ଉତ୍ପାଦସବୁ ପାରମ୍ପରିକ ବୀମା ଉତ୍ପାଦଙ୍କ ଅପେକ୍ଷା ଭିନ୍ନ ହୋଇଥାଆନ୍ତି ଏବଂ ଆପଦ ତଥ୍ୟାବଳୀ ଉପରେ ନିର୍ଭର କରନ୍ତି ।
ଲିଙ୍କ୍‌ଡ ଇନ୍‌ସ୍ୟୋରାନ୍‌ସ ପଲିସୀମାନଙ୍କରେ ଭରାଯାଉଥିବା ପ୍ରିମିଅମରେ ପୁଞ୍ଜି ବଜାର ଓ ସର୍ବସାଧାରଣରେ ଉପଲବ୍ଧ ଇଣ୍ଡେକ୍ସ ସମ୍ପୃକ୍ତ ବିନିଯୋଗ ଆପଦ ଥାଏ। ଫଣ୍ଡ ଓ ପୁଞ୍ଜିବଜାର/ସର୍ବସାଧାରଣରେ ଉପଲବ୍ଧ ଇଣ୍ଡେକ୍ସ କୁ ପ୍ରଭାବିତ କରୁଥିବା ତଥ୍ୟାବଳୀଙ୍କ କାର୍ଯ୍ୟକାରିତା ଉପରେ ନିର୍ଭର କରି ୟୁନିଟଙ୍କ ନୀ.ପ. ମୂଲ୍ୟ ବଢ଼ିପାରେ ବା କମିପାରେ ଏବଂ ବୀମାକାରୀ ତାଙ୍କ ନିର୍ଣ୍ଣୟ ଲାଗି ଦାୟୀ ।
ଭାରତୀୟ ଜୀବନ ବୀମା ନିଗମ ହେଉଛି ଜୀବନ ବୀମା କମ୍ପାନୀର ନାମ ଏବଂ ଇଣ୍ଡେକ୍ସ ପ୍ଲସ୍ ହେଉଛି କେବଳ ଲିଙ୍କ୍‌ଡ ଇନ୍‌ସ୍ୟୋରାନ୍‌ସ କଣ୍ଟ୍ରାକ୍ଟ'ର ନାମ ଓ କୌଣସି ରୂପେ କଣ୍ଟ୍ରାକ୍ଟ'ର ଗୁଣ-ମାନ, ଏହାର ଭାବି ସମ୍ଭାବନା କି ଅର୍ଜନ ଦର୍ଶାଉ ନାହିଁ ।
ସମ୍ପୃକ୍ତ ଆପଦ ଆଉ ପ୍ରଯୁଜ୍ୟ ଚାର୍ଜସବୁ ନିଜ ବୀମା ଏଜେଣ୍ଟ ବା ମଧ୍ୟସ୍ଥିଙ୍କ ଠାରୁ କିମ୍ବା ବୀମା କମ୍ପାନୀ ଜାରି କରିଥିବା ପଲିସୀ ଡକ୍ୟୁମେଣ୍ଟ ରୁ ଜାଣନ୍ତୁ ।
ଏହି କଣ୍ଟ୍ରାକ୍ଟ ଅନ୍ତର୍ଗତ ଅଫର୍ କରାଯାଉଥିବା ବିବିଧ ଫଣ୍ଡ ହେଉଛି ଫଣ୍ଡଗୁଡ଼ିକର ନାମ ଏବଂ କୌଣସି ରୂପେ ଏସବୁ ପ୍ଲାନ'ର ଗୁଣ-ମାନ, ଏଗୁଡ଼ିକର ଭାବି ସମ୍ଭାବନା ଓ ଅର୍ଜନ ଦର୍ଶାଉ ନାହିଁ ।

**ଓଡ଼ିଶାର ୬.୯୮ ଲକ୍ଷ କଇଁଛଙ୍କୁ ସୁରକ୍ଷା ଦେଇଛି ଅପରେଶନ ଅଲିଭିଆ**

ନୂଆଦିଲ୍ଲୀ (ପି.ଟି): ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜେ)ର ବାର୍ଷିକ ମିଶନ ଅପରେଶନ ଅଲିଭିଆ ଅନ୍ତର୍ଗତ ଓଡ଼ିଶାର ଋଷିକୂଲ୍ୟା ନଦୀ ମୁହାଣକୁ ଅଣ୍ଡା ଦେବା ପାଇଁ ଆସୁଥିବା ୬.୯୮ ଲକ୍ଷରୁ ଅଧିକ ଅଲିଭ୍ ରିଡଲେ କଇଁଛଙ୍କୁ ଗତ ଫେବୃଆରୀ ମାସରେ ସୁରକ୍ଷା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ନଭେମ୍ବରରୁ ମେ' ମାସ ପର୍ଯ୍ୟନ୍ତ ଆଇସିଜେ ପକ୍ଷରୁ କଇଁଛଙ୍କ ପାଇଁ ସୁରକ୍ଷିତ ବାସସ୍ଥାନକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଗହୀରମଥା ବେଳାଭୂମି ଓ ଏହାର ଆଖପାଖ ଉପକୂଳବର୍ତ୍ତୀ ଅଞ୍ଚଳରେ ଅପରେଶନ ଅଲିଭିଆକୁ କାର୍ଯ୍ୟକାରୀ କରାଯାଇଥାଏ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଗାନ୍ଧୀମାର୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ୪ ଶ୍ରମ କୋଡ୍ ବାତିଲ ଦାବିରେ ଏଆଇଟିୟୁସି ପକ୍ଷରୁ ଶୋଭାଯାତ୍ରା ଏବଂ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବିଏମ୍‌ସି ମୁଖ୍ୟଦପ୍ତର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସମନ୍ୱୟ ଓଡ଼ିଶା ପୂର୍ବପ୍ରାନ୍ତ ଦ୍ୱାରା ଶୌର୍ଯ୍ୟଯାତ୍ରା, ସ୍ଥାନ: ରାଜମହଲ ଛକ, ସମୟ: ଅପରାହ୍ନ ୪ଟା ୩୦।
- ସମ୍ଭାବନା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଓ'କରିମ, ମାଷ୍ଟର କ୍ୟାଣ୍ଟିନ ଛକ,ସମୟ:, ଅପରାହ୍ନ ୫ଟା ୩୦।
- ପ୍ରଫେସର କରୁଣାସାଗର ବେହେରାଙ୍କ ୧୭ଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ମାସିକ ସାହିତ୍ୟ ଆଲୋଚନା, ସ୍ଥାନ: ଲେଖକ ସମବାୟ ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ପ୍ରଫେସର ରାଧାକାନ୍ତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଦ୍ଧ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ସୁନୟନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପଦ୍ମାବତୀ ଉତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଚନ୍ଦନ ଯାତ୍ରା ଅବସରରେ ସ୍ୱପ୍ନେଶ୍ୱର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ସ୍ୱପ୍ନେଶ୍ୱର ମନ୍ଦିର ପରିସର ହରିଦାସପୁର, ନହରକଣ୍ଟା, ସମୟ ରାତି ୧୧ଟା।
- .ଚନ୍ଦନ ଯାତ୍ରା ଉପଲକ୍ଷେ ଅପେରା ପାର୍ଟି ଦ୍ୱାରା ନାଟକ ପରିବେଷଣ, ସ୍ଥାନ: ବାଲିଅନ୍ତା ହାଟ ପାର୍ଶ୍ୱ ମେନନ ପଡ଼ିଆ, ସମୟ: ରାତି ୧୧ଟା।

## କଟକ

- ମିଳିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଗଣ ବିକ୍ଷୋଭ, ସ୍ଥାନ: କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ତିରଙ୍ଗା ପଦଯାତ୍ରା, ସ୍ଥାନ: ଚୌଦ୍ୱାର ତଳବଜାର, ସମୟ: ଅପରାହ୍ନ ୪ଟା।
- ଶ୍ରୀ ଶ୍ରୀ ରାଧାକାନ୍ତଜୀଉ, ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଓ ଚାପ ଖେଳ, ସ୍ଥାନ: ଚୌଦ୍ୱାର ଚଷାପଡା, ସମୟ: ସନ୍ଧ୍ୟା ୬ଟା।
- କଟକ ନୃତ୍ୟ ଉତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖାକି ମଠ ନୂଆସାହି, ସମୟ: ସକାଳ ୯ଟା।
- ଜିଲା ଜଜ୍ କୋର୍ଟ ସ୍ଥାନାନ୍ତର ପ୍ରତିବାଦରେ ମାନବ ଶୃଙ୍ଖଳ, ସ୍ଥାନ: ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ଖୋର୍ଦ୍ଧା ଟାଇକୋଣ୍ଡୋ ଆସୋସିଏଶନ ପକ୍ଷରୁ ୬ଷ୍ଠ ଖୋର୍ଦ୍ଧା ଜିଲା ଟାଇକୋଣ୍ଡୋ ଚାମ୍ପିୟନଶିପ୍ ଏବଂ ଏକାଦଶ କଲର ବେଲ୍ଟ ଟେଷ୍ଟ-୨୦୨୫, ସ୍ଥାନ: ଟାଉନ ହଲ୍, ଜଟଣୀ, ସମୟ: ସକାଳ ୬ଟା।
- ଦଶମହାବିଦ୍ୟା ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ମା'ଦୁର୍ଗା ମନ୍ଦିର, ଦୁର୍ଗା ମାର୍କେଟ, ରାଜବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ବାମପନ୍ଥୀ ସଙ୍ଗଠନ ପକ୍ଷରୁ ସାଧାରଣ ସଭା, ସ୍ଥାନ: କଚେରି ବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା ସହ ପ୍ରଭାରୀ ଶାହାନୱାଜ ଚୌଧୁରୀଙ୍କ ଜିଲା କଂଗ୍ରେସକୁ ସମ୍ବୋଧନ, ସ୍ଥାନ: କେନ୍ଦୁଝର ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ:ଷ୍ଟାଡିୟମ ବାରିପଦା, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ମୟୂର ସେବା ମୋବାଇଲ ଆପ୍‌ର ଶୁଭ ଉଦଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ଢେଙ୍କାନାଳ

- ଅପରେଶନ ସିନ୍ଦୂର ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ-ଢେଙ୍କାନା ଜିଲା ଯୋରନ୍ଦାସ୍ଥିତ ମହିମାଗାଦି, ସମୟ-ଅପରାହ୍ନ ୪ଟା।
- ଜାଭିୟର୍ସ ହାଇସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଭିନ୍ନ ଦାବିରେ ସିଟୁ ପକ୍ଷରୁ ଗଣବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।

## ନୟାଗଡ଼

- ଚନ୍ଦନଯାତ୍ରାର ଅନ୍ତିମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ଅନ୍ତିମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଅନ୍ତିମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ଅନ୍ତିମ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଅନ୍ତିମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା

- ରବି ଧାନ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ଆରଏମ୍‌ସି ୟାର୍ଡ଼ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ରବି ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ନବରଙ୍ଗପୁର ଆର୍‌ଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ବୈଠକ, ସ୍ଥାନ: ନବରଙ୍ଗପୁର ଅଶୋକ ମେହେଟ୍ଟା ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ମାଁ ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା, ସ୍ଥାନ: ସରଗୁଡ଼ା ଗ୍ରାମ ଠାକୁରାଣୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ଗଣେଷ ଓ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚିଙ୍ଗୁଡ଼ିଚୂଆ, ନନ୍ଦପୁର, ସମୟ: ସକାଳ ୭ଟା।
- ବିଜେଡିର ସାଙ୍ଗଠନିକ ବୈଠକ, ସ୍ଥାନ: ସୀମାଦ୍ରି ମଣ୍ଡପ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ମାଲକାନଗିରି ଜିଲା କୋର୍ଟ ପରିସରରେ ଲିଗାଲ ସେମିନାର, ସ୍ଥାନ: ଜିଲା କୋର୍ଟ ପରିସର, ସମୟ: ଅପରାହ୍ନ ୪ ଟା ।

## ସମ୍ବଲପୁର

- ସାଓଲିନ କୁଙ୍ଗ୍‌ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର , ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳଲୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା ।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ମ୍ୟୁନିସିପାଲିଟି ଅଫିସ ପରିସର, ସମୟ : ସକାଳ ୭ଟା ।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଜିଲା ଓକିଲ ସଂଘ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ଓକିଲ ସଂଘ ପରିସରସ୍ଥ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ : ସକାଳ ୮ଟା ।
- ପ୍ରାକ୍ତନ ନିତି ଆୟୋଗ ସିଇଓ ଅମିତାଭ କାନ୍ତଙ୍କ ସମଲେଇ ମନ୍ଦିର ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୯ଟା ।

## ରାଉରକେଲା

- ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବିଶ୍ରା ଛକ, ରାଉରକେଲା, ସମୟ: ସକାଳ ୮ଟା।
- ଶୀତଳପଡା ବସ୍ତିବାସୀଙ୍କ ୱାଟ୍‌କୋ ଅଫିସ ଘେରାଉ, ସ୍ଥାନ: ୱାଟକୋ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୃହସ୍ଥୀ ପରିବାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୧୪, ନନ୍ଦଗାଁ, ସମୟ: ଅପରାହ୍ନ ୩ଟା।

## ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ:ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ୍ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## କଳାହାଣ୍ଡି

- ଭାଜପା କୃଷକ ମୋର୍ଚ୍ଚାର ଧନ୍ୟବାଦ କାର୍ଯ୍ୟକ୍ରମ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା
- ଦର୍ପଣ ସାଗରରେ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଦର୍ପଣ ସାଗର ପଡା, ସମୟ: ସକାଳ ୮ଟା।
- ୧୧ତମ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ପରିସର, ସମୟ: ସକାଳ ୯ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହିର ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମାରୱାଡ଼ି ଯୁବା ମଞ୍ଚ ଦେବଗଡ ପକ୍ଷରୁ ନିଶୁଳ୍କ ଦିବ୍ୟାଙ୍ଗ ଶିବିର, ସ୍ଥାନ: ମାରୱାଡ଼ି ଧର୍ମଶାଳା, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହଣ୍ଡୋପାଲି ଗାଁ, ସମୟ: ପ୍ରାତଃ ୪ଟା ୪୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଡେଡେଙ୍ଗା ଗାଁ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ପାରିବାରିକ ଅଶାନ୍ତି ସାଙ୍ଗକୁ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟିହେବ। ବ୍ୟବସାୟ, ରାଜନୀତି, ସଭାସମିତି, ଜମିଜମା କାରବାର ପାଇଁ ଅସୁବିଧା ହେବନାହିଁ। ସନ୍ତାନଙ୍କ ଅଶାନ୍ତ ମନ ଦେଖି ଚିନ୍ତିତ ହେବେ। ଆକସ୍ମିକ ଭାବରେ ବନ୍ଧୁଙ୍କ ଜରିଆରେ ଶୁଭଖବର ପାଇ ଖୁସି ହୋଇପାରନ୍ତି।

**ବୃଷ** ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କ ଅକୁଣ୍ଠ ସମର୍ଥନ କର୍ମପ୍ରବାହକୁ ଗତିଶୀଳ କରାଇବ। ଅର୍ଥନୈତିକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର, ଆମଦାନୀ, କଳା କାରିଗରି କ୍ଷେତ୍ରରେ ସଫଳତା ପାଇବେ। ବିବାଦୀୟ ପରିସ୍ଥିତି, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ନିଶ୍ଚିତ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ଆଶା କରାଯାଇପାରେ।

**ମିଥୁନ** ମନ ଭିତରର ରାଗ ଓ ଜିଦ୍ ମାତ୍ର ଟିକିଏ ଗେହ୍ଲା କଥାରେ ପାଣିଫୋଟକା ପରି ମିଳାଇଯିବ। ବିଭିନ୍ନ ଦିଗରୁ ସାହାଯ୍ୟ ଓ ସମର୍ଥନ ପାଇଲେ ମଧ୍ୟ ଆଜିର କାମ ସମ୍ପନ୍ନ ନ ହୋଇପାରେ। ଇଚ୍ଛା ନ ଥିଲେ ମଧ୍ୟ ଅର୍ଥବ୍ୟୟର ସମ୍ଭାବନା ରହିଛି। ମୃଗଶିରା ନକ୍ଷତ୍ରର ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବା ଆଶା ରହିଛି।

**କର୍କଟ** ଆଜି ବନ୍ଧୁଙ୍କ ସହୃଦୟତା ଏବଂ ପାରିବାରିକ ସଦ୍‌ଭାବ କୌଣସିଥିରେ ଅଭାବ ରହିବ ନାହିଁ। ପୁନର୍ବସୁ ନକ୍ଷତ୍ରର କାର୍ଯ୍ୟସିଦ୍ଧି, ଅର୍ଥଲାଭ, କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ସୂଚନା ରହିଛି। ସନ୍ତାନହେତୁକ ଗୌରବରୁ ଆନନ୍ଦ ଅନୁଭବ କରିବେ। ପାରିବାରିକ କ୍ଷେତ୍ର, ଲୋକ ସମ୍ପର୍କ, ଆନୁଷ୍ଠାନିକ କାମ ସକାଶେ ପ୍ରତିକୂଳ ପରିସ୍ଥିତି ସୃଷ୍ଟିହେବ।

**ସିଂହ** ନିଜଲୋକଙ୍କୁ ମନାଇ ଅଭିଳଷିତ କାମ ଆଗକୁ ବଢ଼ାଇବାରେ କୌଶଳ କାମକୁ ଆସିବ। ବିଶିଷ୍ଟ ବ୍ୟକ୍ତଙ୍କ ସାନ୍ନିଧ୍ୟ, ଉଚ୍ଚ ପଦପଦବୀ ଓ ବୈଷୟିକ ସୁଖ, ସମୃଦ୍ଧି ଯୋଗୁ ମନ ଖୁସି ରହିବ। ଅଦାଲତ, ଧାର୍ମିକ କାର୍ଯ୍ୟ ଓ ସତ୍‌ସଙ୍ଗ କ୍ଷେତ୍ରକୁ ରଙ୍ଗିମନ୍ତ କରିବ। ଉତ୍ତରାଫାଲ୍‌ଗୁନୀ ସାହିତ୍ୟ, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଧୈର୍ଯ୍ୟ ଓ ସାହସ କାମ ହାସଲ ପାଇଁ ପ୍ରେରଣା ଯୋଗାଇବ। ବ୍ୟବସାୟ, ଯାତ୍ରା, ସରକାରୀ ଓ ରାଜନୈତିକ କ୍ଷେତ୍ରରେ ଆପଣଙ୍କ ପତିଆରା ବୃଦ୍ଧି ପାଇବ। ଜମିଜମା, ଗୃହସୀମା, ନିର୍ମାଣ, କୋର୍ଟକଚେରି ମାମଲା କ୍ଷେତ୍ରରେ ସଙ୍କଟ ଉପୁଜିପାରେ। ବନ୍ଧୁଙ୍କ ମଧ୍ୟରେ ମତଭେଦ ଯୋଗୁ କୌଣସି କଥାର ମୀମାଂସା ହୋଇ ନ ପାରେ।

**ତୁଳା** ଗ୍ରହ ସ୍ଥିତିର ବିଷମତାଜନିତ ବୃଥା ଆଶା ଓ ଅଭିଳାଷ ଅଶାନ୍ତିର କାରଣ ହେବ। ଏଣେ ସମ୍ପର୍କୀୟ ପୁରୁଣା କଥାକୁ କେନ୍ଦ୍ରକରି ଅସହଯୋଗ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି ଓ ରାଜନୀତି କ୍ଷେତ୍ରରେ ସନ୍ତୁଷ୍ଟ ରହିବେ। ସ୍ୱାତୀ ନକ୍ଷତ୍ର ସଙ୍ଗଠନ, ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ବିଛା** ପାଇଥିବା ଜିନିଷ ହରାଇ ମନସ୍ତାପ କରିପାରନ୍ତି। କିନ୍ତୁ ଅନୁରାଧା ନକ୍ଷତ୍ର ବୈଷୟିକ ସୁଖ, ସମୃଦ୍ଧି ସାଙ୍ଗକୁ ଅର୍ଥନୈତିକ ଅଭିବୃଦ୍ଧିରୁ ଖୁସି ରହିବେ। ମାଲିମକଦ୍ଦମା, ଜମିଜମା କାରବାର, ନିର୍ମାଣକାର୍ଯ୍ୟ ଧିମେଇଯିବା ସୂଚନା ରହିଛି। ମାଙ୍ଗଳିକ କାମ ପାଇଁ ପ୍ରସ୍ତୁତି, ମୂଲ୍ୟବାନ୍ ଜିନିଷର କିଣାବିକା କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ଧନୁ** ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ଆତ୍ମୀୟସ୍ୱଜନଙ୍କ ନିକଟରୁ ସହାନୁଭୂତି ମଧ୍ୟ ହରାଇବେ। ପାରିବାରିକ କ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଅବଶ୍ୟ ପୂର୍ବାଷାଢ଼ା ନକ୍ଷତ୍ରକୁ ଅର୍ଥ ଓ ସମ୍ମାନ ମିଳିବ ଏବଂ ବ୍ୟବସାୟିକ ଉନ୍ନତି ମଧ୍ୟ କରିବେ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟଭାଷଣରୁ ନିବୃତ ରହିବା ଭଲ ହେବ।

**ମକର** ପିଲାଙ୍କ ଅସନ୍ତୋଷଜନକ କାର୍ଯ୍ୟକଳାପ ସୁସମ୍ପର୍କରେ ବାଧା ସୃଷ୍ଟି କରିପାରେ। ଅର୍ଥ ସଙ୍କଟ ଦୂରହେବା ସାଙ୍ଗକୁ ଟେକ୍‌ନିକାଲ କାମରେ ବିଶେଷ ସୁବିଧା ପାଇପାରିବେ। ନିକଟ ସମ୍ପର୍କୀୟଙ୍କୁ ଭଲ ପାଇବାକୁ କେନ୍ଦ୍ରକରି ସମସ୍ୟା ଦେଖାଦେବ। ପରିବାର କିମ୍ବା କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସୁସମ୍ପର୍କ ରହି ନ ପାରେ।

**କୁମ୍ଭ** ବହୁ ଦିନରୁ ଗଡ଼ି ଗଡ଼ି ଆସୁଥିବା ଋଣ, ପୁରୁଣା ରୋଗର ପୀଡ଼ା ଏବଂ ପିଛା ଛାଡୁ ନ ଥିବା ଶତ୍ରୁତା ଯୋଗୁ ଚିନ୍ତିତ ରହିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁଫଳ ପାଇବେ। କୌଶଳ ଅବଲମ୍ବନକରି ସ୍ଥଗିତ କାମଟି ବନ୍ଧୁଙ୍କ ଦ୍ୱାରା କରାଇନେବେ। ଧନିଷ୍ଠା ପରିବାରରେ ଛୋଟ କଥାକୁ ଧରିଲେ ସମସ୍ୟା ନିମନ୍ତ୍ରଣ କରିବେ।

**ମୀନ** ଆଜି ଠିକ୍ ବିଚାରଧାରା ଅଭାବରୁ ଭୁଲ୍ କରି ଅନୁତାପ କରିପାରନ୍ତି। ନିର୍ଦ୍ଦିଷ୍ଟ ସମୟରେ ଚାହୁଁଥିବା ଜିନିଷ ପାଇବାରେ ବିଳମ୍ବ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତହେବ। ରେବତୀ ନକ୍ଷତ୍ର କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

ଆଜି ମେ ୨୦ ତାରିଖ, ଶ୍ରୀକ୍ଷେତ୍ରେ ହଳଦୀପାଣି, ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ମଙ୍ଗଳବାର। ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୧୩ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୮ ଗତେ, ଘ.୦୪।୩୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାୟା ଚଢ଼େଇର କି ଯାଏ,**
**ବା' କଲେ ବସା ଦୋହଲୁଥାଏ ।**

ବାୟା ଚଢ଼େଇ ସାଧାରଣତଃ ବଡ଼ ଓ ଦମ୍ଭିଲା ଗଛ ଦେଖି ବସା ବାନ୍ଧି ରହିଥାଏ। ଯେତେ ଜୋରରେ ଝଡ଼ ବର୍ଷା ହେଲେ ମଧ୍ୟ ପବନରେ ବସା କେବଳ ଦୋହଲିବା ଛଡ଼ା ଆଉ କିଛି କ୍ଷତି ଘଟି ନ ଥାଏ। ପରୋକ୍ଷରେ ସଂସାରର ସୁଖ-ଦୁଃଖ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ହେବା ବା କୌଣସି ବିଷୟ ପ୍ରତି ଚିନ୍ତା ଦକ ରଖୁ ନ ଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଞ୍ଝ ମାଇପର କି ସମ୍ପତ୍ତି,**
**ହଳଦୀ କାଠୁଆ କଜ୍ଜଳ ପାତି ।**

ଯେଉଁ ମହିଳାମାନଙ୍କର ପିଲାପିଲି ନ ଥାଏ ବା ହୋଇ ନ ଥାଏ, ସେମାନଙ୍କ ସେଥିନେଇ ସେଭଳି କିଛି ଜଞ୍ଜାଳ ନ ଥାଏ। ବିଶେଷ କିଛି ଦାୟିତ୍ୱ ବା କାର୍ଯ୍ୟ ହାତରେ ନ ଥିବା ସ୍ଥଳେ ନିଜକୁ ସଜେଇ ହେବାକୁ ଅଥବା ସୌନ୍ଦର୍ଯ୍ୟ ପ୍ରସାଧନରେ ଅଧିକ ସମୟ ଦେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭୁଟାନ ଗସ୍ତରେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ

**ବିଶ୍ୱ ବ୍ୟାଙ୍କର ଦକ୍ଷିଣ ଏସିଆ ଲେବର ମୋବିଲିଟି କନ୍‌ଫରେନ୍ସରେ ଭାରତରୁ ପ୍ରତିନିଧିତ୍ୱ କରିବେ**

ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)

ବିଶ୍ୱ ବ୍ୟାଙ୍କ ଦ୍ୱାରା ଆୟୋଜିତ ଦକ୍ଷିଣ ଏସିଆ ଲେବର ମୋବିଲିଟି କନ୍‌ଫରେନ୍ସରେ ଯୋଗଦେବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଭୁଟାନ ଗସ୍ତରେ ଯାଇଛନ୍ତି। ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ଦକ୍ଷିଣ ଏସିଆ ଲେବର ମୋବିଲିଟି କନ୍‌ଫରେନ୍ସ ଭୁଟାନର ଥିମ୍ପୁଠାରେ ଆୟୋଜିତ ହେଉଛି। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ଭାରତରୁ ପ୍ରତିନିଧିତ୍ୱ କରିବେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ ବର୍ତ୍ତମାନ ଓଡ଼ିଶାର ଦାଦନ ଶ୍ରମିକ ବିସ୍ଥାପନ ଟାସ୍କଫୋର୍ସର ଅଧ୍ୟକ୍ଷ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱ ବ୍ୟାଙ୍କ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଏଥିରେ ଯୋଗଦାନ ଦାଦନ ଶ୍ରମିକ ଭଳି ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା, ନୀତି ନିରୂପଣ କରିବାରେ ବିଶେଷ ସହାୟକ ହେବ। ତାଙ୍କ ସହ ଶ୍ରମିକ ଓ କର୍ମଚାରୀ ରାଜ୍ୟ ବୀମା ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ ଗସ୍ତ କରିଛନ୍ତି। ଭୁଟାନ, ମଧ୍ୟପ୍ରାଚ୍ୟ ରାଷ୍ଟ୍ର, ଉତ୍ତର ଆଫ୍ରିକା, ଇଟାଲୀ, ଅଷ୍ଟ୍ରେଲିଆ, ଆରବ ଦେଶ, ଫିଲିପାଇନ୍ସ, ପପୁଆ ନିଉ ଗିନି, ମାଳଦ୍ୱୀପ, ଶ୍ରୀଲଙ୍କା, ନେପାଳ, ଜାମାଇକା, ବାଂଲାଦେଶରୁ ପ୍ରତିନିଧି, ବିଶ୍ୱ ବ୍ୟାଙ୍କର ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ସମେତ ପ୍ରାୟ ୧୦୦ ଜଣ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ।


କନକ ବର୍ଦ୍ଧନ ସିଂଦେଓ

# ବିଡିଓ ସ୍ତରରେ ଅଦଳବଦଳ

**୪ ବିଡିଓଙ୍କ ରାଜସ୍ୱ ବିଭାଗକୁ ବଦଳି**

ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସୋମବାର ବିଡିଓ ସ୍ତରରେ ଅଦଳବଦଳ କରାଯାଇଛି। ସନ୍ଧ୍ୟା ସମର୍ଥଙ୍କୁ କୋଟପାଡ଼ ବିଡିଓ, ବିକ୍ରମ କୁମାର ଦୋରାଙ୍କୁ ନାରାୟଣପାଟଣା, ସୀତାକାନ୍ତ ରାଉତଙ୍କୁ ବନ୍ତ, ସନ୍ତୋଷ କୁମାର ଜେନାଙ୍କୁ ବେଗୁନିଆ, ଲକ୍ଷ୍ମୀସାଗର ମାଝୀଙ୍କୁ ଶୂଳିଆପଦା ବିଡିଓ ଭାବେ ବଦଳି କରାଯାଇଛି। ସେହିପରି ବାଲିଅନ୍ତା ବିଡିଓ କସ୍ତୁରୀ ସ୍ୱାଇଁ, ବାଲିପାଟଣା ବିଡିଓ ସ୍ମୃତିରଞ୍ଜନ ପ୍ରିୟଦର୍ଶିନୀ, ବ୍ରହ୍ମଗିରି ବିଡିଓ ବିଜୟ କୁମାର ବେହେରା ଏବଂ ଶୂଳିଆପଦା ବିଡିଓ ଅନୁପମା ଘୋଷଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରିଦିଆଯାଇଛି। ପରବର୍ତ୍ତୀ ନିଯୁକ୍ତି ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହି ବିଡିଓମାନଙ୍କୁ ରାଜସ୍ୱ ବିଭାଗରେ କାର୍ଯ୍ୟ କରିବାକୁ କୁହାଯାଇଛି।

# ୪ ପୋଲିସଙ୍କ ଉପରୁ ହଟିଲା ନିଲମ୍ବନ

**ଭରତପୁର ଥାନା ନିର୍ଯାତନା ଘଟଣା**

ଭୁବନେଶ୍ୱର,୧୯।୫(ସତ୍ୟଜିତ ରାଉତ)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ଇନ୍ସପେକ୍ଟର ଦୀନକୃଷ୍ଣ ମିଶ୍ରଙ୍କ ବ୍ୟତୀତ ଅନ୍ୟ ୪ ପୋଲିସଙ୍କ ଉପରୁ ସୋମବାର ନିଲମ୍ବନ ହଟିଛି। ସେମାନେ ହେଲେ ଭରତପୁର ଥାନାର ପୂର୍ବତନ ଏସ୍‌ଆଇ ବୈଶାଳିନୀ ପଣ୍ଡା, ପୂର୍ବତନ ଏଏସ୍‌ଆଇ ସଲିଳମୟୀ ସାହୁ, ସାଗରିକା ରଥ ଏବଂ ପୂର୍ବତନ କନଷ୍ଟେବଲ ବଳରାମ ହାଂସଦା। ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଥିବା ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ଇନ୍ସପେକ୍ଟର ଦୀନକୃଷ୍ଣ ମିଶ୍ରଙ୍କ ଉପରୁ ନିଲମ୍ବନ ହଟି ନ ଥିବାରୁ ଚର୍ଚ୍ଚା ହୋଇଛି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ ରାତିର ଦୁର୍ବ୍ୟବହାର ଅଭିଯୋଗକୁ ନେଇ ଆର୍ମି ଅଫିସର ଓ ବାନ୍ଧବୀ ଭରତପୁର ଥାନା ଯାଇଥିଲେ। ହେଲେ ସେଠାରେ ଥାନା କର୍ମଚାରୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ଥାନା ଆଇଆଇସି ଦୀନକୃଷ୍ଣଙ୍କ ସହ ଅନ୍ୟ ୪ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏଥିସହ ସରକାର କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ଭାର ଦେବା ସହ ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏକାଧିକ ଲୋକଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଥିଲେ। ଏଥିସହ ସାକ୍ଷ୍ୟ ମଧ୍ୟ ଗ୍ରହଣ କରିଥିଲେ। ଏହି ଘଟଣାରେ କମିଶନ ଫେବୃଆରୀ ୫ରେ ତଦନ୍ତ ଶେଷ କରିଥିଲେ। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ କମିଶନ ୨୮୨ ପୃଷ୍ଠାର ତଦନ୍ତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ।

# ଦିବ୍ୟାଙ୍ଗଙ୍କ ଭୋଟ୍ ଦେବା ଉପରେ ଗୁରୁତ୍ୱ

**'ସୁଗମ ନିର୍ବାଚନ' ନେଇ ସଞ୍ଚାଳନା କମିଟିର ପ୍ରଥମ ବୈଠକ**

ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)

ନିର୍ବାଚନ ସମୟରେ ଦିବ୍ୟାଙ୍ଗମାନେ ଯେପରି ସହଜରେ ବୁଥ୍‌କୁ ଆସି ସେମାନଙ୍କ ବହୁମୂଲ୍ୟ ମତଦାନ ସାବ୍ୟସ୍ତ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ କମିଟିର ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।

ଇସିଆଇ ମାର୍ଗଦର୍ଶିକା ଅନୁଯାୟୀ, ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ 'ସୁଗମ ନିର୍ବାଚନ' ନେଇ ସଞ୍ଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ, ନିର୍ବାଚନ ବୁଥ୍‌ରେ ଦିବ୍ୟାଙ୍ଗଙ୍କ ଲାଗି ର୍ୟାମ୍ପ, ସୂଚନାଫଳକ, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ଆଇଇସି ଜରିଆରେ ସଚେତନତା ସୃଷ୍ଟି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପଯୋଗ ଏବଂ ନିର୍ବାଚନରେ ଦିବ୍ୟାଙ୍ଗମାନଙ୍କ ସୁବିଧା ଲାଗି କେଉଁ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେନେଇ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଉପନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ନିଲୁ ମହାପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅତିରିକ୍ତ ଶାସନ ସଚିବ ରଜନୀ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଲୋକଙ୍କ ଆସ୍ଥା ବଢ଼ିଛି: ମୋହନ

ଭୁବନେଶ୍ୱର, ୧୯।୫(ସୁନିତ୍ ମିଶ୍ର)



## ନୂଆ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ୧୧ତମ ଅଭିଯୋଗ ଶୁଣାଣି

- ୧୪ ଜଣଙ୍କୁ ୧୩ ଲକ୍ଷ ୫୦ ହଜାର ସହାୟତା ପ୍ରଦାନ
- ୧୦,୨୩୪ ଅଭିଯୋଗ ମଧ୍ୟରୁ ୮,୭୧୩ର ସମାଧାନ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୧ତମ ପାଳି ସୋମବାର ଶେଷହୋଇଛି। ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ନୂଆ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା, ଦୁଃଖ ଶୁଣିବା ସହ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି। ହଜାରେ ଅଭିଯୋଗକାରୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜୀକୃତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟି ଆପତ୍ତି ଅଭିଯୋଗ ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସିଙ୍ଗଲ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଚିକିତ୍ସା ଖର୍ଚ୍ଚ ପାଇଁ ମୋଟ୍ ୧୪ ଜଣଙ୍କୁ ସମୁଦାୟ ୧୩ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଉପରେ ଲୋକଙ୍କ ଆସ୍ଥା ବଢ଼ିଛି। ସେମାନେ ବିଭିନ୍ନ ସମସ୍ୟା ନେଇ ଆମପାଖକୁ ଆସୁଛନ୍ତି। ଲୋକଙ୍କୁ ନିରନ୍ତର ନ୍ୟାୟ ପ୍ରଦାନ ପାଇଁ ଆମେ ଏହି କାର୍ଯ୍ୟକ୍ରମ ଜାରି ରଖିଛୁ। ଆଗାମୀ ଦିନରେ ଆଞ୍ଚଳିକସ୍ତରରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦଶମ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୨୩୪ଟି ଅଭିଯୋଗ ମଧ୍ୟରୁ ୮,୭୧୩ଟି ଅଭିଯୋଗର ସମାଧାନ କରାଯାଇଛି, ଯାହା ଶତକଡ଼ା ୮୫%।

ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ, କୃଷ୍ଣଚନ୍ଦ୍ର ମହାପାତ୍ର, ନିତ୍ୟାନନ୍ଦ ଗଣ୍ଡ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ ବଳ ସାମନ୍ତ, ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ଅନ୍ୟ ବିଭାଗଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଛନ୍ତି।




# ୟୁଟ୍ୟୁବର ପ୍ରିୟଙ୍କାଙ୍କ ବଢ଼ିପାରେ ଅଡୁଆ

ପୁରୀ, ୧୯।୫( ଅଜିତ୍ କୁମାର ମହାନ୍ତି)

## ଜ୍ୟୋତି ମାଲହୋତ୍ରାଙ୍କ ସହ ସମ୍ପର୍କ ପ୍ରସଙ୍ଗ

- ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ରର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ
- ତଦନ୍ତ ଚାଲିଛି, ହୋଇପାରେ ଲାଏ ଡିଟେକ୍ସନ ଟେଷ୍ଟ
- ନିଜ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଲକ୍ କରିଦେଲେ ପ୍ରିୟଙ୍କା


ପ୍ରିୟଙ୍କା ସେନାପତି

ପାକିସ୍ତାନ ପାଇଁ ଗୋଇନ୍ଦାଗିରି କରୁଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଗିରଫଦାରି ପରେ ଚର୍ଚ୍ଚା ପରିସରକୁ ଆସିଥିବା ପୁରୀର ଝିଅ ତଥା ୟୁଟ୍ୟୁବ୍ ବ୍ଲଗର ପ୍ରିୟଙ୍କା ସେନାପତିଙ୍କ ଅଡୁଆ ବଢ଼ିପାରେ ବୋଲି କୁହାଯାଉଛି। ପ୍ରିୟଙ୍କାଙ୍କୁ ଦୁଇଦିନ ଧରି ପୁରୀ ପୋଲିସ ଓ ଗୋଇନ୍ଦା ସଂସ୍ଥା ଘନଘନ ଜେରା କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଛି। ଆଗକୁ ମଧ୍ୟ ତାଙ୍କୁ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ଜ୍ୟୋତିଙ୍କ ସହ ତାଙ୍କର କେବେଠୁ ସମ୍ପର୍କ, ପୁରୀର କେଉଁ ଅଞ୍ଚଳକୁ ସେ ଜ୍ୟୋତିଙ୍କୁ ବୁଲାଇବାକୁ ନେଇଥିଲେ, ଶ୍ରୀମନ୍ଦିର, ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଭିଡିଓ ଫୁଟେଜ ଜ୍ୟୋତିଙ୍କୁ ଦେଇଛନ୍ତି କି ନାହିଁ, ପ୍ରିୟଙ୍କାଙ୍କୁ ଜ୍ୟୋତି ବ୍ଲଗ ତିଆରି ପାଇଁ ଆର୍ଥିକ ସହାୟତା ଦେଇଛନ୍ତି କି ନାହିଁ, କେଉଁ ଆକାଉଣ୍ଟରେ ଟଙ୍କା କାରବାର ହୋଇଛି, ତାଙ୍କ ପାକିସ୍ତାନ ଯିବା ପଛରେ ଜ୍ୟୋତିଙ୍କ ହାତ ରହିଛି କି ନାହିଁ ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରିୟଙ୍କାଙ୍କୁ ଜେରା କରାଯାଉଛି। ତଦନ୍ତ ନ ସରିବା ଯାଏ ପ୍ରିୟଙ୍କା ପୁରୀ ବାହାରକୁ ଯିବା ଉପରେ ପୋଲିସ୍ କଟକଣା ଲଗାଇଛି। ଅନ୍ୟପକ୍ଷରେ ଏହି ଘଟଣା ପରେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜ୍ୟୋତିଙ୍କ ମାଧ୍ୟମରେ ପାକିସ୍ତାନ ହାତକୁ ଯାଇଛି କି ନାହିଁ ତାହା ଏବେ ସାଧାରଣରେ ପ୍ରଶ୍ନ ପାଲଟିଛି।

ଜ୍ୟୋତିଙ୍କ ସହ ପ୍ରିୟଙ୍କା ଥିବା ନେଇ ଅନେକ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ବେଳେ ପ୍ରିୟଙ୍କା ତାଙ୍କର ସମସ୍ତ ଭିଡିଓ ନିଜର ସମସ୍ତ ସାମାଜିକ ଗଣମାଧ୍ୟମରୁ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି। ସେ ପାକିସ୍ତାନ ବୁଲିଯିବା ସମୟର ସମସ୍ତ ଭିଡିଓ ମଧ୍ୟ କାଟିଦେଇଛନ୍ତି। କେବଳ ସେତିକି ନୁହେଁ, ପ୍ରିୟଙ୍କା ନିଜର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ଲକ୍ କରିଦେଇଥିବା ଦେଖିବାକୁ ମିଳିଛି। ଆବଶ୍ୟକ ପଡ଼ିଲେ ତାଙ୍କର ଲାଏଡିଟେକ୍ସନ ଟେଷ୍ଟ କରାଯାଇପାରେ ବୋଲି ପୋଲିସ କହିଛି। ତେବେ ଏପର୍ଯ୍ୟନ୍ତ ପୁରୀ ପୋଲିସ ପକ୍ଷରୁ ତାଙ୍କୁ କୌଣସି ନୋଟିସ କରାଯାଇନାହିଁ। ପ୍ରିୟଙ୍କା ଗତ ମାର୍ଚ୍ଚରେ ପାକିସ୍ତାନ ଯିବା ପୂର୍ବରୁ କଶ୍ମୀରର ବିଭିନ୍ନ ସ୍ଥାନ ବୁଲିଥିଲେ। ପ୍ରିୟଙ୍କା ଏବଂ ଜ୍ୟୋତି କଶ୍ମୀରର ଏକ ହୋଟେଲରେ ଏକାଠି ଲାଇଭ ଭିଡିଓ ମଧ୍ୟ କରିଥିଲେ। ଉକ୍ତ ଲାଇଭ ଭିଡିଓରେ ଦୁହେଁ ଅତ୍ୟନ୍ତ ଅନ୍ତରଙ୍ଗ ବୋଲି ସ୍ପଷ୍ଟ ଜଣାପଡୁଛି। ହେଲେ ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ଜ୍ୟୋତିଙ୍କ ସମ୍ପର୍କରେ ଏତେ କଥା ଅବଗତ ନ ଥିଲେ ବୋଲି କହିଛନ୍ତି, ଯାହା ସନ୍ଦେହକୁ ଅଧିକ ଘନୀଭୂତ କରୁଛି। ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର କୌଣସି ସମ୍ବେଦନଶୀଳ ତଥ୍ୟ ଜ୍ୟୋତିଙ୍କୁ ପ୍ରିୟଙ୍କା ଦେଇଛନ୍ତି କି ନାହିଁ ତାହା ଏବେ ସାଧାରଣରେ ପ୍ରଶ୍ନ ପାଲଟିଥିବାବେଳେ ଆଗକୁ ମହାପ୍ରଭୁଙ୍କ ରଥଯାତ୍ରା ଥିବାରୁ କୌଣସି ଅଘଟଣ ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତଦନ୍ତ କଲେ ସବୁ କିଛି ସ୍ପଷ୍ଟ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ତାଙ୍କ ଝିଅ ନିର୍ଦ୍ଦୋଷ ଓ ତଦନ୍ତରେ ସହଯୋଗ କରିବେ ବୋଲି ପ୍ରିୟଙ୍କାଙ୍କ ବାପା ରାଜକିଶୋର ସେନାପତି କହିଥିବାବେଳେ ବରିଷ୍ଠ ସେବାୟତ ଜଗନ୍ନାଥ ସ୍ୱାଇଁମହାପାତ୍ର ମଧ୍ୟ ଏଭଳି କାର୍ଯ୍ୟକୁ ବିଶ୍ୱାସ କରିପାରୁନାହାନ୍ତି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ସେ ଦାବି କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଘଟଣାର ତଦନ୍ତ ହେବା ଆବଶ୍ୟକ। ଯିଏ ଦୋଷୀ ସେ ଦଣ୍ଡ ପାଇବେ। ଏ ନେଇ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ଗୋଇନ୍ଦା ବିଭାଗ ସମେତ ହରିୟାଣା ପୋଲିସ ସହ ଯୋଗାଯୋଗରେ ରହି ଆମେ ସବୁ ଦିଗକୁ ନେଇ ଅନୁସନ୍ଧାନ କରୁଛୁ। ତଦନ୍ତ ସରିବା ପରେ ସବୁ କିଛି ସ୍ପଷ୍ଟ ହେବ। ଶ୍ରୀମନ୍ଦିରର ସୁରକ୍ଷା ଆମ ପାଇଁ ପ୍ରାଥମିକତା। ତେଣୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ପାଇଁ ଅନେକ ପଦକ୍ଷେପ ନେଇଛୁ। ଶ୍ରୀମନ୍ଦିର ସୁରକ୍ଷା ବାହିନୀ ଏବଂ କ୍ୟୁଆର୍‌ଟି ସହ ରକ୍ଷକ ଗାଡ଼ି ମୁତୟନ କରାଯାଇଛି। ପୁରୀ ସହରରେ ପାଟ୍ରୋଲିଂ ବଢ଼ାଯାଇଛି। ଆଗାମୀ ରଥଯାତ୍ରାରେ ଆଧୁନିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ।

# ୨୪ ଯାଏ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୧୯।୫ (ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ୫ ଦିନ ଅର୍ଥାତ୍ ୨୩ ତାରିଖ ଯାଏ କାଳବୈଶାଖୀ ପ୍ରଭାବରେ ବର୍ଷା ସମ୍ଭାବନା ରହିଛି। ଅନେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ୧୫ ଜିଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ବଲାଙ୍ଗୀର ଓ ନୂଆପଡ଼ାକୁ ବର୍ଷା ଏବଂ ବଜ୍ରପାତ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖରେ ୯ ଜିଲା ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି ଓ ଗଞ୍ଜାମରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସେହିପରି ୨୨ ତାରିଖରେ ୧୬ ଜିଲା, ୨୩ ଓ ୨୪ ତାରିଖରେ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ମହିଳା ପିଇଟି, ଡାଟା ଏଣ୍ଟ୍ରି ଅପରେଟର ଗିରଫ

କଟକ, ୧୯।୫(କାର୍ତ୍ତିକ ସାହୁ)


ଗିରଫ ଅଭିଯୁକ୍ତ।

## ବଳାତ୍କାର ପୀଡ଼ିତାଙ୍କ ସହାୟତା ରାଶି ଠକେଇ ଘଟଣା

ନରସିଂହପୁର ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ପୀଡ଼ିତାଙ୍କୁ ଭୟଭୀତ କରାଇ ତାଙ୍କୁ ମିଳିଥିବା ଅନୁକମ୍ପାମୂଳକ ସହାୟତା ରାଶିରୁ ୧.୧ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଲାଲ୍‌ବାଗ୍ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଢ଼ାଡିହସ୍ଥିତ ଜନତା ନୋଡାଲ ବିଦ୍ୟାପୀଠର ମହିଳା ପିଇଟି ସଙ୍ଗୀତା ସିଂହ(୩୮) ଏବଂ ଜିଲା ୱେଲଫେୟାର ଅଫିସର ଡାଟା ଏଣ୍ଟ୍ରି ଅପରେଟର ଅମୀୟ କୁମାର ସାହୁ (୪୫)। ସଙ୍ଗୀତାଙ୍କୁ ରବିବାର ଏବଂ ଅମୀୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ୍ ଓ ମୋବାଇଲରେ ଥିବା ବିଭିନ୍ନ ବ୍ୟାଙ୍କିଂ କାରବାରର ସ୍କ୍ରିନ୍ ଶର୍ଟ ଜବତ କରାଯାଇଛି। ଠକେଇ ସମ୍ପର୍କରେ ପୀଡ଼ିତା ଗତ ଶନିବାର ଲାଲ୍‌ବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୦୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ସୂଚନାନୁସାରେ, ନାବାଳିକା ପୀଡ଼ିତାଙ୍କୁ ଜିଲା ୱେଲଫେୟାର କାର୍ଯ୍ୟାଳୟରୁ ଗତ ମାର୍ଚ୍ଚ ୨୩ରେ ଅନୁକମ୍ପାମୂଳକ ରାଶି ୩.୭୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଯୁକ୍ତ ଅମୀୟ ଉକ୍ତ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରନ୍ତି। ସେ ଅନ୍ୟତମ ଅଭିଯୁକ୍ତ ସଙ୍ଗୀତାଙ୍କ ସହ ମିଶି ପୀଡ଼ିତା ନାବାଳିକାଙ୍କ ସହାୟତା ରାଶି ହାତେଇବାକୁ ଯୋଜନା କରିଥିଲେ। ସଙ୍ଗୀତା ନିଜକୁ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଭାବେ ପରିଚୟ ଦେଇ ପୀଡ଼ିତାଙ୍କୁ ଫୋନ୍ କରି ତାଙ୍କୁ ଅଧିକ ୧.୧ ଲକ୍ଷ ଟଙ୍କା ଦିଆଯାଇଥିବା କହିଥିଲେ। ତୁରନ୍ତ ଅଧିକ ଦିଆଯାଇଥିବା ଲକ୍ଷେ ଟଙ୍କା ଫେରସ୍ତ ନ କଲେ ସମ୍ପୂର୍ଣ୍ଣ ଟଙ୍କା ତାଙ୍କ ଆକାଉଣ୍ଟକୁ ନେଇଯିବେ ବୋଲି ଧମକ ଦେଇଥିଲେ। ଏଥିରେ ପୀଡ଼ିତା ଡରିଯାଇଥିଲେ। ଫଳରେ ଫୋନ୍ କଲ୍‌ରେ ଥିବା ମହିଳାଙ୍କୁ କିପରି ଟଙ୍କା ଫେରାଇବି ବୋଲି ପଚାରିଥିଲେ। ମହିଳାଙ୍କ କହିବା ଅନୁଯାୟୀ ଦୁଇଟି ୟୁପିଆଇ ଆକାଉଣ୍ଟକୁ ୪୯ ହଜାର ଟଙ୍କା ଲେଖାଏ ପଠାଇଥିଲେ। ପୁନର୍ବାର ଆଉ ଏକ ଆକାଉଣ୍ଟକୁ ୧୨ ହଜାର ଟଙ୍କା ପଠାଇ ଦେଇଥିଲେ। ପୀଡ଼ିତା ଟଙ୍କା ପଠାଇ ପରେ ଯେଉଁ ଫୋନ ନମ୍ବରରୁ କଲ ଆସିଥିଲା ସେହି ନମ୍ବରରେ ବାରମ୍ବାର ଫୋନ କରିବା ପରେ ବି ସୁଇଚ ଅଫ୍ ବୋଲି ଉତ୍ତର ଆସିଥିଲା। ଫଳରେ ସେ ଠକାମୀର ଶିକାର ହୋଇଥିବା ନିଶ୍ଚିତ ହୋଇଥିଲେ। ପରେ ସେ ଶନିବାର ଏ ନେଇ ଲାଲ୍‌ବାଗ ଥାନାରେ ଏତଲା ଦେଇଥିଲେ। ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ପୋଲିସ ତଦନ୍ତ କରୁଛି।

# ଜଳଖିଆରେ ରହିବ 'ପାଳୁଅ ଲଡୁ'

## ସରକାରୀ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ଭଦ୍ରକ/ଭୁବନେଶ୍ୱର, ୧୯।୫(ସନାତନ ରାଉତ/ରବି ନାରାୟଣ ଜେନା)



### ଜିଆଇ ଟ୍ୟାଗ୍ ପାଇଁ ପ୍ରୟାସ

ଭଦ୍ରକ ଜିଲାରେ ସମସ୍ତ ସରକାରୀ କାର୍ଯ୍ୟକ୍ରମ ଓ ବୈଠକରେ ବଣ୍ଟନ କରାଯାଉଥିବା ଜଳଖିଆରେ ରହିବ 'ପାଳୁଅ ଲଡୁ'। ଏନେଇ ଜିଲାପାଳ ଦିଲୀପ ରାଉତରାଏ ସୋମବାର ଜିଲାର ସମସ୍ତ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ନଂ. ୩୩୨ରେ ଅତିରିକ୍ତ ଜିଲାପାଳ, ଜିଲା ପରିଷଦ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ତହସିଲଦାର, ବିଡିଓ, ନିର୍ବାହୀ ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନଙ୍କ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଭଦ୍ରକ ଜିଲାର ଏକ ସ୍ୱାଦିଷ୍ଟ ମିଷ୍ଟାନ୍ନ ଭାବେ ପାଳୁଅ ଲଡୁ ଘରେ ଘରେ ପରିଚିତ। ଏହାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଜିଲାର ପାରମ୍ପାରିକ ଖାଦ୍ୟ ହିସାବରେ ପାଳୁଅ ଲଡୁକୁ ଗୁରୁତ୍ୱ ଦେବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଜିଲାପାଳ ରାଉତରାଏ କହିଛନ୍ତି।

# କିନ୍ନର ପୂଜକଙ୍କୁ ପିଟି ହତ୍ୟା ଅଭିଯୋଗ, ୨ ଅଟକ


ଶଙ୍କର ରାନ୍ଧି

ସୁନାବେଡ଼ା, ୧୯।୫(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ଥାନା ଅନ୍ତର୍ଗତ କାକିଗାଁ ପରଜା ସାହିରେ ଜଣେ କିନ୍ନର ପୂଜକଙ୍କୁ ରବିବାର ସନ୍ଧ୍ୟାରେ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କାକିଗାଁ ପରଜାସାହିର ଶଙ୍କର ରାନ୍ଧି(୫୦)। ଏନେଇ ତାଙ୍କ ଭାଇ ସଞ୍ଜିତ ସୁନାବେଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଏତଲା ଅନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୮ଟାରେ ଶଙ୍କରଙ୍କୁ ତାଙ୍କ ଗାଁର ଦେବ ବଦଳିଗୁଡ଼ିଆ ଓ ତାଙ୍କ ମାମୁ ଲକ୍ଷ୍ମୀଧର ନାୟକ ଘରୁ ଟାଣି ନେଇ ଠେଙ୍ଗାରେ ପିଟି ପିଟି ହତ୍ୟା କରି ଘର ଆଗରେ ଫିଙ୍ଗିଦେଇଥିଲେ। ଖବର ପାଇ ସୁନାବେଡ଼ା ଥାନା ଅଧିକାରୀ ସୁଷ୍ମିତା କୁହଁର ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ସୁନାବେଡ଼ା ଥାନାରେ କେସ୍ ନଂ.୯୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ପୋଲିସ ଦେବ ଓ ତାଙ୍କ ମାମୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୋମବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ କୁହଁର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶଙ୍କର ଜଣେ କିନ୍ନର ପୂଜକ ଥିବା ବେଳେ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ତାହା ଅସ୍ପଷ୍ଟ ରହିଛି।

# ଏକ୍ସପାଏରି ଖାଦ୍ୟସାମଗ୍ରୀ ବିକ୍ରି ଅଭିଯୋଗରେ ୧ ଲକ୍ଷ ଜରିମାନା

ରାୟଗଡ଼ା, ୧୯।୫(ଆଶିଷ ରଞ୍ଜନ ପଣ୍ଡା)


ଖାଦ୍ୟ ନିରାପତ୍ତା ନିରୀକ୍ଷକ ଜ୍ୟୋତିପ୍ରକାଶ ସୋରେନ୍ ଜରିମାନା କରୁଛନ୍ତି।

## ଗ୍ରାହକଙ୍କୁ ଠକୁଛି ବିଶାଲ ମେଗା ମାର୍ଟ

- ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନୋଟିସ
- ଖାଉଟି ଅଦାଲତରେ ମାମଲା ବିଚାରାଧୀନ

ରାୟଗଡ଼ାରେ ଏକ୍ସପାଏରି ଖାଦ୍ୟସାମଗ୍ରୀ ବିକ୍ରିକରି ଲୋକଙ୍କ ଜୀବନ ସହ ଖେଳୁଛି ବିଶାଲ ମେଗା ମାର୍ଟ। ଏହି ଶପିଂ ମଲ୍ ଲୋକଙ୍କୁ ଏକ୍ସପାଏରି ଖାଦ୍ୟସାମଗ୍ରୀ ବିକ୍ରି କରିଥିବା ଅଭିଯୋଗ ଆସିବା ପରେ ସୋମବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଶାଲ ଷ୍ଟୋର ଯାଞ୍ଚ କରାଯାଇ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏଥିସହିତ ଏକ୍ସପାଏରି ସାମଗ୍ରୀ ବିକ୍ରି ନେଇ ନୋଟିସ ମଧ୍ୟ ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ରାୟଗଡ଼ା ସହରର ସଂଗ୍ରାମ କେଶରୀ ପଟ୍ଟନାୟକ ଗତ ୧୪ ତାରିଖରେ ବିଶାଲ ମେଗା ମାର୍ଟକୁ ବିଭିନ୍ନ ସାମଗ୍ରୀ କ୍ରୟ କରିବାକୁ ଯାଇଥିଲେ। ସାଧାରଣ ଦୋକାନ ଅପେକ୍ଷା ବିଶାଲ ମେଗା ମାର୍ଟରେ ଅଧିକ ରିହାତି ମିଳୁଥିବାରୁ ସଂଗ୍ରାମ ସେଠାକୁ ଯାଇ ସ୍ନାକ୍ସ କିଣିଥିଲେ। ତେବେ ସେ ଘରକୁ ଯାଇ ଦେଖିବାବେଳେ ଉକ୍ତ ସ୍ନାକ୍ସ ପ୍ୟାକେଟ୍‌ର ବ୍ୟବହାର ଅବଧି ୧୨।୦୫।୨୦୨୫ରୁ ସରିଯାଇଛି। ଏହାପରେ ସେ ବିଶାଲ ଷ୍ଟୋରକୁ ଯାଇ ସେଠାକାର ମ୍ୟାନେଜରଙ୍କୁ ଏକ୍ସପାଏରି ସାମଗ୍ରୀ ବିକ୍ରି କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଆମ ଷ୍ଟୋରରୁ ଏହା ବିକ୍ରି କରାଯାଇନାହିଁ ବୋଲି ଷ୍ଟୋର ମ୍ୟାନେଜର ସନ୍ଦୀପ ଶତପଥୀ କହିଥିଲେ। ସଂଗ୍ରାମ ସମସ୍ତ ସାମଗ୍ରୀର ବିଲ୍ ଥିବା କହିବାରୁ ମ୍ୟାନେଜର ତାଙ୍କୁ ନାଲିଆଖି ଦେଖାଇଥିବା ସେ ଅଭିଯୋଗ କରିଛନ୍ତି। ସୋମବାର ଏ ନେଇ ସଂଗ୍ରାମ ଗଣମାଧ୍ୟମକୁ ଜଣାଇବା ସହିତ ଖାଦ୍ୟ ନିରାପତ୍ତା ବିଭାଗ ନିରୀକ୍ଷକ ଜ୍ୟୋତିପ୍ରକାଶ ସୋରେନଙ୍କୁ ଫୋନ୍‌ରେ ଅଭିଯୋଗ କରିଥିଲେ। ଖାଦ୍ୟ ନିରୀକ୍ଷକ ସୋରେନ୍ ବିଶାଲ ଷ୍ଟୋରରେ ପହଞ୍ଚ ଯାଞ୍ଚ କରିବା ସହିତ ଉକ୍ତ ଷ୍ଟୋରକୁ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

ପ୍ରକାଶଥାଉ କି, ୨୦୨୪ରେ ସନ୍ତୋଷୀ ସେନାପତି ନାମ୍ନୀ ଜଣେ ମହିଳା ବିଶାଲ ମେଗା ମାର୍ଟରୁ ଏକ ବିସ୍କୁଟ ପ୍ୟାକେଟ୍ କିଣିଥିଲେ। ସେ ଘରକୁ ଯାଇ ଉକ୍ତ ପ୍ୟାକେଟ୍‌ରେ ପ୍ରିଣ୍ଟ ରହିଥିବା ମୂଲ୍ୟଠାରୁ ଅଧିକ ଦାମ୍ ନେଇଥିବା ବିଲ୍‌ରୁ ଜାଣିବା ପରେ ସେ ରାୟଗଡ଼ା ଜିଲା ଖାଉଟି ଅଦାଲତରେ ଲିଖିତ ଅଭିଯୋଗ କରିଥିଲେ। ଖାଉଟି ଅଦାଲତର କେସ୍ ନଂ.୧୦୦/୨୪ରେ ମାମଲା ରୁଜୁକରି ବିଶାଲ ମେଗା ମାର୍ଟର ଅଧିକାରୀଙ୍କୁ ନୋଟିସ ଜାରି କରିଥିଲେ। ଉକ୍ତ ମାମଲା ବର୍ତ୍ତମାନ ବିଚାରାଧୀନ ଥିବା ସନ୍ତୋଷୀ ସୂଚନା ଦେଇଛନ୍ତି। ଏକ୍ସପାଏରି ସାମଗ୍ରୀ ବିକ୍ରିକରି ବିଶାଲ ମେଗା ମାର୍ଟ ଲୋକଙ୍କ ଜୀବନ ସହ ଖେଳୁଛି ବୋଲି ବରିଷ୍ଠ ଖବରଦାତା ସୁରେଶ ଦାସ ଅଭିଯୋଗ କରିବା ସହିତ ଏ ନେଇ ଦୃଢ଼ ପଦକ୍ଷେପ ପାଇଁ ଦାବି କରିଛନ୍ତି।






# ଯୌଥ ପରିବାର କାଳ

ଭାରତରେ ଯେତେବେଳେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତି ଉପରେ ଆଲୋଚନା ହୋଇଥାଏ ସେତେବେଳେ ଅନେକେ ଆମ ଦେଶର ପରିବାର, ପରମ୍ପରା, ଚଳଣି ଓ ସମ୍ପର୍କର ସ୍ତରକୁ ଉଚ୍ଚ କରି ପ୍ରଦର୍ଶନ କରିଥାଆନ୍ତି। ପାଶ୍ଚାତ୍ୟରେ ମାଇକ୍ରୋ ବା ଅଣୁସର୍ବସ୍ୱ ସଂସାର ଥିବାରୁ ତାହାକୁ ଭାରତୀୟମାନେ ନାପସନ୍ଦ କରିଥାଆନ୍ତି। ଯୌଥ ପରିବାରର ଗୁଣାବଳୀ ବଖାଣି ଆମେ କେତେ ମହାନ୍ ଦର୍ଶାଯାଇଥାଏ। ଏଠାରେ ଏପରି ଏକ ବିଷୟକୁ ଅବତାରଣା କରିବାର ପ୍ରାସଙ୍ଗିକତାକୁ ଦେଖିଲେ ୧୮ ମେ'ରେ ଘଟିଥିବା ଏକ ଘଟଣା ଉପରେ ଦୃଷ୍ଟି ପକାଇବାକୁ ହେବ। ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ମଝିପଡ଼ାରେ ବଡ଼ବାପାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ବଚସାରୁ ମଝିଆ ଭଉଣୀକୁ ଅନ୍ୟ ଦୁଇ ଭଉଣୀ ଭାଇ ହାଣିଦେଇଥିବା ଖବର ମିଳିଛି। ଏହି କଳିର ମୂଳ କାରଣ ଜମିବାଡ଼ି ହିଂସା। ଯଦି ହିଂସାର ପ୍ରକାରଭେଦ ଦେଖାଯାଏ ତେବେ କେଉଁଠାରେ ଜମିଜମା ସମସ୍ୟା, ଆର୍ଥିକ ଅନଟନ, ପ୍ରେମ ସମ୍ପର୍କକୁ ବିରୋଧ ଆଦି ଖୁବ୍ ନଜରକୁ ଆସିଥାଏ। ବିଶେଷକରି ଯୌଥ ପରିବାରରେ ଜମିଜମା କିମ୍ବା ବ୍ୟବସାୟିକ ଭାଗବଣ୍ଟାକୁ ନେଇ କଳି ହେଲେ ତାହା ଉଗ୍ର ରୂପ ଧାରଣ କରେ। ନିକଟ ଅତୀତକୁ ଦେଖିଲେ ୪ ମାର୍ଚ୍ଚ ୨୦୨୫ ଭୋର ସମୟରେ ଜଗତ୍ସିଂହପୁର ଜିଲା ଜୟବଡ଼ ଅଞ୍ଚଳରେ ଜଣେ ୨୨ ବର୍ଷୀୟ ଯୁବକ ମାତା, ପିତା ଓ ଭଉଣୀଙ୍କୁ ହତ୍ୟା କରିଥିଲେ। ହତ୍ୟାର କାରଣ ଥିଲା ଜମିବାଡ଼ି ବିବାଦ। ୧୨ ଏପ୍ରିଲ ୨୦୨୫ରେ ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅଧୀନ ଲୁଙ୍ଗା ଗ୍ରାମରେ ପାରିବାରିକ ହିଂସାରୁ ବଡ଼ ଭାଇଙ୍କୁ ତୀର ମାରି ହତ୍ୟା କରିବା ପରେ ସାନ ଭାଇ ବିଷ ପିଇଦେଇଥିଲେ। ସେହିପରି ଗତ ୨୬ ଏପ୍ରିଲରେ ମଧ୍ୟ ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗାଁରେ ପାରିବାରିକ କଳହକୁ ନେଇ ସାନଭାଇଙ୍କୁ ବଡ଼ ଭାଇ ପିଟି ହତ୍ୟା କରିଥିଲେ। କେବଳ ଓଡ଼ିଶାରେ ଏପରି ହିଂସା ସୀମିତ ନୁହେଁ, ଦେଶର ବିଭିନ୍ନ ପ୍ରାନ୍ତରେ ନିତିଦିନ ଏମିତି ଘଟଣା ଘଟୁଥିବା ଖବର ପଦାକୁ ଆସୁଛି।

ଏବର ସ୍ଥିତିକୁ ଦେଖିଲେ ଅଣୁ ପରିବାର ଯୌଥ ପରିବାରଠାରୁ ଅନେକାଂଶରେ ପାରିବାରିକ ସମ୍ପର୍କକୁ ମଜଭୁତ କରି ରଖୁଛି। ବିଶେଷକରି ଗ୍ରାମାଞ୍ଚଳରେ ଯଦି ଦୁଇ କିମ୍ବା ତିନି ଭାଇ ଏକାଠି ରହୁଛନ୍ତି, ସେମାନଙ୍କ ମଧ୍ୟରେ ଅନେକ ବିଷୟରେ ମନୋମାଳିନ୍ୟ ଘଟୁଛି। ପୁଣି ଯଦି ଜଣେ ଅଧିକ ରୋଜଗାର କରୁଛନ୍ତି, ଅନ୍ୟମାନେ ତାଙ୍କ ଅର୍ଥକୁ ଦେଖି ନିଜେ ବେଶି ପରିଶ୍ରମ କରିବାକୁ ଚାହୁଁ ନାହାନ୍ତି। ଅର୍ଥାତ୍ କଷ୍ଟକରି ଧନ ଉପାର୍ଜନ କରୁଥିବା ଭାଇ କାନ୍ଧରେ ଅନ୍ୟମାନେ ଓହଳୁଛନ୍ତି। ଯେତେବେଳେ ଭାଗବଣ୍ଟା ବିଷୟକୁ ନେଇ ନିଶାପ ହେଉଛି, ସେତେବେଳେ ଗୋଟେ ବାପର ତିନି ପୁଅ କହି ସମାନ ଭାଗ ମାଗୁଛନ୍ତି। ସେତେବେଳେ ରୋଜଗାରିଆ ଭାଇର ପୂର୍ବ ଅବଦାନକୁ ସମସ୍ତେ ଭୁଲି ଯାଉଛନ୍ତି। କେବଳ ସେତିକି ନୁହେଁ, ଯଦି କୌଣସି ଭାଇର ପୁଅ ଭେଣ୍ଡିଆ ଓ ବଳବାନ୍ ଥିବ ସେ ନିଜ ବଡ଼ବାପା କିମ୍ବା ସାନବାପା ହୋଇଥିଲେ ମଧ୍ୟ ଗଣ୍ଡଗୋଳ ଉପୁଜିଲେ ମାରିବାକୁ ପଛାଉ ନାହିଁ। ଯୌଥ ପରିବାରରେ ଯଦି ଭାଇମାନେ ଭିନ୍ନ ଭିନ୍ନ ସ୍ଥାନରେ ରହି ରୋଜଗାର କରୁଛନ୍ତି ଓ ସାମାଜିକ କାର୍ଯ୍ୟ ବେଳେ କାଁଭାଁ ଏକାଠି ହେଉଥାଆନ୍ତି, ସମ୍ଭବତଃ ସେହି କ୍ଷେତ୍ରରେ ପରସ୍ପର କୁଣିଆ ଭାବେ ବ୍ୟବହାର ପ୍ରଦର୍ଶନ କରି ଉତ୍ସବ ସରିବା ପରେ ଯେଝା ଯେଝା ଜାଗାକୁ ପଳାଇଥାଆନ୍ତି। ଏଭଳି ପରିବାର ଯୌଥ ପର୍ଯ୍ୟାୟଭୁକ୍ତ ହୋଇଥିଲେ ମଧ୍ୟ ନିଜ ସଂସାର ଓ ପିଲାଛୁଆଙ୍କୁ ନେଇ ଅଣୁ ପରିବାର ଭାବେ ଜୀବନ ବିତାଇଥାଆନ୍ତି। ସମ୍ଭବତଃ ଏଭଳି ପରିବାରରେ ହିଂସା ହାର କମ୍ ରହିଥାଏ। ପରିବାରର ମୁଖ୍ୟ ନିଜ ସ୍ତ୍ରୀ ଓ ପିଲାଙ୍କୁ ହିସାବକୁ ନେଇ ଚଳିବାକୁ ଚେଷ୍ଟା କରିଥାଆନ୍ତି। ଭାରତରେ ଆଉ ଗୋଟିଏ ବିଷୟକୁ ପାଶ୍ଚାତ୍ୟ ଭଳି ଗୁରୁତ୍ୱ ଦେବାର ଆବଶ୍ୟକତା ପଡ଼ିଲାଣି। ପାଶ୍ଚାତ୍ୟ ରାଷ୍ଟ୍ରରେ ପିଲାମାନେ ୧୮ ବର୍ଷ ହୋଇଗଲେ ନିଜ ଗୋଡ଼ରେ ନିଜେ ଠିଆ ହେବା ପାଇଁ ଚେଷ୍ଟା କରିଥାଆନ୍ତି। ପରିବାର ସହ ସମ୍ପର୍କ ରଖନ୍ତି, କିନ୍ତୁ ଆତ୍ମନିର୍ଭରଶୀଳତା ହୋଇଯାଇଥାଏ ସେମାନଙ୍କ ପାଇଁ ମୂଳମନ୍ତ୍ର। ଭାରତରେ ପିଲା ଯେତେ ରୋଜଗାର କରି ସ୍ୱୟଂସମ୍ପୂର୍ଣ୍ଣ ହେଲେ ମଧ୍ୟ ମାତାପିତା ତା' ବ୍ୟକ୍ତିଗତ ଚିନ୍ତାଧାରା ଉପରେ ନିୟନ୍ତ୍ରଣ ରଖିବାକୁ ପସନ୍ଦ କରିଥାଆନ୍ତି। ଅନ୍ୟପଟେ ଅନେକ ପରିବାର ଏଭଳି ଅଛନ୍ତି, ଯେଉଁଠାରେ ପୁଅ ଅର୍ଦ୍ଧଶତାବ୍ଦୀର ବୁଢ଼ା ହୋଇଥିଲେ ମଧ୍ୟ ମାତାପିତାଙ୍କ ଘର ଛାଡ଼ି ଯିବା ପାଇଁ ନାରାଜ। କାରଣ ଅନେକ ହୋଇପାରେ। ଅଳସୁଆମିଠାରୁ ଆରମ୍ଭ କରି ସମ୍ପତ୍ତି ଲୋଭ ପର୍ଯ୍ୟନ୍ତ। ମାତାପିତା ମଧ୍ୟ ଭାବନ୍ତି ଯେ, ପୁଅ ଘରେ ଥିଲେ ସେମାନଙ୍କ ବୃଦ୍ଧ କାଳରେ ସାହାଯ୍ୟ କରିବ। ଅନେକ ପରିବାରରେ ମନୋମାଳିନ୍ୟ ହେବା ଫଳରେ ମା'ବାପାଙ୍କୁ ମଧ୍ୟ ଦୁଇ ଚୋଟ ପକାଇବା ପାଇଁ ସନ୍ତାନମାନେ ପଛାଉ ନାହାନ୍ତି। ଏହି ବୀଭତ୍ସ ପରିସ୍ଥିତି ଆଜି ଭାରତୀୟ ସମାଜର ବାସ୍ତବତା। ସେଥିପାଇଁ ଭବିଷ୍ୟତରେ ସାମାଜିକ ସମସ୍ୟା ଦୂର କରିବା ସହିତ ଅର୍ଥନୈତିକ ଉନ୍ନତି ସକାଶେ ଯୌଥ ପରିବାରର ଆବଶ୍ୟକତା ହ୍ରାସ ପାଉଛି।

**ଅନେକ ପରିବାରରେ ମନୋମାଳିନ୍ୟ ହେବା ଫଳରେ ମା'ବାପାଙ୍କୁ ମଧ୍ୟ ଦୁଇ ଚୋଟ ପକାଇବା ପାଇଁ ସନ୍ତାନମାନେ ପଛାଉ ନାହାନ୍ତି। ଏହି ବୀଭତ୍ସ ପରିସ୍ଥିତି ଆଜି ଭାରତୀୟ ସମାଜର ବାସ୍ତବତା। ସେଥିପାଇଁ ଭବିଷ୍ୟତରେ ସାମାଜିକ ସମସ୍ୟା ଦୂର କରିବା ସହିତ ଅର୍ଥନୈତିକ ଉନ୍ନତି ସକାଶେ ଯୌଥ ପରିବାରର ଆବଶ୍ୟକତା ହ୍ରାସ ପାଉଛି।**

# ଓଡ଼ିଆ ଭାଷା ସମୃଦ୍ଧ ହେବ କେମିତି



ନିରାକାର ଦାସ

ଆମ ଦେଶର ୧୧ ଶାସ୍ତ୍ରୀୟ ଭାଷା ମଧ୍ୟରୁ ଓଡ଼ିଆ ୬ଷ୍ଠ ସ୍ଥାନ ପାଇଛି। ୨୦୧୪ ଫେବୃଆରୀ ୨୦ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା। ଭାଷା ପ୍ରତିଷ୍ଠାନ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ ଖୋଲାଗଲା। ସଂସ୍କୃତି ବିଭାଗକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ବଦଳାଗଲା। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭୁବନେଶ୍ୱରରେ ହେଲା। ଓଡ଼ିଆରେ ସରକାରୀ କାଗଜପତ୍ର ସବୁ ଲେଖାଯିବାର ବ୍ୟବସ୍ଥା ସହ ବହୁ କାର୍ଯ୍ୟକ୍ରମ ହାତକୁ ନିଆଗଲା। ସରକାର ଓଡ଼ିଆ ଭାଷାର ଉନ୍ନତି ପାଇଁ ବହୁ ଆଲୋଚନାଚକ୍ର, ପାଠଚକ୍ର ଓ ସମ୍ମିଳନୀ ଆୟୋଜନ କଲେ। ଏହା ପରେ ମଧ୍ୟ ଆମ ମାତୃଭାଷା ସଙ୍କଟରେ କାହିଁକି? କାହିଁକି ଛାତ୍ରୀଛାତ୍ରମାନେ ଓଡ଼ିଆ ଭାଷା ଓ ସାହିତ୍ୟ ପାଠ୍ୟକ୍ରମ ପ୍ରତି ଆଗ୍ରହ ରଖୁନାହାନ୍ତି? କାହିଁକି ଓଡ଼ିଶାରେ ଓଡ଼ିଆ ଶୁଦ୍ଧ ଭାବରେ ଲେଖାହୋଇପାରୁନାହିଁ ? ବହି ପ୍ରତି କାହିଁକି ଯୁବପିଢ଼ିଙ୍କ ଶ୍ରଦ୍ଧା କମି କମି ଯାଉଛି ? ଏମିତି ଅନେକ ପ୍ରଶ୍ନ ଆମକୁ ଆନ୍ଦୋଳିତ କରୁଛି। ବାସ୍ତବରେ କ'ଣ ଆମେ ଆମ ଭାଷା ପ୍ରତି ପ୍ରତିଶ୍ରୁତିବଦ୍ଧ ? ଯଦି ସତ୍ୟ ତେବେ ୮୯ ବର୍ଷ ସ୍ୱତନ୍ତ୍ର ଉତ୍କଳ ଗଠନ ପରେ ବି ଏମିତି ଦୁଃସ୍ଥିତି ଦେଖିବାକୁ ପଡ଼ୁଛି କାହିଁକି ? ସବୁଠୁ ବଡ଼ ଉତ୍ତର ହେଉଛି ଓଡ଼ିଆ ଭାଷା ଓ ସାହିତ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯାହା ସବୁ ନିଷ୍ପତ୍ତି ନିଆଯାଇଥିଲା, ତାହା କାର୍ଯ୍ୟକାରୀ ହୋଇଥାଆନ୍ତା କି ନାହିଁ ଆମେ ଜାଣିନୁ, କିନ୍ତୁ ସରକାର ବଦଳିଗଲା। ବର୍ତ୍ତମାନର ସରକାର ଯଦି ଆନ୍ତରିକ ଭାବେ ଚାହିଁବେ ତେବେ ଓଡ଼ିଆ ଭାଷା, ସାହିତ୍ୟର ଉନ୍ନତି ଚରମ ସୋପାନରେ ପହଞ୍ଚିପାରିବ। ଓଡ଼ିଆ ଭାଷା ଓ ସାହିତ୍ୟକୁ ସମ୍ପୂର୍ଣ୍ଣ ସମୃଦ୍ଧି କରିବା ନିମନ୍ତେ ଏ ଲେଖକ କେତୋଟି ଆକଳନ କରିଛି, ଯଦି ସରକାରୀ ସ୍ତରରେ ଅତି ଆନ୍ତରିକତାର ସହ ଏହି ପ୍ରସ୍ତାବଗୁଡ଼ିକୁ ଲାଗୁ କରାଯିବ ତେବେ ଓଡ଼ିଆ ପ୍ରତି ହେଉଥିବା ଚରମ ଅବିଚାର ଲୋପପାଇପାରିବ।

ପ୍ରଥମତଃ, ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଶାସ୍ତ୍ରୀୟ ଶିକ୍ଷକଙ୍କ ପରି ଓଡ଼ିଆ ଶାସ୍ତ୍ରୀୟ ଶିକ୍ଷକ ବା ଓଡ଼ିଆ କ୍ଲାସିକାଲ୍ ଟିଚର ପଦବୀ ସୃଷ୍ଟିହେଉ। ଫଳରେ ଓଡ଼ିଆ ସ୍ନାତକୋତ୍ତର ପାସ୍ କରିଥିବା ଛାତ୍ରୀଛାତ୍ରମାନେ ନିଯୁକ୍ତିର ସୁଯୋଗ ପାଇବେ। ଓଡ଼ିଆ ସାହିତ୍ୟ ପଢ଼ିବାକୁ ଛାତ୍ରୀଛାତ୍ରମାନେ ମନ ବଳାଇବେ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରୁ ଛାତ୍ରୀଛାତ୍ରମାନେ ଶୁଦ୍ଧ ଓଡ଼ିଆ ଶିଖିବେ। ସବୁଠୁ ବଡ଼କଥା ହେବ, ଶାରୀରିକ ପ୍ରଶିକ୍ଷଣ ଶିକ୍ଷକ(ପିଇଟି) ବା ଯେକୌଣସି ଶିକ୍ଷକ ପଢ଼ାଉଥିବା ଓଡ଼ିଆ ପାଠପଢ଼ାରୁ ଛାତ୍ରୀଛାତ୍ରମାନେ ମୁକ୍ତି ପାଇବେ। ଦ୍ୱିତୀୟତଃ, ଓଡ଼ିଆ ଅନୁବାଦ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଇ ପୃଥିବୀର ବିଭିନ୍ନ ଭାଷାରୁ ଓଡ଼ିଆ ଭାଷାକୁ ପୁସ୍ତକ ଅନୁବାଦ କରାଯାଉ। ଏହି ପ୍ରତିଷ୍ଠାନ ଖୋଲିବା ପାଇଁ ବର୍ତ୍ତମାନର ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତୃତୀୟରେ, ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାରପ୍ରସାର ନିମନ୍ତେ ପ୍ରତି ବ୍ଲକ୍‌ରେ ଗୋଟିଏ 'ବ୍ଲକ୍ ଓଡ଼ିଆ ଭାଷା ପ୍ରବର୍ତ୍ତନ ଅଧିକାରୀ' ପଦବୀ ବା ବ୍ଲକ୍ ଓଡ଼ିଆ ଲାଙ୍ଗୁଏଜ୍ ଏନ୍‌ଫୋର୍ସମେଣ୍ଟ ଅଫିସର (ବିଓଏଲ୍ଇଓ) ସୃଷ୍ଟି କରାଯାଉ। ଫଳରେ ଏହି ବିଓଏଲ୍ଇଓ ବ୍ଲକ୍‌ରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭକରି ଦୋକାନ ବଜାରରେ ଲାଗିଥିବା ନାମଫଳକ, ହୋର୍ଡିଂ ଇତ୍ୟାଦିରେ ଓଡ଼ିଆ ଭାଷା ପ୍ରୟୋଗ ହେଉଛି କି ନାହିଁ ତଦାରଖ କରିବା ସହ ସମସ୍ତ କାର୍ଯ୍ୟାଳୟ ଓ ବିଦ୍ୟାଳୟ, ମହାବିଦ୍ୟାଳୟରେ ଓଡ଼ିଆ ଭାଷାର ଶୁଦ୍ଧ ପ୍ରୟୋଗକୁ ଯାଞ୍ଚ କରିବେ। ଆବଶ୍ୟକ ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଓଡ଼ିଆ ସାହିତ୍ୟରେ ପ୍ରଶିକ୍ଷଣ ଦେଇପାରିବେ ଏବଂ ଓଡ଼ିଆ ଭାଷାର ଉଚିତ ପ୍ରୟୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରିବେ। ଏହାଦ୍ୱାରା ଓଡ଼ିଆରେ ଉଚ୍ଚଶିକ୍ଷା ପାଇଥିବା ବ୍ୟକ୍ତିକୁ ନିଯୁକ୍ତି ମିଳିବା ସହ ଗାଁରୁ ସହର ଯାଏ ସବୁ ସ୍ଥାନରେ ଶୁଦ୍ଧ ଓଡ଼ିଆ ବ୍ୟବହାର ହୋଇପାରିବ। ଚତୁର୍ଥରେ, ଓଡ଼ିଶାରେ ଅବସ୍ଥିତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ସହ ସମସ୍ତ ବୈଷୟିକ ଓ ଡାକ୍ତରୀ ପାଠ୍ୟକ୍ରମରେ ୧୦୦ ନମ୍ବର ଓଡ଼ିଆ ଭାଷା ଓ ସାହିତ୍ୟ ପଢ଼ିବାକୁ ବାଧ୍ୟତାମୂଳକ କରାଗଲେ ଏହିସବୁ ଅନୁଷ୍ଠାନରେ ଓଡ଼ିଆ ଶିକ୍ଷକ, ଅଧ୍ୟାପକ ପଦବୀ ସୃଷ୍ଟି ହୋଇପାରିବ। ଓଡ଼ିଆ ଭାଷା ସାହିତ୍ୟ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁବିଧା ମିଳିପାରିବ ଏବଂ ସମସ୍ତେ ଓଡ଼ିଆ ଶିଖିବାକୁ ଓ ପଢ଼ିବାକୁ ବାଧ୍ୟ ହେବେ।



ପଞ୍ଚମରେ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ପ୍ରାଧାନ୍ୟ ଦିଆଯାଇ ଅଧ୍ୟାପକ ପଦବୀ ବୃଦ୍ଧି ସହ ଗବେଷଣା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇ ଗୁଗଲ୍ ଓ ଇଣ୍ଟରନେଟ୍‌ରେ ଇଂରାଜୀ ଭଳି ଓଡ଼ିଆ ଶବ୍ଦକୋଷ ସହ ଓଡ଼ିଆ ଭାଷା ଓ ସାହିତ୍ୟକୁ ଅପ୍‌ଲୋଡ୍ କରାଯିବା ସମୟର ଆବଶ୍ୟକତା। ଷଷ୍ଠରେ, ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ଓଡ଼ିଶାର ପ୍ରତି ବ୍ଲକ୍ ମୁଖ୍ୟାଳୟ, ଜିଲା ମୁଖ୍ୟାଳୟ ଓ ପ୍ରତି ପଞ୍ଚାୟତରେ ପାଠାଗାର ପ୍ରତିଷ୍ଠା କରାଯିବା ଉଚିତ। ଫଳରେ ସରକାର ସାହିତ୍ୟ ପତ୍ରପତ୍ରିକା, ସମ୍ବାଦପତ୍ର ଓ ଅନ୍ୟାନ୍ୟ ଉପାଦେୟ ପୁସ୍ତକ କ୍ରୟ କରିବେ ଏବଂ ପଢ଼ିବା ପାଇଁ ଗ୍ରାମାଞ୍ଚଳରେ ଛାତ୍ରୀଛାତ୍ରମାନେ ସୁଯୋଗ ପାଇବେ। ଏହାଦ୍ୱାରା ସାହିତ୍ୟ ପତ୍ରପତ୍ରିକା ଓ ବହି ବଞ୍ଚିବ। ବହି ପ୍ରତି ଆନମନା ଯୁବତୀଯୁବକମାନଙ୍କୁ ପଢ଼ିବା ପାଇଁ ପ୍ରେରଣା ମିଳିବ। ସପ୍ତମରେ, ଓଡ଼ିଶା ସାହିତ୍ୟ ଏକାଡେମୀକୁ ଅଧିକ ଅନୁଦାନ ପ୍ରଦାନକରି ପ୍ରତିବର୍ଷ ପ୍ରତିଷ୍ଠିତ ଲେଖକଙ୍କ ବହି ଛାପିବା, ଗରିବ ଲେଖକଙ୍କୁ ସହାୟତା ପ୍ରଦାନ କରିବା ସହ ତାଙ୍କ ବହି ପ୍ରକାଶ କରିବାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ। ଅଷ୍ଟମରେ, ଓଡ଼ିଆ ସାହିତ୍ୟ ଏକାଡେମୀରେ ଅବସ୍ଥିତ ଛୋଟିଆ ପୁସ୍ତକ ଦୋକାନ ଅତି ନଗଣ୍ୟ ଓ ଓଡ଼ିଆ ସାହିତ୍ୟ ପ୍ରତି ହୀନମାନ୍ୟତା ପ୍ରଦର୍ଶିତ ହେଉଛି। ଏହି ଦୋକାନଟିର ଦୟନୀୟ ଅବସ୍ଥା ଦେଖିଲେ ସ୍ୱାଭିମାନୀ ଓଡ଼ିଆଟି କାନ୍ଦି ପକେଇବ। ତେଣୁ ଏକାଡେମୀ ପକ୍ଷରୁ ଏକ ବିଶାଳ ପୁସ୍ତକ ଭବନ ନିର୍ମାଣକରି ଦେଶର ସବୁ ଭାଷାର ଯୋଗ୍ୟ ପୁସ୍ତକଗୁଡ଼ିକୁ ରଖାଯାଇ ବିକ୍ରି କରାଯାଉ। ନବମରେ, ଓଡ଼ିଶା ସାହିତ୍ୟ ଏକାଡେମୀ ଅଧୀନରେ ଏକ ୩ତାଲା ବିଶିଷ୍ଟ ଓଡ଼ିଆ ଭାଷା ସାହିତ୍ୟ ଭବନ ନିର୍ମାଣ କରାଯାଉ ; ଯେଉଁଠି ୧୦୦, ୨୦୦, ୫୦୦, ୧୦୦୦ ଓ ୩୦୦୦ ଆସନ ଥିବା ସଭାକକ୍ଷ ରହୁ ଯାହାଦ୍ୱାରା ସାହିତ୍ୟିକମାନେ ସୁଲଭ ମୂଲ୍ୟରେ ସାହିତ୍ୟ ସଭା, ସାହିତ୍ୟ ଆଲୋଚନା ଓ ସମ୍ମିଳନୀ କରିପାରିବେ। ଯାହାର ଚତୁଃପାର୍ଶ୍ୱରେ ପୁସ୍ତକ ପ୍ରକାଶକମାନଙ୍କୁ ବୁକ୍ ଷ୍ଟଲ୍ କରି ସୁଲଭ ମୂଲ୍ୟରେ ଭଡ଼ାରେ ଦିଆଯାଇପାରିବ। ଏହାଦ୍ୱାରା ଜଣେ ବ୍ୟକ୍ତିକୁ ବହିଟିଏ କିଣିବାକୁ ସହର/ବଜାର ଓ ଏ ଗଳି ସେଗଳି ବୁଲିବାରୁ ମୁକ୍ତି ମିଳିବ। ଏହାକୁ 'ସାହିତ୍ୟ ଚକ୍ରନାଭି' ବା 'ଲିଟେରାରି ହବ୍'ରେ ନାମିତ କରାଯାଇପାରିବ। ଉକ୍ତ 'ସାହିତ୍ୟ ଚକ୍ରନାଭି' ସମସ୍ତ ଜିଲା ମହକୁମାରେ ଛୋଟ ହେଉ ବରଂ କିନ୍ତୁ କରାଯିବାର ଆବଶ୍ୟକତା ରହିଛି। ଦଶମରେ, ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିବର୍ଷ ଜାତୀୟ ସାହିତ୍ୟ ସମ୍ମିଳନୀ ଆୟୋଜନକରି ପ୍ରତି ରାଜ୍ୟର ସାହିତ୍ୟ ଏକାଡେମୀର ସଭାପତି, ଉପସଭାପତି, ସଚିବ ଓ ଉପ ସଚିବମାନଙ୍କୁ ନିମନ୍ତ୍ରଣ କରାଯାଇ ଓଡ଼ିଶାରେ ବିଭିନ୍ନ ଭାଷା ଓ ସାହିତ୍ୟ ବିଷୟରେ ଆଲୋଚନା କରାଗଲେ ଦେଶରେ ପାରସ୍ପରିକ ଭାଷା ସମ୍ପର୍କ ବୃଦ୍ଧି ହେବ ଏବଂ ଆମ ସାହିତ୍ୟିକମାନଙ୍କ ଭିତରେ ଥିବା କୂପମଣ୍ଡୁକତା ଦୂରହେବ। ସାହିତ୍ୟିକମାନଙ୍କୁ ଦେଶର ବିଭିନ୍ନ ରାଜ୍ୟ ତଥା ବିଶ୍ୱର ବିଭିନ୍ନ ଦେଶକୁ ସାହିତ୍ୟ ସମ୍ମିଳନୀରେ ଅଂଶ ଗ୍ରହଣ କରିବାକୁ ସରକାରୀ ସ୍ତରରୁ ସମସ୍ତ ଖର୍ଚ୍ଚ ବହନକରି ପଠାଯାଉ, ଯାହାଦ୍ୱାରା ଆମ ସାହିତ୍ୟିକମାନେ ନିଜକୁ ଅନ୍ୟମାନଙ୍କ ତୁଳନାରେ ନ୍ୟୂନ ମନେକରିବେ ନାହିଁ। ଏକାଦଶରେ, ପ୍ରତିବର୍ଷ ବାଧ୍ୟତାମୂଳକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ, ନାଟକ, ଉପନ୍ୟାସ ଓ ବିତର୍କ ପ୍ରତିଯୋଗିତା କରାଯାଇ ରାଜ୍ୟସ୍ତରକୁ ଉନ୍ନୀତ, ଅତିକମ୍‌ରେ ପ୍ରତି ବିଷୟରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଉ ଏବଂ ପ୍ରତି ବିଭାଗରେ ୫ଜଣ ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ ପୂର୍ବକ ପ୍ରମାଣପତ୍ର ପ୍ରଦାନ କରାଯାଉ। ଦ୍ୱାଦଶରେ, ଦେଶର ରାଜଧାନୀ ନୂଆଦିଲ୍ଲୀରେ ଓଡ଼ିଶା ସରକାର ଏକ ବହୁତଳ ବିଶିଷ୍ଟ ଓଡ଼ିଶା ସଂସ୍କୃତି ଭବନ ନିର୍ମାଣ କରନ୍ତୁ ,ଯାହାଦ୍ୱାରା ସାହିତ୍ୟିକ, ସଙ୍ଗୀତଜ୍ଞ, ଚିତ୍ରକର, କଳାକାରମାନେ ସୁଲଭ ମୂଲ୍ୟରେ ରହିବାର ସୁଯୋଗ ପାଇବା ସହ ଓଡ଼ିଆ ଭାଷା ସୁରକ୍ଷା ଓ ପ୍ରସାର ପାଇଁ କାର୍ଯ୍ୟ କରିପାରିବେ ଏବଂ ତ୍ରୟୋଦଶରେ, ଓଡ଼ିଶା ସରକାର ଶ୍ରଦ୍ଧା ଓ ସମ୍ମାନର ସହ ଜଣେ ଲୋକପ୍ରିୟ ବୟୋଜ୍ୟେଷ୍ଠ ଓ ସର୍ବୋଚ୍ଚ ସମ୍ମାନର ଅଧିକାରୀ ସାହିତ୍ୟିକ ଓ ସାହିତ୍ୟିକାଙ୍କୁ ରାଜ୍ୟ ସଭାକୁ ମନୋନୀତ କରିବା ଉଚିତ। ଫଳରେ ଅନ୍ୟ ରାଜ୍ୟଗୁଡ଼ିକ ଅନୁପ୍ରାଣିତ ହେବେ। ଏହାଦ୍ୱାରା ଦେଶରେ ସାହିତ୍ୟିକମାନଙ୍କ ସମସ୍ୟା, ସାହିତ୍ୟର ସୁରକ୍ଷା ଓ ଉନ୍ନତି ପାଇଁ ସେମାନେ ସଂସଦରେ ମତାମତ ଉତ୍ଥାପନ କରିପାରିବେ। ଏହା ହେବ ସାହିତ୍ୟିକମାନଙ୍କ ପ୍ରତି ରାଷ୍ଟ୍ରର ଉଚ୍ଚତମ ସମ୍ମାନ।

ରଘୁନାଥପୁର, ଭୁବନେଶ୍ୱର
ମୋ: ୯୪୩୭୦୧୩୧୩୯

# ଶିକ୍ଷାର ମାନବବାଦୀ ଆଭିମୁଖ୍ୟ



ଶ୍ରୀବତ୍ସ ନାୟକ

ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ତଥା ଜାତୀୟ ଆଶା, ଆକାଂକ୍ଷା ଓ ସ୍ୱପ୍ନର ରୂପକାର। ସୁସମାଜ ଗଠନ ନିମନ୍ତେ ଶିକ୍ଷକମାନେ ଆଜିର ଶିଶୁମାନଙ୍କୁ ଶିକ୍ଷାଦାନ କରିଥାନ୍ତି। ପ୍ରଗତିଶୀଳ ଶିକ୍ଷା ମାଧ୍ୟମରେ ଶିକ୍ଷାର୍ଥୀମାନେ ଶିକ୍ଷାଗ୍ରହଣକରି ନବ ପ୍ରସ୍ଫୁଟିତ ସୂର୍ଯ୍ୟର କିରଣ ଭଳି ତେଜୀୟାନ ହୋଇ ରାଷ୍ଟ୍ରକୁ ତଥା ଏକ ଜାତିକୁ ପ୍ରଗତି ଆଡ଼କୁ ନେଇଥାନ୍ତି। ଏକ ପ୍ରଗତିଶୀଳ ଶିକ୍ଷାର ପରିସର ବ୍ୟାପକ। ଏହି ବ୍ୟାପକ ପରିସର ମଧ୍ୟରେ ଶିକ୍ଷାର ଆଭିମୁଖ୍ୟ ବହୁମୁଖୀ ସଦୃଶ। ଯେମିତି ଶିକ୍ଷାର ଭାରତୀୟ ଆଭିମୁଖ୍ୟ ମନୁଷ୍ୟକୁ ପରିବେଶ, ଈଶ୍ୱର, ମାନବ ଶରୀର ତଥା ଆତ୍ମାର ସଂଗତି ସହ ଅନ୍ତର୍ଭୁକ୍ତ କରାଇଥାଏ, ଅନୁରୂପ ଭାବେ ଶିକ୍ଷାର ମାନବବାଦୀ ଆଭିମୁଖ୍ୟ ମନୁଷ୍ୟକୁ ସର୍ବଦା ଉତ୍ତମ ଏବଂ ଦାୟିତ୍ୱବାନ ଭାବେ ବିବେଚନା କରିଥାଏ। ବିଶ୍ୱ ନିୟନ୍ତାଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟର ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ଶିକ୍ଷା ହେଉଛି ଅଭିଜ୍ଞତା, ଅଧ୍ୟୟନ କିମ୍ବା ନିର୍ଦ୍ଦେଶ ମାଧ୍ୟମରେ ନୂତନ ଜ୍ଞାନକୌଶଳ, ଆଚରଣ, ମନୋଭାବ ମୂଲ୍ୟ ହାସଲ କରିବାର ପ୍ରକ୍ରିୟା। ମନୁଷ୍ୟର ଷଷ୍ଠ ଇନ୍ଦ୍ରିୟ (ଚେତନାର ଇନ୍ଦ୍ରିୟ), ଧୀଶକ୍ତି, ବୁଦ୍ଧି, ବିଚାର, ବିବେକ ହେଉଛି ଅନନ୍ୟ ଓ ଅସାଧାରଣ ତେଣୁ ମନୁଷ୍ୟ ଶିକ୍ଷା ଲାଭ କରେ। ଏହା ମନୁଷ୍ୟକୁ ବ୍ୟକ୍ତିଗତ ଓ ବୃତ୍ତିଗତ ବିକାଶରେ ପରିବର୍ତ୍ତନଶୀଳ ପରିସ୍ଥିତି ସହ ଖାପ ଖୁଆଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯେଉଁ ଶିକ୍ଷା ମାନବ ସଭ୍ୟତାକୁ ଅନ୍ଧାରରୁ ଆଲୋକକୁ ଟାଣେ, ଯେଉଁ ଶିକ୍ଷା ଭୁଲ୍ ଠିକ୍‌ର ବିଚାର କରିଥାଏ, ଯେଉଁ ଶିକ୍ଷା ମନୁଷ୍ୟକୁ ସୃଷ୍ଟିର ରହସ୍ୟ ବିଷୟରେ ସୂଚନା ଦିଏ, ଯେଉଁ ଶିକ୍ଷା ଭଗବାନଙ୍କର ସତ୍ତା ସମ୍ବନ୍ଧରେ ସମ୍ୟକ୍ ଧାରଣା ଦିଏ, ଯେଉଁ ଶିକ୍ଷା ମନୁଷ୍ୟକୁ ପ୍ରାଣୀ ଜଗତର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାଏ ସେହି ଶିକ୍ଷାକୁ ପ୍ରାପ୍ତ କରି ମନୁଷ୍ୟ ବିଶ୍ୱ ବ୍ରହ୍ମାଣ୍ଡକୁ ନିଜ ନିୟନ୍ତ୍ରଣ ମଧ୍ୟରେ ରଖିଛି।

ଶିକ୍ଷଣ ଉଭୟ ମାନବବାଦୀ ଓ ଗଠନମୂଳକ ଆଭିମୁଖ୍ୟ ଅଲୌକିକ କିମ୍ବା ଈଶ୍ୱରୀୟ ଜ୍ଞାନ ଅପେକ୍ଷା ମଣିଷ ଉପରେ ଧ୍ୟାନ ଦେଇଥାଏ। ମାନବବାଦୀ ତତ୍ତ୍ୱ ବିଶ୍ୱାସ କରେ ଯେ ବ୍ୟକ୍ତିର ସାମାଜିକ, କୌଶଳ, ଭାବନା, ବୁଦ୍ଧି, କଳାତ୍ମକ ଦକ୍ଷତା, ବ୍ୟବହାରିକ କୌଶଳ, ଆତ୍ମନିର୍ଭରଶୀଳତା, ଲକ୍ଷ୍ୟ ଏବଂ ପୂର୍ଣ୍ଣ ସ୍ୱାଧୀନତା ଶିକ୍ଷାର ଏକ ଅଂଶବିଶେଷ। ତେଣୁ ବ୍ୟକ୍ତିଟି କିପରି ବାସ୍ତବତାକୁ ଅନୁଭବ କରି ଶିକ୍ଷଣଟି ଉପଭୋଗ କରିବ ତାହା ଚିନ୍ତାଜନକ। ମାନବବାଦୀ ତତ୍ତ୍ୱ ଅନୁସାରେ ବ୍ୟକ୍ତିଟି ଶିକ୍ଷା ଗ୍ରହଣ ସମୟରେ, ବ୍ୟକ୍ତିଟିର ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରିବା ନିହାତି ଜରୁରୀ। ତେଣୁ ବାସ୍ତବିକ ଶିକ୍ଷାଦାନ ସମୟରେ ବ୍ୟକ୍ତିର ସମସ୍ୟା କ'ଣ ତାହା ଉପରେ ଗୁରୁତ୍ୱାରୋପ କରିବା ଉଚିତ। ଶ୍ରେଣୀଗୃହରେ ଶିକ୍ଷାଦାନ କରିବା ଶିକ୍ଷାର ଏକମାତ୍ର ଅର୍ଥ ନୁହେଁ ବରଂ ବାହ୍ୟଜଗତ ସହ ବ୍ୟକ୍ତିଟିକୁ ପରିଚିତ କରାଇ, ତା'ର ବୌଦ୍ଧିକ ବିକାଶ କରିବା ଉଚିତ। ମାନବବାଦୀ ମନୋବିଜ୍ଞାନୀମାନଙ୍କ ମତରେ ଶିକ୍ଷାର୍ଥୀମାନେ ଅନ୍ତର୍ନିହିତ ଭାବେ ଭଲ ଏବଂ ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ ହେଲେ ଶିକ୍ଷଣ ପ୍ରକ୍ରିୟାଟିର ପ୍ରକୃତ ମୂଲ୍ୟବୋଧ କରାଯାଇପାରିବ। ସାଧାରଣ ଭାବେ ଦେଖିବା ପାଇଁ ଗଲେ ଶିକ୍ଷାର୍ଥୀଟି ସର୍ବଦା ସର୍ବୋତ୍ତମ ପ୍ରଦର୍ଶନ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ କୌଣସି ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଭୁଲ୍‌କାର୍ଯ୍ୟ କରିଥାନ୍ତି। ତେଣୁ ସେମାନଙ୍କୁ ଭୁଲ୍ ଓ ଠିକ୍‌ର ସଂଜ୍ଞା ବିଷୟରେ ବିଶେଷତଃ ପରିଚିତ କରାଇବା ପାଇଁ ପଡ଼ିଥାଏ। ବିବ୍ରତ ଓ ଦୁଃଖିତ ଥିବା ଛାତ୍ରୀଛାତ୍ରମାନେ ସମ୍ଭବତଃ ଶିକ୍ଷଣ ଉପରେ ଖୁବ୍ କମ୍ ଧ୍ୟାନ ଦେଇଥାନ୍ତି। ଏଭଳି ପରିସ୍ଥିତିରେ ଜଣେ ଆଦର୍ଶ ଶିକ୍ଷକ ଭାବେ ଶ୍ରେଣୀ ଗୃହରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ପଡ଼ିଥାଏ। ଏହି ପରିବେଶ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଗ୍ରହଣ ପାଇଁ ଆରାମଦାୟକ ହୋଇଥାଏ, ଯେଉଁଠି ସେମାନେ ନିଜକୁ ସମ୍ପୂର୍ଣ୍ଣ ନିରାପଦ ମନେକରନ୍ତି।



ମାନବବାଦୀ ଆଭିମୁଖ୍ୟ ଅନୁସାରେ ଶୈକ୍ଷିକ ପଦ୍ଧତିଟି ଶିକ୍ଷାର୍ଥୀକୈନ୍ଦ୍ରିକ ହୋଇଥିବାରୁ ଶିକ୍ଷାର୍ଥୀମାନେ ଶିକ୍ଷାଗ୍ରହଣ କରିବାକୁ ଅନାଦର ଭାବ ପୋଷଣ କରନ୍ତି ନାହିଁ। ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟକଲେ ଏହା ସହଜରେ ଅନୁମେୟ କରି ହୁଏ ଯେ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାଟି ମାନବବାଦୀ ଆଭିମୁଖ୍ୟ ଉପରେ ପରିବେଷ୍ଟିତ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବଣ୍ଟନ, ବିଦ୍ୟାଳୟକୁ ଦଣ୍ଡ ମୁକ୍ତ ଅଞ୍ଚଳ ଘୋଷଣା କରିବା ତଥା ଶିକ୍ଷାର୍ଥୀମାନଙ୍କୁ ଡ୍ରେସ୍, ନାପ୍‌କିନ, ସାଇକେଲ, ଅଣ୍ଡା, ପୁସ୍ତକ ଆଦି ଯୋଗାଇ ଦେଉଛନ୍ତି, ଫଳରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ପ୍ରକାଶ ପାଉଛି। ଯଦିଓ ଏହା କେତେକାଂଶରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଆଡ଼କୁ ଆକର୍ଷିତ କରୁଛି ତଥାପି ଏହା ଏକମାତ୍ର ପନ୍ଥା ନୁହେଁ। ଶିକ୍ଷଣର ମାନବବାଦୀ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଶିକ୍ଷାଦାନ ସମୟରେ ଶିକ୍ଷାର୍ଥୀମାନଙ୍କୁ ସ୍ୱାଧୀନତା ଦେବା ଏବଂ ସେମାନଙ୍କର ନିଜସ୍ୱ ଇଚ୍ଛା କ'ଣ ତାହା ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ପ୍ରତ୍ୟେକ ପିଲା ପ୍ରତ୍ୟେକ ପିଲାଙ୍କଠାରୁ ହେଉଛନ୍ତି ଭିନ୍ନ। ପ୍ରତ୍ୟେକ ପିଲା ଅନେକ ଅନନ୍ୟ ଗୁଣର ଅଧିକାରୀ। ସେମାନଙ୍କ ପାଖେ ସୃଜନଶୀଳତା ଅଛି। ଜଣେ ଆଦର୍ଶ ଶିକ୍ଷକ ଭାବେ ପ୍ରତ୍ୟେକ ପିଲାର ଏହି ଅନ୍ତର୍ନିହିତ ଗୁଣକୁ ଖୋଜି ତାକୁ ଶିକ୍ଷାଦାନ କଲେ ନିଶ୍ଚିତ ଭାବେ ଶିକ୍ଷଣ ପ୍ରକ୍ରିୟା ଫଳପ୍ରଦ ହୋଇଥାଏ।

ଅଧ୍ୟାପକ,ବାଣିଜ୍ୟ ବିଭାଗ, କଟକ
ମୋ:୯୪୩୮୦୭୦୮୪୯

## ଏଇ ଭାରତରେ

ବିଭିନ୍ନ ଫସଲ କରି କ୍ଷତି ସହିବା ପରେ ସ୍ତ୍ରୀର ଗହଣା ବିକ୍ରିକରି ସୁନୀଲ କୋଲ୍‌ପେ ୧୬ଟି ମଇଁଷି କିଣି ଏକ ସ୍ମାର୍ଟ ଡାଇରି ଫାର୍ମ କରିଛନ୍ତି । ସୁନୀଲଙ୍କ ବୟସ ଏବେ ୪୩ ଓ ମହାରାଷ୍ଟ୍ରର ଯୁବତମଲ ଜିଲାର ଛୋଟ ସହର ମହାଗାଁରେ ରହୁଛନ୍ତି ଏବଂ ଏହାଠାରୁ ତାଙ୍କ ଫାର୍ମ ୧୩ କିଲୋମିଟର ଦୂରରେ ଅଛି। ଏହି ଫାର୍ମ ୨୪ ଏକର ଜମିରେ ହୋଇଛି । ସେ କ୍ଷୀର ବିକ୍ରି କରିବା ପାଇଁ ସ୍ମାର୍ଟ କାର୍ଡଯୁକ୍ତ ମିଲ୍କ ଏଟିଏମ୍, ଆଇସ୍‌କ୍ରିମ ପାର୍ଲର କରିଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରି ସୁନୀଲ ମାସକୁ ୭୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ଦିନକୁ ଏବେ ୩୫୦ ଲିଟର କ୍ଷୀର ବିକ୍ରି କରୁଛନ୍ତି। କେବଳ ଏଟିଏମ୍ ମାଧ୍ୟମରେ ସେ କ୍ଷୀର ବିକୁନାହାନ୍ତି, ବରଂ ଘରକୁ ଘର ବୁଲି କ୍ଷୀର ଦେଉଛନ୍ତି। ସୁନୀଲ ଫାର୍ମରେ ମଇଁଷି ପାଳନ କରିବା ସହିତ ଆଖୁ, ସୋୟାବିନ ଓ କପାଚାଷ ମଧ୍ୟ କରୁଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଗୁହାଳ କରିଛନ୍ତି ଓ ଏଥିରେ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ମେ ୧୯୭୬

- ରାଜ୍ୟ ବିଧାନସଭା ସଦସ୍ୟ ଦିସାରିସନ୍ତୁ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଅବସ୍ଥାରେ ପରଲୋକ।
- ଶ୍ରମିକଙ୍କୁ କ୍ଷତିପୂରଣ ଦେବା ଉଦ୍ଦେଶ୍ୟରେ ଏକ ସଂଶୋଧନ ବିଲ୍ ଲୋକସଭାରେ ଗୃହୀତ।
- କଲିକତାସ୍ଥିତ ଜାତୀୟ ପାଠାଗାରକୁ ଏକ ସ୍ୱୟଂଶାସିତ ପରିଚାଳନାଧୀନ ରଖିବା ପାଇଁ ଲୋକସଭାରେ ଏକ ବିଲ୍ ଗୃହୀତ।
- ଲେବାନନ୍‌ର ବିଭିନ୍ନ ସ୍ଥାନରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଗୋଷ୍ଠୀର ସଂଘର୍ଷ ଘଟି ୨୦୭ ମୃତ।

## ଚିରନ୍ତନୀ

କୋମଳ ମଧୁର ଯାହା କରି ଆରାଧନା
ନୋହେ ଯେଣୁ ଉପଶମ ଅନ୍ତର ବେଦନା,
ବ୍ୟାକୁଳ ହୃଦୟେ ଲୋଡ଼େ ସେହୁ
ଦୟା କ୍ଷମା ପାଷାଣର ଦେହୁ,
ପାଷାଣର ଗାତ୍ରେ ମସ୍ତକ ଆଘାତେ
ଅକାରଣ ଅଶରଣ !
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | |
| | | | | | 6 | | | 3 |
| | | 1 | | 4 | | 6 | 7 | |
| | | 4 | | 2 | | | | 7 |
| | | | | | | 2 | 5 | |
| | 3 | | | | 7 | 4 | | |
| | 1 | | 8 | 6 | 4 | 5 | 2 | |
| | | 8 | | 3 | | | | |
| | | 2 | | 5 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 1 | 8 | 6 | 4 | 5 | 3 | 2 |
| 3 | 2 | 8 | 1 | 5 | 9 | 4 | 7 | 6 |
| 5 | 6 | 4 | 7 | 2 | 3 | 9 | 1 | 8 |
| 1 | 5 | 2 | 4 | 9 | 6 | 7 | 8 | 3 |
| 4 | 8 | 7 | 2 | 3 | 1 | 6 | 9 | 5 |
| 9 | 3 | 6 | 5 | 8 | 7 | 1 | 2 | 4 |
| 8 | 7 | 5 | 6 | 1 | 2 | 3 | 4 | 9 |
| 6 | 1 | 3 | 9 | 4 | 8 | 2 | 5 | 7 |
| 2 | 4 | 9 | 3 | 7 | 5 | 8 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦାଦନ ଶ୍ରମିକଙ୍କୁ କର୍ମନିଯୁକ୍ତି କେବେ

ମହାଶୟ,

ଦୀନ ଦରିଦ୍ର ଲୋକେ ଏଠାରେ କୌଣସି କାମଧନ୍ଦା ନ ପାଇ ପେଟପାଟଣା ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେମାନେ ବର୍ଷକୁ ବାରମାସ ଘରଦ୍ୱାର ଚାବିପକାଇ ବାହାରକୁ ଯାଉଛନ୍ତି। ଦାଦନ ଖଟିବାକୁ ଯାଉଥିବା ଲୋକଙ୍କ ମଧ୍ୟରେ କେତେକ ମହିଳା ଓ ଅଳ୍ପ ବୟସ ପିଲା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ସେମାନେ ସୁରଟ ଓ ବାଙ୍ଗାଲୋର, ଗୁଜରାଟରେ କମ୍ ମଜୁରିରେ କଠିନ ପରିଶ୍ରମ କରି ଦିନରାତି ଖଟୁଛନ୍ତି। ଠିକାଦାରଙ୍କୁ ମଜୁରି ମାଗିଲେ ଆଜି ଦେବା କାଲି ଦେବା କହି ଠକୁଛନ୍ତି। ଏପରିକି ସେମାନେ ଠିକ୍ ଭାବେ ଗଣ୍ଡେ ଖାଇବାକୁ ପାଉନାହାନ୍ତି। ବାହାର ରାଜ୍ୟରେ ଏଭଳି ସବୁ ସମସ୍ୟାର ସମ୍ମୁଖୀନ ହେବା ପରେ ସେମାନେ ପୁନର୍ବାର ଓଡ଼ିଶାକୁ ଫେରିଆସୁଛନ୍ତି। ସତରେ ଦାଦନ ଭାବେ ଖଟିବାକୁ ଯାଇଥିବା ଲୋକେ ଆମ ଭଳି ମଣିଷ ନା ? ନୂତନ ସରକାର ଏମାନଙ୍କୁ କେବେ କର୍ମନିଯୁକ୍ତି ଦେବେ ? ଜଳକା ଭଳି ଚାହିଁ ରହିଛନ୍ତି ମିଠା ମିଠା ଭାଷଣକୁ।

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସ୍ତ୍ରବିରତିରେ ଆମେରିକାର ଭୂମିକା ନାହିଁ

## ସଂସଦୀୟ କମିଟିକୁ ଜଣାଇଲେ ବହିର୍ବ୍ୟାପାର ସଚିବ

ନୂଆଦିଲ୍ଲୀ,୧୯।୫

ଭାରତ ଓ ପାକିସ୍ତାନ ସଂଘର୍ଷ ବନ୍ଦ କରିବାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନର ଭୂମିକା ଥିବା ସେ ବାରମ୍ବାର ଦାବି କରୁଥିବାବେଳେ ଅସ୍ତ୍ରବିରତି ନିଷ୍ପତ୍ତି ଦ୍ୱିପାକ୍ଷିକ ସ୍ତରରେ ନିଆଯାଇଥିଲା ବୋଲି ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ସୋମବାର ସନ୍ଧ୍ୟାରେ ବିଭାଗୀୟ ସଂସଦୀୟ ସ୍ଥାୟୀ କମିଟିକୁ ଜଣାଇଛନ୍ତି। ଅସ୍ତ୍ରବିରତି କରାଇଥିବା ନେଇ ଟ୍ରମ୍ପ ଅନ୍ୟୁନ ୭ ଥର ଖୋଲାଖୋଲି ଦାବି କରିବା ସତ୍ତ୍ୱେ ଭାରତ ଚୁପ୍ କାହିଁକି ବୋଲି ସଂସଦୀୟ କମିଟିର ଜଣେ ସଦସ୍ୟ ପ୍ରଶ୍ନ ଉଠାଇଥିଲେ। ବାରମ୍ବାର କଶ୍ମୀର ପ୍ରସଙ୍ଗ ଉଠାଇ ବିଭିନ୍ନ କଥା କହୁଥିବା ଟ୍ରମ୍ପଙ୍କୁ ଏଥିପାଇଁ ଭାରତ ଅନୁମତି ଦେଉଛି କାହିଁକି ବୋଲି ଅନ୍ୟ ଜଣେ ସଦସ୍ୟ ପ୍ରଶ୍ନ କରିଥିଲେ। ତେବେ ଅସ୍ତ୍ରବିରତିରେ ତୃତୀୟ ପକ୍ଷର ସମ୍ପୃକ୍ତି ନ ଥିବା ବହିର୍ବାପାର ସଚିବ ସ୍ପଷ୍ଟ କରିଦେଇଛନ୍ତି।


ବିକ୍ରମ ମିସ୍ରି

୨ ଦେଶର ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ବେଳେ ଇସ୍‌ଲାମାବାଦ ଅଣୁଅସ୍ତ୍ର ସମ୍ପର୍କିତ କୌଣସି ସଙ୍କେତ ଦେଇ ନ ଥିଲା ବୋଲି ବହିର୍ବ୍ୟାପାର ସଚିବ ସଂସଦୀୟ ସ୍ଥାୟୀ କମିଟିକୁ ଅବଗତ କରାଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ଭାରତୀୟ ସେନାର ଅପରେଶନ ସିନ୍ଦୂର ସମ୍ପର୍କରେ ସେ କହିଛନ୍ତି, ଦୁଇ ଦେଶ ମଧ୍ୟରେ ସଂଘର୍ଷ ପାରମ୍ପରିକ ଅସ୍ତ୍ରରେ ହୋଇଥିଲା ଓ ପଡ଼ୋଶୀ ଦେଶ ଅଣୁଅସ୍ତ୍ରର ସଙ୍କେତ ଦେଇ ନ ଥିଲା। ପାକିସ୍ତାନୀ ମାଷ୍ଟରମାଇଣ୍ଡଙ୍କ ସହ ଆତଙ୍କବାଦୀଙ୍କ ଯୋଗାଯୋଗ ରହିଥିବା ପହଲଗାମ ଆକ୍ରମଣର ତଦନ୍ତରୁ ଜଣାପଡ଼ିଥିବା କଂଗ୍ରେସ ନେତା ଶଶୀ ଥରୁରଙ୍କ ଅଧ୍ୟକ୍ଷତାରେ ଗଠିତ ବହିର୍ବ୍ୟାପାର ଷ୍ଟାଣ୍ଡିଂ କମିଟିକୁ ମିସ୍ରି କହିଛନ୍ତି।

ଆତଙ୍କବାଦର ଚରାଭୂମି ଭାବେ ପାକିସ୍ତାନର ଟ୍ରାକ୍ ରେକର୍ଡ ସମ୍ପର୍କରେ ବଳିଷ୍ଠ ପ୍ରମାଣ ମିଳିଛି। ଅନ୍ୟପକ୍ଷରେ କୌଣସି ପ୍ରମାଣ ନ ଥାଇ ଇସ୍‌ଲାମାବାଦ ଏହାର ମାଟିରେ କେତେଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବା ନେଇ ଭାରତକୁ ଦୋଷ ଦେଉଛି। ଜାତିସଂଘ ତାଲିକାରେ ସ୍ଥାନିତ ଆତଙ୍କବାଦୀ ପାକିସ୍ତାନରେ ଅବାଧରେ ବିଚରଣ କରିବା ସହ ଭାରତ ବିରୋଧୀ ହିଂସାକୁ ଉସୁକାଇ ଚାଲିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

# ସମ୍ଭଲ ବିବାଦ: ମସ୍‌ଜିଦ କମିଟି ଆବେଦନ ଖାରଜ

## ହାଇକୋର୍ଟ ରାୟ ପରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ପ୍ରୟାଗରାଜ୍, ୧୯।୫

ସମ୍ଭଲର ଜାମା ମସ୍‌ଜିଦ ବିବାଦ ମାମଲାରେ ସୋମବାର ଆଲ୍ଲାହାବାଦ ହାଇକୋର୍ଟ ମସ୍‌ଜିଦ ପରିସରରେ ସର୍ଭେ ବିରୋଧରେ ଶାହି ଜାମା ମସ୍‌ଜିଦ କମିଟି ପକ୍ଷରୁ କରାଯାଇଥିବା ଆବେଦନକୁ ଖାରଜ କରିଛନ୍ତି। ଜାମା ମସ୍‌ଜିଦ ପରିସରରେ ସର୍ଭେ ପାଇଁ ଜଣେ ଆଡ୍‌ଭୋକେଟ କମିଶନରଙ୍କୁ ନିଯୁକ୍ତ କରିବା ପାଇଁ ଗତ ବର୍ଷ ନଭେମ୍ବରରେ ସମ୍ଭଲ ଟ୍ରାଏଲ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ମସ୍‌ଜିଦ କମିଟି ପକ୍ଷରୁ ହାଇକୋର୍ଟରେ କରାଯାଇଥିବା ଆବେଦନକୁ ଜଷ୍ଟିସ୍ ରୋହିତ ରଞ୍ଜନ ଅଗ୍ରୱାଲଙ୍କ ଖଣ୍ଡପୀଠ ଖାରଜ କରିବା ସହ ସମ୍ଭଲ ଟ୍ରାଏଲ କୋର୍ଟଙ୍କ ନିର୍ଦ୍ଦେଶକୁ ବଜାୟ ରଖିଛନ୍ତି। ହାଇକୋର୍ଟଙ୍କ ରାୟର କିଛି ଘଣ୍ଟା



ପରେ ସମ୍ଭଲରେ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ଜିଲାର ପ୍ରମୁଖ ସ୍ଥାନଗୁଡ଼ିକରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଯଦି କେହି ଜିଲାର ଶାନ୍ତି ଭଙ୍ଗ କରିବା ପାଇଁ ବେଆଇନ୍ ଭାବେ ପ୍ରତିବାଦ କରି ଉତ୍ତେଜନା ସୃଷ୍ଟି କରନ୍ତି, ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସମ୍ଭଲ ଏସ୍‌ପି କ୍ରିଷ୍ଣନ୍ କୁମାର ବିଷ୍ଣୋଇ କହିଛନ୍ତି।

# ଉଦୟ ସିଂ ଜନସୁରାଜ ପାର୍ଟି ସଭାପତି

ପାଟନା, ୧୯।୫

ପୂର୍ବତନ ଭାଜପା ଏମ୍‌ପି ଉଦୟ ସିଂଙ୍କୁ ସୋମବାର ଜନ ସୁରାଜ ପାର୍ଟିର ପ୍ରଥମ ରାଷ୍ଟ୍ରୀୟ ସଭାପତି ଭାବେ ନିଯୁକ୍ତ କରାଯାଇଛି। ଏନେଇ ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଦଳର କୋର୍ କମିଟିର ୧୫୦ ଜଣ ସଦସ୍ୟ ସର୍ବସମ୍ମତି କ୍ରମେ ଉଦୟଙ୍କୁ ଦଳର ପ୍ରଥମ ରାଷ୍ଟ୍ରୀୟ ସଭାପତି ଭାବେ ନିଯୁକ୍ତ କରିଥିବା ସେ କହିଛନ୍ତି। ଉଦୟ ବିହାରର ପୁର୍ନିଆ ଲୋକ ସଭା ଆସନରୁ ୨୦୦୪ ଏବଂ ୨୦୦୯ରେ ୨ ଥର ଭାଜପା ଟିକେଟରେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ସେ ଭାଜପା ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। ୨୦୨୪ରେ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ।

# ଭାରତୀୟ ଟ୍ରାଭେଲ ଏଜେଣ୍ଟଙ୍କ ପାଇଁ ଆମେରିକାର ଭିଜା କଟକଣା

ନୂଆଦିଲ୍ଲୀ,୧୯।୫

ଆମେରିକାରେ ବେଆଇନ ଭାବେ ଲୋକଙ୍କୁ ପ୍ରବେଶ କରାଇବାରେ ସମ୍ପୃକ୍ତି ଅଭିଯୋଗରେ ଭାରତୀୟ ଟ୍ରାଭେଲ ଏଜେଣ୍ଟଗୁଡ଼ିକର ମାଲିକ, କାର୍ଯ୍ୟନିର୍ବାହୀ ଓ ବରିଷ୍ଠ ଅଧିକାରୀଙ୍କୁ ଟାର୍ଗେଟ କରି ଆମେରିକା ନୂଆ ଭିଜା କଟକଣା ଘୋଷଣା କରିଛି। ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ସୋମବାର ଜାରି ଏକ ବିବୃତିରେ କୁହାଯାଇଛି, ମାନବ ଚାଲାଣ ଓ ବେଆଇନ ଆପ୍ରବାସନରେ ସମ୍ପୃକ୍ତ ନେଟ୍‌ୱର୍କକୁ ବନ୍ଦ କରିବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନିଆଯାଇଛି।


ବେଙ୍ଗାଲୁରୁର ଜଳାର୍ଣ୍ଣବ ସାଇ ଲେଆଉଟ୍ ଅଞ୍ଚଳରୁ ଲୋକମାନଙ୍କୁ ଟ୍ରାକ୍ଟର ଯୋଗେ ଉଦ୍ଧାର କରାଯାଉଛି।

# ଗିରଫଦାରିକୁ ପ୍ରଫେସରଙ୍କ ଚ୍ୟାଲେଞ୍ଜ

## 'ସିନ୍ଦୂର' ବିରୋଧରେ ପୋଷ୍ଟ

ପ୍ରୟାଗରାଜ୍, ୧୯।୫

ଭାରତୀୟ ସେନାର ଅପରେଶନ ସିନ୍ଦୂର ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ କରି ହରିୟାଣାସ୍ଥିତ ଅଶୋକା ୟୁନିଭର୍ସିଟିର ଆସୋସିଏଟ୍ ପ୍ରଫେସର ଅଲି ଖାନ୍ ମହମୁଦାବାଦ ଶନିବାର ଗିରଫ ହୋଇଥିଲେ। ସୋମବାର ସେ ଏହି ଗିରଫଦାରିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ପାଇଁ ପିଟିଶନକୁ ମଙ୍ଗଳବାର କିମ୍ବା ବୁଧବାର ତାଲିକାଭୁକ୍ତ କରାଯିବ ବୋଲି କହିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆରଏମ୍/ଇଏନ୍‌ଜି, ଦ.ପୂ. ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରାଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ୍-୨୫-୨୬-୦୨**, ତାରିଖ: ୧୬।୦୫।୨୦୨୫। **କାର୍ଯ୍ୟର ନାମ:** ସିନିୟର ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଝିଙ୍କପାଣି-ତଲାବୁରୁ ସେକ୍ସନ ମଧ୍ୟରେ ଅପ୍ ଲାଇନ୍ ୩୩୧.୦୦ – ୩୩୨.୫୯୫ରେ ବଡ଼ଜାମଦା ଜଂ.-ଗୁଆ- ଟିଆର୍‌ଆର୍(ପି) – ୪.୫୦୦ ଟିକେଏମ୍, ପଦାପାହାଡ଼-ବଲାଣିଖାଦାନ – ଟିଆର୍‌ଆର୍ (ପି) – ୫.୫୦୦ ଟିକେଏମ୍ ଏବଂ ପଦାପାହାଡ଼-ନୟାଗଡ଼ – ଟିଆର୍‌ଆର୍(ପି) – ୨୮.୧୧୨ ଟିକେଏମ୍ ଓ ୧.୫୯୫ ଟିଆର୍.କେଏମ୍ ପାଇଁ ପିଏସ୍‌ସି-୧୪ ସ୍ଲିପର୍ ଉପରେ ବିଛାଯାଇଥିବା ବିଦ୍ୟମାନ ୬୦ କିଗ୍ରା ୯୦ ୟୁଟିଏସ୍ ରେଳଗୁଡ଼ିକୁ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍/ଆର୍୨୬୦ ରେଳ (ଏଲ୍‌ଡବ୍ଲ୍ୟୁଆର୍)ର ଟିଏଫ୍‌ଆର୍ ସମେତ ଥ୍ରୁ ରେଳ ନବୀକରଣ (ପ୍ରାଇମେରୀ) (୩ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୩,୫୧,୩୧,୫୯୬ । **ଇଏମ୍‌ଡି:** ₹୩,୨୫,୭୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ୦୨।୦୬।୨୦୨୫ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) । (PR-172)



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

Bid Identification No.S.E.E.C (R&B) 04/2025-26

No. 1708 / Date : 17.05.2025

**No.B-133** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.26.05.2025 at 05.00 P.M. to dt.09.06.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.10.06.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0035/2526



**ଜିଲ୍ଲା ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ, କେନ୍ଦୁଝର**

ପତ୍ର ସଂଖ୍ୟା ୨୦୦/ଗୃହରକ୍ଷୀ ତାରିଖ:୧୭.୦୫.୨୦୨୫

**କେନ୍ଦୁଝର ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୂଚନା**

ଶ୍ରୀମାନ୍ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ପତ୍ରସଂଖ୍ୟା ୧୪୨୨/ଗୃହରକ୍ଷୀ ତାରିଖ.୧୬.୦୪.୨୦୨୫ ଓ ପତ୍ରସଂଖ୍ୟା ୧୪୨୯/ଗୃହରକ୍ଷୀ ତାରିଖ:୧୭.୦୪.୨୦୨୫ ଅନୁଯାୟୀ କେନ୍ଦୁଝର ଜିଲ୍ଲା ଗୃହରକ୍ଷୀ ସଂଗଠନରେ ଖାଲିଥିବା ୩୩୦ (ପୂର୍ବରୁ ଅନୁମତି ମିଳିଥିବା ପଦବୀ-୩୨୦+ବର୍ତ୍ତମାନ ଖାଲିଥିବା ପଦବୀ-୦୬+ଅଗ୍ରିମ ଖାଲି ହେବାକୁ ଥିବା ପଦବୀ-୦୪ ତା.୩୧.୧୨.୨୦୨୫ ରିଖ ପର୍ଯ୍ୟନ୍ତ) ଗୃହରକ୍ଷୀ ପଦବୀରେ ନିଯୁକ୍ତି ପାଇଁ କେନ୍ଦୁଝର ଜିଲ୍ଲାର ଆଗ୍ରହୀ ପ୍ରାର୍ଥୀଙ୍କଠାରୁ ନିର୍ଦ୍ଧାରିତ ଫର୍ମ (ଓଡ଼ିଶା ଗୃହରକ୍ଷୀ ନିୟମ ୧୯୬୨ର Form "A")ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥୀଙ୍କୁ ସମାଦେଷ୍ଟା ଗୃହରକ୍ଷୀ ବାହିନୀ, କେନ୍ଦୁଝର କାର୍ଯ୍ୟାଳୟ (ରିଜର୍ଭ ଅଫିସ) ଠାରେ ତା.୨୧.୦୫.୨୦୨୫ ରିଖ ସକାଳ ୧୦ ଘଟିକାଠାରୁ ତା.୩୧.୦୫.୨୦୨୫ ରିଖ ୫ ଘଟିକା ସୁଦ୍ଧା ଆବେଦନ ଫର୍ମ ଦାଖଲ କରିବାକୁ ପଡ଼ିବ । ନିର୍ଦ୍ଧାରିତ ସମୟ ପରେ କୌଣସି ଆବେଦନ ଫର୍ମ ଗ୍ରହଣ କରାଯିବ ନାହିଁ । ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀମାନେ ନିକଟସ୍ଥ ଥାନା ଏବଂ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ (ରିଜର୍ଭ ଅଫିସ)ରୁ ବୁଝିପାରିବେ । କମ୍ପ୍ୟୁଟର ଜ୍ଞାନ, ଗାଡ଼ି ଚାଳନା, ରୋଷେଇଜ୍ଞାନ, ବିଦ୍ୟୁତ୍ ମିସ୍ତ୍ରୀ, ପାଇପ ମିସ୍ତ୍ରୀ, ବାରିକ, କାଠ କାମ, ଦରଜୀ କାମ, ବାତାନୁକୂଳଯନ୍ତ୍ର ମରାମତି ଓ ଅନ୍ୟାନ୍ୟ ଦକ୍ଷତା ଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଥିବା ଖାଲି ପଦବୀ ସଂଖ୍ୟାଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଶାରୀରିକ, ଲିଖିତ, ଦକ୍ଷତା ଓ ସାକ୍ଷାତକାର ଚୟନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ ।

ଗୃହରକ୍ଷୀ ସର୍କୁଲାର ଅର୍ଡର ସଂଖ୍ୟା ୦୧/୨୦୨୫ ଅନୁଯାୟୀ ସ୍ୱେଚ୍ଛାସେବୀ ଗୃହରକ୍ଷୀଙ୍କୁ ସେମାନଙ୍କର ନିଜ ଥାନା କିମ୍ବା ପଡୋଶୀ ଥାନାରେ ନିଯୁକ୍ତି ଦିଆଯିବ । ଯଦି ଚୟନକର୍ତ୍ତାଙ୍କୁ ନିଜ ଥାନା କିମ୍ବା ପଡୋଶୀ ଥାନାରେ ଉପଯୁକ୍ତ ସ୍ୱେଚ୍ଛାସେବୀ ଗୃହରକ୍ଷୀ ନମିଳିଲେ ତେବେ ଜିଲ୍ଲାର ଯେକୌଣସି ଥାନାରୁ ନିଯୁକ୍ତି ଦେଇପାରିବେ । ପୂର୍ବରୁ କୌଣସି ଗୃହରକ୍ଷୀ କାର୍ଯ୍ୟରତ ଥିବା ସମୟରେ ଯଦି କାର୍ଯ୍ୟରୁ ଇସ୍ତଫା/ବହିଷ୍କାର କିମ୍ବା ମୃତକଙ୍କ ନିକଟସ୍ଥ (NOK) ହୋଇଥିବେ ସେମାନେ ମଧ୍ୟ ନୂତନ ଭାବେ ଆବେଦନ କରିପାରିବେ ।

ଆବେଦନ ଫର୍ମଗୁଡ଼ିକ କେନ୍ଦୁଝର ଜିଲ୍ଲାର ସମସ୍ତ ଥାନା ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ (ରିଜର୍ଭ ଅଫିସ) କାର୍ଯ୍ୟାଳୟରେ ଉପଲବ୍ଧ ହେବ । ଶ୍ରୀମାନ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଓଡ଼ିଶା, କଟକଙ୍କ ଅନୁମତି ପାଇବା ପରେ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ।

ଯୋଗ୍ୟତା
୧. ଆବେଦନକାରୀ ଭାରତୀୟ ନାଗରିକ ହୋଇଥିବା ଆବଶ୍ୟକ ।
୨. ଆବେଦନକାରୀ କେନ୍ଦୁଝର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।
୩. ଆବେଦନକାରୀ ଅତିକମ୍‌ରେ ନିମ୍ନ ପ୍ରାଥମିକ (ପଞ୍ଚମ ଶ୍ରେଣୀ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।
୪. ଆବେଦନକାରୀ ଓଡ଼ିଆ ଭାଷା ପଢ଼ି, ଲେଖି ଏବଂ କହିପାରୁଥିବେ ।
୫. ଆବେଦନକାରୀ ସୁସ୍ଥ, ଭଲ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ ।
୬. ଆବେଦନକାରୀଙ୍କ ବୟସ ତା.୦୧.୦୧.୨୦୨୫ ରିଖ ସୁଦ୍ଧା ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ ।
୭. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ସହିତ ତାଙ୍କ ବିରୁଦ୍ଧରେ କୌଣସି ଆପରାଧିକ ମାମଲା ବିଚାରାଧୀନ ନଥିବା ଆବଶ୍ୟକ ।

**ଆବେଦନକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ରର ନକଲ ସଂଲଗ୍ନ କରିବାକୁ ପଡ଼ିବ:-**
୧.ଆବାସିକ ପ୍ରମାଣପତ୍ର । ୨.ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର । ୩. ଜାତିଗତ ପ୍ରମାଣପତ୍ର । ୪. ବର୍ତ୍ତମାନ ସମୟର ୦୪ (ଚାରିଗୋଟି) ପାସପୋର୍ଟ ଆକାରର ରଙ୍ଗିନ ଫଟୋ । ୫. ଦକ୍ଷତା ଅନୁଯାୟୀ ପ୍ରମାଣପତ୍ର (ଯଦି ଥାଏ) । ୬. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାର କାର୍ଡ/ଭୋଟର କାର୍ଡ) । ୭. ଯୋଗାଯୋଗ ନିମନ୍ତେ ଉପଯୁକ୍ତ ମୋବାଇଲ ନମ୍ବର (Whatsapp ନମ୍ବର) ୮. ଇ-ମେଲ୍ ଆଇଡି ।

**ବି.ଦ୍ର.**-୧.ଆବେଦନକାରୀ ନିଜର ସମସ୍ତ ପ୍ରମାଣପତ୍ରର ନକଲ ଏବଂ ଫଟୋରେ ସ୍ୱ ସ୍ୱାକ୍ଷର କରିବା ସହିତ ତାରିଖ ପକାଇବେ । ୨. ପ୍ରାର୍ଥୀମାନଙ୍କୁ ସୂଚିତ କରାଯାଉଛି କି ସେମାନେ କୌଣସି ପ୍ରକାର ବ୍ୟକ୍ତିଙ୍କ ଦ୍ୱାରା ପ୍ରଲୋଭିତ ହୁଅନ୍ତୁ ନାହିଁ, ଯଦି କୌଣସି ବ୍ୟକ୍ତି ପ୍ରଲୋଭିତ କରିବାକୁ ଚେଷ୍ଟା କରନ୍ତି, ତାହା ହେଲେ ସମାଦେଷ୍ଟା ଗୃହରକ୍ଷୀ ବାହିନୀ କାର୍ଯ୍ୟାଳୟ, କେନ୍ଦୁଝରକୁ ଯୋଗାଯୋଗ କରିବାକୁ ଅନୁରୋଧ । ୩. ଫର୍ମ-କୁ ସଠିକ ଭାବରେ ପୂରଣ ହୋଇନଥିଲେ କିମ୍ବା ଆବଶ୍ୟକ କାଗଜପତ୍ର ସଂଲଗ୍ନ କରିନଥିଲେ ଆବେଦନ ଫର୍ମଟି ରଦ୍ଦ କରାଯିବ ।

ସ୍ୱା./-ସମାଦେଷ୍ଟା ଗୃହରକ୍ଷୀ ବାହିନୀ, କେନ୍ଦୁଝର


# ଜିରିବାମ ମହିଳାଙ୍କୁ ବୀଭତ୍ସ ହତ୍ୟାରେ ସମ୍ପୃକ୍ତ ଉଗ୍ରପନ୍ଥୀ କେରଳରୁ ଗିରଫ

ନୂଆଦିଲ୍ଲୀ,୧୯।୫

ମଣିପୁର ହିଂସା ବେଳେ ଗତବର୍ଷ ଜିରିବାମ ଜିଲାରେ ଜଣେ ମହିଳାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ସେତେବେଳେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଉଗ୍ରପନ୍ଥୀଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କେରଳରୁ ଗିରଫ କରିଛି। କେରଳର କନ୍ନୁର ଜିଲାରୁ ଗିରଫ ହୋଇଥିବା ରାଜକୁମାର ମୈପାକ୍ସନାଙ୍କୁ ଏନ୍‌ଆଇଏ ସ୍ୱତନ୍ତ୍ର ଅଦାଲତ ଟ୍ରାଞ୍ଜିଟ୍ ରିମାଣ୍ଡରେ ପଠାଇଛନ୍ତି। ଜିରିବାମ ଜିଲାର ରାଜକୁମାର ବେଆଇନ ଉଗ୍ରପନ୍ଥୀ ସଂଗଠନ ପିପୁଲ୍ସ ରିଭଲ୍ୟୁଶନାରି ପାର୍ଟି ଅଫ୍ କଙ୍ଗଲେଇପାକ୍‌ରେ ସାମିଲ ଥିଲେ। ୨୦୨୪ ନଭେମ୍ବରରେ ଜିଲାର ଜୈରଓ୍ୱନ ଗ୍ରାମରେ ଜୋସାଙ୍ଗକିମ୍ ନାମ୍ନୀ ମହିଳାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯିବା ସହ ଅନେକ ଘର ପୋଡ଼ିଦେବା ଘଟଣାରେ ରାଜକୁମାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ ବୋଲି ଏନ୍‌ଆଇଏ କହିଛି।

# ମହିଳାଙ୍କୁ ଗଣବଳାତ୍କାର: ଭାଜପା କର୍ମୀ ଗିରଫ

ଅହମଦାବାଦ,୧୯।୫

ଗୁଜରାଟର ସୁରଟ ସହରରେ ଜଣେ ୨୩ ବର୍ଷୀୟାଙ୍କୁ ପାନୀୟରେ ନିଶା ଦେଇ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଭାଜପାର ୱାର୍ଡ ସାଧାରଣ ସମ୍ପାଦକ ଆଦିତ୍ୟ ଉପାଧ୍ୟାୟ ମହିଳାଙ୍କୁ ନିଶା ଦେଇ ସଂଜ୍ଞାହୀନ କରିବା ପରେ କାର୍‌ରେ ନେଇ ଏକ ହୋଟେଲକୁ ଯାଇଥିଲେ। ସେଠାରେ ସେ ଓ ଗୌରବ ସିଂ ମହିଳାଙ୍କୁ ବଳାତ୍କାର କରିଥିଲେ। ସଂଜ୍ଞା ଫେରିବା ପରେ ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଭାଜପା ତୁରନ୍ତ ଉପାଧ୍ୟାୟଙ୍କୁ ତାଙ୍କ ପଦବୀରୁ ନିଲମ୍ବନ କରିଛି।


**OFFICE OF EXECUTIVE OFFICER, NAGAR PANCHAYAT SHRI BANSIDHAR NAGAR URBAN DEVELOPMENT & HOUSING DEPARTMENT**

**e-Procurement Notice**

Tender Reference No.- SBD/NPSBN/01/2025-26(5th Call), Dated- 17-05-2025

| | | |
|---|---|---|
| 1 | Name of Work | **Rejuvenation of Babhni Khand Dam at Ward No. 05, Nagar Panchayat, Shri Banshidhar Nagar** |
| 2 | Tender Value (Rs.) | INR 4,01,85,233 (Rupees Four Crore One Lakh, Eighty Five Thousand, Two Hundred Thirty Three and Paisa Zero ) |
| 3 | Time of Completion | 18 Months |
| 4 | Date of Publication of Tender on Website | 19-05-2025 |
| 5 | Last Date/Time of Submission of Bids | 04-06-2025 03.00 PM |
| 6 | Name & address of office Inviting tender | Executive Officer, Nagar Panchayat, Shri Bansidhar Nagar |
| 7 | Contact no. of Procurement officer | 6209395021 |
| 8 | Helpline number of e-Procurement cell | 8340682537 9905601861 |

**Note- Cost of Bidding Document (Not Refundable) & Bid Security (Security Deposit) shall be payable online through** http://jharkhandtenders.gov.in
**Any change can be seen on Website** http:// jharkhandtenders.gov.in
***Any other information can be seen on*** http://jharkhandtenders.gov.in

Sd/-
(Rajkamal )
Executive Officer
Nagar Panchayat,
Shri Bansidhar Nagar.

PR 352849 (Urban Development) 25-26 (D)



**OFFICE OF THE EXECUTIVE ENGINEER. MINOR IRRIGATION DIVISION, MEDININAGAR**

**e-Procurement Tender Notice, Two Envelope System**

Tender Reference No:- WRD/MID/MEDININAGAR/B.D./S.L.I.-03/2025-26
Letter no:- 190 Date:- 17/05/2025

| | | |
|---|---|---|
| 1 | Name of Work: | Construction of Chhatapur Solar Lift Irrigation Scheme |
| 2 | Estimated Cost (Rs.) | 1,09,94,700=00 |
| 3 | Cost of tender document (Rs) | **Rs. 10,000=00** only (non-refundable). |
| 4 | Earnest Money Deposit (Rs.) | **Rs. 1,10,000=00** only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http:// jharkhand tenders.gov.in) | Date:- 29.05.2025, Time- 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:- 13.06.2025, Time:- 03.00 PM |
| 9 | Submission of Tender Fee and EMD | Start Date:- 29.05.2025, Time- 4.00 PM Last Date:- 13.06.2025, Time:- 3.00 PM |
| 10 | Technical Bid Opening Date | Date:- 14.06.2025, Time:-04.00 PM |
| 11 | Officer Inviting Bids | Executive Engineer Minor Irrigation Division Medininagar |
| 12 | Contact No. of Procurement Officer e-mail of Procurement Officer | 06562-240100 eemidmed-cemr-jhr@gmail.com |
| 13 | Help line No. of Procurement Cell | 0651-2214784 |

Note:-
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(DC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work. **Only e-Tender will be accepted.** Further details can be seen on website http://jharkhand tenders.gov.in

Executive Engineer,
Minor Irrigation Division,
Medininagar.

PR 352958 Minor Irrigation(25-26)#D



**GOVERNMENT OF JHARKHAND SPORTS AUTHORITY OF JHARKHAND**
*(DEPARTMENT OF TOURISM, ART-CULTURE, SPORTS & YOUTH AFFAIR'S)*
Gate No. 29-30, Birsa Munda Football Stadium, Morhabadi, Ranchi

**Very Short Re e-TENDER NOTICE (Call – 2)**
Notice No. 04, Dated : 19/05/2025

e-Tenders in two parts Part-I (Technical and Commercial) and Part-II (price part) are invited from the reputed tenderers having good experience of following similar type works and having sound financial status:

| NIT No. | Name of the works | Estimated cost in Rs./- | Earnest money to be deposited in Rs./- | Cost of BOQ (Non-Refundable) in Rs./- | Time of completion of work. |
|---|---|---|---|---|---|
| 01/PR/SAJHA /2025-26 | Proposed Upgradation of Football Playing Ground at Birsa Munda Athletics Stadium, Khelgaon, Hotwar, Ranchi. | 1,82,42,000/- | 3,65,000/- | 10,000/- | 60 Days |
| 02/PR/SAJHA /2025-26 | Proposed Upgradation of Football Playing Ground at Birsa Munda Football Stadium, Morhabadi, Ranchi. | 1,55,68,400/- | 3,12,000/- | 10,000/- | 60 Days |
| Date of Publication of Tender on Website | | | 20/05/2025 at 4.00 PM | | |
| Start Date of Submission of Bids | | | 20/05/2025 at 5.00 PM | | |
| Last Date/Time of Submission of Bids | | | 27/05/2025 at 3.00 PM | | |
| Date/Time of opening of Bid (Technical Part) | | | 28/05/2025 at 3.30 PM | | |
| Date and Time for opening of Tender Part -II (Price Part) | | | Will be Communicated later on | | |
| Tendering Officer and address for communication | | | Executive Director office, SAJHA, Morabadi, Ranchi | | |

1. e-Tender documents and BOQ including terms & conditions, specification etc. can be downloaded and submitted online on website https://jharkhandtenders.gov.in
2. Cost of bidding document for a non-refundable fee & Bid Security (EMD) shall be payable online through http://jharkhandtenders.gov.in
3. Any Changes or any other information can be seen on http://jharkhandtenders.gov.in
4. The undersigned reserves the right to extend the date of submission and opening of tender/distribute the works among the tenderers or reject any or all the tenders without assigning any reason thereof

Sd./-
Executive Director Sports Authority of Jharkhand

PR 352930 Art Culture Sports and Youth Affairs(25-26)D



**GOVERNMENT OF ODISHA OFFICE OF THE PANCHAYAT SAMITI, KUARMUNDA BLOCK, SUNDARGARH**

**INVITATION TENDER CALL NOTICE**

No.1281 Dt.14.05.2025

The Block Development Officer, Kuarmunda, Sundargarh invites percentage rate basis for the following works in sealed tender on behalf of Government of Odisha from registered and eligible contractor of the state PWD (R&B)/Water Resources/Rural Work/Minor Irrigation/CPWD for the following works eventually to be drawn up in the P1 forms in conformity with the details tender call notice. The bidder may submit bids for the following works under GPLF scheme for the year 2025-26.

| Sl. No. | Name of works | Value of Works (in Rupees) | Bid Security@1% (in Rs) | Cost of Bid document (in Rs) | Class of bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | CONST. OF GPLF OFFICE BUILDING WITH MARKET COMPLEX AT SARANDAMAL, PADAMPUR G.P | 2542373.00 | 25,424.00 | 6000/- | "B&C" | 6 (Six) Calendar months |
| 2 | CONST. OF GPLF OFFICE BUILDING WITH MARKET COMPLEX AT SALANGABAHAL, SALANGABAHAL G.P | 2542373.00 | 25,424.00 | 6000/- | "B&C" | 6 (Six) Calendar months |
| 3 | CONST. OF GPLF OFFICE BUILDING WITH MARKET COMPLEX AT RAIBOGA, RAIBOGA G.P | 2542373.00 | 25,424.00 | 6000/- | "B&C" | 6 (Six) Calendar months |
| 4 | CONST. OF GPLF OFFICE BUILDING WITH MARKET COMPLEX AT KADOBAHAL, KADOBAHAL G.P | 2542373.00 | 25,424.00 | 6000/- | "B&C" | 6 (Six) Calendar months |

The detailed terms & conditions can be downloaded from the district website www.sundargarh.nic.in

Sd./- Block Development Officer
Kuarmunda



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, देवघर**

**श्रावणी मेला, 2025**
**अति अल्पकालीन ई-प्रोक्योरमेंट सूचना (1st Call)**
अति अल्पकालीन ई-निविदा प्रसंग संख्या - RCD/DEOGHAR/786/2025-26 (1st Call) दिनांक –19.05.2025

| | | |
|---|---|---|
| 1. | कार्य का नाम | सत्संगनगर–भिरखीबाद पथ के कि0मी0 27.00 से कि0मी0 31.75 तक के विभिन्न पथांशों में साधारण मरम्मति एवं अन्य कार्य |
| 2. | प्राक्कलित राशि (रुपये में) | रुपये 1,25,00,000/– (एक करोड़ पच्चीस लाख रुपये) |
| 3. | कार्य समाप्ति की अवधि | 01 माह |
| 4. | निविदा प्राप्ति की अंतिम तिथि एवं समय | 02.06.2025 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 26.05.2025 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7. | प्रोक्युरमेंट अधिकारी का सम्पर्क नम्बर | **06432-299919** |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2446007 |

नोट – अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।
प्राक्कलित राशि घट–बढ़ सकती है।

कार्यपालक अभियंता,
पथ निर्माण विभाग,
पथ प्रमण्डल, देवघर

PR 352943 Road (25-26)_D



**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, देवघर**

**श्रावणी मेला, 2025**
**अति अल्पकालीन ई–प्रोक्योरमेंट सूचना** (1st Call)
**अति अल्पकालीन ई–निविदा प्रसंग संख्या .**
**RCD/DEOGHAR/780/2025-26 (1st Call)**
दिनांक –19.05.2025

| | | |
|---|---|---|
| 1. | कार्य का नाम | सत्संग चौक से बैजनाथपुर भाया रिखिया मोड़ (सरकुलर पथ) पथ का कि0मी0 0.00 से कि0मी0 3.00 में सतह नवीकरण एवं अन्य कार्य। |
| 2. | प्राक्कलित राशि (रुपये में) | रुपये 1,25,00,000/– (एक करोड़ पच्चीस लाख रुपये) |
| 3. | कार्य समाप्ति की अवधि | 01 माह |
| 4. | निविदा प्राप्ति की अंतिम तिथि एवं समय | 02.06.2025 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 26.05.2025 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7. | प्रोक्युरमेंट अधिकारी का सम्पर्क नम्बर | **06432-299919** |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2446007 |

नोट – अतिरिक्त जानकारी के लिए वेबसाईट **http://jharkhandtenders.gov.in** पर देखें।
प्राक्कलित राशि घट–बढ़ सकती है।

कार्यपालक अभियंता,
पथ निर्माण विभाग, पथ प्रमण्डल, देवघर

PR 352938 Road(25-26)#D

## ସଂକ୍ଷେପରେ

### ମହାଦେବଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାରଙ୍ଗ,୧୯।୫(ଲିଙ୍ଗରାଜ ରାଉତ): ପୁରୀ ମୁଖ୍ୟ କେନାଲ କୂଳ ତଥା ଶ୍ରୀବନ୍ତପୁର ଗ୍ରାମ ମୁଣ୍ଡରେ ନିର୍ମିତ ମହାଦେବ ମନ୍ଦିରରେ ବିଗ୍ରହ ମନ୍ଦିର ପ୍ରବେଶ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଶେଷ ହୋଇଯାଇଛି। ଏଥିନିମନ୍ତେ ୧୫ତାରିଖ ଗୁରୁବାରରୁ ମନ୍ଦିର ପରିସରରେ ଆରମ୍ଭ ହୋଇଥିବା ମହାଯଜ୍ଞ ସୋମବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଏହି ଦେବକର୍ମରେ ଉପସ୍ଥିତ ରହି ପ୍ରଭୁଙ୍କ କୃପାଲାଭ କରିଥିଲେ। ୫ଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶ୍ରୀବନ୍ତପୁର ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

### ହାଇକୋର୍ଟ ଲିଗାଲ ଆସିଷ୍ଟାଣ୍ଟ ସଂଘର ୪୦ତମ ବାର୍ଷିକୋତ୍ସବ

କଟକ,୧୯।୫(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଲିଗାଲ ଆସିଷ୍ଟାଣ୍ଟ ସଂଘର ୪୦ତମ ଦୁଇଦିନିଆ ବାର୍ଷିକୋତ୍ସବ ଜୁଡିସିଆଲ ଛକସ୍ଥିତ ପାର୍କିଂସ୍ଥଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଉତ୍ସବ ଉଦ୍‌ଘାଟନ କରି କହିଲେ, ବିଚାରାଧୀନ ମାମଲାର ତ୍ୱରିତ ଫଇସଲାରେ ଆଇନଜୀବୀଙ୍କ ପରି ଲିଗାଲ ଆସିଷ୍ଟାଣ୍ଟମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଅନୁଷ୍ଠାନର ସଭାପତି ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି କେନ୍ଦ୍ର ସରକାରଙ୍କ ଡେପୁଟି ସଲିସିଏଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ମୁଖ୍ୟବକ୍ତା ଭାବେ ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ସିଦ୍ଧାର୍ଥ ଦାସ ଓ ସମ୍ମାନିତ ବକ୍ତା ଭାସ୍କର ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଦିଲୀପ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ହାଇକୋର୍ଟ ବିଚାରପତି ବିଭୁ ପ୍ରସାଦ ରାଉତରାୟ, ସମ୍ମାନିତ ଅତିଥି ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଆଇନଜୀବୀ ସୁକାନ୍ତ କୁମାର ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ପରିବେଷିତ କଳଙ୍କ ମୋ ପାଇଁ ଚନ୍ଦନ ଟୋପା ଓ ହାଃ କୃଷ୍ଣ ବୋଲି ଜୀବନ ଯାଉ ନାଟକଦ୍ୱୟ ବେଶ ହୃଦୟସ୍ପର୍ଶୀ ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ କରଙ୍କ ନିର୍ଦ୍ଦେଶନାରେ କଳାକାରଙ୍କ ଅଭିନୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା।

# ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ କାର୍ଯ୍ୟକାରିତାରେ ଓଡ଼ିଶା ସର୍ବାଗ୍ରେ

## ଶେଷ ପର୍ଯ୍ୟାୟରେ ପ୍ରକଳ୍ପ କାର୍ଯ୍ୟ

ଭୁବନେଶ୍ୱର, ୧୯।୫(ବନ୍ଦନା ସେଠୀ)

ରାଜ୍ୟରେ ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜଙ୍ଗଲ ଜମିର ସଂରକ୍ଷଣ, ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ, ଜଙ୍ଗଲ ଜମି ଉପରେ ଆଦିବାସୀଙ୍କ ଅଧିକାରର ସୁରକ୍ଷା, ଜଙ୍ଗଲ ଉପକଣ୍ଠରେ ରହୁଥିବା ଲୋକଙ୍କ ଅଣଜଙ୍ଗଲଜାତ ଉତ୍ପାଦ ସଂଗ୍ରହ ଏବଂ ଜଙ୍ଗଲ ଜମିକୁ ନେଇ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ବିବାଦର ସମାଧାନ କ୍ଷେତ୍ରରେ ଏହି ଜିଓ-ରେଫରେନ୍ସିଂ ସହାୟତା କରିବ। ବିଭିନ୍ନ ମାମଲାକୁ ବିଚାରକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କେନ୍ଦ୍ରୀୟ କ୍ଷମତାସମ୍ପନ୍ନ କମିଟି ନିର୍ଦ୍ଦେଶରେ ଏହି କାର୍ଯ୍ୟ ଜାରି ରହିଛି। ସମଗ୍ର ଦେଶରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ ସହ ସର୍ବାଗ୍ରେ ରହିଛି ବୋଲି ସୋମବାର ଲୋକସେବା ଭବନଠାରେ ଆୟୋଜିତ ସମୀକ୍ଷା ବୈଠକରେ କମିଟି ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ କହିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ୬୦ହଜାର ବର୍ଗ କି.ମି. ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ କାର୍ଯ୍ୟ ଜାରି ରହିଥିବାବେଳେ ଏହାର ପ୍ରାୟ ୯୫% କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକ୍ରିୟା ଦ୍ୱାରା ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ ମତ ରଖିଛନ୍ତି। ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ଯେକୌଣସି ଜଙ୍ଗଲ ଜମିରେ ଅଣଜଙ୍ଗଲ ବିକାଶ କାର୍ଯ୍ୟ କରିବା ପାଇଁ କେନ୍ଦ୍ରର ଅନୁମତି ଆବଶ୍ୟକ। ପୂର୍ବରୁ ଠିକ୍ ରେକର୍ଡ ଉପଲବ୍ଧ ନ ଥିବାରୁ ବିଭିନ୍ନ ସମୟରେ ଉନ୍ନୟନ କାର୍ଯ୍ୟକୁ ନେଇ ବିଳମ୍ବ ହେଉଥିଲା। ଏହି ଜିଓ-ରେଫରେନ୍ସିଂ ମାଧ୍ୟମରେ ଜଙ୍ଗଲ ଜମିର ଠିକ୍ ସୀମା ନିର୍ଦ୍ଧାରଣ ହୋଇପାରିବ ଏବଂ ଜଙ୍ଗଲ ଜମିକୁ ନେଇ ଅନେକ ସମସ୍ୟା ସମାଧାନ ହୋଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଥିବା ବୈଷୟିକ ସଂସ୍ଥା ସ୍ପାଟିଆଲ ପ୍ଲାନିଂ ଆଣ୍ଡ୍ ଆନାଲିସିସ୍ ରିସର୍ଚ୍ଚ ସେଣ୍ଟରର ପରିଚାଳନା ନିର୍ଦ୍ଦେଶକ ଶୁଭଦର୍ଶୀ ମିଶ୍ର ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ବିଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଥିଲା। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନସଂରକ୍ଷକ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ, ବନ ସଂରକ୍ଷଣ ଆଇନ ନୋଡାଲ ଅଧିକାରୀ ଡଃ କେ. ମୁର୍ଗେସନ ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ କମିଟି ଅଧ୍ୟକ୍ଷ ସିଦ୍ଧାନ୍ତ ଦାସଙ୍କ ସହ ଅନ୍ୟ ଅତିଥିବୃନ୍ଦ।

# ୨୩ରୁ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା




ଖବରଦାତା ସମ୍ମିଳନୀରେ ବାଣିଜ୍ୟ ମେଳା ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର, ୧୯।୫(ଅନୁରାଧା ମହାରଣା)

## ଯୋଗଦେବେ ୧୦ ଦେଶ, ୨୨ ରାଜ୍ୟ

### ୪୫୦ ଷ୍ଟଲରେ ୧ଲକ୍ଷରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ଉତ୍ପାଦ

ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆସନ୍ତା ୨୩ ତାରିଖରୁ ୧୧ଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା – ୨୦୨୫ ଆରମ୍ଭ ହେବ। ଜୁନ୍ ୨ ଯାଏ ଏହି ମେଳା ଚାଲିବ। ସୋମବାର ରେଡକ୍ରସ୍ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା, ନିର୍ଦ୍ଦେଶକ ପାୟଲ ଆଚାର୍ଯ୍ୟ ଗୁପ୍ତା, ଦୀପକ ମହାନ୍ତି, ପ୍ରପର୍ଟି ବ୍ରାଣ୍ଡ୍ ପରିଚାଳନା ନିର୍ଦ୍ଦେଶକ ସଚିନ ସିଂହ ଓ ରଶ୍ମିରଞ୍ଜନ କାନୁନ୍‌ଗୋ ଉପସ୍ଥିତ ରହି ମେଳା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଏହି ମଲ୍ଟି ସେକ୍ଟର ବିଟୁବି ଏବଂ ବିଟୁସି ପ୍ରଦର୍ଶନୀରେ ୨୨ଟି ରାଜ୍ୟ ଓ ୧୦ଟି ଦେଶରୁ ବ୍ୟବସାୟୀ ଯୋଗଦେବେ। ୪୫୦ ଷ୍ଟଲରେ ୧ଲକ୍ଷରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଉତ୍ପାଦ ଏଠାରେ ଉପଲବ୍ଧ ହେବ। ରିଏଲ ଇଷ୍ଟେଟ, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ସାମଗ୍ରୀ ପାଇପାରିବେ। ଥାଇଲ୍ୟାଣ୍ଡର ଅଳଙ୍କାର ଓ ଫୁଟ୍ ୱେର୍, କୋରିଆ ଲେଡ଼ିଜ୍ ଆସେସୋରିଜ୍, ଥାଇ ଫୁଲ, ଆଫଗାନିସ୍ତାନ ଡ୍ରାଏ ଫ୍ରୁଟସ୍, ଦୁବାଇ କପଡ଼ା, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, ତୁର୍କୀ ମିଠା, କଶ୍ମୀରୀ ଫର୍ନିଚର, ଇରାନୀ ଗହଣା, ମାଲେସିଆର ଫାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ ସହ ଭାରତୀୟ ହସ୍ତତନ୍ତ ଉତ୍ପାଦମାନ ଏହି ମେଳାରେ ଉପଲବ୍ଧ ହେବ। ଫୁଡ୍ ଜୋନରେ ଚମ୍ପାରନ୍ ମଟନଠାରୁ ଆରମ୍ଭ କରି ଗ୍ରାହକ ସୁସ୍ୱାଦୁ ଖାଦ୍ୟ ମଜା ପାଇପାରିବେ। ପ୍ରତିଦିନ ଅପରାହ୍ଣ ୨ଟା ୩୦ ରାତି ୧୦ ଟା ଯାଏ ମେଳା ଖୋଲାରହିବ। ୫୦ହଜାରରୁ ଅଧିକ ପରିଦର୍ଶକ ଏହି ମେଳାରେ ଯୋଗ ଦେଇ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇପାରିବେ।

# ମଞ୍ଚସ୍ଥ ହେଲା ନାଟକ 'ଅନେକ ରଙ୍ଗର ଢେଉ'



ଭଞ୍ଜକଳାମଣ୍ଡପରେ ଆୟୋଜିତ ନାଟକ 'ଅନେକ ରଙ୍ଗର ଢେଉ'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୧୯।୫ (ସୌମ୍ୟରଞ୍ଜନ ରାଉତ)

ଶିଳ୍ପପତି ଅଭିଜିତ ପରିଡ଼ା ନିଜର ହାଇଡ୍ରୋ ପାୱାର ପ୍ଲାଣ୍ଟ ପାଇଁ ଜମି ଖର୍ଦ୍ଦି କରିବା ପାଇଁ କୃଷ୍ଣ ସ୍ୱାଇଁଙ୍କ ଜମିରେ ଠିଆ ହୋଇ କଥାବାର୍ତ୍ତା ହେବା ସମୟରେ ହଠାତ ଦେଖୁଛନ୍ତି ଗୋଟିଏ ଛୋଟିଆ ପିଲା ସେଇ ଆଡ଼କୁ ଜୀବନ ବିକଳରେ ଧଇଁ ସଇଁ ହୋଇ ଦୌଡ଼ି ଦୌଡ଼ି ଆସୁଛି। ପଚାରି ବୁଝନ୍ତି ଯେ, ପାଖ ଶିରିସିପାଟଣା ଗାଁର ବଦମାସ କଣ୍ଟ୍ରାକ୍ଟର କୁଳା ପଟ୍ଟନାୟକ ସକାଳୁ ସକାଳୁ ତା ବୋଉକୁ ପାଶବିକ ଅତ୍ୟାଚାର ପରେ ହତ୍ୟା କରିଛି। ତାକୁ ମର୍ଡର କରିବ ବୋଲି ପୁଣି ଗୋଡ଼ାଉଛି। ଏପରି ଏକ ଘଟଣାବଳୀକୁ ନେଇ ଭଞ୍ଜକଳାମଣ୍ଡପରେ ନାଟକ 'ଅନେକ ରଙ୍ଗର ଢେଉ' ମଞ୍ଚସ୍ଥ ହୋଇଛି। ଅଭିଳାସ ଥିଏଟରର କଳାକାରମାନେ ଅତି ଚମତ୍କାର ଭାବରେ ନାଟକଟିକୁ ପରିବେଷଣ କରିଥିଲେ। ଅତିଥିଭାବରେ ନାଟ୍ୟବିତ ଅନନ୍ତ ମହାପାତ୍ର, ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ, ନାଟ୍ୟବିତ ଦୋଳଗୋବିନ୍ଦ ରଥ, କଳିଙ୍ଗ ନାଟ୍ୟ ସଙ୍ଘର ସଭାପତି ଧୀରେନ୍ଦ୍ର ନାଥ ମଲ୍ଲିକ, ଭାରତ ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀ ଧର୍ମାନନ୍ଦ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଭିନେତା ତଥା ନିର୍ଦ୍ଦେଶକ ହୃଷିକେଶ ମହାପାତ୍ରଙ୍କୁ 'ଅଭିଳାଷ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ଅଭିନେତା ତଥା ନିର୍ଦ୍ଦେଶକ ମୁକୁନ୍ଦ ଶତପଥୀ ଏବଂ ଭଜକୃଷ୍ଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ୩ ଦିନରେ ୩ ସ୍ଥାନରୁ ଚୋରି

ବାଲିପାଟଣା,୧୯।୫(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ତିନିଦିନ ମଧ୍ୟରେ ୩ସ୍ଥାନରୁ ଚୋରି ହୋଇଛି।ଏହି ତିନୋଟି ଘଟଣାରେ ପୋଲିସ ପୃଥକ ଭାବେ ୩ଟି ମାମଲା (ନଂ.୨୧୬/୨୫, ୨୧୭/୨୫ ଓ ୨୧୮/୨୫) ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ବାଲିପାଟଣା ସରିପୁର ଛକରେ ଥିବା ବାଗ୍‌ଦେବୀ ବିଦ୍ୟା ମନ୍ଦିରରୁ ୨୦ହଜାର ଟଙ୍କା ଚୋରି ହୋଇଛି। ସେହିପରି ସରିପୁର ଛକଠାରୁ ଚଣାହଙ୍ଗା ରାସ୍ତାରେ ଥିବା ବିଷ୍ଣୁ ପ୍ରସାଦ ସ୍ୱାଇଁଙ୍କ ଫର୍ନିଚର ୱାର୍କଶପ୍‌ରୁ ଡ୍ରିଲ ମେଶିନ, ଅନ୍ୟାନ୍ୟ ଯନ୍ତ୍ରାଂଶ ସହ ୧୬ ହଜାର ଟଙ୍କା ଚାରି ହୋଇଥିଲା। ରବିବାର ବାଲିପାଟଣା ଛକ ନିକଟରେ ଥିବା ଏକ ମଦ ଦୋକାନର ତାଲା ଭାଙ୍ଗି ଚୋରି ଉଦ୍ୟମ କରାଯାଇଛି। ଚୋରିବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ସମସ୍ତ ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ସୂର୍ଯ୍ୟାଂଶୁ ପାଢ଼ୀ କହିଛନ୍ତି।

# ସମାଜ କଲ୍ୟାଣ ବୋର୍ଡ ଗଠନ, କାର୍ଯ୍ୟ ପ୍ରଣାଳୀର ସମୀକ୍ଷା

ଭୁବନେଶ୍ୱର,୧୯।୫(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ସୋମବାର ସମାଜ କଲ୍ୟାଣ ବୋର୍ଡର ଗଠନ ଓ କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମାଜ କଲ୍ୟାଣ ବୋର୍ଡ ତୃଣମୂଳସ୍ତରରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡିକ ଠିକ୍ ଭାବେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ। ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସୁପ୍ରତିଷ୍ଠିତ ଅଣସରକାରୀ ସଂଗଠନକୁ ସମାଜ କଲ୍ୟାଣ ବୋର୍ଡ ଦ୍ୱାରା ତାଲିକାଭୁକ୍ତ କରାଯିବ। ସେମାନଙ୍କ ମାଧ୍ୟମରେ ଗାଁ ଗାଁ ରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ବୋର୍ଡର କାର୍ଯ୍ୟ ପରିସରକୁ ଆହୁରି ବୃଦ୍ଧି କରିବା ନିମନ୍ତେ ବାର୍ଷିକ କାର୍ଯ୍ୟାବଳୀ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୋର୍ଡର ଭିତ୍ତିଭୂମି ବିକାଶ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକ ମୋନିଶା ବାନାର୍ଜୀ ଓ ବିଭାଗୀୟ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲାଇବ୍ରେରିଆନ ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ଭୁବନେଶ୍ୱର,୧୯।୫(ସୁଚିସ୍ମିତା ସାହୁ)

ଗୋଟିଏ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ିବା ପାଇଁ ରାଜ୍ୟ ସରକାର ଭିତ୍ତିଭୂମିଠାରୁ ଆରମ୍ଭ କରି ପାଠ୍ୟକ୍ରମଗୁଡିକର ବ୍ୟପକ ବ୍ୟବସ୍ଥା କରାଇଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବା ପାଇଁ ଆବଶ୍ୟକ ପଦବୀ ପାଇଁ ଯୋଜନା ହେଲା। ଗଣଶିକ୍ଷା ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଅଧୀନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୫୫୮ଟି ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ପାଇଁ ୨୦୨୩ ମସିହାରେ ଆକାଉଣ୍ଟ ଜେନେରାଲଙ୍କୁ ଚିଠି କରାଯାଇଥିଲା। ସେଥିରେ ୬୩ଟି ଲାଇବ୍ରେରିଆନ ପଦବୀ ରହିଥିଲା। ହେଲେ ଏଯାବତ ଏହି ଲାଇବ୍ରେରିଆନ ପଦବୀ ପୂରଣ ହୋଇପାରି ନ ଥିବରୁ ଆଶାୟୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ସେମାନେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପଦବୀ ପୂରଣ ପାଇଁ ଏକ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଆଶାୟୀଙ୍କ କହିବା ଅନୁସାରେ, ରାଜ୍ୟରେ ହଜାର ହଜାର ସଂଖ୍ୟାର ପିଲାମାନେ ପାଠ ପଢ଼ି ମଧ୍ୟ ବେକାର ହୋଇ ବସିଛନ୍ତି। ରାଜ୍ୟ ସରକାର ନିଯୁକ୍ତି ପାଇଁ ପଦବୀ ସୃଷ୍ଟି କରିଥିଲେ ମଧ୍ୟ ଠିକ୍ ସମୟରେ ତାକୁ ପୂରଣ କରୁନାହାନ୍ତି। ଫଳରେ ମେଧାବୀମାନେ ବର୍ଷ ବର୍ଷ ଧରି ଚାକିରୀ କରିବାକୁ ଅପେକ୍ଷା କରୁଛନ୍ତି। ଅକ୍ଟୋବର ୨୦୨୩ ମସିହାରେ ଲାଇବ୍ରେରିଆନ ପଦବୀ ପୂରଣ ପାଇଁ ସରକାର ଚିଠି କରିଥିଲେ। ପିଲାମାନେ ମଧ୍ୟ ଏନେଇ ପାଠ ପଢ଼ିବା ସହିତ ଲାଇବେରିଆନ କୋର୍ସ କରିଥିଲେ। ହେଲେ ପାଠପଢ଼ା ସରିବା ପରେ ୧୮ ମାସ ଧରି ଚାକିରୀ କରିବାକୁ ଅପେକ୍ଷା କରି ବସିଛନ୍ତି। ସରକାରଙ୍କ ଏଭଳି ଅବହେଳା ପାଇଁ ଆଶାୟୀମାନେ ମାନସିକସ୍ତରରେ ପ୍ରଭାବିତ ହେଉଛନ୍ତି। ଜଣେ ଆଶାୟୀ କହିଛନ୍ତି ଯେ, ଆକାଉଣ୍ଟ ଜେନେରାଲ କାର୍ଯ୍ୟାଳୟରେ ପଦବୀ ପୂରଣ ପାଇଁ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ହେଲେ ବିଭାଗ କିଛି ଅଧିକାରୀମାନେ ଜାଣି ଶୁଣି ପଦବୀ ପୂରଣ କରୁନାହାନ୍ତି। ଅଧିକ ସଂଖ୍ୟାର ପଦବୀ ହେଲେ ଯାଇ ସମସ୍ତ ପଦବୀ ପୂରଣ କରାଯିବ ବୋଲି କୁହାଯାଉଚି। ଏନେଇ ବାରମ୍ବାର ବିଭାଗୀୟ ମନ୍ତ୍ରୀ ଧ ସଚିବଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏହି ପଦବୀଗୁଡିକୁ ଅନୁଧ୍ୟାନ କରି ତୁରନ୍ତ ପୂରଣ କରନ୍ତୁ ବୋଲି ସେମାନେ ମୁଖ୍ୟମନ୍ତ୍ରୀଙ୍କ ନିବେଦନ କରିଛନ୍ତି।

# ସ୍କୁଲ ଡ୍ରପ୍ ଆଉଟ୍ ରୋକିବାରେ ଓଡ଼ିଶାର ପଦକ୍ଷେପ ଦେଶରେ ଉଦାହରଣ

## ରାଜ୍ୟ ଗଣଶିକ୍ଷା ବିଭାଗର କାର୍ଯ୍ୟାନ୍ୱୟନ ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୧୯।୫(ସୁଚିସ୍ମିତା ସାହୁ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ଆଇସିଏଆର୍‌ଠାରେ ତିନିଦିନ ଧରି ସମସ୍ତ ରାଜ୍ୟର ଶିକ୍ଷା ସଚିବଙ୍କୁ ନେଇ ଜାତୀୟ ସମ୍ମିଳନୀରେ ବିଦ୍ୟାଳୟ ଶିକ୍ଷା ପରିପୁଷ୍ଟ ଓ ଭିତ୍ତିଭୂମିର ଉନ୍ନତୀକରଣ ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାନ୍ୱୟନ ସମୀକ୍ଷା କରି କହିଲେ, ରାଜ୍ୟରେ ଶିକ୍ଷାର ସମୃଦ୍ଧି ଯୋଜନା ପ୍ରସ୍ତୁତି କରିବା ସହିତ ଡ୍ରପ୍ ଆଉଟ୍ ହାର ରୋକିବାକୁ ୦-୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ସର୍ବେକ୍ଷଣ କରାଯାଉଛି। ଏହାଦ୍ୱାରା ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କରି ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମ ଦେଶ ପାଇଁ ଉଦାହରଣ ସୃଷ୍ଟି କରିବ। ଏହି ସର୍ଭେ ମାଧ୍ୟମରେ ପିଲାଙ୍କ ମାତୃଭାଷାକୁ ଗୁରୁତ୍ୱ ଦିଆଯିବା ସହ ଦିବ୍ୟାଙ୍ଗ ଶିଶୁଙ୍କୁ ଚିହ୍ନଟ କରିହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ବୈଠକରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା, ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ଶିଶୁ ବାଟିକାର ସୁପରିଚାଳନା ସହ ଜାତୀୟ ପାଠ୍ୟକ୍ରମ ରୂପରେଖର ସମନ୍ୱୟରେ ରାଜ୍ୟ ପାଠ୍ୟକ୍ରମକୁ ବିକଶିତ କରିବା ଓ ଏଥିରେ ସ୍ଥାନୀୟ ପ୍ରାସଙ୍ଗୀକରଣକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ଷ୍ଟିୟରିଂ କମିଟି ଗଠନ କରାଯାଇଥିବା ନେଇ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସଚିବ ସଞ୍ଜୟ କୁମାର, ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସଚିବ ଶାଳିନୀ ପଣ୍ଡିତ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପିଏମ୍-ପୋଷଣ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ ଆର୍ ଆୟର ପ୍ରମୁଖ ଯୋଗଦେଇଥିଲେ।



ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟର ସମୀକ୍ଷା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଫଟୋରେ ଖବର



ଜାଗୃତି କଲ୍‌ଚରାଲ ଏକାଡେମୀ ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ନୃତ୍ୟ ମହୋତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ବିକାଶ ନାୟକ)



୧୦ଦଫା ଦାବି ନେଇ ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଯୋଜନାରେ ଅଟକିଛି ମଲ୍ଟି ଷ୍ଟୋରେଜ କୋଠା

## ଶିଶୁଭବନ

■ମେଡିକାଲର ଏଣେତେଣେ ନେଉଛନ୍ତି ଆଶ୍ରୟ

■ଗୁଳୁଗୁଳିରେ ଛଟପଟ ରୋଗୀଙ୍କ ସମ୍ପର୍କୀୟ

କଟକ,୧୯।୫(ଶିଳ୍ପା ପ୍ରିୟଦର୍ଶିନୀ)



ଟିଣ ଶେଡ୍ ତଳେ ରୋଗୀଙ୍କ ସମ୍ପର୍କୀୟମାନେ ଆଶ୍ରୟ ନେଇଛନ୍ତି।

ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ଘରୁ ବାହାରିବା ଲୋକଙ୍କ ପାଇଁ କଷ୍ଟ ହେଉଥିବା ବେଳେ ମେଡିକାଲରେ ଲୋକ ଗରମରେ ଛଟପଟ ହେଉଛନ୍ତି। ଏଭଳି କିଛି ଦୃଶ୍ୟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ(ଶିଶୁଭବନ)ରେ ଦେଖିବାକୁ ମିଳିଛି। ମେଡିକାଲରେ ରୋଗୀ ସମ୍ପର୍କୀୟଙ୍କ ପାଇଁ ଆବଶ୍ୟକ ଆଶ୍ରୟସ୍ଥଳ ନାହିଁ ଏବଂ ଆଶ୍ରୟସ୍ଥଳ ବଦଳରେ ଟିଣ ଶେଡ୍ କରି ଚୁପ୍ ବସିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ଅନ୍ୟପଟେ ମେଡିକାଲ ପରିସରରେ ରୋଗୀ ସମ୍ପର୍କୀୟଙ୍କ ଆଶ୍ରୟସ୍ଥଳ ପାଇଁ ମଲ୍ଟି ଷ୍ଟୋରେଜ କୋଠା ନିର୍ମାଣ ଯୋଜନା କେବଳ ଯୋଜନାରେ ସୀମିତ ରହିଛି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ଶିଶୁ ଭବନ ପରିସରରେ ମଲ୍ଟି ଷ୍ଟୋରେଜ କୋଠା ବା ଜିପ୍ଲସ-୫ କୋଠା ନିର୍ମାଣ ନେଇ ଯୋଜନା କରାଯାଇଥିଲା। ଏହି କୋଠା ମେଡିକାଲ ଅଧୀକ୍ଷକଙ୍କ ପୁରାତନ କାର୍ଯ୍ୟାଳୟ ନିକଟରେରେ ଥିବା ଖାଲି ସ୍ଥାନରେ ନିର୍ମାଣ ପାଇଁ ଚିହ୍ନଟ ହୋଇଥିଲା। ପ୍ରାୟ ୧ ଶହ କୋଟି ଟଙ୍କାରେ କୋଠାରେ ରୋଗୀ ସମ୍ପର୍କୀୟଙ୍କ ଅପେକ୍ଷା ଗୃହ, ଆଶ୍ରୟସ୍ଥଳ, ଶୌଚାଳୟ ସମେତ ଅନ୍ୟାନ୍ୟ ସୁବିଧା ନେଇ ଯୋଜନା କରାଯାଇଥିଲା। ପୂର୍ବ ସରକାର ସମୟରେ ଏହି ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ଅନୁମତି ମିଳିବା ସତ୍ତ୍ୱେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ମେଡିକାଲ ପରିସରରେ ଏବେ ପ୍ରାୟ ୩୦୦ ଲୋକଙ୍କ ନିମନ୍ତେ ଗୋଟିଏ ଆଶ୍ରୟସ୍ଥଳ ରହିଛି। ଆବଶ୍ୟକଠାରୁ ବହୁତ କମ ସଂଖ୍ୟାର ଥିବା ଯୋଗୁ ରୋଗୀ ସମ୍ପର୍କୀୟ ଏଣେତେଣେ ବସି ଖାଦ୍ୟ ଖାଇବା ଏବଂ ଗଛ ତଳେ ଆଶ୍ରୟ ନେଉଥିବା ଦୃଶ୍ୟ ନଜରକୁ ଆସିଛି। ଗଜପତି ଜିଲାରୁ ଶିଶୁକୁ ଚିକିତ୍ସା ପାଇଁ ଆସିଥିବା ସମ୍ପର୍କୀୟ ଶଙ୍କର ଭୂୟାଁ କହିଛନ୍ତି, ୮ ଦିନ ହେବ ଶିଶୁଭବନ ଆସିଛି। ମେଡିକାଲ ଭିତରେ ଜଣେ ରୋଗୀ ସହ ଜଣେ ସମ୍ପର୍କୀୟଙ୍କୁ ରହିବାର ନିୟମ ରହିଛି ସେଥିପାଇଁ ମୁଁ ବାହାରେ ରହୁଛି। ଗରମରେ ଟିଣ ଶେଡ୍ ତଳେ ରହିବା ସମ୍ଭବ ହେଉ ନାହିଁ, ସେଥିପାଇଁ ଗଛ ତଳେ ଆଶ୍ରୟ ନେଉଛି। ସେହିପରି ଢ଼େଙ୍କାନାଳ ଅଞ୍ଚଳର ମମତା କୁଣ୍ଡୁ କହିଛନ୍ତି, ଭଉଣୀର ପୁଅର ଚିକିତ୍ସା ପାଇଁ ତିନିଦିନ ହେବ ମେଡିକାଲରେ ରହୁଛି। ଗରମରେ ମେଡିକାଲରେ ରହିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ନୂତନ କୋଠା ଭିତରକୁ ଗଲେ ତଡ଼ି ଦେଉଛନ୍ତି। ଅନ୍ୟପଟେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, ଗରମକୁ ନଜରରେ ରଖି ପୁରୁଣା ବର୍ନ୍ ବିଭାଗ ଥିବା ସ୍ଥାନରେ ଲୋକଙ୍କୁ ରଖାଯିବା ବ୍ୟବସ୍ଥା କରାଯାଉଛି। ଏହାସହ ମଲ୍ଟି ଷ୍ଟୋରେଜ କୋଠା ପାଇଁ ଟେଣ୍ଡର ସରିଛି। ଆରଆଣ୍ଡବି ବିଭାଗ ଏହାର କାର୍ଯ୍ୟ କରିବ ଏବଂ ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ଚୋରି ବ୍ୟାଟେରି ଜବତ, ୩ ଗିରଫ



ମଙ୍ଗୁଳି-ଜଗତପୁର, ୧୯।୫ (ମାନସ ସାମଲ)

ଟ୍ରକ୍‌ରୁ ବ୍ୟାଟେରି ଚୋରି କରିବା ଅଭିଯୋଗରେ ୩ଜଣଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ଜଗତପୁର ଥାନା ଅଧୀନ ଇମାମନଗରର କାହ୍ନୁ ପ୍ରଧାନ (୩୧), ପଶ୍ଚିମବଙ୍ଗ ବେଲଡଙ୍ଗା ଥାନା ଅଧୀନ ମିର୍ଜାପୁରର ଶେକ ଅମିର ହୁସେନ (୪୨) ଓ ଉତ୍ତରପ୍ରଦେଶ ଅଞ୍ଚଳର ନେହୁରଲାଲ ଗୌତାର (୪୦)। ସେମାନଙ୍କ ନିକଟରୁ ୫ଟି ବ୍ୟାଟେରୀ ପୋଲିସ ଜବତ କରିଛି। ସୂଚନା ମୁତାବକ, ଜଗତପୁର ଥାନା ଅଧୀନ ନଜରପୁରର ସ୍ମୃତି ରଞ୍ଜନ ଦାସ ଗତ ଶୁକ୍ରବାର ରାତି ପ୍ରାୟ ୭ଟାରେ ଟ୍ରକ୍ (ନଂ.)କୁ ଜଗତପୁରସ୍ଥିତ ଟ୍ରକ୍ ମାଲିକ ସଂଘ ଅଫିସ ଗୃହ ସାମ୍ନା ଟାୱାର ପାଖରେ ଛିଡା କରି ଘରକୁ ଖାଇବା ଯାଇଥିଲେ। ରାତି ପ୍ରାୟ ୩ଟାରେ ଗାଡି ପାଖକୁ ଆସିବା ଦେଖନ୍ତି, କେହି ଦୁର୍ବୃତ୍ତ ଟ୍ରକ୍‌ରୁ ଦୁଇଟି ବ୍ୟାଟେରି ଚୋରି ନେଇଥିଲେ। ସ୍ମୃତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତଙ୍କୁ ପୋଲିସ ଜେରା ବେଳେ ସେମାନେ ଏକାଧିକ ଗାଡିରୁ ବ୍ୟାଟେରି ଚୋରି କରିଥିବା ସ୍ୱୀକାର କରିଛନ୍ତି।

### ରଜଉତ୍ସବ-୨୦୨୫ ପାଇଁ ପ୍ରସ୍ତୁତି ବୈଠକ

କଣ୍ଟାପଡା,୧୯।୫(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାଇଲୋ ବଡବିଲସ୍ଥିତ ଗୋପବନ୍ଧୁ ବିଦ୍ୟାମନ୍ଦିର ପୂରାତନ ଛାତ୍ର ସଂସଦ ପକ୍ଷରୁ ଚଳିତବର୍ଷ ରଜଉତ୍ସବ-୨୦୨୫ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିସରରେ ଥିବା ସଭାମଞ୍ଚଠାରେ ପ୍ରିୟନାଥ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ଜୁନ ୧୪ରୁ ୩ଦିନ ବ୍ୟାପୀ ଉତ୍ସବ ଆୟୋଜିତ ହେବ। ଏହି ଅବସରରେ ପୋଡ଼ପିଠା, କୁଇଜ, ହୁଳହୁଳି, ଝୋଟିବ୍ୟତୀତ ଆଧୁନିକ ଓ ପାରମ୍ପରିକ ନୃତ୍ୟ ଏବଂ ସଙ୍ଗୀତ ପ୍ରତିଯୋଗୀତା ଆଦି ପହିଲି ଆୟୋଜିତ ହେବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ ରାଉତରାୟ, ଅବନୀ କୁମାର ବେହେରା, ପୁନାନନ୍ଦ ପାତ୍ର, ମନମୋହନ ବେହେରା ସୁବ୍ରତ ଆଚାର୍ଯ୍ୟ, ସୁକାନ୍ତ ବେହେରା, ଦୀପକ ଆଚାର୍ଯ୍ୟ, ପ୍ରଶାନ୍ତ ପାତ୍ର, ଉଦିତ ନାରାୟଣ ଆଚାର୍ଯ୍ୟ, ସୋମନାଥ ମିଶ୍ର, ବାପୁନି ଭୋଇ, ସମ୍ବିତ ରାଉତରାୟ, ଶକ୍ତିପ୍ରଜ୍ଞା ଆଚାର୍ଯ୍ୟ, ଶୁଭ୍ରଜିତ ରାଉତରାୟ, ରାକେଶ କୁମାର ବେହେରା, ସଚିନ ରାଉତରାୟ, ମାନସ ଜେନା, ସାମାଜିକ କର୍ମୀ ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଫଳ ପାଇଁ ନିଜର ମତ ରଖିଥିଲେ।

### ହାଇକୋର୍ଟ ଲିଗାଲ ଆସିଷ୍ଟାଣ୍ଟ ସଂଘର ୪୦ତମ ବାର୍ଷିକୋତ୍ସବ

କଟକ,୧୯।୫(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଲିଗାଲ ଆସିଷ୍ଟାଣ୍ଟ ସଂଘର ୪୦ତମ ଦୁଇଦିନିଆ ବାର୍ଷିକୋତ୍ସବ ଜୁଡିସିଆଲ ଛକସ୍ଥିତ ପାର୍କିଂସ୍ଥଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଉତ୍ସବ ଉଦ୍‌ଘାଟନ କରି କହିଲେ, ବିଚାରାଧୀନ ମାମଲାର ତ୍ୱରିତ ଫଇସଲାରେ ଆଇନଜୀବୀଙ୍କ ପରି ଲିଗାଲ ଆସିଷ୍ଟାଣ୍ଟମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଅନୁଷ୍ଠାନର ସଭାପତି ବସନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି କେନ୍ଦ୍ର ସରକାରଙ୍କ ଡେପୁଟି ସଲିସିଏଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ମୁଖ୍ୟବକ୍ତା ଭାବେ ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି ସିଦ୍ଧାର୍ଥ ଦାସ ଓ ସମ୍ମାନିତ ବକ୍ତା ଭାସ୍କର ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଦିଲୀପ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ହାଇକୋର୍ଟ ବିଚାରପତି ବିଭୁ ପ୍ରସାଦ ରାଉତରାୟ, ସମ୍ମାନିତ ଅତିଥି ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଆଇନଜୀବୀ ସୁକାନ୍ତ କୁମାର ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ପରିବେଷିତ କଳଙ୍କ ମୋ ପାଇଁ ଚନ୍ଦନ ଟୋପା ଓ ହାଃ କୃଷ୍ଣ ବୋଲି ଜୀବନ ଯାଉ ନାଟକଦ୍ୱୟ ବେଶ ହୃଦୟସ୍ପର୍ଶୀ ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ କରଙ୍କ ନିର୍ଦ୍ଦେଶନାରେ କଳାକାରଙ୍କ ଅଭିନୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କଟକ ୧୯।୫ (କାର୍ତ୍ତିକ ସାହୁ)

କଟକ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଉପଆୟୁକ୍ତ, କମିଶନରେଟ ପୋଲିସ କଟକ ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ଅତିରିକ୍ତ ଜିଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ପ୍ରଶାନ୍ତ କୁମାର ନାୟକ, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅଭିଯୋଗ ଶୁଣାଣିରେ ସମୁଦାୟ ୬୫ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୯ଟି ସାମୂହିକ ଅଭିଯୋଗ ରହିଛି। ଅଭିଯୋଗ ଶିବିରରେ ୮ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣି ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ତହସିଲଦାର, ଜିଲା କୃଷି ଅଧିକାରୀ, ଜିଲା ପ୍ରାଣିଧନ ଅଧିକାରୀ, ଅବକାରୀ ଅଧୀକ୍ଷକ, ଅଧୀକ୍ଷଣ ଯନ୍ତ୍ରୀ, ଜିଲା ନିଯୋଜନ ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ, ଜିଲା ଜନମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳଙ୍କ ପରବର୍ତ୍ତୀ ଜନଶୁଣାଣି ଆସନ୍ତା ୨୬ରେ ନିଆଳି ବ୍ଲକଠାରେ ସକାଳ ୭ଟାରେ ଅନୁଷ୍ଠିତ ହେବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# 'ସାହିତ୍ୟ ମାଧ୍ୟମରେ ଓଡ଼ିଆ ଜାତିକୁ ଦିଗଦର୍ଶନ ଦେଇଛନ୍ତି ଉପେନ୍ଦ୍ର ଭଞ୍ଜ'




୮୨ତମ ଭଞ୍ଜ ଜୟନ୍ତୀର ଚତୁର୍ଥ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୧୯।୫(କାର୍ତ୍ତିକ ସାହୁ)

## ୮୨ତମ ଭଞ୍ଜ ଜୟନ୍ତୀର ଚତୁର୍ଥ ସନ୍ଧ୍ୟା

ଉପେନ୍ଦ୍ର ଭଞ୍ଜ ସାହିତ୍ୟରେ ଏ ଜାତିକୁ ଶୃଙ୍ଖଳିତ କରିବାରେ ପ୍ରୟାସ କରିଛନ୍ତି। ତାଙ୍କ କାବ୍ୟରେ ରସର ଚାତୁରୀ ଥିଲା ଅପ୍ରତିଦ୍ୱନ୍ଦ୍ୱୀ ବୋଲି କଳିଙ୍ଗ ଭାରତୀ, ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ ୮୨ତମ ଭଞ୍ଜ ଜୟନ୍ତୀର ସୋମବାର ଚତୁର୍ଥ ସନ୍ଧ୍ୟାରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ମିଶନ ରୋଡସ୍ଥିତ ଭଞ୍ଜ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମ ମୁଖ୍ୟଅତିଥି ଡ. ବାଉରୀବନ୍ଧୁ ସାହୁ ଉଦ୍‌ଘାଟନ କରି ଉପେନ୍ଦ୍ର ଭଞ୍ଜ କାବ୍ୟ ସାହିତ୍ୟ ମାଧ୍ୟମରେ ଓଡ଼ିଆ ଜାତିକୁ ଦିଗଦର୍ଶନ ଦେଇଛନ୍ତି ବୋଲି କହିଥିଲେ। ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାହିତ୍ୟ ସଭାରେ ସମ୍ମାନିତ ଅତିଥି ଆଡ୍‌ଭୋକେଟ ପ୍ରସନ୍ନ କୁମାର ନନ୍ଦ ଭଞ୍ଜଙ୍କ ଲିଖିତ କାବ୍ୟ ଶୃଙ୍ଗାର ରସ ମାଧ୍ୟମରେ ଏକ ପତିବ୍ରତା ଆଦର୍ଶ ଜରିଆରେ ସଂସ୍କାର ଆଣିବାକୁ ଚେଷ୍ଟା କରିଛନ୍ତି ବୋଲି କହିଥିଲେ। ଅନ୍ୟତମ ବକ୍ତା ଡ. ଅର୍ଚ୍ଚନା ନାୟକ ବକ୍ତବ୍ୟରେ ଭଞ୍ଜଙ୍କ ବୈଦେହୀଶ ବିଳାସରେ ରସ ସଂଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଦାଶ, କୈଳାସ ଚନ୍ଦ୍ର ପରିଡ଼ା ପ୍ରମୁଖ ଭଞ୍ଜ ସାହିତ୍ୟରେ ରସ ଉପରେ କବିଙ୍କ ପାଣ୍ଡିତ୍ୟକୁ ପ୍ରତିପାଦନ କରିଥିଲେ। କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦ ସ୍ୱାଗତ ଭାଷଣ, କାର୍ଯ୍ୟ ନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ ଅନୁଷ୍ଠାନର ସାହିତ୍ୟ ସାଧନା ଓ ଗବେଷଣା ଉପରେ ସୂଚନା ଦେଇଥିଲେ। ସମ୍ପାଦକ ଡ. ଅଂଶୁମାନ କର ଅତିଥି ପରିଚୟ ଓ ଡ. ଅନୁପ ମାର୍ଥା ଧନ୍ୟବାଦ ଦେଇଥିଲେ। ଉପସଭାପତି ରାଜଲକ୍ଷ୍ମୀ ମହାନ୍ତି, ସଂପାଦକ ସିଦ୍ଧାର୍ଥ ମହାନ୍ତି, ଶକ୍ତି ଶଙ୍କର ମହାନ୍ତି, ପତିତପାବନ ମହାପାତ୍ର, ସତ୍ୟ ଗୋପାଳ ପରିଜା, ସୁବାଷ ପ୍ରଧାନ ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସମବେତ ଭଞ୍ଜ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ରଜ ମଉଜ ପାଇଁ ପ୍ରସ୍ତୁତି ବୈଠକ

କଟକ ସଦର,୧୯।୫
(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅଧୀନ ରଟିଲୋ ରଜ ମଉଜ କମିଟିର ପ୍ରସ୍ତୁତି ବୈଠକ ଶନିବାର ରଙ୍ଗଣୀ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅଭିଷେକ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଚଳିତବର୍ଷ କିପରି ରଜ ମଉଜ ଉତ୍ସବ ଧୁମ୍‌ଧାମରେ ପାଳନ କରାଯିବ, ସେ ବିଷୟରେ ଆଲୋଚନା ହେବା ସହ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ରଜ ୩ ଦିନ ବ୍ୟାପୀ ସ୍ଥାନୀୟ ଅଞ୍ଚଳର ଝିଅ ବୋହୂଙ୍କୁ ନେଇ 'ରଜର ରାଣୀ' ପ୍ରତିଯୋଗିତା ସହିତ ଝୋଟି, ମୁରୁଜ, ମେହେନ୍ଦି, ମ୍ୟୁଜିକ୍ ଚେୟାର ଏବଂ ପୋଡ଼ପିଠା ପ୍ରସ୍ତୁତି ଆଦି ପ୍ରତିଯୋଗିତା ମଧ୍ୟ କରାଯିବ। ସଭାରେ ସମ୍ପାଦକ କାହ୍ନୁଚରଣ ବେହେରା, ସହସମ୍ପାଦକ ଅଶୋକ ସାହୁ, ଉପଦେଷ୍ଟା ଲୋକନାଥ ବେହେରା, ଉପସଭାପତି ପ୍ରକାଶ ସାହୁ, କୋଷାଧକ୍ଷ ରାଜେଶ ସାହୁ, ମୁଖ୍ୟ ପରାମର୍ଶଦାତା କରୁଣାକର ମାଣିକ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ବେହେରା ଧନ୍ୟବାଦ ଦେଇଥିଲେ।

# ମାଟ୍ରିକ୍ ପରୀକ୍ଷାରେ ସଫଳ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ ସଦର,୧୯।୫(ସୁଶାନ୍ତ କୁମାର ଜେନା)

ଚଳିତ ମାଟ୍ରିକ୍ ପରୀକ୍ଷାରେ ୮୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ସଫଳ ୮୭ ବିଦ୍ୟାର୍ଥୀମାନଙ୍କୁ ଉତ୍କଳ ବିକାଶ ପରିଷଦର ଆବାହକ୍‌ରେ ମେଧା ସମ୍ବର୍ଦ୍ଧନା ସୋମବାର ୪୨ ମୌଜା ଅନ୍ତର୍ଗତ ଗୋବିନ୍ଦପୁରଠାରେ ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରି ସମ୍ମାନିତ କରିଥିଲେ। କଟକ ସଦର ଓ ନିଶ୍ଚିନ୍ତ କୋଇଲି ଶିକ୍ଷା ମଣ୍ଡଳର ୩୦ଟି ଉଚ୍ଚ ବିଦ୍ୟାଳୟର ୮୭ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟର ଶୈକ୍ଷିକ ସମସ୍ୟାର ସମାଧାନ ପାଇଁ ନିଆଯାଉଥିବା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ଅତିରିକ୍ତ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟଙ୍କା ବେହେରା, ସାମାଜିକ କର୍ମୀ ସୁଶାନ୍ତ କୁମାର ରାଉଳ, ପ୍ରଭାତ ଦେବତା, ସମୀର ପଣ୍ଡା, ସତ୍ୟଦୀପ ସାହୁ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ସୁରେଶ ଚନ୍ଦ୍ର ଜେନା, ପ୍ରବେଶ କୁମାର ରାଉତ, ନିରଞ୍ଜନ ରାଉଳ, ସୁଧାଂଶୁ ନାରାୟଣ ଦାସ, ସୌମ୍ୟରଞ୍ଜନ ଦାଶ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସିଆରସିସି ଲକ୍ଷ୍ମୀପ୍ରିୟା ରାଉତ ସଂଯୋଜନା କରୁଥିବା ବେଳେ ଶିକ୍ଷକ ଆର୍ତ୍ତଭଞ୍ଜନ ସାହୁ ଓ ଯୁବ ନେତା ଅମିତାଭ ବିଶ୍ୱାଳ, ରିତେଶ ପଣ୍ଡା ପରିଚାଳନା କରିଥିଲେ।




ଓସିଏ ସମ୍ମିଳନୀ କକ୍ଷରେ ସୋମବାର ସିବିଏସ୍‌ଇ ସହୋଦୟ ସ୍କୁଲ କମ୍ପ୍ଲେକ୍ସ ପକ୍ଷରୁ ଚଳିତ ବର୍ଷର ୧୦ମ ଓ ଯୁକ୍ତ ୨ ପରୀକ୍ଷାରେ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରିବା ଅବସରରେ ଉପସ୍ଥିତ ଅତିଥି।

# ସିବିଏସ୍‌ଇ ସହୋଦୟ ସ୍କୁଲ କମ୍ପ୍ଲେକ୍ସ ପକ୍ଷରୁ ଟପ୍ପରଙ୍କୁ ସମ୍ବର୍ଦ୍ଧନା

କଟକ,୧୯।୫(କାର୍ତ୍ତିକ ସାହୁ)

ସିବିଏସ୍‌ଇ ସହୋଦୟ ସ୍କୁଲ କମ୍ପ୍ଲେକ୍ସ ପକ୍ଷରୁ ଚଳିତବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀର ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବାରବାଟୀ ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଦ୍ୱାରା ଓସିଏ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ସହୋଦୟ ପରିବାର ଅଧକ୍ଷ ଡ. ପ୍ରିୟଦର୍ଶୀ ନାୟକ ନିଷ୍ଠା ଓ ଏକାଗ୍ରତା ଦ୍ୱାରା ସଫଳତାର ଶୀର୍ଷରେ ପହଞ୍ଚି ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସଭାପତି ଡ. ପ୍ରଦୀପ ତ୍ରିପାଠୀ, ଉପସଭାପତି ଦେବସ୍ମିତା ସାହୁ, ଯୁଗ୍ମ ସମ୍ପାଦକ ଯାଜ୍ଞେଶ୍ୱର ବୋରା, କୋଷାଧକ୍ଷ କଳ୍ପତରୁ ସାହୁ ଓ ସଭ୍ୟା ଡ. ଜୟନ୍ତୀ ମିଶ୍ର ଯୋଗଦେଇ କୃତୀ ବିଦ୍ୟାର୍ଥୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ପାଦକ ଅଭିରାମ ସାହୁ ଅଧକ୍ଷତା କରିଥିଲେ।

# 'ଯୁଦ୍ଧ ବିନା ଶାନ୍ତିର ପୃଥିବୀ ଲୋଡ଼ା'

କଟକ,୧୯।୫(କାର୍ତ୍ତିକ ସାହୁ)

## ବସୁଧୈବ କୁଟୁମ୍ବକମ ମିଶନର ୧୦୮ତମ ଅଧିବେଶନ

ବସୁଧୈବ କୁଟୁମ୍ବକମ ମିଶନର ୧୦୮ତମ ଅଧିବେଶନ ଲିଙ୍କ ରୋଡ୍‌ସ୍ଥିତ ଲିଙ୍କ ଆଇ ହସ୍ପିଟାଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଭାଗିରଥି ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡାକ୍ତର ଅନଙ୍ଗ ମୋହନ ଦ୍ୱିବେଦୀ ଯୋଗଦେଇ ଯୁଦ୍ଧ ବିନା ଶାନ୍ତିର ପୃଥିବୀ ଲୋଡ଼ା ବୋଲି ମତପ୍ରକାଶ କରିଥିଲେ। ସହ ସମ୍ପାଦିକା ନୟନା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଡା. ଅର୍ଜୁନ କୁମାର ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଯୁଦ୍ଧ ବିନା ସମଗ୍ର ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବା ଅସମ୍ଭବ କି ଶୀର୍ଷକରେ ପ୍ରଫେସର ଡା. ଉତ୍ତମ କୁମାର ସାହୁ, ଡା. ଅକ୍ଷୟ କୁମାର ମିଶ୍ର, ଆଲୋକ କୁମାର ସାହୁ, ଡା. ସୁଲିପ୍ତ ମହାନ୍ତି, ଡା. ବସନ୍ତ ମଞ୍ଜରୀ ନନ୍ଦ, ଅଶୋକ କୁମାର ବିଶ୍ୱାଳ, ବିଜ୍ଞାନ ମହାନ୍ତି, ଗୀତାଶ୍ରୀ ଦାଶ ପ୍ରମୁଖ ଆଲୋଚନାରେ ନିଜ ମତ ଉପସ୍ଥାପନ କରିଥିଲେ। ନୀହାର ରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ।




ବସୁଧୈବ କୁଟୁମ୍ବକମ ମିଶନର ୧୦୮ତମ ଅଧିବେଶନରେ ଉପସ୍ଥିତ ଅତିଥି।

# ମନମୋହିଲା ଭାରତନାଟ୍ୟମ୍ ନୃତ୍ୟ

## ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ଚତୁର୍ଥ ସନ୍ଧ୍ୟା

କଟକ,୧୯।୫(ଶିଳ୍ପା ପ୍ରିୟଦର୍ଶିନୀ)




୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ସୋମବାର ୪ର୍ଥ ସନ୍ଧ୍ୟାରେ ପରିବେଷିତ ଭାରତନାଟ୍ୟମ।

କଟକ ନୃତ୍ୟ ଉତ୍ସବ କମିଟି, ଜିଲା ପ୍ରଶାସନ, ସିଏମ୍‌ସି ଓ ସିଡିଏର ମିଳିତ ଆନୁକୂଲ୍ୟରେ ବାଲିଯାତ୍ରା ଉପର ପଡିଆରେ ଚାଲିଥିବା ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। କମିଟି ଉପସଭାପତି ଶୁଚିସ୍ମିତା ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ଶରତ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ, ୧୭ର ନଂ.ର ୱାର୍ଡ କର୍ପୋରେଟର ତଥା ଲାଇସେନ୍ସ କମିଟି ଅଧକ୍ଷ ଏ. ଶ୍ରୀଦେବୀ, ସେଣ୍ଟ୍ରାଲ ରେଡ୍‌କ୍ରସ ସଚେତନତା କମିଟି ଅଧକ୍ଷ ଡ. ରଞ୍ଜନ କୁମାର ବିଶ୍ୱାଳ, ସାମ୍ବାଦ କଟକ ସଂସ୍କରଣ ମୁଖ୍ୟ କୃଷ୍ଣପ୍ରସାଦ ଦାସ, ଏସିପି ଜୋନ ୫ କୃଷ୍ଣଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଏହି ଅବସରରେ ଭେଷଜ ବିଶେଷଜ୍ଞ ଡା. ବିରଞ୍ଚି ନାରାୟଣ ମହାପାତ୍ରଙ୍କୁ ଜାତୀୟ ସେବା ରତ୍ନ ସମ୍ମାନ, ଆଇନଜୀବୀ ଶୈଳେନ କୁମାର ଧଳଙ୍କୁ ଓଡ଼ିଶା ଆଇନ ରତ୍ନ ସମ୍ମାନ, ଡା. ସମ୍ବିତ ସାମଲ, ଡା. ତନୁଶ୍ରୀ ମିଶ୍ର, ଯୁବ ସାମାଜିକ କର୍ମୀ ବିଶାଲ ଶର୍ମାଙ୍କୁ ଓଡ଼ିଶା ସେବା ରତ୍ନ ସମ୍ମାନ, ବିଶିଷ୍ଟ ଶିଳ୍ପଦ୍ୟୋଗୀ ପ୍ରଶାନ୍ତ ମହାପାତ୍ରଙ୍କୁ ଓଡିଶା ଶିଳ୍ପ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କମିଟି ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନେକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ନୃତ୍ୟ ଜ୍ୟୋତି ଅନୁଷ୍ଠାନ, ପଶ୍ଚିମବଙ୍ଗ ଗୁରୁ ଅସୀମା ଦାସ ଓ ଗ୍ରୁପର କଳାକାରମାନଙ୍କ ଦ୍ୱାରା ଭରତନାଟ୍ୟମ ନୃତ୍ୟ, ବୁଲବୁଲ ଡ୍ୟାନ୍ସ ଷ୍ଟୁଡ଼ିଓ, ମମତା ଡ୍ୟାନ୍ସ ଗ୍ରୁପ, ରୂପାୟନ ପାଞ୍ଚ ପୁଷ୍ପ କଳା ସାଂସଦର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପଦ୍ମ ଲୋଚନ ମିଶ୍ର, ଉଲ୍ଲାସ ସେନ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମି ରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସୁବାଶିଷ ଦାସ, ସୁନୀଲ ଦାସ, ଶକ୍ତି ପ୍ରସାଦ ସାମଲ, ତନ୍ମୟ ରାୟ, ସତ୍ୟ ପ୍ରସାଦ ବଳସାମନ୍ତ, ସନ୍ଦୀପ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସହସମ୍ପାଦକ ସ୍ନେହାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଗିରଫ

ବାଲୁଗାଁ,୧୯।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ପୋଲିସ ସୋମବାର ଏକ ମାଙ୍କଡ଼ା ପଥର ବୋଝଇ ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ ନାରୁଣି ଥାନା ଅଧୀନ ସିଙ୍ଗିପୁର ଗ୍ରାମର ବିକାଶ ମହାରଥୀ। ଏନେଇ ଥାନାରେ ଏକ ମାମଲା (ନଂ.୧୩୯/୨୫)ରୁଜୁ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ସକାଳ ୮ଟା ୩୦ରେ ଟାଙ୍ଗୀ ଥାନା ଚଣ୍ଡେଶ୍ୱର ଅଞ୍ଚଳରୁ ବାଲୁଗାଁ ଅଭିମୁଖେ ଏକ ମିନିଟ୍ରକ୍(ଓଆର ୦୨ବିପି ୭୮୬୮)ରେ ମାଙ୍କଡ଼ା ପଥର ଚୋରାଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ୧୬ ନମ୍ବର ଜାତୀୟ ରାଜପଥର ସୋଲରି ଛକଠାରେ ବାଲୁଗାଁ ପୋଲିସର ପେଟ୍ରୋଲିଂ ଟିମ୍ ଉକ୍ତ ଟ୍ରକକୁ ଅଟକାଇ କାଗଜାତ ଯାଞ୍ଚ କରିଥିଲେ। ତେବେ ଆବଶ୍ୟକ କାଗଜପତ୍ର ନ ଥିବାରୁ ପୋଲିସ ଉକ୍ତ ପଥରବୋଝେଇ ଟ୍ରକ୍ ଜବତ କରିବା ସହ ଚାଳକ ମହାରଥୀଙ୍କୁ ଗିରଫ କରିଥିଲା।

### ଦେଶୀମଦ ଜବତ, ୨ କୋର୍ଟଚାଲାଣ

ବେଗୁନିଆ,୧୯।୫(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ବେଗୁନିଆ ଅବକାରୀ ଥାନା କର୍ମଚାରୀଙ୍କ ସହାୟତାରେ ଦୁଇଟି ସ୍ଥାନରେ ଚଢ଼ାଉ କରି ୬୩ ଲିଟର ଦେଶୀମଦ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ବିଜୟ କୁମାର ସାହୁ ଏବଂ ଧନେଶ୍ୱର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଜିଲା ଭ୍ରାମ୍ୟମାଣ ଅଧିକାରୀ ଥାର୍ପା ମାରାଣ୍ଡି କହିଛନ୍ତି ।

### ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ପରଲୋକ

ଟାଙ୍ଗୀ,୧୯।୫(ରଘୁନାଥ ସାହୁ)



ଟାଙ୍ଗୀ ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଅବସରପ୍ରାପ୍ତ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ସୋମବାର ଟାଙ୍ଗୀ ବ୍ରାହ୍ମଣ ସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ଖବରଦାତା ରଘୁନାଥ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ଗଙ୍ଗାଧର ସୁନ୍ଦରାୟ, ଗୋବିନ୍ଦ ଚନ୍ଦ୍ର ସାହୁ, ଭଗବାନ ଚମ୍ପତି, ହରିହର ରଣା, ଆଇନଜୀବୀ ସଂଘ ସମ୍ପାଦକ ପିତବାସ ନାୟକ, ଆଇନଜୀବୀ ଅଶ୍ୱିନୀ କୁମାର ଦାସ, ନକୁଳ ନାୟକ, ରମେଶ ବେହେରା, ମନୋଜ କୁମାର ପଟ୍ଟନାୟକ, ହମୀଦ ମୀରା ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକବ୍ୟକ୍ତ କରିଥିଲେ। ଗ୍ରାମ ଶ୍ମଶାନରେ ପୂର୍ଣ୍ଣଚନ୍ଦ୍ରଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ତପନ ମୁଖାଗ୍ନି ଦେଇଥିଲେ।

# କାମ କରୁନି ପଲିଥିନ କଟକଣା ନିୟମ

- ଡ୍ରେନ୍, ରାସ୍ତାକଡ଼ରେ ଗଦା ହେଉଛି ପଲିଥିନ
- କଟକଣା ସତ୍ତ୍ୱେ ମାନୁନାହାନ୍ତି ଲୋକେ

ଖୋର୍ଦ୍ଧା,୧୯।୫(ପ୍ରଭାତ ପାଣିଗ୍ରାହୀ)

ପଲିଥିନ ପରିବେଶ ପାଇଁ ଚିନ୍ତାର କାରଣ ସାଜିଛି। ଭବିଷ୍ୟତରେ ଏହା ମାନବ ସମାଜ ପାଇଁ ଘାତକ ସାଜିବାକୁ ଯାଉଥିବା ଜାଣି ମଧ୍ୟ କେହି ସଚେତନ ହେବାକୁ ରାଜି ନୁହନ୍ତି। ଯେପରି ପ୍ଲାଷ୍ଟିକ ଏବଂ ପଲିଥିନ ଲୋକଙ୍କ ଜୀବନରେ ଏକ ଅଂଶବିଶେଷ ପାଲଟିଗଲାଣି। ଏହା ଉପରେ ସରକାର କଟକଣା ଜାରି କରିଛନ୍ତି। ତଥାପି ଏହାର ବ୍ୟବହାର ଉପରେ ରୋକ ଲାଗିପାରୁନି। ଖୋର୍ଦ୍ଧା ସହରରେ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର କଟକଣା ପ୍ରହସନ ପାଲଟିଛି।

ଦୈନନ୍ଦିନ ଜୀବନରେ ପଲିଥିନ ବ୍ୟବହାର ଅଭ୍ୟାଗଗତ ପାଲଟିଗଲାଣି। ରାଶନ ସାମଗ୍ରୀ, ଫଳ, ପନିପରିବା ଏପରିକି ଔଷଧ ଏବଂ ଖାଇବା ପଦାର୍ଥ ଲାଗି ପଲିଥିନ ବ୍ୟବହାର କରାଯାଉଛି। ପରିସ୍ଥିତି ଏପରି ହେଲାଣି ସବୁ କାମରେ ପ୍ଲାଷ୍ଟିକ, ପଲିଥିନ ଲୋଡୁଛନ୍ତି ଲୋକେ। ବ୍ୟବହାର ପରେ ଏଣେତେଣେ କିମ୍ବା ରାସ୍ତାକଡ଼ରେ ଫୋପାଡ଼ି ଦେଉଛନ୍ତି। ନାଳ ନର୍ଦ୍ଦମାରେ ପ୍ଲାଷ୍ଟିକ, ପଲିଥିନ ପଡ଼ି ନାଳପାଣି ନିଷ୍କାସନ ହେବାରେ ଅସୁବିଧା ହେଉଛି। ଖୋର୍ଦ୍ଧା ସହରର ଏକାଧିକ ଡ୍ରେନରେ ପ୍ଲାଷ୍ଟିକ, ପଲିଥିନ ପଡ଼ି ଭର୍ତ୍ତି



ରାସ୍ତାକଡ଼ରେ ଗଦା ହୋଇଥିବା ପଲିଥିନ ଏବଂ ଆବର୍ଜନା।

ହୋଇଥିବା ବେଳେ ରାସ୍ତାକଡ଼ରେ ପଡ଼ି ରହୁଛି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହି, ସାମନ୍ତରାପୁର ଛକ, ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭବନ ପଛପଟ ଆଦି ସାହିର ନାଳରେ ବର୍ଷ ବର୍ଷ ଧରି ପ୍ଲାଷ୍ଟିକ, ପଲିଥିନ ଜମି ରହିଛି। ଫଳରେ ବର୍ଷା ହେଲେ ପାଣି ନିଷ୍କାସନ ହେବାରେ ଅସୁବିଧା ହେଉଛି। ଅନ୍ୟପଟେ ଗୋରୁ, କୁକୁର ଖାଦ୍ୟ ଲାଳସାରେ ଏହାକୁ ଏଣେତେଣେ ପକାଉଛନ୍ତି। ପରିବେଶ ପ୍ରଦୂଷଣ ହେବା ସହ ଜୈବ ବିବିଧତାକୁ ନଷ୍ଟ କରୁଛି। ସରକାରୀ କଟକଣା ସତ୍ତ୍ୱେ ଲୋକେ ଏହାକୁ ଜାବୁଡ଼ି ଧରିଥିବାରୁ ଆଗକୁ ବଡ଼ ବିପଦକୁ ଟାଣିଆଣିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଦିନକୁ ଦିନ ସହରାଞ୍ଚଳରେ ପ୍ରଦୂଷଣ ବଢ଼ି ଚାଲିଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ।

ଏନେଇ ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗା କୁହନ୍ତି, ପ୍ଲାଷ୍ଟିକ ଓ ପଲିଥିନ ପ୍ରଦୂଷଣ ବଢ଼ିଚାଲିଥିଲେ ମଧ ଏଥିପ୍ରତି କାହାରି ନିଘା ନାହିଁ। ସେହିପରି ବୁଦ୍ଧିଜୀବୀ ଡ.ଧୀରେନ୍ଦ୍ର ନନ୍ଦ କୁହନ୍ତି, ଭବିଷ୍ୟତରେ ଏହା ମାନବ ସମାଜ ପାଇଁ ଘାତକ ସାଜିବାକୁ ଯାଉଥିବା ଜାଣି ମଧ କେହି ସଚେତନ ହେବାକୁ ରାଜି ନୁହନ୍ତି। ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ କୁହନ୍ତି, ପ୍ଲାଷ୍ଟିକ ଏବଂ ପଲିଥିନ ଲୋକଙ୍କ ଜୀବନରେ ଏକ ଅଂଶବିଶେଷ ପାଲଟିଗଲାଣି। ପଲିଥିନ ବ୍ୟବହାର କଟକଣା ସତ୍ତ୍ୱେ କେହି ମାନିବାକୁ ନାରାଜ। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ କୁହନ୍ତି, ସମସ୍ତ ଡ୍ରେନ୍ ସଫେଇ ଚାଲିଛି। ବର୍ଷାଦିନ ପୂର୍ବରୁ ନାଳରେ ଜମି ରହିଥିବା ପ୍ଲାଷ୍ଟିକ, ପଲିଥିନ ବାହାର କରାଯିବ। ଜନସାଧାରଣ ସଚେତନ ହେଲେ ଏହାକୁ ରୋକାଯାଇପାରିବ।

# ଯଖଲା ମହାବୀର ମନ୍ଦିର ରାସ୍ତା ଶୋଚନୀୟ



ବୋଲଗଡ଼,୧୯।୫(ଦେବବ୍ରତ ହୋତା)

ଖଙ୍ଗୁରିଆ ପଞ୍ଚାୟତ ଅଧୀନ ଗବଡ଼ିହ ଗ୍ରାମ ନିକଟରେ ରହିଛି ଯଖଲା ମହାବୀର ପୀଠ। ମଣ୍ଡନଗିରି ପର୍ବତମାଳାର ଏକ ଢୁଙ୍ଗୁରି ପାହାଡ଼ର ଉପରଭାଗରେ ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ଥିବା ପ୍ରଭୁ ମହାବୀରଙ୍କ ମନ୍ଦିରକୁ ଦୈନିକ ଅନେକ ଲୋକ ଆସିଥାନ୍ତି। କାର୍ତ୍ତିକ ମାସ ସାରା ଏଠାରେ ଗହଳି ଲାଗି ରହିଥିବା ବେଳେ ପଣା ସଂକ୍ରାନ୍ତି, ରାମନବମୀ, ମହାବୀର ଜୟନ୍ତୀରେ ହୋମଯଜ୍ଞ ଓ ଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ଏହି ପୀଠକୁ ଯିବା ପାଇଁ ଖଙ୍ଗୁରିଆ-ଯୋଡ଼ପଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶାସନ ଛକରୁ ଯାଇଥିବା ରାସ୍ତାଟି ମରଣଯନ୍ତା ପାଲଟିଛି। ପାହାଡ଼ ପାଦଦେଶରେ ଥିବା ଏକ ବନ୍ଧହୁଡ଼ା ଦେଇ ପୀଠକୁ ସଂଯୋଗ କରୁଥିବା କଚ୍ଚା ରାସ୍ତାଟି ମହାବୀର କମିଟି ତତ୍ତ୍ୱାବଧାନରେ ସ୍ଥାନୀୟ ଲୋକଙ୍କ ସହଯୋଗ ଏବଂ ଶ୍ରମଦାନରେ ନିର୍ମିତ ହୋଇଥିବା ବେଳେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ବର୍ଷା ସମୟରେ ପାହାଡ଼ ଉପରଭାଗରୁ ପାଣି ବୋହି ସ୍ଥାନେସ୍ଥାନେ ଖାଲଖମା ହୋଇଯାଇଛି। ଫଳରେ ଶ୍ରଦ୍ଧାଳୁଙ୍କ ଯାତାୟାତରେ ବାଧକ ସୃଷ୍ଟି କରୁଛି। ସରକାର ମଠ, ମନ୍ଦିର ଓ ଅନ୍ୟାନ୍ୟ ଧାର୍ମିକସ୍ଥଳର ଉନ୍ନତି ପାଇଁ ଅର୍ଥ ଅନୁଦାନ ପ୍ରଦାନ କରୁଥିବା ବେଳେ ଏହି ପୀଠଟିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟ କରାଗଲେ ଏହା ପୀଠ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଖଙ୍ଗୁରିଆ ପଞ୍ଚାୟତ ଅଞ୍ଚଳର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରନ୍ତା। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ମହାବୀର ପୀଠ ବାବା ଦୀନବନ୍ଧୁ ଦାସ ମହାରାଜଙ୍କ ସମେତ ଅମୂଲ୍ୟ ତ୍ରିପାଠୀ, ପ୍ରଦୀପ ସାହୁ, ନବକିଶୋର ପଣ୍ଡା, ଦିପନ ବିଶ୍ୱାଳ ପ୍ରମୁଖ ନିବେଦନ କରିଛନ୍ତି।

# ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଆଇନମନ୍ତ୍ରୀ



ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

ବାଣପୁର, ୧୯।୫(ଦିଲୀପ କୁମାର ସ୍ୱାଇଁ)

ଓଡ଼ିଶା ସରକାରଙ୍କ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ସୋମବାର ଚିଲିକା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପଞ୍ଚାୟତର ପଙ୍କାଳ ଗ୍ରାମ ନିକଟରେ ୩୫.୩୧ ଲକ୍ଷ ଟଙ୍କା ବ୍ୟୟରେ ଅଶୋକ ନାଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଓ କୁମାଣ୍ଡୋଳ ପାଟଣା ପଞ୍ଚାୟତ ଅନ୍ତର୍ଗତ ସରଳସିଂହସ୍ଥିତ ୨୧.୨୯ ଲକ୍ଷ ଟଙ୍କା ବ୍ୟୟରେ ଜୟମଙ୍ଗଳ ପ୍ରକଳ୍ପ ଉନ୍ନତିକରଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉକ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି କହିଥିଲେ, ଏହି ପ୍ରକଳ୍ପ ଦ୍ୱାରା ଚାଷୀମାନେ ଜମିରେ ଜଳସେଚନ ସୁବିଧା ପାଇପାରିବେ। ଚିଲିକା ନିର୍ବାଚନମଣ୍ଡଳୀର ସାମଗ୍ରୀକ ଓ ଅର୍ଥନୈତିକ ବିକାଶ ପାଇଁ ଆଗାମୀ ଦିନରେ ଆହୁରି ବହୁ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବା ସହ ବିକଶିତ ଚିଲିକା ଗଠନ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନା ବେହେରା, ଗମ୍ଭାରୀମୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ ପଟ୍ଟନାୟକ, ସମିତିସଭ୍ୟା ଅନିତା ପ୍ରଧାନ, ଚିଲିକା ବ୍ଲକ ସାଂସଦଙ୍କ ପ୍ରତିନିଧି ଦୀନବନ୍ଧୁ ସାହୁ, ପୂର୍ବତନ ଜିଲାପରିଷଦ ସଭ୍ୟ ଦୁଷ୍ମନ୍ତ ହରିଚନ୍ଦନ, ମାଧବ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

### ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଦାବି

ବୋଲଗଡ଼,୧୯।୫(ଦେବବ୍ରତ ହୋତା)

ବୋଲଗଡ଼ ତହସିଲ ଅଧୀନ ଗୋବର୍ଦ୍ଧନପୁର ଗ୍ରାମରେ ଗତ ୧୩ତାରିଖରେ ଅଗ୍ନିକାଣ୍ଡ ଘଟି ମାନସ ମନ୍ତ୍ରୀଙ୍କ ଦୁଇ ବଖରା ସହ ଆସବାବପତ୍ର, ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ପୋଡି ଭସ୍ମୀଭୂତ ହୋଇଯାଇଛି। ବୋଲଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରଦିନ ମାନସ ମାଣିକାଗୋଡ଼ା ଆରଆଇଙ୍କୁ ଭେଟିବା ପରେ ସେ ପହଞ୍ଚି ତଦନ୍ତ କରିବା ସହ ଗୋଟିଏ ପଲିଥିନ ଦେଇଥିଲେ। ଏହା ପରେ ଆଉ କୌଣସି ସରକାରୀ ସହାୟତା ମିଳିନାହିଁ। ଏନେଇ ମାନସ ସ୍ଥାନୀୟ ସରପଞ୍ଚ ଏବଂ ତହସିଲଦାରଙ୍କୁ ଭେଟି ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ଅନ୍ୟପଟେ କଳାଙ୍ଗ ଗ୍ରାମ ସଭାପତି ପ୍ରଶାନ୍ତ ହୋତା ସୋମବାର ମାନସଙ୍କ ଘରେ ପହଞ୍ଚି କିଛି ସହାୟତା ପ୍ରଦାନ କରିଛନ୍ତି। ଏଥିସହ ସେ ବିଧାୟକଙ୍କ ସହ ଆଲୋଚନା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ ଅନୁରୋଧ କରିଛନ୍ତି। ମାନସଙ୍କ ପରିବାର ପ୍ରତିପୋଷଣ ପାଇଁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ତହସିଲଦାରଙ୍କୁ ନିବେଦନ କରିଛନ୍ତି।

### ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଖୋର୍ଦ୍ଧା,୧୯।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବରୁଣେଇ ଓଭରବ୍ରିଜ ଉପରେ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦପୁର ଥାନା ଅଞ୍ଚଳର ବିଶ୍ୱଜିତ୍ ପାଇକରାୟ(୪୬)। ସୂଚନା ମୁତାବକ, ଅପରାହ୍ନରେ ବିଶ୍ୱଜିତ ବାଇକ୍‌ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ବରୁଣେଇ ଓଭରବ୍ରିଜ ଉପରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇ ପଳାଇଥିଲା। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୨୭/୨୫) ରୁଜୁକରି ତଦନ୍ତ ଚଳାଇଛି।

### ଦମ୍ପତିଙ୍କଠାରୁ ସୁନା ଅଳଙ୍କାର ଲୁଟ୍ ଘଟଣା

# ୩ ଦିନ ପରେ ବି ଲୁଟେରାଙ୍କ ଟେର୍ ପାଉନି ପୋଲିସ

ବେଗୁନିଆ,୧୯।୫
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଞ୍ଚଳରେ ଏକ ବଡ଼ଧରଣର ଲୁଟ ହୋଇଛି। ଗତ ଶନିବାର ଦୁର୍ବୃତ୍ତମାନେ ରାସ୍ତା ଉପରେ ଦମ୍ପତିଙ୍କଠାରୁ ସୁନାଅଳଙ୍କାର ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୦/୨୫)ରୁଜୁ ହୋଇଛି। ତେବେ ଘଟଣାକୁ ୩ଦିନ ବିତିଥିଲେ ମଧ ପୋଲିସ ଲୁଟେରାଙ୍କ ସନ୍ଧାନ ପାଇପାରି ନାହିଁ। ପ୍ରକାଶ ଯେ, ବେଗୁନିଆ ଥାନା ଅନ୍ତର୍ଗତ




ତାଳତୁମ୍ବ ଗ୍ରାମର ଦୁର୍ଯ୍ୟୋଧନ ସେନାପତି ଏବଂ ତାଙ୍କ ସ୍ତ୍ରୀ ପପିନା ଓ ୫ବର୍ଷର ପୁଅକୁ ଧରି ବାଇକରେ ନିଜ ଘରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ସେ ଗଡମାଣତିର ଗ୍ରାମ ନିକଟରେ ପହଞ୍ଚିଥିଲେ। ଏକ ପଲ୍‌ସରରେ ୩ ଜଣ ଦୁର୍ବୃତ୍ତ ସେମାନଙ୍କ ପିଛାକରି ନିଛାଟିଆ ସ୍ଥାନ ଦେଖି ଦମ୍ପତିଙ୍କ ବାଇକକୁ ଠେଲି ଦେଇଥିଲେ। ତଳେ ପଡିଯିବାରୁ ଦୁର୍ବୃତ୍ତମାନେ ପପିନାଙ୍କଠାରୁ ଭ୍ୟାନିଟି ବ୍ୟାଗକୁ ଲୁଟିନେଇ ପଳାଇଥିଲେ। ବ୍ୟାଗ ଭିତରେ ସୁନାଅଳଙ୍କାର,ଏଟିଏମ୍ କାର୍ଡ ଏବଂ ଟଙ୍କା ଥିଲା। ଏହାପରେ ଲୁଟେରାମାନେ ଏଟିଏମ କାର୍ଡ ଭର୍ତ୍ତି କାଗଜ ଖୋଳ ଉପରେ ଲେଖାହୋଇ ରହିଥିବା ୪ଟିକିଆ ପିନ ନମ୍ବର ଜରିଆରେ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧୮ହଜାର ୫ଶହ ଟଙ୍କା ଉଠାଣ କରି ନେଇଯାଇଥିଲେ। ସୂଚନାଥାଉ କି, ବିଗତ ଦିନରେ ବେଗୁନିଆ ଥାନା ଅଞ୍ଚଳରେ ବଡଧରଣର ଚୋରି, ଲୁଟ, ଛିନ୍ତାଇ ଆଦି ଘଟଣା ଘଟିଛି। ହେଲେ କେତେକ ମାମଲାରେ ପୋଲିସ ସଫଳତା ହାସଲ କରିଥିବା ବେଳେ ବହୁ ମାମଲାରେ ଅଭିଯୁକ୍ତଙ୍କ ସନ୍ଧାନ ମିଳିନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବେଗୁନିଆ ଥାନାର ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ପର୍ଦ୍ଦାଫାଶ କରିବାରେ ଅଡୁଆ ହେବ ବୋଲି ତଥ୍ୟ ଦେବାକୁ ସଙ୍କୋଚ ମନୋଭାବ ରଖିଥାଉ।

# ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ ଉପସ୍ଥିତ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟମାନେ।

ବେଗୁନିଆ,୧୯।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ବଡ଼ତୁଳସୀପୁର ଗ୍ରାମସ୍ଥିତ ଉପରସାହିର ରାସବିହାରୀ ଦେବଙ୍କ ପୀଠରେ ରାମଲୀଳା କମିଟି ପକ୍ଷରୁ ଚାରିଦିନ ଧରି ଚାଲିଥିବା ପଞ୍ଚଦଶତମ ଓଡ଼ିଶୀ ସଙ୍କୀର୍ତ୍ତନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞାଚାର୍ଯ୍ୟ ପ୍ରଦୀପ କୁମାର ଦାଶଙ୍କ ତତ୍ତ୍ୱାବଧାନ ଏବଂ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ କୃପାକର ତ୍ରିପାଠୀ କର୍ତ୍ତାଭାବେ ଉପବେସନ କରିଥିଲେ। ପରେ ଶ୍ରଦ୍ଧାଳୁମାନେ ଯଜ୍ଞସ୍ଥଳରେ କଳସ ସ୍ଥାପନ ସହ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଗାୟକ ଉପେନ୍ଦ୍ର ନାଥ ଦାନ, ମନୋରମା ବେହେରା, ସୁବାସ ମହାପାତ୍ର, ଗଣେଶ ନିଶଙ୍କ, ପ୍ରହଲ୍ଲାଦ ସାହୁ, ପ୍ରଶାନ୍ତ କୁମାର ଜେନା, ଉପେନ୍ଦ୍ର ସାଇଁ ଓ ମାୟାଧର ହୋତା ସାଥିଙ୍କ ସହ ଉପସ୍ଥିତ ରହି ଓଡ଼ିଶୀ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ।

# ୱାଇଟ୍ ଟେମ୍ପୋଷ୍ଟ ଭୁବନେଶ୍ୱର ଚାମ୍ପିୟନ




ଟ୍ରଫି ସହ ଖେଳାଳିମାନେ।

ଜଟଣୀ, ୧୯।୫(ରବୀନ୍ଦ୍ରନାଥ ମହାକୁଡ଼)

**ସିପୁନି ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ସିପୁନି ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟରେ ଟେମ୍ପୋଷ୍ଟ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ୱାଇଟ ଟେମ୍ପୋଷ୍ଟ ଟିମ୍ ଏବଂ ନାଇଟ କ୍ଲବ କୁଦିଆରୀ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ୩ରନରେ ୱାଇଟ ଟେମ୍ପୋଷ୍ଟ ଟିମ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଟିମ୍‌କୁ ୧୮ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମକୁ ୧୪ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ବିଜେଡି ନେତା ମନ୍ମଥ ରାଉତରାୟ, ଜଟଣୀ ମ୍ୟୁନିସିପାଲିଟି ଅଧକ୍ଷ ଅନନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଚାପକ୍ରୀଡ଼ାରେ ମା'ଭଗବତୀ କାଠି ଠାକୁରାଣୀଙ୍କ ଭଉଁରି ଯାତ୍ରା

ବାଣପୁର,୧୯।୫(ଦିଲୀପ କୁମାର ସ୍ୱାଇଁ)

ରବାଣପୁରର ଆରାଧ୍ୟା ମା'ଭଗବତୀ କାଠି ଠାକୁରାଣୀଙ୍କ ଭଉଁରି ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ଏହି ଯାତ୍ରା ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀରେ ଶେଷ ହୁଏ। ଦୀର୍ଘ ଏକୋଇଶି ଦିନ ଧରି ଏହି ଯାତ୍ରା ଉତ୍କଳରେ ଚନ୍ଦନ ଯାତ୍ରା ଭାବରେ ପରିଚିତ। ମା'ଭଗବତୀଙ୍କ ମନ୍ଦିରରେ ପାଳିତ ଏହି ଯାତ୍ରା ଓଡ଼ିଶାର ଶକ୍ତିପୀଠମାନଙ୍କରେ ପାଳିତ ଯାତ୍ରାଠାରୁ ନିଆରା। ଗୋପାଳପୁର ଶାସନ ଗ୍ରାମବାସୀଙ୍କ ନିମନ୍ତ୍ରଣପତ୍ର ପାଇ ଏହି ପୀଠରେ କେବଳ ମା'ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ ଶେଷ ତିନିଦିନ ହେବାକୁ ଥିବା ଭଉଁରି ଯାତ୍ରାକୁ ସାଥିରେ ଚନ୍ଦ୍ରଶେଖରଦେବ, ଗୋପୀନାଥ ଦେବ, ରଙ୍ଗନାଥ ଦେବଙ୍କ ସହିତ ଥାଟପଟୁଆର ବାଜାରୋଶଣିରେ



ମାଜଣା ପୁଷ୍କରିଣୀକୁ ବିଜେ କଲା ବେଳେ ସ୍ଥାନାଧିପତି ଗୋପାଳପୁର ଶାସନର ଆରାଧ୍ୟ ବାଲୁଙ୍କେଶ୍ୱର ଦେବ, କପିଳେଶ୍ୱର ଦେବ ତାଙ୍କୁ ପାଛୋଟି ନେଇଥିଲେ। ପରେ ମାଜଣା ମଣ୍ଡପରେ ମା'ବିଜେ କଲା ପରେ କୋଟ ବିଦ୍ୟାଧରପୁର ଶାସନର ନୀଳକଣ୍ଠେଶ୍ୱର ଦେବ, ପାଟପୁର ଶାସନର ବିଜେ ଗୋପୀନାଥ ଦେବ, ମା' କନକଦୁର୍ଗା ଏହି ମଣ୍ଡପକୁ ପଦାର୍ପଣ କରିବା ପରେ ସମସ୍ତ ଦେବଦେବୀଙ୍କୁ ଶୋଡ଼ଷ ଉପଚାରରେ ଶୀତଳ ମଣୋହୀ ଅର୍ପଣ କରାଯାଇଥିଲା। ପରେ ଘଣ୍ଟାଘଣ୍ଟ କାହାଳି, ହରିବୋଲ ହୁଳହୁଳି ଧ୍ୱନୀରେ ଦେବଦେବୀଙ୍କୁ ଚାପରେ ବିଜେ କରାଯାଇଥିଲା। ପୁଷ୍କରିଣୀରେ ସୁସଜ୍ଜିତ ଚାପରେ ଉପବେଶନ କରି ମା' ସମସ୍ତ ଦେବଦେବୀଙ୍କ ସହିତ ସାତଥର ପରିକ୍ରମା କରିବା ପରେ ପୁଣି ମାଜଣା ମଣ୍ଡପକୁ ବିଜେ କରି ଚନ୍ଦନ କୁଣ୍ଡରେ ଅବସ୍ଥାନ କରିଥିଲେ। ସେଠାରେ ପୁଣି ଶୀତଳମଣୋହୀ ସହିତ ଆଳତି ହୋଇ ବିଳମ୍ବିତ ରାତିରେ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରକୁ ବାହୁଡ଼ିଥିଲେ। ମନ୍ଦିରରେ ରାତ୍ର ଧୂପ ହୋଇ ପହୁଡ଼ ପଡ଼ିଥିଲା। ମା'ଙ୍କୁ ଚାପ ଉପରେ ଦର୍ଶନ ସହ କୃପାଲାଭ କରିବା ପାଇଁ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଗୋପାଳପୁର ଶାସନ ଗ୍ରାମବାସୀ, ମନ୍ଦିର କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସ୍ଥାନୀୟ ଆରକ୍ଷୀ ବାହିନୀଙ୍କ ମିଳିତ ସହଯୋଗରେ ପ୍ରଥମ ଦିନର ଏହି ଯାତ୍ରା ଶୃଙ୍ଖଳିତ ଭାବେ ଶେଷ ହୋଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ କହିଛନ୍ତି।

## ଓମ୍ ଫେଶନ ଷ୍ଟୋର୍‌ରୁ ଚୋରି

ବଳଙ୍ଗା,୧୯।୫(କେଦାରେଶ୍ୱର ନନ୍ଦ)-ବଳଙ୍ଗା ବଜାରରେ ଥିବା ଓମ୍ ଫେଶନ ଷ୍ଟୋର୍‌ରୁ ରବିବାର ବିଳମ୍ବିତ ରାତିରେ ଲୁଗାପଟା, ଡ୍ରେସ ଓ ଟଙ୍କା ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଓମ୍ ଫେଶନ ଷ୍ଟୋର୍ ମାଲିକ ଓମ୍ ପ୍ରକାଶ ସାହୁ ସବୁଦିନ ଭଳି ରବିବାର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳ ୮ଟାରେ ଦୋକାନ ଖୋଲି ଭିତରକୁ ଯାଇ ଦେଖନ୍ତି ଦୋକାନରେ ଥିବା ଶାଢ଼ି ଓ ଡ୍ରେସ୍ ସବୁ ଏଣେତେଣେ ପଡ଼ିରହିଛି। ଭିତରକୁ ଯାଇ ଦେଖିଲାବେଳକୁ ଥାକରେ ଥିବା ଲୁଗାପଟା ଡ୍ରେସ ଗୁଡ଼ିଏ ନାହିଁ ଓ କ୍ୟାସ୍ ବାକ୍ସ ଭିତରେ ଥିବା ୩ ହଜାର ଟଙ୍କା ମଧ ନ ଥିବା ଦେଖିଥିଲେ। ଏହାକୁ ଦେଖି ଓମ୍ ବଳଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହିତ ତଦନ୍ତ ଜାରି ରଖିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୫।୨୦୨୫

| | |
|---|---|
| ୫,୫୮,୯୬୭ ଟଙ୍କା | |
| ସୁନା | ୨ ଗ୍ରାମ୍ |
| ରୁପା | ୨୨.୩୦୦ ଗ୍ରାମ୍ |

# ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ

ପୁରୀ,୧୯।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ସୋମବାର ଶ୍ରୀକ୍ଷେତ୍ରରେ ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରୁ ତିନିଜଣ ପୂଜାପଣ୍ଡା ସାମନ୍ତ ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରାଇବା ପରେ ରଥର ଦୁଇଟି ଲେଖାଏ ଚକ ସହ ଗୋଟିଏ ଲେଖାଏ ଅଖ ଡେରାଯାଇଥିଲା।

ଭୋରରୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ହୋଇ ଭିତରଶୋଧ ଓ ମଙ୍ଗଳ ଆଳତି ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ି ସକାଳ ଧୂପ ଶେଷହୋଇ ପାଣି ପଡ଼ିଥିଲା। ତିନିଜଣ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ତିନୋଟି ଆଜ୍ଞାମାଳ ଆଣି ଘଣ୍ଟ, ଛତା, କାହାଳୀ ପଟୁଆରରେ ରଥଖଳାକୁ ଆସିଥିଲେ। ପ୍ରଥମେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଶ୍ରୀନହରକୁ ଯାଇଥିଲେ। ପୂର୍ବରୁ ରଥଖଳାରୁ ୬ଟି ଚକକୁ ଭୋଇ ସେବକମାନେ ଆଣି ତିନିରଥର ଗୋଟିଏ ଲେଖାଏ ଅଖ ନିକଟରେ ରଖିଥିଲେ। ପାଣିଆ ଆପଟ ସେବକମାନେ ଚକ ଓ ଅଖଗୁଡ଼ିକୁ ଧୋଇବା ପରେ କମାର ସେବକମାନେ ଚକ ପଦାରୀଗୁଡ଼ିକରେ ଯୋଖିଆ କଣ୍ଟା ବାଡ଼େଇଥିଲେ। ରଥଖଳାରେ ଆଜ୍ଞାମାଳ ପହଞ୍ଚିବା ପରେ ଭୋଇ ସେବକମାନେ ଚକରେ ଅଖ ସଂଯୋଗ କରିଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ଚକ-ଅଖ ସଂଯୋଗ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ମା’ ସୁଭଦ୍ରାଙ୍କ ଦେବଦଳନ ରଥର ଚକ ଅଖ ସଂଯୋଗ କରାଯାଇଥିଲା। ଏହାପରେ ଭୋଇ ସେବକମାନେ ପ୍ରଥମ ହରିବୋଲ ପକାଇଥିଲେ। ରାଜନହର ନିକଟରେ ଆଜ୍ଞାମାଳ ଧରିଥିବା ପୂଜାପଣ୍ଡା ସାମନ୍ତ ଘଣ୍ଟ, ଛତା, କାହାଳୀ ସହ ଚକଡେରା ସ୍ଥାନକୁ ଆସିଥିଲେ। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥରେ ସଂଯୋଗ ହୋଇଥିବା ଚକ ଓ ଅଖରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପରେ ସେ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହି ନୀତି ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଏସ୍‌ପି ବିନିତ୍ ଅଗ୍ରୱାଲଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସେବାୟତମାନେ ଉପସ୍ଥିତ ଥିଲେ। ନୀତି ସମାପନ ପରେ ଅଧିକାରୀମାନେ ମୁଣ୍ଡିଆମାରି ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବା ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଭଉଁରି ଅବସରରେ ଚକଡେରା ନୀତି ସମ୍ପନ୍ନ ହୋଇଛି। ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ ଚାଲିଛି। ମହାପ୍ରଭୁଙ୍କ କୃପା ଓ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପାଦିତ ହେବ ବୋଲି ଆଶା ରହିଛି। ସେହିପରି ଏସ୍‌ପି କହିଛନ୍ତି, ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତବର୍ଷ ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପାଦିତ ହେବ ବୋଲି ଆଶା ରହିଛି।

## ରଥଖଳାରୁ...

### ୩ ରଥର ୨୬ ଚକ ନିର୍ମାଣ ଶେଷ



ପୁରୀ,୧୯।୫(ଅଜିତ କୁମାର ମହାନ୍ତି)

ଭଉଁରି ତିଥିରେ ଚକାଡେରା ନୀତି ପରେ ପରମ୍ପରା ଅନୁଯାୟୀ ରଥଖଳାରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥାଏ। ସେହି ଅନୁଯାୟୀ ସୋମବାର ମଧାହ୍ନ ବିରତି ପର୍ଯ୍ୟନ୍ତ ରଥ ନିର୍ମାଣକାରୀ ସେବକମାନେ ରଥ ନିମାଣ କାର୍ଯ୍ୟ କରିଥିଲେ। କାମ ଶେଷ ବେଳକୁ ତିନି ରଥର ମୋଟ ୨୬ଟି ଚକ ତିଆରି ସରିଛି। ରବିବାର ସୁଦ୍ଧା ତାଳଧଜ ରଥର ୬ଟି ଚକ ତିଆରି ସରିଥିଲା। ସୋମବାର ଆଉ ୩ଟି ଚକର ତୁମ୍ବ ସିଙ୍ଗଡ଼ାରେ ପଇ ସଂଯୋଗ ଏବଂ ପଇ କଳସା ହୋଇ ୩ ଟି ଚକ ତିଆରି ଶେଷ ପରେ ମୋଟ ୯ଟି ଚକ ତିଆରି ସରିଛି। ରବିବାର ସୁଦ୍ଧା ଦର୍ପଦଳନ ରଥର ୬ଟି ଚକ ତିଆରି ସରିଥିଲା। ସୋମବାର ଆଉ ଦୁଇଟି ଚକ ତିଆରି ଶେଷ ପରେ ମୋଟ ୮ଟି ଚକ ନିର୍ମାଣ ଶେଷ ହୋଇଛି। ସେହିପରି ନନ୍ଦିଘୋଷ ରଥର ୭ଟି ଚକ ନିର୍ମାଣ ଶେଷ ହୋଇଥିଲା। ସୋମବାର ଆଉ ଦୁଇଟି ଚକ ତିଆରି ପରେ ମୋଟ ୯ଟି ଚକ ନିର୍ମାଣ ସରିଛି। ତିନି ରଥର ମୋଟ ୨୬ଟି ଚକ ନିର୍ମାଣ ସରିଛି।

## ସଂକ୍ଷେପରେ

### ସର୍ବାଙ୍ଗ ଚନ୍ଦନ ବେଶରେ ମହାପ୍ରଭୁ ଅଲାରନାଥ

ବ୍ରହ୍ମଗିରି,୧୯।୫(ସ୍ୱାଧୀନ ଚମ୍ପତିରାୟ)

ପବିତ୍ର ଭଉଁରି ଉତ୍ସବ ଉପଲକ୍ଷେ ସୋମବାର ମହାପ୍ରଭୁ ଅଲାରନାଥ ସର୍ବାଙ୍ଗ ଚନ୍ଦନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଗ୍ରୀଷ୍ମର ପ୍ରକୋପରେ ଧରାପୃଷ୍ଠ ତ୍ରାହି ତ୍ରାହି ଡାକ ଦେଉଥିବା ବେଳେ ସେହି ରୌଦ୍ରତାପରୁ ମହାପ୍ରଭୁ ମଧ ବାଦ୍ ପଡ଼ିନାହାନ୍ତି। ଏନେଇ ପବିତ୍ର ଅକ୍ଷୟତୃତୀୟାଠାରୁ ପ୍ରତ୍ୟହ ମହାପ୍ରଭୁ ଗ୍ରୀଷ୍ମ ଅବକାଶରେ ଚନ୍ଦନଚକଡ଼ାରେ ଜଳକ୍ରୀଡ଼ା (ଚାପ) କରିଥାନ୍ତି। ଏହି ପର୍ବ ଭଉଁରି ଦିନ ସମାପ୍ତ ହୋଇଥାଏ। ସୋମବାର ମହାପ୍ରଭୁ ଅଲାରନାଥ ଭଉଁରି ଉତ୍ସବ ଉପଲକ୍ଷେ ସକାଳ ଧୂପ ପରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ବେଶ ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ଚନ୍ଦନଚକଡ଼ାକୁ ନିଆଯାଇ ଚନ୍ଦନ କୁଣ୍ଡରେ ରଖାଯାଇଥିଲା। ସନ୍ଧ୍ୟା ଧୂପ ପରେ ମହାପ୍ରଭୁ ଅଲାରନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ଦୋଳବିମାନରେ ଏକ ବିରାଟ ପଟୁଆରରେ ବଜାର ପରିକ୍ରମା କରାଇ ଚନ୍ଦନ ପୋଖରୀରେ ଜଳକ୍ରୀଡ଼ା (ଚାପ) କରିଥିଲେ।

### ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅସ୍ତରଙ୍ଗ ପରିଦର୍ଶନ

କାକଟପୁର/ଅସ୍ତରଙ୍ଗ,୧୯।୫
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପୀରଜାହାନିଆ ବେଳାଭୂମି ସହ ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ସୋମବାର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପରିଦର୍ଶନ କରିଥିଲେ। ଆସନ୍ତା ୨୧ରେ ଲବଣ ସତ୍ୟାଗ୍ରହ ପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବାକୁ ଥିବାରୁ କୁହୁଡ଼ିରେ ସେ ସ୍ଥିତି ଅନୁଧାନ କରିଥିଲେ। ପୀର ଜାହାନିଆରେ ପହଞ୍ଚି ପିଇବା ପାଣି, ପରିମଳ, ପାର୍କିଂ ସହ ବିଭିନ୍ନ ସୁବିଧା ତଥା ବ୍ୟବସାୟୀଙ୍କ ପାଇଁ ନୂତନ ଦୋକାନ ଗୃହ ନିର୍ମାଣ ସ୍ଥାନ ଦେଖିଥିଲେ । ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ଆବଶକୀୟ ସୁବିଧା ଉପରେ ପୀରଜାହାନିଆ ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ସେନା ଆମ ଗର୍ବ: ଉପମୁଖ୍ୟମନ୍ତ୍ରୀ



ସେନା ମନୋବଳ ବୃଦ୍ଧି ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଅନ୍ୟମାନେ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରୁଛନ୍ତି ।

ପୁରୀ,୧୯।୫(ଅଜିତ କୁମାର ମହାନ୍ତି)

ଆମେ ଏକ। ଆମ ଦେଶର ସୁରକ୍ଷାରେ ଆମେ ସମସ୍ତେ ଜଣେ ଜଣେ ସିପାହୀ। ଚୁଟ୍‌କି ସିନ୍ଦୂରର ମୂଲ୍ୟ କ’ଣ ହୋଇପାରେ ତାହା ପାକିସ୍ତାନକୁ ଜବାବ ଦିଆଯାଇଛି। ଦେଶମାତୃକାର ସେବାରେ ଏବଂ ‘ଅପରେଶନ ସିନ୍ଦୂର’ରେ ନିୟୋଜିତ ଥିବା ସେନାବାହିନୀକୁ ଦେଶର ୧୪୦ କୋଟି ଜନତା ଧନ୍ୟବାଦ ଦେଉଛୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ‘ଅପରେଶନ ସିନ୍ଦୂର’ର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ସୋମବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହା ଶ୍ରୀଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚଠାରୁ ବାହାରି ମରିଚିକୋଟ ଛକ ପର୍ଯ୍ୟନ୍ତ ଯାଇଥିଲା।

### ପୁରୀରେ ପରାକ୍ରମ ଶୋଭାଯାତ୍ରା

ଶୋଭାଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉଦ୍‌ଘାଟନ କରି କହିଥିଲେ, ଏହା ଏକ ଐତିହାସିକ ସଫଳତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ଶତ୍ରୁ ଦେଶକୁ ସେନା ପରାସ୍ତ କରିଛି। ତେଣୁ ଆମେ ଭାରତବାସୀ ଏଥିପାଇଁ ଗର୍ବ ଅନୁଭବ କରିବା। ଆମ ସେନାକୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ ପ୍ରକାଶ କରିଥିଲେ। ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବରିଷ୍ଠ ନେତା ଡା. ଦେବେନ୍ଦ୍ର ତରାଇ ପ୍ରମୁଖ ଯୋଗଦେଇ ଆମେ କେତେ ପରାକ୍ରମୀ ତାହାର ପ୍ରମାଣ ମିଳିଛି ବୋଲି କହିଥିଲେ। ପରେ ଅତିଥିମାନେ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରି ସେନା ମନୋବଳ ବୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଶୋଭାଯାତ୍ରାରେ ସାଧାରଣ ନାଗରିକଙ୍କ ସମେତ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ।

## ରଥନିର୍ମାଣକାରୀ ସେବକ ସମ୍ବର୍ଦ୍ଧିତ

ପୁରୀ,୧୯।୫(ଅଜିତ କୁମାର ମହାନ୍ତି)

ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ପୁରୀ ଜିଲା ଓ ସହର ଶାଖା ସହଯୋଗରେ ଭଉଁରି ଉପଲକ୍ଷେ ସୋମବାର ରଥଖଳାରେ ନିୟୋଜିତ ବିଶ୍ୱକର୍ମା ମହାରଣା, ଭୋଇ ସେବକ, କରତି ସେବକ, ଓଝା ସେବକ ଏବଂ ଅନ୍ୟ ରଥ ନିର୍ମାଣକାରୀ ସେବକମାନଙ୍କୁ ମାନପତ୍ର ସହ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ରଥଖଳା ସେବକମାନେ ବହୁ ପରିଶ୍ରମ କରି ରଥ ନିର୍ମାଣ କରୁଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା ଓ ସମ୍ପାଦକ ମନୋରଞ୍ଜନ ମହାରଣା ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମିତିର ପୁରୀ ଜିଲା ସଭାପତି ଦେବରାଜ ମହାରଣା, ପ୍ରଶାନ୍ତ କୁମାର ମହାରଣା, ରଶ୍ମି ମହାରଣା, ପୁରୀ ସହର ସଭାପତି ହୃଷିକେଶ ମହାରଣା, ଗଙ୍ଗାଧର ମହାରଣା, ଦୟାନିଧି ମହାରଣା, ରମେଶ କୁମାର ମହାରଣା, ସୁରେଶ ମହାରଣା ଏବଂ ବିଶ୍ୱନାଥ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ହୋମଗାର୍ଡଙ୍କ ବିୟୋଗ

କଣାସ,୧୯।୫(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ଥାନା ତ୍ରିଲୋଚନପୁର ଗ୍ରାମର କଣାସ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିବା ସରୋଜକାନ୍ତ ଆଚାର୍ଯ୍ୟ (୫୮) ଙ୍କର ସୋମବାର ପରଲୋକ ଘଟିଛି। ସରୋଜ ରବିବାର ଘରେ ଥିବା ସମୟରେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକ ଡେଲାଙ୍ଗ ଡାକ୍ତଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା ।

## ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା



ଚନ୍ଦନ ପୁଷ୍କରିଣୀରେ ଠାକୁରଙ୍କ ଭଉଁରି ଖେଳ।

ସାକ୍ଷୀଗୋପାଳ,୧୯।୫(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା ଉପଲକ୍ଷେ ସୋମବାର ମନ୍ଦିରଠାରୁ ଚନ୍ଦନ ପୁଷ୍କରିଣୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାବେଶରେ ଚଳଚଞ୍ଚଳ ହୋଇଥିଲା। ମଧାହ୍ନରେ ଆଳଟଲାଗି, ଚନ୍ଦନବେଢ଼ା, କାଛିଲାଗି, ଚନ୍ଦନଚର୍ଚ୍ଚିତ ବେଶ, ଦ୍ୱିପ୍ରହର ଧୂପ ସମାପନ କରାଯାଇ ବିଜେ ପ୍ରତିମା ମଦନମୋହନ ସୁସଜ୍ଜିତ ବିମାନରେ ଚନ୍ଦନମଣ୍ଡପକୁ ବିଜେ କରିଥିଲେ। ଦିନ ଚାପରେ ତିନିଘେରା ଓ ପୁଷ୍କରିଣୀର ପ୍ରତ୍ୟେକ କୋଣରେ ୭ ଘେରା ଲେଖାଏ ଭଉଁରି ଖେଳ ହୋଇଥିଲା। ପରେ ପରେ ମଦନମୋହନଙ୍କ ଚନ୍ଦନ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା।

ସନ୍ଧ୍ୟାରେ ପଣାଭୋଗ, ଗୋଧନ ବାହୁଡ଼ାଭୋଗ, ସନ୍ଧ୍ୟାଧୂପ ବେଶ, ଚନ୍ଦନ ମଣ୍ଡପରେ ମଦନମୋହନଙ୍କ ବେଶ, ଟାହିଆଲାଗି, ଯାତଭୋଗ, ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାଧୂପ, ବଡ଼ସିଂହାର ନୀତି ପରେ ରାତି ଚାପ ଆରମ୍ଭ ହୋଇଥିଲା। ରାତି ଚାପ ୭ ଘେରା ଓ ପ୍ରତ୍ୟେକ କୋଣରେ ୨୧ ଘେରା ଲେଖାଏ ଭଉଁରି ଖେଳ ଅନୁଷ୍ଠିତ ହୋଇଥିଲା। ଚାପଖେଳ ପରେ ସାହିଯାତରେ ପାରମ୍ପରିକ ନାଗା ବନାଟି, ମେଢ଼ନୃତ୍ୟ ଆଦି ପଟୁଆର ଅନୁଷ୍ଠିତ ହୋଇଥିଲା। ସେବାୟତ ସଂଘର ପନ୍ତିଭୋଗ ପରେ ମଦନମୋହନ ବିଳମ୍ବିତ ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବଡ଼ଯାଗା ପକ୍ଷରୁ ସାହିଯାତ, ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀରାମଲୀଳା ପରିବେଷଣ କରାଯାଇଥିଲା।

### ଚନ୍ଦନଚର୍ଚ୍ଚିତ ବେଶ, ଭଉଁରି ଖେଳ, ଆକର୍ଷଣ ସାଜିଲା ସାହିଯାତ

# ରଥଯାତ୍ରା ପାଇଁ ମାଇକ୍ରୋ ଯୋଜନା ପ୍ରସ୍ତୁତ କର

ପୁରୀ,୧୯।୫(ଅଜିତ୍ କୁମାର ମହାନ୍ତି)

### ଥାନା ଅଧିକାରୀମାନଙ୍କୁ ଏସ୍‌ପିଙ୍କ ନିର୍ଦ୍ଦେଶ

ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବେ ଭକ୍ତମାନେ ଯାତ୍ରା କରିପାରିବା ନେଇ ନିଶ୍ଚିତ କରିବାକୁ ଏସ୍‌ପି ବିନିତ ଅଗ୍ରୱାଲ କିଛିଦିନ ହେବ ସହରର ବିଭିନ୍ନ ସାହି ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏହି କ୍ରମରେ ଏସ୍‌ପି ସୋମବାର ଦରଜିପୋଖରୀ ଛକ, ବୋଡିଙ୍ଗ ଛକ, ଖାଡୁଆଣି ଲାଇବ୍ରେରି, ପଞ୍ଚୁଡଉରା ଛକ, ଲବଣିଖିଆ ଛକ, ଜେନେରୀ ଗଛ ଛକ, ଜହ୍ନିମୁଣ୍ଡିଆ ଛକ, ଭୋଗଜାଗା, ନବତଖାନା ଗଳି ସାହି ଛକ ରାସ୍ତା ଦେଇ ମାଟିମଣ୍ଡପ ସାହି ଛକ ଆଦି ସ୍ଥାନ ବୁଲି ସ୍ଥାନୀୟ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ସେହିପରି ସାହିବାସିନ୍ଦାଙ୍କ ଅଭିଯୋଗଗୁଡ଼ିକୁ ଏସ୍‌ପି ଶୁଣିବା ସହ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯାନବାହନ ଚଳାଚଳ ନିୟନ୍ତ୍ରଣ ଓ ଭକ୍ତ ଠିକ ମାର୍ଗ ଆଦି ଜାଣିବା ବିଷୟରେ ପଦକ୍ଷେପ ନେବା ଉପରେ ସ୍ଥାନୀୟ ବାସିନ୍ଦା ମତ ଦେଇଥିଲେ। ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ କରାଯିବ ବୋଲି ଏସ୍‌ପି ଆଶ୍ୱାସନ ଦେଇଛନ୍ତି। ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ସମୟରେ ସମୁଦ୍ରକୂଳରୁ ଭକ୍ତଙ୍କ ଲେନ୍‌ଭିତ୍ତିକ ଆଗମନ କିପରି ବଡ଼ଦାଣ୍ଡକୁ ସୁରୁଖୁରୁରେ ହୋଇପାରିବ ସେ ନେଇ ଆଲୋଚନା କରାଯାଇଛି। ଏସ୍‌ପି ସମସ୍ତ ଥାନା ଅଧିକାରୀଙ୍କୁ ସମ୍ବେଦନଶୀଳ ଓ ଭିଡ଼ ଅଞ୍ଚଳ ଚିହ୍ନଟ କରି ମାଇକ୍ରୋ ଯୋଜନା ପ୍ରସ୍ତୁତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସେ ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ଓ ସେଠାକାର ଲୋକଙ୍କ ସହ ସମନ୍ୱୟ ରଖି ଭକ୍ତଙ୍କ ପାଇଁ ସୁରକ୍ଷିତ ଓ ଆଧାତ୍ମିକ ଅନୁଭବ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।



ପୁରୀ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପଦୋନ୍ନତି ଦାବିରେ ସୋମବାର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।

# ପାଣି ପାଇଁ ଗ୍ରାମବାସୀ ଡହଳବିକଳ

### ପଞ୍ଚାୟତ ଅଫିସ୍‌ରେ ତାଲା ପକାଇଲେ

ଡେଲାଙ୍ଗ,୧୯।୫(ରଶ୍ମିରଞ୍ଜନ ପ୍ରଧାନ)



ଗ୍ରାମବାସୀ ପଞ୍ଚାୟତ ଅଫିସରେ ତାଲା ପକାଉଛନ୍ତି ।

ପୁରୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ୪୫ ଦିନ ଅପେକ୍ଷା କରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ପ୍ରତିବାଦରେ ଡେଲାଙ୍ଗ ବ୍ଲକ୍ ଖେଲଉର ପଞ୍ଚାୟତ ଅନ୍ତର୍ଗତ ଖେଲଉର ଓ ବ୍ରାହ୍ମଣ ତରାବୋଇ ଗ୍ରାମବାସୀ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରୁ କର୍ମଚାରୀଙ୍କୁ ବାହାର କରି ତାଲା ପକାଇ ନିଜର ଅସନ୍ତୋଷ ଜାହିର କରିଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରଭାବ ସମୟରେ ପାନୀୟଜଳ ବିନା ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ରାସ୍ତାକାମ ହୋଇଥିବା ଯୋଗୁ ବିଭିନ୍ନ ସ୍ଥାନରେ ପାଇପ୍ ଫାଟିଯିବା ଫଳରେ ଜଳଯୋଗାଣ ବ୍ୟାହତ ହୋଇଥିବା ସରପଞ୍ଚ ସ୍ନେହଲତା ସାହୁ ସଫେଇ ଦେଇଛନ୍ତି। ପାଇପ୍ ଜଳଯୋଗାଣ ବ୍ୟାହତ ହେଲେ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଜଳଯୋଗାଣ ଆରମ୍ଭ ହୋଇ ନ ଥିବା ପରିସ୍ଥିତିକୁ ଆହୁରି ସଙ୍ଗିନ କରିଛି। ଉତ୍ୟକ୍ତ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ପରେ ସରପଞ୍ଚଙ୍କ ଅଭିଯୋଗ କ୍ରମେ ପିପିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ତାଲା ଖୋଲିଛି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ମିଶ୍ର କହିଛନ୍ତି, ଯଥାଶୀଘ୍ର ଫାଟିଥିବା ପାଇପକୁ ମରାମତି କରାଯାଇ ପୁନଃ ଜଳଯୋଗାଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ବ୍ରାହ୍ମଣ ତରାବୋଇ ଗ୍ରାମର କିଶୋର ଚନ୍ଦ୍ର ସାହୁ, ତ୍ରିନାଥ ସାହୁ, ସୁଶାନ୍ତ ସେନାପତି, ଦିବାକର ପରିଡ଼ା, ମଙ୍ଗୁଳି ସେନାପତି, କୃଷ୍ଣଚନ୍ଦ୍ର ମଲିକ ପ୍ରମୁଖଙ୍କୁ ପଚାରିବାରେ ସେମାନେ କହିଛନ୍ତି, ଗତ ଏପ୍ରିଲ୍ ୨ ତାରିଖରେ ପୁରୀ ଜିଲାପାଳଙ୍କୁ ଆମେ ଏ ସମ୍ପର୍କରେ ଅବଗତ କରାଇଥିଲୁ। ଜିଲାପାଳ ବିଡିଓ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କୁ ସେହିଦିନ ସମସ୍ୟାର ପ୍ରତିକାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ଅଧିକାରୀଙ୍କ ମଧ୍ୟରେ ଯଥୋଚିତ ସମନ୍ୱୟ ନ ଥିବାରୁ ଜଳଯୋଗାଣ ସମସ୍ୟାର ପ୍ରତିକାର ସମ୍ଭବ ହୋଇନାହିଁ। ଏହି ସମସ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ କିଛି ସମୟ ପାଇଁ ତାଲା ପକାଇବାକୁ ବାଧ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ସଂକୀର୍ତ୍ତନ ଦିଏ ସୁସ୍ଥତା, ଆଧାତ୍ମିକତା, ଏକାଗ୍ରତା

### ବିଂଶତମ ସଂକୀର୍ତ୍ତନ ଅଧିବେଶନ

ପୁରୀ,୧୯।୫(ଅଜିତ୍ କୁମାର ମହାନ୍ତି)

ନିୟମିତ ସଂକୀର୍ତ୍ତନ ମନ, ଶରୀର ଓ ହୃଦୟକୁ ଅମୃତମୟ କରେ। ଏହା ମଣିଷ ଭିତରେ ଆଧାତ୍ମିକତା ଓ ଏକାଗ୍ରତା ସୃଷ୍ଟି କରିବା ସହ ମଣିଷକୁ ସୁସ୍ଥ, ସତେଜ ରଖେ ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ମତପ୍ରକାଶ କରିଛନ୍ତି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଭାରତୀୟ ପ୍ରଶାସନିକ ସେବାର ପ୍ରାକ୍ତନ ଜିଲାପାଳ ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତା ଓ ବିଶିଷ୍ଟ ସଂଗଠକ ଜଟାଧାରୀ ମିଶ୍ରଙ୍କ ପରିଚାଳନାରେ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ବିଂଶତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶକୁ ଉଦ୍‌ଘାଟନ ଗଜପତି କହିଥିଲେ, ନାମ ସଂକୀର୍ତ୍ତନ ସହ ଗାଁ ଗାଁରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଆମର ସଂକଳ୍ପ ହେଉ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଝାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ଦାସ ଓ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ।

ଅଧିବେଶନର ଦ୍ୱିତୀୟ ସୋପାନରେ ଡ୍ରିମ୍‌ସର ପ୍ରଫେସର ଅର୍ପିତା ପ୍ରିୟଦର୍ଶିନୀ, ନୟାଗଡ଼ ହସ୍ପିଟାଲର ଚିକିତ୍ସାଧିକାରୀ ଆଶୁତୋଷ ମିଶ୍ର, ପୁରୀ ଜଗନ୍ନାଥ ମେଡିକାଲ ଓ କଲେଜର ସର୍ଜରୀ ବିଭାଗ ମୁଖ୍ୟ ଶ୍ରୀକାନ୍ତ ପଣ୍ଡା, ପାରାଦୀପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର, ପୁରୀର ବିଶିଷ୍ଟ ଚିକିତ୍ସକ ଡାକ୍ତର ନରହରି ମିଶ୍ର ଅତିଥି ଭାବେ ଯୋଗଦେଇ ସୁସ୍ଥ ଶରୀର ଗଠନରେ ସଂକୀର୍ତ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ଡକ୍ଟର ଦୀପ୍ତିରେଖା ପାଢ଼ୀ ଓ ଡା. ଦେବପ୍ରସାଦ ଦାଶ ସଂଯୋଜନା କରିଥିଲାବେଳେ ପ୍ରଫୁଲ୍ଲ କୁମାର ସାମନ୍ତରା, ଚକ୍ରଧର ମହାପାତ୍ର, ପ୍ରଭାକର ତ୍ରିପାଠୀ ଓ ଦେବଦତ୍ତ ଷଡ଼ଙ୍ଗୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ରକୁ ଗଜପତି ଉନ୍ମୋଚନ କରିଥିଲେ। ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ଗବେଷକ ପୂର୍ଣ୍ଣଚନ୍ଦ୍ର ଗୋଛିକାର, କବି ଦାମୋଦର ପରିଡ଼ା, ସାମାଜିକ କର୍ମୀ ଅଜୟ ପ୍ରଧାନଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୧ ହଜାରରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନକାରୀ, ଶିକ୍ଷାବିତ୍, ଗବେଷକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସଂକୀର୍ତ୍ତନ କଳାକାରଙ୍କ ଭତ୍ତା ପାଞ୍ଚ ହଜାର କରିବାକୁ ଦାବି ରଖିବା ସହିତ ଶ୍ରୀମନ୍ଦିର ପ୍ରଶାସନ ସଂକୀର୍ତ୍ତନ ଦଳ ପାଇଁ ୨ଟି ଗୃହ ଯୋଗାଇବାକୁ ସମ୍ପାଦକ ଜଟାଧାରୀ ମିଶ୍ର ନିବେଦନ କରିଥିଲେ।



ଅତିଥିମାନେ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି ।

# ୧୭୫ କୋଟି ବ୍ୟୟରେ ମନ୍ଦିର ଅଞ୍ଚଳ ବିକାଶ ହେବ



ଚନ୍ଦନଯାତ୍ରା ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

■ପ୍ରକଳ୍ପକୁ ମିଳିଲା ପ୍ରଶାସନିକ ମଞ୍ଜୁର
■ଚନ୍ଦନ ଯାତ୍ରା ନୃତ୍ୟ ଉତ୍ସବ ଉଦ୍‌ଯାପିତ

**ସାକ୍ଷୀଗୋପାଳ,୧୯।୫(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନ ଯାତ୍ରା- ୨୦୨୫ ନୃତ୍ୟ ଓ ସଙ୍ଗୀତ ଉତ୍ସବ ସୋମବାର ଶେଷ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ଉଦ୍‌ଯାପନୀ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ଅଞ୍ଚଳ ବିକାଶ ପ୍ରକଳ୍ପକୁ ଆଜି ପ୍ରଶାସନିକ ମଞ୍ଜୁର ମିଳିଛି। ଏହି ଅନୁଦାନରେ ସାକ୍ଷୀଗୋପାଳ ମନ୍ଦିର ଅଞ୍ଚଳର ପର୍ଯ୍ୟଟନ ଭିତ୍ତିକ ବିକାଶ ପାଇଁ ୧୭୫ କୋଟି ବ୍ୟୟ କରାଯିବ ବୋଲି ବିଧାୟକ ସଭାରେ ଘୋଷଣା କରିଥିଲେ।

ଏଥିସହିତ ଶ୍ରୀରାମ ମନ୍ଦିର, ଗୋଶାଳା, ବକୁଳବନ ଉନ୍ନୟନ ଓ ରତ୍ନଚିରା ନଦୀ ଖନନ, ରାସ୍ତା ପ୍ରଶସ୍ତିକରଣ ଠାରୁ ପାର୍କିଂ, ବିଶ୍ରାମ ସୁବିଧା ଆଦି ପ୍ରକଳ୍ପ ଖୁବଶୀଘ୍ର କରାଯିବ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ବିଦ୍ୟାଳୟକୁ ଏହି ପ୍ରକଳ୍ପରେ ସାମିଲ କରାଯାଇଛି। ସତ୍ୟବାଦୀ ତହସିଲଦାର ତଥା ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ ସେବାୟତ ଓ ମନ୍ଦିର କର୍ମଚାରୀଙ୍କର ସହଯୋଗ ଜରୁରୀ ବୋଲି କହିଥିଲେ। ସାକ୍ଷୀଗୋପାଳ ମନ୍ଦିର, ଅଞ୍ଚଳର ପର୍ଯ୍ୟଟନ ଭିତ୍ତିକ ବିକାଶ ସହିତ ଠାକୁରଙ୍କ ପର୍ବପର୍ବାଣି ଆକର୍ଷଣୀୟ କରିବାକୁ ସେ ସେବାୟତ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଅତିରିକ୍ତ ତହସିଲ୍‌ଦାର ଓମ ପ୍ରକାଶ ପରିଡ଼ା, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ସତ୍ୟବାଦୀ ପ୍ରାଣୀ ଚିକିତ୍ସାଧିକାରୀ ବନଜକାନ୍ତ ପତି ଓ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସେବାୟତ ସଂଘ ସମ୍ପାଦକ ପ୍ରତାପ କୁମାର ମହାପାତ୍ର, ସଭାପତି ଅଶୋକ ଖୁଣ୍ଟିଆ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳ ଆଡ୍‌ଭୋକେଟ ଅଞ୍ଜନ କୁମାର ହୋତା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାକ୍ରମେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ, ନୃତ୍ୟପ୍ରିୟା ଡ୍ୟାନ୍ସ ଏକାଡେମୀ, କଂସାର, କେନ୍ଦ୍ରାପଡ଼ା, ଟ୍ରାଇବାଲ ଫୋକ୍ ଆର୍ଟ ସେଣ୍ଟର ସମ୍ବଲପୁର ଓ ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା, କଟକର ଛାତ୍ରୀଛାତ୍ର ଓ କଳାକାର ମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ଓ ଆଧାତ୍ମିକ ଭଜନ ପରିବେଷଣ କରିଥିଲେ।

# ପାନୀୟ ଜଳ, ଦହି ସର୍ବତ, ଟଙ୍କତୋରାଣି ବଣ୍ଟନ

**ପୁରୀ,୧୯।୫(ଅଜିତ୍ କୁମାର ମହାନ୍ତି)**

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଆସନ୍ତା ୩୦ ଦିନ ପର୍ଯ୍ୟନ୍ତ ସିଂହଦ୍ୱାର ସମ୍ମୁଖରେ ସେଣ୍ଟ ଜୋନ ଆମ୍ବୁଲାନ୍ସ ବିଗ୍ରେଡ୍ ପକ୍ଷରୁ ସୋମବାର ଠାରୁ ପାନୀୟ ଜଳ, ଦହି ସର୍ବତ ଓ ଟଙ୍କତୋରାଣି ବଣ୍ଟନ ଆରମ୍ଭ ହୋଇଛି। ଅନେକ ସମୟରେ ଭକ୍ତମାନେ ଧାଡ଼ି ଦର୍ଶନରେ ଅପେକ୍ଷାରତ ଥିବାବେଳେ ସେହି ସମୟରେ ଅନେକ ଦୂରରୁ ଆସୁଥିବା ଭକ୍ତଙ୍କୁ ଜଳ ଓ ଦହିସର୍ବତ ବଣ୍ଟନ କରାଯାଉଛି। ଏସବୁ ବ୍ୟତୀତ ଅନେକ ସମୟରେ କୌଣସି ବୃଦ୍ଧାବୃଦ୍ଧଙ୍କ ଅସୁବିଧାରେ କିଭଳି ସମ୍ମୁଖୀନ ନ ହୋଇ ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେଥିପାଇଁ ମଧ୍ୟ ଧ୍ୟାନ ଦିଆଯାଇଛି। ସେଣ୍ଟ ଜୋନ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ଅନୁସାରେ ଭକ୍ତମାନଙ୍କୁ ସେବା ଯୋଗାଇ ଆମେ ନିଜକୁ ଧନ୍ୟ ମନେ କରୁଛୁ। ସେଣ୍ଟ ଜୋନ୍ ଆମ୍ବୁଲାନ୍ସର ସଭାପତି ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଏହି ଜଳ ବଣ୍ଟନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବ୍ରିଗେଡ୍ ମଧୁମିତା ମହାପାତ୍ର, ଜଗନ୍ନାଥ ଆମ୍ବୁଲାନ୍ସର କମାଣ୍ଡର ଲାଲା ଅନନ୍ତ ସିଂ, ଅଜୟକୃଷ୍ଣ ଦାସ, ବିଜୟଲକ୍ଷ୍ମୀ ଦାସ, ଜୟନ୍ତୀ ମହାପାତ୍ର, ନିରଞ୍ଜନ ମହାପାତ୍ର, ରଞ୍ଜନ ଅଗ୍ରୱାଲ, ମିଶନ ଓଡ଼ିଶା ଆମ୍ବୁଲାନ୍ସର ସବ୍ୟସାଚୀ ସେନାପତି, ଅଜୟ ପ୍ରଧାନ, ଜ୍ୟୋତିର୍ମୟୀ ଦାଶ, ରାଜଲକ୍ଷ୍ମୀ ବେହେରା, ରୋଜାଲିନ ସାହୁ, ଯଯାତି କେଶରୀ, ପ୍ରଶାନ୍ତ ଭୋଇ, କିଶୋର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା ନିର୍ମାଣ, କେନାଲ ପାଣି ଯୋଗାଣ ପାଇଁ ପ୍ରଶାସନକୁ ଦାବିପତ୍ର


ସଂଗଠନର କର୍ମକର୍ତ୍ତାମାନେ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ନିମାପଡ଼ା,୧୯।୫(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧୀନସ୍ଥ ନିମାପଡ଼ା-ବଳଙ୍ଗା ମୁଖ୍ୟ ପୂର୍ତ୍ତ ରାସ୍ତା ଏବ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ଏହି ରାସ୍ତାଟି ଜିଲା ହେଡ୍‌କ୍ୱାର୍ଟର୍ସକୁ ସଂଯୋଗ କରୁଛି। ଏହି ରାସ୍ତାରେ ଦୈନିକ ଶହ ଶହ ଯାନବାହାନ ଚଳାଚଳ କରୁଛି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ମୁଖ୍ୟ ପୂର୍ତ୍ତ ରାସ୍ତାକୁ ମରାମତି କରାଯିବା ସହ ପକ୍କା ଚଉଡ଼ା ରାସ୍ତା ନିର୍ମାଣ କରାଯିବାକୁ ଦୃଢ଼ ଦାବି ହେଉଛି। ସେହିପରି ଜଳସମ୍ପଦ ବିଭାଗ ନିମାପଡ଼ା ଉପଖଣ୍ଡରେ ଥିବା ବିଭିନ୍ନ ମୁଖ୍ୟ ଓ ଶାଖା କେନାଲଗୁଡ଼ିକରେ ଜଳଯୋଗାଣ ହୋଇ ନ ପାରି କେନାଲ ଗୁଡ଼ିକ ଶୁଖିଲା ପଡ଼ିଛି। ନିମାପଡ଼ା ଅଞ୍ଚଳରେ ଭୂତଳ ଜଳସ୍ତର ବହୁଳ ଭାବେ କମିଯାଇଛି।

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବେଳେ ପାଣି ମୁନ୍ଦାଏ ପାଇଁ ଗାଈ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ଓ ପକ୍ଷୀମାନେ ତହଳବିକଳ ହେଉଛନ୍ତି। ଗ୍ରୀଷ୍ମ ଲହରୀକୁ ଦୃଷ୍ଟିରେ ରଖି କେନାଲ୍‌ଗୁଡ଼ିକରେ ସର୍ବନିମ୍ନ ପାଣି ଯୋଗାଇଦେବାକୁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ଜାଗ୍ରତ ଯୁବଶକ୍ତିର ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ଗୋପବନ୍ଧୁ ସେବା ସଂଘର ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର, ପ୍ରେସ କ୍ଲବର ଉପଦେଷ୍ଟା ଶକ୍ତିପ୍ରସାଦ ରଥ, ଶରତ ସେନାପତି, ବରିଷ୍ଠ ନାଗରିକ ବାବୁଲି ମହାପାତ୍ର, ରଞ୍ଜିତ ରଥ, ଯୁବନେତା ବିଶ୍ୱଜିତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ ଓ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଶକ୍ତିବ୍ରତ ଜେନାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଚେତନ ନାଗରିକମାନେ ସାମିଲ୍ ହୋଇଥିଲେ। ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନ ନେଲେ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଘରେ ଘରେ ପହଞ୍ଚିବ ତମାଖୁମୁକ୍ତ ସମାଜର ବାର୍ତ୍ତା

**ପୁରୀ,୧୯।୫(ଅଜିତ୍ କୁମାର ମହାନ୍ତି)**

ତମାଖୁମୁକ୍ତ ସମାଜ ଗଠନ, ତମାଖୁମୁକ୍ତ ଓଡ଼ିଶା ଗଠନ ପାଇଁ ବଦ୍ଧପରିକର ବୋଲି ମିଶନ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନେ ବୈଠକରେ ଯୋଗ ଦେଇ କହିଛନ୍ତି। ପ୍ରତିବର୍ଷ ଭଳି ମିଶନ ଓଡ଼ିଶା ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ୩୧ରେ ପାଳିତ ହେବ। ସେଥିପାଇଁ ପୁରୀର ସାଲବେଗ ସ୍ମୃତିପୀଠ ପରିସରରେ ରବିବାର ଏକ ସ୍ୱତନ୍ତ୍ର ବୈଠକ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ବଦ୍ରି ମିଶ୍ର, ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର, ମଧୁମିତା ମହାପାତ୍ର, ନବ କିଶୋର ଦାଶ, ଶିବ ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ଏହି ଦିବସକୁ ୩ଟି ପର୍ଯ୍ୟାୟରେ ଦୋଳମଣ୍ଡପ ସାହି ପେଣ୍ଠଘର ପରିସରରେ ପାଳନ କରାଯିବ। କଳିଙ୍ଗ ବୈଶ୍ୟ ସଂଘର ସହଯୋଗରେ ବ୍ୟାପକ ସଚେତନତା କରାଯିବ। ପ୍ରଥମ ପର୍ଯ୍ୟାୟରେ ଏଲୋପାଥିକ, ଆୟୁର୍ବେଦ ଡାକ୍ତରଙ୍କ ସହ ଜିଲା ଟବାକୋ ଏରାଡିକେଶନର ନୋଡାଲ୍ ଅଫିସର, ଏନ୍.ୱାଇ.କେ.ର ଅଧିକାରୀଙ୍କ ସହ ବିଭିନ୍ନସ୍ତରରେ ସଚେତନତା ସୃଷ୍ଟି କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇ ମତ ଉପସ୍ଥାପନ କରିବେ। ଏହାପରେ ସ୍ୱେଚ୍ଛାସେବୀମାନେ କିଭଳି ତୃଣମୂଳସ୍ତରରେ କାର୍ଯ୍ୟ କରିବେ ତା' ଉପରେ ସଚେତନତା କରାଯିବ। ଖବରଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସେମାନେ ତାଙ୍କର କଲମମୁନରେ ଲେଖିବା ଦ୍ୱାରା ପ୍ରଚାର ପ୍ରସାର କରାଯାଇପାରିବ।

# ଗଛ ଲଗାଇ ଜନ୍ମଦିନ ପାଳିଲେ ଡାକ୍ତର

**ଗୋପ,୧୯।୫(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଶିବପ୍ରସାଦ ମଙ୍ଗରାଜ ରବିବାର ଏକ ନିଆରା ଢଙ୍ଗରେ ନିଜ ଜନ୍ମଦିନ ପାଳନ କରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ



ଚାରା ରୋପଣ କରିବା ସହ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଡା. ମଙ୍ଗରାଜ ଦୀର୍ଘବର୍ଷ ଧରି ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଭାବେ ଗୋପରେ ରହିଥିବା ବେଳେ ଦୈନନ୍ଦିନ ଶହ ଶହ ରୋଗୀଙ୍କ ସେବା କରିଥାଆନ୍ତି। ଏପରି ଏକ ନିଆରା ଢଙ୍ଗରେ ଜନ୍ମଦିନ ପାଳନକୁ ନେଇ ଡା. ମଙ୍ଗରାଜ କହିଛନ୍ତି, ଚାରା ରୋପଣ, ଫଳ ବଣ୍ଟନ କରିବା ଯୋଗୁ ମୋତେ ଆତ୍ମସନ୍ତୋଷ ମିଳିଥାଏ। ଜନ୍ମଦିନ ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଲୋକେ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

**ପିପିଲି,୧୯।୫(ଦୁର୍ଗାମାଧବ ମିଶ୍ର)**

ଖେଲାଉର ଛକ ନିକଟରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେବା ଫଳରେ ଅଭିଯୁକ୍ତଙ୍କୁ ଘଟଣା ଘଟିବାର ୧୫ ଦିନ ପରେ ପୋଲିସ ଗିରଫ କରିଥିଲା। ପୀଡ଼ିତ ପରିବାର କିଭଳି ଅବସ୍ଥାରେ ରହିଛନ୍ତି, ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ସୋମବାର ରାଜ୍ୟ କଂଗ୍ରେସ ପକ୍ଷରୁ ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହିତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଦଳରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ମାନସ କୁମାର ମଲ୍ଲିକ, କଂଗ୍ରେସ ନେତ୍ରୀ ଅନିମା ମିଞ୍ଜ୍, ନିରୁପମା ପାତ୍ରଙ୍କ ସମେତ ବ୍ଲକ ସଭାପତି ବିଶ୍ୱରଞ୍ଜନ ମିଶ୍ର, ସୁରେନ୍ଦ୍ର ସେଠୀ, ଏସ୍‌କେ ମେହେବୁବ, କୃଷକ ନେତା ପ୍ରଶାନ୍ତ ଜେନାଙ୍କ ସମେତ ଅନେକ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇ ଏଭଳି ଘଟଣାକୁ ନିନ୍ଦା କରିବା ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଅଧିକାରୀ ଆସିଲେ, ଅଭିଯୋଗକାରୀ ଆସିଲେନି

**ଗୋପ,୧୯।୫(ଭାରତୀ ଭୂଷଣ ଉପାଧ୍ୟାୟ)**

## ୩୨ ଅଭିଯୋଗରେ ସରିଲା ବ୍ଲକସ୍ତରୀୟ ଜନଶୁଣାଣି

ଗୋପ ବ୍ଲକ ଅଫିସ ପରିସର ବୈଠକ ଗୃହରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଏହି ଶିବିର ସକାଳ ୭ ପରିବର୍ତ୍ତେ ସାଢ଼େ ୮ଟାରେ ଆରମ୍ଭ ହୋଇଥିବା ବେଳେ ମାତ୍ର ଘଣ୍ଟାଏରେ ଶେଷ ହୋଇଥିଲା। ବ୍ଲକ ପକ୍ଷରୁ ପ୍ରସାର ପ୍ରଚାର ଠିକ୍ ଭାବରେ ନ ହୋଇଥିବାରୁ ମାତ୍ର ୩୨ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି।

ସୋମବାର ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଜିଲା ପ୍ରକଳ୍ପ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଲଲାଟେନ୍ଦୁ ମିଶ୍ର, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। କିନ୍ତୁ ବିଳମ୍ବରେ ଓ ପ୍ରସାର ପ୍ରଚାର ଅଭାବରୁ ଗୋପ ବ୍ଲକ ଅଞ୍ଚଳରେ ଅଧିକାଂଶ ସାଧାରଣ ଲୋକମାନେ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଜାଣି ନ ପାରିବାରୁ ଆସିପାରି ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ଅନୁଷ୍ଠିତ ବ୍ଲକସ୍ତରୀୟ ଜନଶୁଣାଣିରେ ଗୋପ ସୁରକ୍ଷା ମଞ୍ଚ ପୁରାତନ ରାସ୍ତା ଜବରଦଖଲ ଓ ମାର୍କେଟ କମ୍ପ୍ଲେକ୍ସ ସହିତ ବସ୍‌ଷ୍ଟାଣ୍ଡ ଉପରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ୧୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ବାରମ୍ବାର ଏକ ଗ୍ରାମ୍ୟ ଜଙ୍ଗଲ ଜମିରୁ କାଠ ଚୋରି ଉପରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଶିବିରକୁ ସରକାରୀ ଅଧିକାରୀମାନେ ଆସୁଛନ୍ତି ଅଭିଯୋଗ ଦେଖୁଛନ୍ତି, ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଉଛନ୍ତି। ବାସ୍ତବରେ ଏହିସବୁ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଅଭିଯୋଗକାରୀମାନେ ଆସୁ ନ ଥିବା ଅଭିଯୋଗ ହୋଇଛି। ଏପରି ଏକ ଅଭିଯୋଗ ସମ୍ପର୍କରେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ କହିଛନ୍ତି, ଏହା କେବଳ ଏକ ପ୍ରହସନ, ଅଭିଯୋଗ ଉପରେ ସେତେଟା ଗୁରୁତ୍ୱ ଦିଆଯାଉନାହିଁ। ଏପରି ବ୍ଲକ ଜନଶୁଣାଣି କାର୍ଯ୍ୟକ୍ରମ ଉପରେ କିପରି ସାଧାରଣ ଲୋକମାନେ ଉପକୃତ ହେବେ ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଦାବି କରିଛନ୍ତି।


ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି ।

Repco Home Finance
**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**
**କର୍ପୋରେଟ୍ କାର୍ଯ୍ୟାଳୟ:** ଆଲେକ୍ଜାଣ୍ଡର ସ୍କୋୟାର୍, ନଂ.୨ (ପୁରୁଣା ନଂ. ୩୪ ଓ ୩୫), ୩ୟ ମହଲା, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ - ୬୦୦ ୦୩୨

**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖାରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି । ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **''ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ''** ଏବଂ **''ଯେମିତି ଅଛି ଯାହା ଅଛି ସ୍ଥିତିରେ''** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି ।

**ଇ-ନିଲାମର ତାରିଖ ଓ ସମୟ: ୨୬.୦୬.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**
**ଇ-ଟେଣ୍ଡରର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୨୫.୦୬.୨୦୨୫, ଅପରାହ୍ନ ୪.୦୦ ଘଟିକା**

**ଭୁବନେଶ୍ୱର ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ବିଦ୍ୟାଧର ନାଏକ,** ପିତା: ଶ୍ରୀ କିଣା ନାଏକ, **ସହ-ଋଣଗ୍ରହୀତା: ଶ୍ରୀମତୀ ନିରୁପମା ଦେହୁରୀ,** ସ୍ୱା- ଶ୍ରୀ ବିଦ୍ୟାଧର ନାଏକ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରାଣକୃଷ୍ଣ ଦେହୁରୀ,** ପିତା- ଶ୍ରୀ ରାମ ଚନ୍ଦ୍ର ଦେହୁରୀ; ଡିମାଣ୍ଡ ନୋଟିସ ତାରିଖ: **୦୫.୦୯.୨୦୨୦;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୭୮୧୮୬୦୦୦୦୭୭୧**) ହେଉଛି **ତା୦୫.୦୯.୨୦୨୦ରିଖ ସୁଦ୍ଧା ₹୧୦,୮୭,୨୨୮/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୯.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୪,୨୭,୩୨୩/- ।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ବଡ଼ କୁସୁନାପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୧୨୩/୨୭୬, **ପ୍ଲଟ୍ ନଂ. ୪୧୮/୧୪୧୫,** ରକବା: ଏ୦.୦୫୦ ଡିସିମିଲ, କ୍ରୟ ରକବା: ଏ୦.୦୫୦ ଡିସିମିଲ, ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ ଘରବାରି ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା: ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୪୧୭ ।

| ସଂରକ୍ଷିତ ମୂଲ୍ୟ | ₹୧୯,୩୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୯୩,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୧୧: ଋଣଗ୍ରହୀତା: ଶ୍ରୀମତୀ ସୁଲତା ସିଂହ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ନାୟକ, **ସହ-ଋଣଗ୍ରହୀତା: ୧. ଶ୍ରୀ ଅଶୋକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୨. ଶ୍ରୀ ଦୀପକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୩. ଶ୍ରୀ ହୀରକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୪. ଶ୍ରୀମତୀ ସରିତା ନାୟକ,** ସ୍ୱାମୀ: ଶ୍ରୀ ହୀରକ କୁମାର ନାୟକ, **୫. ଶ୍ରୀମତୀ ସୁବେଦିତା ନାୟକ,** ସ୍ୱାମୀ: ଶ୍ରୀ ଦୀପକ କୁମାର ନାୟକ; ଡିମାଣ୍ଡ ନୋଟିସ ତାରିଖ: **୨୭.୦୧.୨୦୨୩;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୭୮୧୮୬୦୦୦୦୬୮୦**) ହେଉଛି **ତା୨୫.୦୧.୨୦୨୩ରିଖ ସୁଦ୍ଧା ₹୧୯,୯୪,୪୮୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୫.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୭,୭୦,୦୭୦/- ।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ମୌଜା: ଜଟଣୀ ଟାଉନ୍**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୯୭, **ପ୍ଲଟ୍ ନଂ. ୨୫୬,** ରକବା: ଏ୦.୧୨୦ ଡିସିମିଲ । ଜମିର କିସମ: ହୋମଷ୍ଟିଡ୍ । ଚଉହଦୀ: ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ ନିତ୍ୟାନନ୍ଦ ନାୟକ, ପୂର୍ବ: ପ୍ରଦୀପ କୁମାର ମିଶ୍ର, ପଶ୍ଚିମ: ସୁଜାତା ସାହୁ ।

**କଟକ ଶାଖା**

ତାରିଖ: ୦୯.୦୫.୨୦୨୫ / ୧୩.୦୫.୨୦୨୫
ପ୍ରାଧିକୃତ ଅଧିକାରୀ
ରେପକୋ ହୋମ ଫାଇନାନ୍ସ ଲିମିଟେଡ୍

## ଜାଗୃତି ସାଂସ୍କୃତିକ ପରିଷଦର ୨୩ତମ ବାର୍ଷିକଉତ୍ସବ

ଭୁବନେଶ୍ୱର, ୧୯।୫ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜାଗୃତି ସାଂସ୍କୃତିକ ପରିଷଦର ୨୩ତମ ବାର୍ଷିକଉତ୍ସବ ସୋମବାର ରବିନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦୂରଦର୍ଶନର ପୂର୍ବ ନିର୍ଦ୍ଦେଶକ ଡ. ଶାନ୍ତନୁ ରଥ, ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ, ଓଡ଼ିଶୀ ଗୁରୁ ନିରଞ୍ଜନ ରାଉତ ଏବଂ ସଂସ୍କୃତି ଗବେଷକ ଡ. କାର୍ତ୍ତିକ ନାରାୟଣ ପାଢ଼ୀ ଯୋଗଦେଇ ଉତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ପରେ ପରିଷଦ ଦ୍ୱାରା ଓଡ଼ିଶୀ ନୃତ୍ୟ ମାଧ୍ୟମରେ ମଙ୍ଗଳା ଚରଣ, ପଲ୍ଲବୀ, ଲୋକନୃତ୍ୟ ଏବଂ ଶେଷରେ ନୃତ୍ୟ ନାଟିକା କାଞ୍ଚି ଅଭିଯାନ ପରିବେଷଣ କରାଯାଇଥିଲା ଯାହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ଉତ୍ସବରେ ବିଦ୍ୟାର୍ଥୀ, କଳାକାର, କଳା ସମୀକ୍ଷକ, କଳା ଗବେଷକ, ନୃତ୍ୟଗୁରୁ ଯୋଗଦେଇ ଅନୁଷ୍ଠାନର ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଉତ୍ସବଟି ଗୁରୁ ନିରଞ୍ଜନ ସାହୁ, ଗୁରୁ ପୁଷ୍ପକ କୁମାର ସ୍ୱାଇଁ ଏବଂ ଗୁରୁ ତ୍ରିଲୋଚନ ସାହୁଙ୍କ ମିଳିତ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଡ଼. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ଏସ୍‌ଏଚ୍‌ଜି ଉତ୍ପାଦର ବ୍ରାଣ୍ଡ୍ ନାଁ ‘ସୁଭଦ୍ରା ଶକ୍ତି’

### ଲକ୍ଷପତି ଦିଦି ସୃଷ୍ଟିରେ ଏକ ନମ୍ବର ଓଡ଼ିଶା

### ବ୍ୟାଙ୍କକୁ ଧନ୍ୟବାଦ ଦେଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୫ (ସୁଚିସ୍ମିତା ସାହୁ)

ମିଶନ ଶକ୍ତି ଭବନରେ କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସଆର)ପଦକ୍ଷେପ ମାଧ୍ୟମରେ ସୋମବାର ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ପ୍ରୋତ୍ସାହନ ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଅଧ୍ୟକ୍ଷତା କରି ଓଡିଶାରେ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସେମାନଙ୍କୁ ଏକ ନମ୍ବର କରିବାରେ କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରତିଷ୍ଠାନ ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ପ୍ରଶଂସା କରିଥିଲେ। ଗାଁର ମହିଳା ଉଦ୍ୟୋଗୀମାନେ ଯେପରି ନିରନ୍ତର ବିକାଶ କରିବେ ୱାନ ଡିଷ୍ଟ୍ରିକ୍ଟ ୱାନ ପ୍ରଡକ୍ଟକୁ ଗୁରୁତ୍ୱ ଦିଆଯାଉ।




ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅଧିକାରୀମାନେ।

ପ୍ରତ୍ୟେକ ଜିଲାର ବିଶେଷ ଉତ୍ପାଦ ଉପରେ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦ ସୁଭଦ୍ରା ଶକ୍ତି ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରାଯାଉ। ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଉପରେ ଫୋକସ ଦେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ବିଭାଗର ଉଦ୍ଦେଶ୍ୟ, ଆଭିମୁଖ୍ୟ ଗୁଡ଼ିକୁ ପ୍ରଦର୍ଶନ କରିଥିଲେ। ଏଥିସହ ଲକ୍ଷପତି ଦିଦି ପଦକ୍ଷେପର ଉଲ୍ଲେଖନୀୟ ସଫଳତା ଏବଂ ପ୍ରଗତିକୁ ଆଲୋକପାତ କରିବା ସହ କର୍ପୋରେଟ ସାମାଜିକ ଦାୟିତ୍ୱ ସହଭାଗିତା ମାଧ୍ୟମରେ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକର ପ୍ରୋତ୍ସାହନ ପାଇଁ ଏକ ସୁଚିନ୍ତିତ ରୋଡମ୍ୟାପ ପ୍ରସ୍ତୁତି ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଏହି ସହଭାଗିତା ନିମନ୍ତେ ସେ ଉଦ୍ୟୋଗ ଭିତ୍ତିଭୂମି, ବଜାର ଲିଙ୍କେଜ, କ୍ଷୁଦ୍ର-ଉଦ୍ୟୋଗ, ଉତ୍ପାଦନ ୟୁନିଟ, ଏବଂ କ୍ଲଷ୍ଟର ଆଧାରିତ ବିକାଶ ପ୍ରକଳ୍ପ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ଦୀର୍ଘକାଳୀନ, ସ୍ଥାୟୀ ଏବଂ ମହିଳାଙ୍କ ଦ୍ୱାରା ପରିଚାଳିତ ଆର୍ଥିକ ବିକାଶ ନିମନ୍ତେ ସମ୍ଭାବିତ ମାର୍ଗ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଭାରତର ପ୍ରମୁଖ ଶିଳ୍ପ ସଂସ୍ଥା ଏବଂ ବିଭିନ୍ନ ବ୍ୟାଙ୍କର ନେତୃତ୍ୱମାନେ ଉପସ୍ଥିତ ରହିଥିଲେ।

## ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ

ପୁରୀ, ୧୯।୫ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଭଉଁରି ଯାତ୍ରା ଅବସରରେ ସୋମବାର ଶ୍ରୀକ୍ଷେତ୍ରରେ ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରୁ ତିନିଜଣ ପୂଜାପଣ୍ଡା ସାମନ୍ତ ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରାଇବା ପରେ ରଥର ଦୁଇଟି ଲେଖାଏଁ ଚକ ସହ ଗୋଟିଏ ଲେଖାଏ ଅଖ ଡେରାଯାଇଥିଲା। ଭୋରରୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ହୋଇ ଭିତରଶୋଧ ଓ ମଙ୍ଗଳ ଆଳତି ପରେ ମହାପ୍ରଭୁଙ୍କ ଅବକାଶ ନୀତି ବଢ଼ି ସକାଳ ଧୂପ ଶେଷହୋଇ ପାଣି ପଡ଼ିଥିଲା। ତିନିଜଣ ପାଳିଆ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ତିନୋଟି ଆଜ୍ଞାମାଳ ଆଣି ଘଣ୍ଟ, ଛତା, କାହାଳୀ ପଟୁଆରରେ ରଥଖଳାକୁ ଆସିଥିଲେ। ପ୍ରଥମେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଶ୍ରୀନହରକୁ ଯାଇଥିଲେ। ପୂର୍ବରୁ ରଖାଯାଇଥିବା ୬ଟି ଚକକୁ ଭୋଇ ସେବକମାନେ ଆଣି ତିନିରଥର ଗୋଟିଏ ଲେଖାଏ ଅଖ ନିକଟରେ ରଖିଥିଲେ। ପାଣିଆ ଅଧିକାରୀ ସେବକମାନେ ଚକ ଓ ଅଖଗୁଡ଼ିକୁ ଧୋଇବା ପରେ କମାର ସେବକମାନେ ଚକ ପଦାର୍ଥଗୁଡ଼ିକରେ ଯୋଖିଆ କଣ୍ଟା ବାଡ଼େଇଥିଲେ। ରଥଖଳାରେ ଆଜ୍ଞାମାଳ ପହଞ୍ଚିବା ପରେ ଭୋଇ ସେବକମାନେ ଚକରେ ଅଖ ସଂଯୋଗ କରିଥିଲେ। ପରମ୍ପରା ଅନୁଯାୟୀ, ପ୍ରଥମେ ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ଚକ-ଅଖ ସଂଯୋଗ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ମା' ସୁଭଦ୍ରାଙ୍କ ଦେବଦଳନ ରଥର ଚକ ଅଖ ସଂଯୋଗ କରାଯାଇଥିଲା। ଏହାପରେ ଭୋଇ ସେବକମାନେ ପ୍ରଥମ ହରିବୋଲ ପକାଇଥିଲେ। ରାଜନହର ନିକଟରେ ଆଜ୍ଞାମାଳ ଧରିଥିବା ପୂଜାପଣ୍ଡା ସାମନ୍ତ ଘଣ୍ଟ, ଛତା, କାହାଳୀ ସହ ଚକଡେରା ସ୍ଥାନକୁ ଆସିଥିଲେ। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥରେ ସଂଯୋଗ ହୋଇଥିବା ଚକ ଓ ଅଖରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପରେ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହି ନୀତି ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଏସ୍‌ପି ବିନିତ୍ ଅଗ୍ରୱାଲଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସେବାୟତମାନେ ଉପସ୍ଥିତ ଥିଲେ। ନୀତି ସମାପନ ପରେ ଅଧିକାରୀମାନେ ମୁଣ୍ଡିଆମାରି ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବା ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଭଉଁରି ଅବସରରେ ଚକଡେରା ନୀତି ସମ୍ପନ୍ନ ହୋଇଛି। ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ ଚାଲିଛି। ମହାପ୍ରଭୁଙ୍କ କୃପା ଓ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପାଦିତ ହେବ ବୋଲି ଆଶା ରହିଛି। ଏସ୍‌ପି କହିଛନ୍ତି, ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭ଭାଗ ସଂରକ୍ଷଣ ଲାଗୁ ଦାବି

ଭୁବନେଶ୍ୱର, ୧୯।୫ (ବନ୍ଦନା ସେଠୀ)

ଉଚ୍ଚ ମାଧ୍ୟମିକ ଏବଂ ଉଚ୍ଚ ଶିକ୍ଷାରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗ (ଏସ୍‌ଇବିସି)ଙ୍କ ପାଇଁ ଘୋଷିତ ୧୧.୨୫% ସ୍ଥାନ ସଂରକ୍ଷଣ ଏକ ଦୁର୍ବଳ ଆରକ୍ଷଣ ବ୍ୟବସ୍ଥା ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ଉଦ୍‌ବେଗ ପ୍ରକାଶ କରିବା ସହ ଦୁର୍ବଳ ଆରକ୍ଷଣ ବଦଳରେ ପଛୁଆ ବର୍ଗ ପାଇଁ ପୂର୍ଣ୍ଣାଙ୍ଗ ୨୭ଭାଗ ସଂରକ୍ଷଣ ଲାଗୁ କରିବାକୁ ଦାବି କରାଯାଇଛି। ୧୯୯୦ ଓ ୨୦୦୬ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷିତ ନିର୍ଦ୍ଦେଶାନାମା ଓ ୧୯୯୨ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ, ଓଡ଼ିଶା ସରକାର ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗ ପାଇଁ ସଂରକ୍ଷଣ ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ। ସେହିପରି ଉଚ୍ଚ ଶିକ୍ଷା, ଉଚ୍ଚ ମାଧ୍ୟମିକ ଶିକ୍ଷା ସହିତ ଇଞ୍ଜିନିୟରିଂ, ମେଡ଼ିକାଲ ସମେତ ସମସ୍ତ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏହି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ କାର୍ଯ୍ୟକାରୀ କରିବା, ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଛାତ୍ରୀଛାତ୍ରଙ୍କ ହାର ଅନୁପାତରେ ସେମାନଙ୍କ ପାଇଁ ମେଡ଼ିକାଲ, ଇଞ୍ଜିନିୟରିଂ ତଥା ଅନ୍ୟାନ୍ୟ ବୈଷୟିକ ଶିକ୍ଷାରେ ସଂରକ୍ଷଣ ଲାଗୁ କରିବାକୁ ଦାବି କରାଯାଇଛି। ଅପରପକ୍ଷେ ରାଜ୍ୟ ସରକାରଙ୍କ ପଛୁଆବର୍ଗ ପାଇଁ ୨୭% ଭାଗ ସଂରକ୍ଷଣର କୌଣସି ପ୍ରତିବନ୍ଧକ ନ ଥିବା ଏବଂ ୧୧.୨୫ % ସୀମିତ ଥିବା ସରକାରୀ ନିର୍ଦ୍ଦେଶନାମାରେ ସ୍ପଷ୍ଟ ହୋଇଛି। ସଂରକ୍ଷଣ ପାଇଁ ନିର୍ଦ୍ଧାରିତ ଶତକଡ଼ା ୫୦ଭାଗ ସର୍ବୋଚ୍ଚ ସୀମା ‘ନମନୀୟ’ ବୋଲି ୨୦୨୨ ନଭେମ୍ବର ୭ରେ ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ୍)ଙ୍କ ପାଇଁ ୧୦% ଭାଗ ସ୍ଥାନ ସଂରକ୍ଷଣ ମାମଲା ଉପରେ ରାୟ ପ୍ରଦାନ କରି ସୁପ୍ରିମକୋର୍ଟ ଏହା ଦର୍ଶାଇଛନ୍ତି। ତେଣୁ ଏହି ରାୟର ଆଧାରରେ ରାଜ୍ୟ ସରକାର ଏସ୍‌ଇବିସି ପାଇଁ ୨୭% ଭାଗ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଆଇନଗତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ଘରେ ଘରେ ପହଞ୍ଚିବ ତମାଖୁମୁକ୍ତ ସମାଜର ବାର୍ତ୍ତା

ପୁରୀ, ୧୯।୫ (ଅଜିତ୍ କୁମାର ମହାନ୍ତି)

ତମାଖୁମୁକ୍ତ ସମାଜ ଗଠନ, ତମାଖୁମୁକ୍ତ ଓଡ଼ିଶା ଗଠନ ପାଇଁ ବଦ୍ଧପରିକର ବୋଲି ମିଶନ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନେ ବୈଠକରେ ଯୋଗ ଦେଇ କହିଛନ୍ତି। ପ୍ରତିବର୍ଷ ଭଳି ମିଶନ ଓଡ଼ିଶା ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ୩୧ରେ ପାଳିତ ହେବ। ସେଥିପାଇଁ ପୁରୀର ସାଲବେଗ ସ୍ମୃତିପୀଠ ପରିସରରେ ରବିବାର ଏକ ସ୍ୱତନ୍ତ୍ର ବୈଠକ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ବଦ୍ରି ମିଶ୍ର, ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର, ମଧୁସ୍ମିତା ମହାପାତ୍ର, ନବ କିଶୋର ଦାଶ, ଶିବ ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ଏହି ଦିବସକୁ ୩ଟି ପର୍ଯ୍ୟାୟରେ ଦୋଳମଣ୍ଡପ ସାହି ପେଣ୍ଠରେ ପରିସରରେ ପାଳନ କରାଯିବ। କଳିଙ୍ଗ ବୈଶ୍ୟ ସଂଘର ସହଯୋଗରେ ବ୍ୟାପକ ସଚେତନତା କରାଯିବ। ପ୍ରଥମ ପର୍ଯ୍ୟାୟରେ ଏଲୋପାଥିକ, ଆୟୁର୍ବେଦ ଡାକ୍ତରଙ୍କ ସହ ଜିଲ୍ଲା ଟବାକୋ ଏରାଡିକେସନର ନୋଡାଲ ଅଫିସର, ଏନ୍.ଓ.ଇ.କେ.ର ଅଧିକାରୀଙ୍କ ସହ ବିଭିନ୍ନସ୍ତରରେ ସଚେତନତା ସୃଷ୍ଟି କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇ ମତ ଉପସ୍ଥାପନ କରିବେ। ଏହାପରେ ସ୍ୱେଚ୍ଛାସେବୀମାନେ କିଭଳି ତୃଣମୂଳସ୍ତରରେ କାର୍ଯ୍ୟ କରିବେ ତା' ଉପରେ ସଚେତନତା କରାଯିବ। ଖବରଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସେମାନେ ତାଙ୍କର କଲମମୁନରେ ଲେଖିବା ଦ୍ୱାରା ପ୍ରଚାର ପ୍ରସାର କରାଯାଇପାରିବ।

## ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା



ଚନ୍ଦନ ପୁଷ୍କରିଣୀରେ ଠାକୁରଙ୍କ ଭଉଁରି ଖେଳ।

### ଚନ୍ଦନଚର୍ଚ୍ଚିତ ବେଶ, ଭଉଁରି ଖେଳ, ଆକର୍ଷଣ ସାଜିଲା ସାହିଯାତ

ସାକ୍ଷୀଗୋପାଳ, ୧୯।୫ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସାକ୍ଷୀଗୋପାଳ ଠାକୁରଙ୍କ ଭଉଁରି ଯାତ୍ରା ଉପଲକ୍ଷେ ସୋମବାର ମନ୍ଦିରଠାରୁ ଚନ୍ଦନ ପୁଷ୍କରିଣୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାବେଶରେ ଚଳଚଞ୍ଚଳ ହୋଇଥିଲା। ମଧ୍ୟାହ୍ନରେ ଅଲଗିଲାଗି, ଚନ୍ଦନଭୋଗ, ଚନ୍ଦନଚର୍ଚ୍ଚିତ ବେଶ, ଦ୍ୱିପ୍ରହର ଧୂପ ସମାପନ କରାଯାଇ ବିଜେ ପ୍ରତିମା ମଦନମୋହନ ସୁସଜ୍ଜିତ ବିମାନରେ ଚନ୍ଦନମଣ୍ଡପକୁ ବିଜେ କରିଥିଲେ। ଦିନ ଚାପରେ ତିନିଘେରା ଓ ପୁଷ୍କରିଣୀର ପ୍ରତ୍ୟେକ କୋଣରେ ୭ ଘେରା ଲେଖାଏ ଭଉଁରି ଖେଳ ହୋଇଥିଲା। ପରେ ପରେ ମଦନମୋହନଙ୍କ ଚନ୍ଦନ ସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପଣାଭୋଗ, ଗୋପାଳ ବାହୁଡ଼ାଭୋଗ, ସନ୍ଧ୍ୟାଧୂପ ପରେ, ଚନ୍ଦନ ମଣ୍ଡପରେ ମଦନମୋହନଙ୍କ ବେଶ, ଚାଳିଆଲାଗି, ଯାତଭୋଗ, ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାଧୂପ, ବଡ଼ସିଂହାର ନୀତି ପରେ ରାତି ଚାପ ଆରମ୍ଭ ହୋଇଥିଲା। ରାତି ଚାପ ୭ ଘେରା ଓ ପ୍ରତ୍ୟେକ କୋଣରେ ୨୧ ଘେରା ଲେଖାଏ ଭଉଁରି ଖେଳ ଅନୁଷ୍ଠିତ ହୋଇଥିଲା। ତାପରେ ପରେ ସାହିଯାତରେ ପାରମ୍ପରିକ ନାଗା ବନାଟି, ମେଢ଼ନୃତ୍ୟ ଆଦି ପଟୁଆର ଅନୁଷ୍ଠିତ ହୋଇଥିଲା। ସେବାୟତସଂଘର ପକ୍ଷରୁ ରାତିରେ ମଦନମୋହନ ବିଜିଜି ରାତିରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବଡ଼ଯାଗା ପକ୍ଷରୁ ସାହିଯାତ, ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀରାମଲୀଳା ପରିବେଷଣ କରାଯାଇଥିଲା।


Repco Home Finance

## ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

**କର୍ପୋରେଟ୍ କାର୍ଯ୍ୟାଳୟ:** ଆଲେକ୍ସାଣ୍ଡ୍ରର ସ୍କୋୟାର୍, ନଂ.୨ (ପୁରୁଣା ନଂ. ୩୪ ଓ ୩୫), ୩ୟ ମହଲା, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ - ୬୦୦ ୦୩୨

### ଇ - ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖାରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି। ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ ''**ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ**'' ଏବଂ ''**ଯେମିତି ଅଛି ଯାହା ଅଛି ସ୍ଥିତିରେ**'' ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି।

**ଇ-ନିଲାମର ତାରିଖ ଓ ସମୟ: ୨୬.୦୬.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡରର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୨୫.୦୬.୨୦୨୫, ଅପରାହ୍ନ ୪.୦୦ ଘଟିକା**

**ଭୁବନେଶ୍ୱର ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ବିଦ୍ୟାଧର ନାଏକ,** ପିତା: ଶ୍ରୀ କିଣା ନାଏକ, **ସହ-ଋଣଗ୍ରହୀତା: ଶ୍ରୀମତୀ ନିରୁପମା ଦେହୁରୀ,** ସ୍ୱା- ଶ୍ରୀ ବିଦ୍ୟାଧର ନାଏକ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରାଣକୃଷ୍ଣ ଦେହୁରୀ,** ପିତା- ଶ୍ରୀ ରାମ ଚନ୍ଦ୍ର ଦେହୁରୀ; ଡିମାଣ୍ଡ ନୋଟିସ ତାରିଖ: **୦୫.୦୯.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୭୭୧**) ହେଉଛି **ତା୦୫.୦୯.୨୦୨୦ରିଖ ସୁଦ୍ଧା ₹୧୦,୮୭,୨୨୮/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୯.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୪,୨୭,୩୨୩/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ବଡ଼ କୁସୁନାପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୧୨୩/୨୭୬, **ପ୍ଲଟ୍ ନଂ. ୪୧୮/୧୪୧୫**, ରକବା: ଏ୦.୦୫୦ ଡିସିମିଲ, କ୍ରୟ ରକବା: ଏ୦.୦୫୦ ଡିସିମିଲ, ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ ଘରବାରି ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା: ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୪୧୭।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୧୯,୩୭,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୯୩,୭୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ସୌଭାଗ୍ୟ ସାହୁ,** ପିତା: ସର୍ବେଶ୍ୱର ସାହୁ, **ସହ-ଋଣଗ୍ରହୀତା: ଶ୍ରୀମତୀ ସୁଲୋଚନା ସାହୁ,** ସ୍ୱା- ଶ୍ରୀ ସର୍ବେଶ୍ୱର ସାହୁ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଅମୀୟ କୁମାର ସାହୁ,** ପିତା- ଶ୍ରୀ ଗୋଦାବରୀ ସାହୁ; ଡିମାଣ୍ଡ ନୋଟିସ ତାରିଖ: **୧୮.୧୧.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୭୫୬**) ହେଉଛି **ତା୧୭.୧୧.୨୦୨୨ରିଖ ସୁଦ୍ଧା ₹୧୩,୦୫,୭୩୮/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୮,୪୧,୨୧୮/-।**
**ସମ୍ପତ୍ତିର ବର୍ଣ୍ଣନା: ନୟାଗଡ଼ ଜିଲ୍ଲା, ରଣପୁର ତହସିଲ, ଚାନ୍ଦପୁର ମୌଜା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୧୨୦୫/୫୪୮, ପ୍ଲଟ୍ ନଂ. ୪୪୬/୨୯୬୦, ରକବା: ଏ୦.୦୪୦ ଡିସିମିଲ, **ପ୍ଲଟ୍ ନଂ. ୪୪୬/୨୯୬୧,** ରକବା: ଏ୦.୦୧୦ ଡିସିମିଲ, ବାସ୍ତବ କ୍ରୟ ରକବା ଏ୦.୦୫୦ ଡିସିମିଲ, ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ (ଘରବାରି) ଏବଂ ତାହା ନିମ୍ନ ଚଉହଦୀ ମଧ୍ୟରେ ଅବସ୍ଥିତ: ଉତ୍ତର: ରାସ୍ତା, ଦକ୍ଷିଣ: ସୁରେନ୍ଦ୍ର ଛୋଟରାୟ, ପୂର୍ବ: ବ୍ରଜବନ୍ଧୁ ବେହେରା, ପଶ୍ଚିମ: ବିକ୍ରେତା।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୨୯,୩୪,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୯୩,୪୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ. ୩: ଋଣଗ୍ରହୀତା: ଶ୍ରୀ ପ୍ରକାଶ ଚନ୍ଦ୍ର ବେହେରା,** ପିତା: ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, **ସହ-ଋଣଗ୍ରହୀତା: ୧. ଶ୍ରୀ ପ୍ରଭାସ ଚନ୍ଦ୍ର ବେହେରା,** ପିତା- ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, **୨. ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା,** ପିତା- ଶ୍ରୀ ଦିନବନ୍ଧୁ ବେହେରା, **୩. ଶ୍ରୀମତୀ ସୁଲୋଚନ୍ୟା ବେହେରା,** ପିତା- ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା; ଡିମାଣ୍ଡ ନୋଟିସ ତାରିଖ: **୧୬.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୬୧୧**) ହେଉଛି **ତା୧୫.୦୩.୨୦୨୨ରିଖ ସୁଦ୍ଧା ₹୨୧,୭୧,୩୧୧/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୨୫,୦୬,୬୨୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ମାଧବପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୨୪୩/୩୨୬, **ପ୍ଲଟ୍ ନଂ. ୨୬୧/୧୩୧୯, ମାଧବପୁର, ଆଠଗଡ଼, କଟକ, ଓଡ଼ିଶା - ୭୫୪୦୨୯,** ଚଉହଦୀ:ପୂର୍ବ: ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୨୬୦, ଉତ୍ତର: ପ୍ଲଟ୍ ନଂ. ୨୫୯, ଦକ୍ଷିଣ: ପ୍ଲଟ୍ ନଂ. ୨୬୧ର ଅବଶିଷ୍ଟାଂଶ। ମୋଟ କ୍ରୟ ରକବା ଏ୦.୦୨୦ ଡିସିମିଲ, ନିର୍ମାଣ ରକବା ଏ୦.୦୨୦ ଡିସିମି, ଜମିର କିସମ ହୋମଷ୍ଟିଡ୍।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୩୯,୨୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୯୨,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ. ୪: ଋଣଗ୍ରହୀତା: ଶ୍ରୀ ରାକେଶ କୁମାର ନାୟକ,** ପିତା: ଶ୍ରୀ ଅକ୍ରୁର ନାୟକ, **ସହ-ଋଣଗ୍ରହୀତା: ୧. ଶ୍ରୀ ଅକ୍ରୁର ନାୟକ,** ପିତା- ଶ୍ରୀ ବାବନ ନାୟକ, **୨. ଶ୍ରୀମତୀ ସସ୍ମିତା ନାୟକ,** ପିତା- ଶ୍ରୀ ରାକେଶ କୁମାର ନାୟକ ଏବଂ ଗ୍ୟାରେଣ୍ଟିଦାତା: ଶ୍ରୀ ମାନସ କୁମାର ସାହୁ, ସ୍ଥାନ- ବଡ଼ପାଟଣାସାହି; ଡିମାଣ୍ଡ ନୋଟିସ ତାରିଖ: **୧୯.୧୧.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୭୨୫**) ହେଉଛି **ତା୧୮.୧୧.୨୦୨୨ରିଖ ସୁଦ୍ଧା ₹୧୫,୭୨,୦୦୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୨୨,୧୯,୩୫୬/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ନୟାଗଡ଼, ତହସିଲ: ରଣପୁର, ମୌଜା: ଚାନ୍ଦପୁର**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୧୨୦୫/୪୭, **ପ୍ଲଟ୍ ନଂ. ୪୧୪/୨୬୫୯,** ରକବା: ଏ୦.୦୩୦ ଡେସିମିଲ, ମୋଟ କ୍ରୟ ରକବା ଏ୦.୦୩୦ ଡିସିମିଲ; ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ (ଘରବାରି); ଚଉହଦୀ: ଉତ୍ତର: ବିକ୍ରେତା, ଦକ୍ଷିଣ: ରିତା ସାହୁ, ପୂର୍ବ: ଗୋଚର, ପଶ୍ଚିମ: ବିକ୍ରେତା।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୩୧,୮୩,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୧୮,୩୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ: ୫: ଋଣଗ୍ରହୀତା: ଶ୍ରୀ ଅମୀୟ ରଞ୍ଜନ ପତି,** ପିତା: ଶ୍ରୀ ବିକ୍ରମ କିଶୋର ପତି, **ସହ-ଋଣଗ୍ରହୀତା: ଶ୍ରୀ ଅସୀମ ପତି,** ପିତା- ବିକ୍ରମ କିଶୋର ପତି; ଡିମାଣ୍ଡ ନୋଟିସ ତାରିଖ: **୨୯.୧୦.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୮୨୧**) ହେଉଛି **ତା୨୯.୧୦.୨୦୨୨ରିଖ ସୁଦ୍ଧା ₹୯,୦୮,୬୧୧/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୮.୦୩.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୨,୧୮,୮୩୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: କଟକ, ମୌଜା: ବରଳ**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୪୮୬, **ପ୍ଲଟ୍ ନଂ. ୧୧୩୪,** ରକବା: ଏ୦.୦୩୦ ଡେସିମିଲ, କ୍ରୟ ରକବା ଏ୦.୧୯୦ ଡିସିମିଲ ମଧ୍ୟରୁ ଏ୦.୦୩୦ ଡିସିମିଲ; ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍; ଚଉହଦୀ: ଉତ୍ତର: ମନୋରଞ୍ଜନ ଶତପଥୀ, ଦକ୍ଷିଣ: ପ୍ଲଟ୍ ନଂ. ୧୧୩୬, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୧୧୩୩।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୧୫,୬୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୫୬,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୧୦,୦୦୦/- |

**କ୍ର.ସଂ: ୬: ଋଣଗ୍ରହୀତା: ଶ୍ରୀ ସରୋଜ କୁମାର ଗୋଛାୟତ,** ପିତା: ଶ୍ରୀ ପ୍ରେମାନନ୍ଦ ଗୋଛାୟତ, **ସହ-ଋଣଗ୍ରହୀତା: ଶ୍ରୀମତୀ ବାସନ୍ତୀ ଗୋଛାୟତ,** ସ୍ୱାମୀ- ଶ୍ରୀ ପ୍ରେମାନନ୍ଦ ଗୋଛାୟତ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ,** ପିତା- ଶ୍ରୀ ପ୍ରଭାକର ସ୍ୱାଇଁ;, ଡିମାଣ୍ଡ ନୋଟିସ ତାରିଖ: **୨୭.୦୩.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୭୩୨**) ହେଉଛି **ତା୨୭.୦୩.୨୦୨୩ରିଖ ସୁଦ୍ଧା ₹୨୧,୧୩,୧୬୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୬.୦୮.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୨୭,୬୩,୨୭୨/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ରାଧାଗୋବିନ୍ଦପୁର**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୯୧/୩୩୮, **ପ୍ଲଟ୍ ନଂ. ୮/୧୫୦୭,** ରକବା: ଏ୦.୦୧୮ ଡେସିମିଲ, ଜମିର କିସମ ହେଉଛି ହୋମଷ୍ଟିଡ୍ ଯାହା ନିମ୍ନ ଅନୁଯାୟୀ ଆବଦ୍ଧ ଅଟେ: ଉତ୍ତର: ରାସ୍ତା, ଦକ୍ଷିଣ: ନରେନ୍ଦ୍ର ସାମନ୍ତ, ପୂର୍ବ: ସୁଲୋଚନା ପଲେଇ, ପଶ୍ଚିମ: ନବୀନ ଗୋଛାୟତ।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୪୪,୮୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୪୮,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ: ୭: ଋଣଗ୍ରହୀତା: ଶ୍ରୀ ଧରଣୀ ଧର ଦାସ,** ପିତା: ଶ୍ରୀ ବରେନ୍ଦ୍ର ନାଥ ଦାସ, **ସହ-ଋଣଗ୍ରହୀତା: ଶ୍ରୀମତୀ ଝରାଶ୍ରୀ ଦାସ,** ସ୍ୱାମୀ- ଧରଣୀଧର ଦାସ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ରାକେଶ ମହାନ୍ତି,** ପିତା- ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି; ଡିମାଣ୍ଡ ନୋଟିସ ତାରିଖ: **୧୭.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୬୭୩**) ହେଉଛି **ତା୧୫.୦୩.୨୦୨୨ରିଖ ସୁଦ୍ଧା ₹୧୩,୯୮,୬୬୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୨୨,୭୪,୨୯୬/-।**
**ସମ୍ପତ୍ତିର ବର୍ଣ୍ଣନା: ଜଗତ୍‌ସିଂହପୁର, ତହସିଲ ତିର୍ତ୍ତୋଲ, ମୌଜା କୁଟିଲୋ ଗ୍ରାମ ଦୟାଲପୁର**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୨୬୨, ପ୍ଲଟ୍ ନଂ.: ୩୭୮, ରକବା ଏ୦.୦୩୦ ଡିସିମିଲ, ପ୍ଲଟ୍ ନଂ. ୩୮୫ ରକବା ଏ୦.୦୩୦ ଡିସିମିଲ, ପ୍ଲଟ୍ ନଂ. ୩୮୯ ରକବା ଏ୦.୦୨୦ ଡିସିମିଲ ଏବଂ ପ୍ଲଟ୍ ନଂ. ୩୯୬ ରକବା ଏ୦.୦୨୦ ଡିସିମିଲ ବିଶିଷ୍ଟ, **କୁଟିଲୋ ଗ୍ରାମ, ଦୟାଲପୁର, ତିର୍ତ୍ତୋଲ ତହସିଲ, ଜଗତସିଂହପୁର ଜିଲ୍ଲା,** ଚଉହଦୀ: ପୂର୍ବ: ରଜନୀକାନ୍ତ ଦାସ, ପଶ୍ଚିମ: ଗୋପାଳ ଚରଣ ଦାସ, ଉତ୍ତର: ମାଲିକଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା। ମୋଟ କ୍ରୟ ରକବା ଏ୦.୬୫୦ ଡିସିମିଲ, ଯାହା ମଧ୍ୟରୁ **ଏ୦.୧୦୦ ଡିସିମିଲ** ରକବାରେ ନିର୍ମାଣ କରାଯାଇଛି, ଜମିର କିସମ ହେଉଛି ହୋମଷ୍ଟିଡ୍।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୨୮,୦୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୮୦,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ: ୮: ଋଣଗ୍ରହୀତା: ଶ୍ରୀ ମନୋଜ କୁମାର ରାଉତରାୟ,** ପିତା: ଶ୍ରୀ ଧରଣୀଧର ରାଉତରାୟ, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ଲକୀ ରାଉତରାୟ,** ସ୍ୱାମୀ- ଶ୍ରୀ ମନୋଜ କୁମାର ରାଉତରାୟ, **୨. ଶ୍ରୀମତୀ ସୁମିତ୍ରା ରାଉତରାୟ,** ସ୍ୱାମୀ- ଶ୍ରୀ ଧରଣୀଧର ରାଉତରାୟ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ରାଜୀବଲୋଚନ ପାଣି,** ପିତା- ଶ୍ରୀ କେଦାରନାଥ ପାଣି; ଡିମାଣ୍ଡ ନୋଟିସ ତାରିଖ: **୧୯.୧୧.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୨୦୦୦୬୭୭**) ହେଉଛି **ତା୧୮.୧୧.୨୦୨୦ରିଖ ସୁଦ୍ଧା ₹୧୨,୦୮,୯୭୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୧,୫୪,୧୨୩/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ ଟାଙ୍ଗୀ ଚୌଦ୍ୱାର, ମୌଜା: ମଙ୍ଗୁଳି**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୩୧, **ପ୍ଲଟ୍ ନଂ. ୫୮୨, ରକବା: ଏ୦.୦୨୦ ଡେସିମିଲ, ଜମିର କିସମ- ହୋମଷ୍ଟିଡ୍** ଏବଂ ଚଉହଦୀ: ଉତ୍ତର: କିଶୋର ରାଉତରାୟ, ଦକ୍ଷିଣ, ଜୟରାମ ରାଉତ, ପୂର୍ବ: ପ୍ଲଟ୍ ନଂ. ୬୭୫, ପଶ୍ଚିମ: ପ୍ଲଟ୍ ନଂ. ୬୬୦।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୨୯,୦୭,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୯୦,୭୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ: ୯: ଋଣଗ୍ରହୀତା: ଶ୍ରୀ ପିଣ୍ଟୁ କର୍ମକାର,** ପିତା: ବିଭାସ ଚନ୍ଦ୍ର କର୍ମକାର, **ସହ-ଋଣଗ୍ରହୀତା: ଶ୍ରୀମତୀ ସୋମା କର୍ମକାର,** ସ୍ୱାମୀ- ଶ୍ରୀ ପିଣ୍ଟୁ କର୍ମକାର, ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଦୀପିକା କର୍ମକାର,** ସ୍ୱାମୀ: ଶ୍ରୀ ଆନନ୍ଦ କର୍ମକାର; ଡିମାଣ୍ଡ ନୋଟିସ ତାରିଖ: **୨୩.୦୭.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୬୧୫**) ହେଉଛି **ତା୧୦.୦୭.୨୦୨୦ରିଖ ସୁଦ୍ଧା ₹୧୧,୯୬,୬୮୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୨,୮୨,୧୩୮/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ ଟାଙ୍ଗୀ ଚୌଦ୍ୱାର, ମୌଜା ମଙ୍ଗଳପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୨୪୩/୧୪୯, **ପ୍ଲଟ୍ ନଂ. ୬୧୧/୭୭୭, ରକବା: ଏ୦.୦୪୦ ଡେସିମିଲ** ଏବଂ ଚଉହଦୀ: ଉତ୍ତର: ବିକ୍ରେତା, ଦକ୍ଷିଣ: ରାଜେନ୍ଦ୍ର ଶତପଥୀ, ପୂର୍ବ: ରାସ୍ତା, ପଶ୍ଚିମ: ଇନ୍ଦ୍ରମଣି ସାହୁ।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୨୩,୪୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୩୪,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ: ୧୦: ଋଣଗ୍ରହୀତା: ଶ୍ରୀ ପତିତପାବନ ମହାପାତ୍ର,** ପିତା: ଶ୍ରୀ ବିମଳ ଚରଣ ନାୟକ, **ସହ-ଋଣଗ୍ରହୀତା: ଶ୍ରୀମତୀ ଆରତୀ ମହାପାତ୍ର,** ସ୍ୱାମୀ- ଶ୍ରୀ ପତିତପାବନ ମହାପାତ୍ର, **ଗ୍ୟାରେଣ୍ଟିଦାତା (ଋଣ ଖାତା ନଂ. ୬୧୪): ଶ୍ରୀ ପୀତାମ୍ବର ମଲ୍ଲିକ,** ପିତା: ଶ୍ରୀ ବାସୁଦେବ ମଲ୍ଲିକ ଏବଂ **ଗ୍ୟାରେଣ୍ଟିଦାତା (ଋଣ ଖାତା ନଂ. ୭୩୧): ଶ୍ରୀ ଲିଙ୍ଗରାଜ ସାହୁ;** ଡିମାଣ୍ଡ ନୋଟିସ ତାରିଖ: **୧୦.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୬୧୪ ଏବଂ ୧୬୮୧୮୭୦୦୦୦୦୭୩୧**) ହେଉଛି **ତା୦୭.୦୩.୨୦୨୨ରିଖ ସୁଦ୍ଧା ଯଥାକ୍ରମେ ₹୧୨,୫୦,୭୭୧/- ଏବଂ ₹୬,୮୭,୮୦୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୧୭,୪୭,୬୦୦/- ଏବଂ ୬,୧୫,୦୪୬₹/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା ଜଗତସିଂହପୁର, ତହସିଲ ଜଗତସିଂହପୁର, ମୌଜା ବୀରବରପାଟଣା**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୩୦୭/୯୬, **ପ୍ଲଟ୍ ନଂ. ୧୦୬୭/୧୭୧୨, ରମ୍ଭାଦେଈପୁର, ବୀରବରପାଟଣା, ଜଗତସିଂହପୁର, କଟକ- ୭୫୪୧୦୨;** ଚଉହଦୀ: ପୂର୍ବ: ପ୍ଲଟ୍ ନଂ. ୧୦୬୯, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୧୦୬୭ର ଅବଶିଷ୍ଟାଂଶ, ଦକ୍ଷିଣ: ପ୍ଲଟ୍ ନଂ. ୧୦୬୬। ମୋଟ ପରିମାପ ରକବା ଏ୦.୦୨୦ ଡିସିମିଲ, ଜମିର କିସମ ହୋମଷ୍ଟିଡ୍।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୩୨,୭୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୨୭,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ. ୧୧: ଋଣଗ୍ରହୀତା: ଶ୍ରୀମତୀ ସୁଲତା ସିଂହ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ନାୟକ, **ସହ-ଋଣଗ୍ରହୀତା: ୧. ଶ୍ରୀ ଅଶୋକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୨. ଶ୍ରୀ ଦୀପକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୩. ଶ୍ରୀ ହୀରକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୪. ଶ୍ରୀମତୀ ସରିତା ନାୟକ,** ସ୍ୱାମୀ: ଶ୍ରୀ ହୀରକ କୁମାର ନାୟକ, **୫. ଶ୍ରୀମତୀ ସୁବେଦିତା ନାୟକ,** ସ୍ୱାମୀ: ଶ୍ରୀ ଦୀପକ କୁମାର ନାୟକ; ଡିମାଣ୍ଡ ନୋଟିସ ତାରିଖ: **୨୭.୦୧.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୬୮୦**) ହେଉଛି **ତା୨୫.୦୧.୨୦୨୩ରିଖ ସୁଦ୍ଧା ₹୧୯,୯୪,୪୮୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୫.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୭,୭୦,୦୭୦/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ମୌଜା: ଜଟଣୀ ଟାଉନ୍**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୯୭, **ପ୍ଲଟ୍ ନଂ. ୨୫୬,** ରକବା: ଏ୦.୧୨୦ ଡିସିମିଲ। ଜମିର କିସମ: ହୋମଷ୍ଟିଡ୍। ଚଉହଦୀ: ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ ନିତ୍ୟାନନ୍ଦ ନାୟକ, ପୂର୍ବ: ପ୍ରଦୀପ କୁମାର ମିଶ୍ର, ପଶ୍ଚିମ: ସୁଜାତା ସାହୁ।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୯୪,୦୯,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୯,୪୦,୯୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୧,୦୦,୦୦୦/- |

**କ୍ର.ସଂ. ୧୨: ଋଣଗ୍ରହୀତା: ଶ୍ରୀ କାଞ୍ଚୁ ପାହାଡ଼ସିଂହ,** ପିତା: ଶ୍ରୀ ରାଘବ ପାହାଡ଼ସିଂହ, **ସହ-ଋଣଗ୍ରହୀତା: ଶ୍ରୀମତୀ ବିନୋଦିନୀ ପାହାଡ଼ସିଂହ,** ସ୍ୱା- ଶ୍ରୀ କାଞ୍ଚୁ ପାହାଡ଼ସିଂହ, **ଗ୍ୟାରେଣ୍ଟିଦାତା: ଶ୍ରୀ ଗୁରୁଦତ୍ତ ପାହାଡ଼ସିଂହ,** ପିତା- ଶ୍ରୀ ମାଗୁଣି ପାହାଡ଼ସିଂହ ଗୋଡ଼ା; ଡିମାଣ୍ଡ ନୋଟିସ ତାରିଖ: **୦୫.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୮୧୫**) ହେଉଛି **ତା୦୪.୦୩.୨୦୨୨ରିଖ ସୁଦ୍ଧା ₹୭,୩୮,୫୭୨/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୯.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୦,୩୮,୧୧୮/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା ଖୋର୍ଦ୍ଧା, ତହସିଲ ଖୋର୍ଦ୍ଧା, ମୌଜା ଗୋଡ଼ା**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୪୭୭/୫୧, **ପ୍ଲଟ୍ ନଂ. ୧୦୭୫, ରକବା ଏ୦.୦୨୫ ଡିସିମିଲ ଏବଂ ପ୍ଲଟ୍ ନଂ. ୧୦୭୬/୨୦୦୧ ରକବା ଏ୦.୦୬୦ ଡିସିମିଲ, ଗୋଡ଼ା, ଦେଉଳି, ଖୋର୍ଦ୍ଧା-୭୫୨୦୬୨।** ଚଉହଦୀ:- ପୂର୍ବ: ପ୍ଲଟ୍ ନଂ. ୧୦୭୪ ଓ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୧୦୭୭, ଉତ୍ତର: ବିକ୍ରେତା, ଦକ୍ଷିଣ: ବିକ୍ରେତା। ସମୁଦାୟ ରକବା: ଏ୦.୦୮୫ ଡିସିମିଲ, ଜମିର କିସମ ହେଉଛି ହୋମଷ୍ଟିଡ୍।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୧୬,୧୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୬୧,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ. ୧୩: ଋଣଗ୍ରହୀତା: ଶ୍ରୀ ଶ୍ରୀବତ୍ସ ମିଶ୍ର,** ପିତା: ଶ୍ରୀ ଶ୍ରୀନିବାସ ମିଶ୍ର, **ସହ-ଋଣଗ୍ରହୀତା: ଶ୍ରୀମତୀ ଭାର୍ଗବୀ ମିଶ୍ର,** ସ୍ୱା.- ଶ୍ରୀ ଶ୍ରୀବତ୍ସ ମିଶ୍ର, **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ଦେହୁରୀ,** ପିତା- ଶ୍ରୀ ପ୍ରେମାନନ୍ଦ ଦେହୁରୀ; ଡିମାଣ୍ଡ ନୋଟିସ ତାରିଖ: **୨୧.୦୮.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୬୦୨**) ହେଉଛି **ତା୧୮.୦୮.୨୦୨୦ରିଖ ସୁଦ୍ଧା ₹୧୧,୦୯,୫୩୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୧.୦୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୭.୦୫.୨୦୨୫ରିଖ ସୁଦ୍ଧା ₹୧୪,୮୭,୨୮୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ବ୍ରହ୍ମପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୫୦୫/୪୨୦, **ପ୍ଲଟ୍ ନଂ. ୧୩୬୫/୨୧୯୦, ରକବା: ଏ୦.୦୧୫ ଡିସିମିଲ,** ମୋଟ କ୍ରୟ ରକବା ଏ୦.୦୧୫ ଡିସିମିଲ, କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ:ଉତ୍ତର: ଭାଗିରଥି ସ୍ୱାଇଁ, ଦକ୍ଷିଣ: ରାସ୍ତା, ପୂର୍ବ: କୃଷ୍ଣ ବାରିକ, ପଶ୍ଚିମ: ରାସ୍ତା।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୨୪,୨୦,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୪୨,୦୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୧୦,୦୦୦/- |

**କ୍ର.ସଂ. ୧୪: ଋଣଗ୍ରହୀତା: ଶ୍ରୀ ସୁଧାଂଶୁ ଶେଖର ଷଡ଼ଙ୍ଗୀ,** ପିତା: ଶ୍ରୀ ବସନ୍ତ କୁମାର ଷଡ଼ଙ୍ଗୀ, **ସହ-ଋଣଗ୍ରହୀତା: ୧. ବସନ୍ତ କୁମାର ଷଡ଼ଙ୍ଗୀ,** ପିତା- ଶ୍ରୀ ଭି. ପ୍ରାଣବନ୍ଧୁ ଷଡ଼ଙ୍ଗୀ, **୨. ଶ୍ରୀମତୀ ଗୀତାଞ୍ଜଳି ଷଡ଼ଙ୍ଗୀ,** ସ୍ୱା.- ଶ୍ରୀ ସୁଧାଂଶୁ ଶେଖର ଷଡ଼ଙ୍ଗୀ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ସନ୍ତୋପ କୁମାର ମହାପାତ୍ର,** ପିତା: ଶ୍ରୀ ପୁରୁଷୋତ୍ତମ ମହାପାତ୍ର; ଡିମାଣ୍ଡ ନୋଟିସ ତାରିଖ: **୨୭.୦୧.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୭୩୫**) ହେଉଛି **ତା୨୫.୦୧.୨୦୨୩ରିଖ ସୁଦ୍ଧା ₹୨୭,୨୮,୮୪୯/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୭.୦୫.୨୦୨୫ରିଖ ସୁଦ୍ଧା ₹୩୬,୭୫,୧୫୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ନିଜିଗଡ଼**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୬୦୪/୪୪୨, **ପ୍ଲଟ୍ ନଂ. ୨୧୦୫/୩୧୨୦, ରକବା: ଏ୦.୨୧୦ ଡିସିମିଲ। ଜମିର କିସମ ହେଉଛି ହୋମଷ୍ଟିଡ୍।** ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ସଂଯୁକ୍ତା ସାହୁ, ପୂର୍ବ: ବିକ୍ରେତା, ପଶ୍ଚିମ: ପ୍ରସ୍ତାବିତ ରାସ୍ତା।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୬୪,୧୯,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୬,୪୧,୯୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୫୦,୦୦୦/- |

**କ୍ର.ସଂ: ୧୫: ଋଣଗ୍ରହୀତା: ଶ୍ରୀ ଅନ୍ତର୍ଯ୍ୟାମୀ ପରିଡ଼ା,** ପିତା: ଶ୍ରୀ ପ୍ରସନ୍ନ ପରିଡ଼ା, **ସହ-ଋଣଗ୍ରହୀତା: ଶ୍ରୀମତୀ ସରଳା ବାଳା ସାମଲ,** ସ୍ୱା.- ଶ୍ରୀ ଅନ୍ତର୍ଯ୍ୟାମୀ ପରିଡ଼ା ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ବିଜୟ କୁମାର ଖୁଣ୍ଟିଆ,** ପିତା: ଶ୍ରୀ ନାରାୟଣ ଖୁଣ୍ଟିଆ; ଡିମାଣ୍ଡ ନୋଟିସ ତାରିଖ: **୨୦.୧୦.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୪୮୪ ଏବଂ ୧୬୮୧୮୭୦୦୦୦୬୬୩**) ହେଉଛି **ତା୧୯.୧୦.୨୦୨୦ରିଖ ସୁଦ୍ଧା ₹୯,୯୯,୭୬୫/- ଏବଂ ₹୯,୮୭,୮୭୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୧୬,୩୮,୬୬୫/- ଏବଂ ₹୧୫,୪୨,୭୫୫/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ତିର୍ତ୍ତୋଲ, ମୌଜା: ସାରିଖି**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୨୬୪, **ପ୍ଲଟ୍ ନଂ. ୫୭୧, ରକବା: ଏ୦.୦୪୦ ଡିସିମିଲ, ପ୍ଲଟ୍ ନଂ. ୬୪୩, ରକବା ଏ୦.୦୮୦ ଡିସିମିଲ, ପ୍ଲଟ୍ ନଂ. ୯୦୮, ରକବା ଏ୦.୦୧୦ ଡିସିମିଲ। ମୋଟ କ୍ରୟ ରକବା ଏ୦.୧୩୦ ଡିସିମିଲ** ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୬୪୪, ପଶ୍ଚିମ: ଭିକାରୀ ମଲ୍ଲିକ ଓ ଅନ୍ୟ।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୩୪,୨୯,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୪୨,୯୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ: ୧୬: ଋଣଗ୍ରହୀତା: ଶ୍ରୀ ପଦ୍ମ ଚରଣ ସାହୁ,** ପିତା: ଶ୍ରୀ ଗୋବର୍ଦ୍ଧନ ସାହୁ, **ସହ-ଋଣଗ୍ରହୀତା: ୧. ଶ୍ରୀ ପର୍ଶୁରାମ ସାହୁ,** ପିତା- ଶ୍ରୀ ଗୋବର୍ଦ୍ଧନ ସାହୁ, **୨. ଶ୍ରୀମତୀ କାଞ୍ଚନ ବାଳା ସାହୁ,** ସ୍ୱାମୀ- ଶ୍ରୀ ଗୋବର୍ଦ୍ଧନ ସାହୁ, **ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ କାଣ୍ଡି,** ପିତା- ଶ୍ରୀ ଝାଟୁ କାଣ୍ଡି; ଡିମାଣ୍ଡ ନୋଟିସ ତାରିଖ: **୧୭.୧୧.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୫୪୧**) ହେଉଛି **ତା୧୧.୧୧.୨୦୨୦ରିଖ ସୁଦ୍ଧା ₹୧୨,୦୬,୫୪୮/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୧୬,୧୫,୦୦୨/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ପୁରୀ, ତହସିଲ: ନିମାପଡ଼ା, ମୌଜା: ଠାକୁରପାଟଣା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୧୧୮/୪୫, **ପ୍ଲଟ୍ ନଂ. ୧୭୯,** ରକବା: ଏ୦.୧୧୦ ଡେସିମିଲ, ଖତିଆନ ନଂ. ୭୫ ଅନୁରୂପ, ପ୍ଲଟ୍ ନଂ. ୧୭୯, ରକବା ଏ୦.୧୧୦ ଡିସିମିଲ। ମୋଟ ଦଖଲ ଜମି ରକବା ଏ୦.୧୧୦ ଡିସିମିଲ। ବାସ୍ତବିକ ପ୍ଲାନ୍ ଅନୁମୋଦିତ ରକବା ଏ୦.୦୪୦ ଡିସିମିଲ। ଜମିର କିସମ ରକବା ଘରବାରି (ହୋମ୍ ଷ୍ଟିଡ୍) ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ରାଧାଶ୍ୟାମ ସୁବୁଦ୍ଧି, ଦକ୍ଷିଣ: ଜଗମୋହନ ସୁବୁଦ୍ଧି, ପୂର୍ବ: ଦୁଆରି ସିଂହ, ପଶ୍ଚିମ: ଗ୍ରାମ ରାସ୍ତା।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୫୦,୦୦,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୫,୦୦,୦୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କଟକ ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ: ୧୭: ଋଣଗ୍ରହୀତା: ଶ୍ରୀ ହେମନ୍ତ କୁମାର ଜେନା, ସହ-ଋଣଗ୍ରହୀତା: ୧. ଶ୍ରୀମତୀ ବନ୍ଦିତା ଦାସ, ୨. ଶ୍ରୀମତୀ ଭାରତୀ ଜେନା, ୩. ଶ୍ରୀ ଜଗବନ୍ଧୁ ଜେନା, ୪. ଶ୍ରୀ ପ୍ରଶାନ୍ତ କୁମାର ଜେନା, ଗ୍ୟାରେଣ୍ଟିଦାତା: ଶ୍ରୀ କୈଳାଶ ଚନ୍ଦ୍ର ରାଉତ,** ଡିମାଣ୍ଡ ନୋଟିସ ତାରିଖ: **୧୭.୦୯.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୭୦୦୦୦୧୯୦**) ହେଉଛି **ତା୦୧.୦୯.୨୦୨୨ରିଖ ସୁଦ୍ଧା ₹୧୧,୨୭,୫୭୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୩.୦୨.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୨.୦୫.୨୦୨୫ରିଖ ସୁଦ୍ଧା ₹୧୬,୧୭,୦୩୬/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ମାହାଙ୍ଗା, ମୌଜା: ବାଣପୁର**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, **ଆର୍‌ଓଆର୍: ୫୨୪/୪୮, ପ୍ଲଟ୍ ନଂ.: ୨୩୩୦, ରକବା: ଏ୦.୨୦୦ ଡିସିମିଲ।** ଚଉହଦୀ: ଉତ୍ତର: ପ୍ଲଟ୍ ନଂ. ୨୩୮୭ ଏବଂ ୨୩୮୬, ଦକ୍ଷିଣ: ପ୍ଲଟ୍ ନଂ. ୨୩୯୬ ଏବଂ ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୨୩୯୬, ପଶ୍ଚିମ: ପ୍ଲଟ୍ ନଂ. ୨୩୩୧, ୨୩୩୩।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୩୦,୬୯,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୦୬,୯୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ: ୧୮: ଋଣଗ୍ରହୀତା: ଶ୍ରୀ ନିତ୍ୟାନନ୍ଦ ଜେନା,** ପିତା: ଶ୍ରୀ ବନମାଳୀ ଜେନା, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ଲିଜା ଜେନା,** ପିତା- ଶ୍ରୀ ନିତ୍ୟାନନ୍ଦ ଜେନା, **୨. ଶ୍ରୀମତୀ ସାବିତ୍ରୀ ଜେନା,** ସ୍ୱାମୀ- ଶ୍ରୀ ନିତ୍ୟାନନ୍ଦ ଜେନା, **ଗ୍ୟାରେଣ୍ଟିଦାତା: ଶ୍ରୀ ନିରଞ୍ଜନ ସାହୁ,** ପିତା- ଶ୍ରୀ ରାଧାନାଥ ସାହୁ; ଡିମାଣ୍ଡ ନୋଟିସ ତାରିଖ: **୨୭.୦୯.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୦୦୦୦୧୧୬**) ହେଉଛି **ତା୨୭.୦୯.୨୦୨୨ରିଖ ସୁଦ୍ଧା ₹୫,୯୭,୭୨୯/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୩.୦୨.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୨.୦୫.୨୦୨୫ରିଖ ସୁଦ୍ଧା ₹୯,୩୧,୪୦୯/-।**
**ସମ୍ପତ୍ତିର ବର୍ଣ୍ଣନା: ପ୍ଲଟ୍ ନଂ. ୮୯୫, ଖାତା ନଂ. ୩୦୦/୩୬୮, ମୌଜା: ଧାଇପୁର, ଥାନା/ତହସିଲ: ଆଠଗଡ଼, କଟକ ଜିଲ୍ଲା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରକବା: ଏ୦.୧୬୦ ଡିସିମିଲ, ମୋଟ କ୍ରୟ ରକବା **ଏ୦.୧୬୦ ଡିସିମିଲ, ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍** (ଘରବାରି)। ଚଉହଦୀ: ଉତ୍ତର: ହାଡୁ ରାଉତ, ଦକ୍ଷିଣ: ରାସ୍ତା, ପୂର୍ବ: ବିଶ୍ୱନାଥ ରାଉତ, ପଶ୍ଚିମ: ସାରଙ୍ଗଧର ରାଉତ ଓ ହାଡୁ ରାଉତ।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୨୦,୮୪,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୦୮,୪୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ: ୧୯: ଋଣଗ୍ରହୀତା: କୁମାରୀ ପାରିଜାତ ଦାଶ,** ପିତା: ଶ୍ରୀ ପ୍ରତାପ ଚନ୍ଦ୍ର ଦାଶ , **ସହ-ଋଣଗ୍ରହୀତା: ୧. ଶ୍ରୀ ପ୍ରତାପ ଚନ୍ଦ୍ର ଦାଶ,** ପିତା: ଶ୍ରୀ ପ୍ରମୋଦ ଦାଶ, **୨. ଶ୍ରୀମତୀ ସରୋଜିନୀ ଦାଶ,** ସ୍ୱାମୀ: ଶ୍ରୀ ପ୍ରତାପ ଚନ୍ଦ୍ର ଦାଶ, **ଗ୍ୟାରେଣ୍ଟିଦାତା: ଶ୍ରୀ ରଶ୍ମୀ ରଞ୍ଜନ ପଣ୍ଡା,** ପିତା- ଶ୍ରୀ ବିଶ୍ୱନାଥ ପଣ୍ଡା; ଡିମାଣ୍ଡ ନୋଟିସ ତାରିଖ: **୨୦.୦୯.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୭୦୬୮୦୪୬୯**) (ପୁରୁଣା ଖାତା ନଂ. **୧୬୮୧୮୭୦୦୦୦୪୬୯**) ହେଉଛି **ତା୦୬.୦୯.୨୦୨୧ରିଖ ସୁଦ୍ଧା ₹୭,୩୩,୩୩୫/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୧.୦୪.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୨.୦୫.୨୦୨୫ରିଖ ସୁଦ୍ଧା ₹୭,୧୮,୧୦୯/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ: ବଡ଼ମ୍ବା, ମୌଜା: ମହୁଲିଆ**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ. ୭୭୨/୧୧୬, **ପ୍ଲଟ୍ ନଂ. ୨୨୮୩/୩୧୩୬,** ରକବା ଏ୦.୦୪୦ ଡିସିମିଲ, **ପ୍ଲଟ୍ ନଂ. ୨୨୮୩/୩୧୩୬/୩୨୦୫,** ରକବା ଏ.୦.୦୨୦ ଡିସିମିଲ। ମୋଟ କ୍ରୟ ରକବା ଏ୦.୦୬୦ ଡିସିମିଲ। ନିର୍ମାଣ ରକବା **ଏ୦.୦୨୦ ଡିସିମିଲ, ହୋମଷ୍ଟିଡ୍** ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ରାମ ବେହେରା, ଦକ୍ଷିଣ: ପ୍ରତାପ ଚନ୍ଦ୍ର ଦାସ, ପୂର୍ବ: ସତ୍ୟ ଷଣ୍ଡ, ପଶ୍ଚିମ: ରାସ୍ତା।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୧୭,୯୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୭୯,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ: ୨୦: ଋଣଗ୍ରହୀତା: ଶ୍ରୀ ସୁଧୀର କୁମାର ଚୌଧୁରୀ,** ପିତା: ଶ୍ରୀ ଦୟାନିଧି ଚୌଧୁରୀ, **ସହ-ଋଣଗ୍ରହୀତା: ୧. ଶ୍ରୀ ଦୟାନିଧି ଚୌଧୁରୀ,** ପିତା- ଶ୍ରୀ ମୁଷା ଚୌଧୁରୀ, **୨. ଶ୍ରୀମତୀ କଳ୍ପନା ଚୌଧୁରୀ,** ସ୍ୱାମୀ- ଶ୍ରୀ ସୁଧୀର କୁମାର ଚୌଧୁରୀ; ଡିମାଣ୍ଡ ନୋଟିସ ତାରିଖ: **୦୯.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୦୦୦୦୧୩୪**) ହେଉଛି **ତା୦୮.୦୩.୨୦୨୨ରିଖ ସୁଦ୍ଧା ₹୫,୧୩,୪୨୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୩.୦୨.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୨.୦୫.୨୦୨୫ରିଖ ସୁଦ୍ଧା ₹୮,୩୮,୦୮୫/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ: ବଡ଼ମ୍ବା, ମୌଜା: ଟୁନାପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୪୫୬/୧୫୩, **ପ୍ଲଟ୍ ନଂ. ୩୧୪୮,** ରକବା ଏ୦.୦୧୦ ଡିସିମିଲ, **ପ୍ଲଟ୍ ନଂ. ୩୧୫୨,** ରକବା ଏ୦.୦୧୦ ଡିସିମିଲ, କ୍ରୟ ରକବା **ଏ୦.୦୨୦ ଡିସିମିଲ,** ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ମୁଷା ଚୌଧୁରୀ, ପଶ୍ଚିମ: ସିନ୍ଧୁ ଚୌଧୁରୀ।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୯,୬୨,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୯୬,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ। ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି।**

ତାରିଖ: ୦୯.୦୫.୨୦୨୫ / ୧୩.୦୫.୨୦୨୫

ପ୍ରାଧିକୃତ ଅଧିକାରୀ
ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

**ସଂକ୍ଷେପରେ**

## ଅବସରପ୍ରାପ୍ତ ସମବାୟ ସମିତି ସମ୍ପାଦକଙ୍କ ପରଲୋକ

**ବାଙ୍କୀ,୧୯।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ଡମପଡ଼ା ବ୍ଲକ ଶିମିଳିପୁର ପଞ୍ଚାୟତ ଅନ୍ତର୍ଗତ ଚାରିଘରିଆ ଗ୍ରାମର ଅବସରପ୍ରାପ୍ତ ସମବାୟ ସମିତି ସମ୍ପାଦକ ଅପର୍ତ୍ତି ନାୟକ (୭୩)ଙ୍କ ସୋମବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ନାୟକ ଜଣେ ମିଷ୍ଟଭାଷୀ, ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତି ଭାବେ ଜଣାଶୁଣା। ସେ ବହୁଦିନ ଧରି ବୈଦ୍ୟେଶ୍ୱର ସେବାସମବାୟ ସମିତି ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକ ଖବରପାଇ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସଞ୍ଜୟ କୁମାର ନାୟକ ପ୍ରମୁଖ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ନାୟକଙ୍କ ପୁତୁରା କବି ଗୟାଧର ନାୟକଙ୍କ ସମେତ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ନାୟକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଅକ୍ଷୟ କୁମାର ନାୟକ ମୁଖାଗ୍ନି ଦେଇଥିଲେ ।

# କୃତ୍ରିମ ହାତୀରେ ବସି ସାହି ବୁଲିଲେ ଶ୍ରୀଶ୍ରୀ ମଦନମୋହନ



ଚନ୍ଦନ ଯାତ୍ରା ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ପ୍ରତିମୂର୍ତ୍ତି।



କୃତ୍ରିମ ହାତୀରେ ବସି ଶ୍ରୀଶ୍ରୀ ମଦନମୋହନ ଦେବ ସାହି ପରିକ୍ରମା କରୁଛନ୍ତି।

**ତିଗିରିଆ,୧୯।୫(ଜାଫର ଖାଁ):** ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣା ଗ୍ରାମର ବଡ଼ସାହି ବିଜେ ପ୍ରଭୁ ଶ୍ରୀଶ୍ରୀ ମଦନମୋହନ ଦେବଙ୍କ ପ୍ରସିଦ୍ଧ ଚନ୍ଦନ ଯାତ୍ରା ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରା ୨୧ ତାରିଖରେ ମାଛବିନ୍ଧା ଯାତ୍ରା ସହ ସମାପନ ହେବ ବୋଲି ଯାତ୍ରା କମିଟିର ସଭାପତି ତଥା ନୂଆପାଟଣା ଗ୍ରାମର ସଭାପତି ପ୍ରଫୁଲ୍ଲ କୁମାର ଦତ୍ତ ସୂଚନା ଦେଇଛନ୍ତି।

ଯାତ୍ରାର ପ୍ରଥମ ଦିବସ ଅର୍ଥାତ୍ ସାନ ଯାତ୍ରା ଅବସରରେ ସୋମବାର ସନ୍ଧ୍ୟାରେ ପ୍ରଭୁ ଶ୍ରୀଶ୍ରୀ ମଦନମୋହନ ଦେବଙ୍କ ବିଗ୍ରହ କୃତ୍ରିମ ହାତୀ ଉପରେ ବସି ପଞ୍ଚାୟତର ସମସ୍ତ ୨୨ଟି ସାହି ପରିକ୍ରମା କରିଥିଲେ। ଯାତ୍ରା କମିଟି ପକ୍ଷରୁ ନିର୍ମିତ ଘୋଡା, ହାତୀ, ସିଂହ, ଶତାଧିକ ବହୁରୂପୀ ଓ ସ୍ଥାନୀୟ କୀର୍ତ୍ତନଦଳ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ସାହି ପରିକ୍ରମା କରିବା ପରେ ଚନ୍ଦନ ପୋଖରୀକୁ ଚାପ ଖେଳିବାକୁ ପାଇଁ ଯାଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିନରେ ବଡ଼ଯାତ୍ରା ଓ ୨୧ ତାରିଖରେ ଅନ୍ତିମ ଦିନରେ ମାଛ ବିନ୍ଧା ଯାତ୍ରା ରେ ପ୍ରଭୁ ଶ୍ରୀଶ୍ରୀମଦନମୋହନ ଦେବଙ୍କ ବିଗ୍ରହ ଦିନରେ ଦୁଇଥର ଚାପ ଖେଳିବା ପାଇଁ ଚନ୍ଦନ ପୋଖରୀକୁ ଯିବେ ବୋଲି ଜଣାପଡିଛି। ଚାପ ଖେଳ ଶେଷ ହେବାପରେ ପ୍ରଭୁ ଶ୍ରୀଶ୍ରୀମଦନମୋହନ ଦେବ ଚନ୍ଦନ ପୋଖରୀସ୍ଥିତ ଚନ୍ଦନ ମଣ୍ଡପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଚାଚେରୀ ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ପ୍ରସିଦ୍ଧ ଯାତ୍ରା ଉପଲକ୍ଷେ ପଞ୍ଚାୟତର ୨୨ ସାହିରୁ ୧୮ ସାହିର ଯାତ୍ରା କମିଟି ପକ୍ଷରୁ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଏହି ଉପଲକ୍ଷେ ଗ୍ରାମର ପ୍ରତ୍ୟେକ ସାହିକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ସୁନ୍ଦର ତୋରଣ ତିଆରି କରାଯାଇଛି। ଏହି ପ୍ରସିଦ୍ଧ ଯାତ୍ରା ପାଇଁ ଶତାଧିକ ଅସ୍ଥାୟୀ ଦୋକାନୀ ସେମାନଙ୍କ ପସରା ମେଲି ବସିଥିବା ବେଳେ ପ୍ରତ୍ୟହ ଅଞ୍ଚଳ ତଥା ଅଞ୍ଚଳ ବାହାରର ଶହସ୍ରାଧିକ ଲୋକ ଯାତ୍ରା ଦେଖିବାକୁ ଆସୁଥିବା ସୂଚନା ମିଳିଛି। ଏଥିପାଇଁ ଗ୍ରାମର ବିଭିନ୍ନ ଯାତ୍ରା କମିଟି ପକ୍ଷରୁ ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସୋମବାର ୩ ସାହି ତରଫରୁ ସାମାଜିକ ନାଟକ ମଞ୍ଚସ୍ଥ ହେଉଥିଲାବେଳେ ମଙ୍ଗଳବାର ୪ ସାହିରେ ସାମାଜିକ ନାଟକ ମଞ୍ଚସ୍ଥ ହେବବୋଲି ଯାତ୍ରା କମିଟି ସଭାପତି ତଥା ନୂଆପାଟଣା ଗ୍ରାମ ସଭାପତି ଦତ୍ତ, ସମ୍ପାଦକ ବିଦ୍ୟାଧର ଗୁଇଁ, ସରପଞ୍ଚ ସୋମନାଥ ଦାସ, ପ୍ରକାଶ ଦାସ, ପ୍ରଦୀପ ବର୍ଦ୍ଧନ ପ୍ରମୁଖ ସୂଚନା ଦେଇଛନ୍ତି।

### ତିଗିରିଆର ପ୍ରସିଦ୍ଧ ଚନ୍ଦନ ଯାତ୍ରା

## ୩ ବ୍ଲକରେ ପରାକ୍ରମ ଶୋଭାଯାତ୍ରା

**ବାଙ୍କୀ/ ବଡ଼ମ୍ବା/ ସାଲେପୁର, ୧୯।୫ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର / ମାୟାଧର ମଲ୍ଲିକ /ଅରବିନ୍ଦ ଭୂୟାଁ):** ଅପରେଶନ ସିନ୍ଦୁରର ସଫଳତା ପରେ ଭାରତ ବୀର ଯବାନଙ୍କ ସାହାସ, ଶକ୍ତି, ବୀରତ୍ୱ ଓ ମନୋବଳକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସୋମବାର ବାଙ୍କୀ, ବଡ଼ମ୍ବା ଓ ସାଲେପୁର ବ୍ଲକରେ ଭାଜପା ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀରେ ଏହି ଶୋଭାଯାତ୍ରା କଲେଜ ନିକଟସ୍ଥ ପ୍ରଭୁ ଜଳେଶ୍ୱର ମନ୍ଦିରରୁ ବାହାରି ବେଦପୁରସ୍ଥିତ ଷଠି ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ ଯାଇଥିଲା। ବାଙ୍କୀ ଭାଜପା ବିଧାନସଭା ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଏହି ଶୋଭଯାତ୍ରା ଆୟୋଜନ କରାଯାଇଥିଲା। ବଡ଼ମ୍ବାରେ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ବଡ଼ମ୍ବା ଗାନ୍ଧୀ ଛକସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭଯାତ୍ରାରେ ଯୁବ ବ୍ୟାପାର, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ମହତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିଧାୟକ ବିଜୟ କୁମାର ଦଳବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସାଲେପୁରରେ ଟାଙ୍ଗୀ–ସାଲେପୁର ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ଓ ମାଛୁଆତି ତାରିଣୀ ଛକରୁ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରି ଶେଷରେ ସାହେଶ୍ୱରୀ ପୀଠରେ ପହଞ୍ଚିଥିଲେ।



ବଡ଼ମ୍ବାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ ତ୍ରିରଙ୍ଗା ଶୋଭାଯାତ୍ରା କରୁଛନ୍ତି।

# ଶ୍ରୀରାମ ଚରିତ ମାନସ ପାରାୟଣ

**ସାଲେପୁର,୧୯।୫(ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ ଗୋପିନାଥପୁର ଗ୍ରାମର ଶ୍ରୀଶ୍ରୀ ମାଧବାନନ୍ଦଙ୍କ ପୀଠରେ ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିଠାରୁ ଚାଲିଥିବା ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରେ ପ୍ରତ୍ୟହ ପ୍ରାତଃ ୬ରୁ ପୂର୍ବାହ୍ନ୧୦ଟା ଓ ଅପରାହ୍ନ ୪ରୁ ୬ଟା ପର୍ଯ୍ୟନ୍ତ ପାରାୟଣ, ସନ୍ଧ୍ୟା ୭ରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚନ ପୂର୍ବରୁ ପ୍ରତ୍ୟହ ହନୁମାନ ଚାଳିଶା ପାଠ କରାଯାଉଥିଲା। ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମହାରାଜ ପ୍ରବଚନ ଦେଇଥିବାବେଳେ ମଞ୍ଚ ପରିଚାଳନାରେ ଜୟ ଜଗନ୍ନାଥ ବାବା, ମଧୁମାଟିର ସମ୍ପାଦକ ଡ. ଚିରଞ୍ଜନ ପଣ୍ଡା, ଶୁଭଙ୍କର ମହାନ୍ତି, ମନ୍ମଥ ସିଂହ, ଧର୍ମେନ୍ଦ୍ର ସାହୁ, ନୀଳମାଧବ ମିଶ୍ର, ନବକିଶୋର ମହାନ୍ତି, ବିଷ୍ଣୁଚରଣ ସାହୁ, ତରୁଣ କୁମାର ପାତ୍ର, ରାଜକିଶୋର ରାଉତ, ଗୋବିନ୍ଦ ବାବା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ମାଧବାନନ୍ଦ ସାଂସ୍କୃତିକ ପରିଷଦର ସମସ୍ତ ସଭ୍ୟମାନଙ୍କୁ ପ୍ରବଚକ ବ୍ରହ୍ମଚାରୀ ସତ୍ୟଚୈତନ୍ୟ ମହାରାଜ ନାମାବଳୀ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ୧୯୯୯ ବ୍ୟାଚ୍‌ର ରଜତ ଜୟନ୍ତୀ ସମାରୋହ




ବନ୍ଧୁମିଳନ ଉତ୍ସବରେ ପୁରାତନ ଛାତ୍ରୀଛାତ୍ର।

**କଟକ, ୧୯।୫ (କାର୍ତ୍ତିକ ସାହୁ):** ନୂଆବଜାର ଉଚ୍ଚ ବିଦ୍ୟାଳୟ ୧୯୯୯ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ରଜତ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀ ଅରୁଣାବାଳା ସ୍ୱାଇଁ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ ପୌରହିତ୍ୟ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ସମସ୍ତ ଶିକ୍ଷୟିତ୍ରୀଙ୍କୁ ଫୁଲତୋଡ଼ା, ଶାଲ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍କୁଲର ଅନ୍ତରୀଣ ସୁରକ୍ଷା ବୃଦ୍ଧି ନିମନ୍ତେ ଏକ ସିସିଟିଭି ସେଟ୍ ବିଦ୍ୟାଳୟକୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସୁବଳ ଚରଣ ବେହେରା, ଲକ୍ଷ୍ମୀଧର ପରିଡା, ଜୟନ୍ତୀ ଦେବୀ, ବାସନ୍ତୀ ନାୟକ, ଦୀପ୍ତିଲତା ପତି, ଗୀତାରାଣୀ ଦାସ, ହୈମବତୀ ନାୟକ, ଇନ୍ଦୁଶ୍ରୀ ଶତପଥୀ, ଜଗତ ରଞ୍ଜନ ବାରିକ, ସୂର୍ଯ୍ୟୋସ୍ନା ଦାଶ, ତପନ କୁମାର ପରିଡା, ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ପୁରାତନ ଛାତ୍ରୀଛାତ୍ରଙ୍କ ଗହଣରେ ସମୟ ବିତାଇବା ସହ ଆର୍ଶୀବାଦ ଦେଇଥିଲେ।

# କଳା, ସାହିତ୍ୟ, ସଂସ୍କୃତିର ଗନ୍ତାଘର ବଡ଼ମ୍ବା



ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବଡ଼ମ୍ବା, ୧୯।୫(ମାୟାଧର ମଲ୍ଲିକ)** ବଡ଼ମ୍ବାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ସୋମବାର ୨୦ ଦିନରେ ପହଞ୍ଚିଥିବା ବେଳେ ମହୋତ୍ସବର ଷଷ୍ଠ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୁବ ବ୍ୟାପାର, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କଳା, ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକତାର ଗନ୍ତାଘର ବଡ଼ମ୍ବା ବୋଲି କହିଥିଲେ। ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ପୁରୋଧା କଟକ ଜିଲା ଭାଜପା ସଭାପତି ରାମ ନାରାୟଣ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବ ଷଷ୍ଠ ସନ୍ଧ୍ୟାରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଆମ୍ବ କମିଟି ଅଧ୍ୟକ୍ଷ ମହେନ୍ଦ୍ର କୁମାର ପଡ଼ିଆରୀ, ଆଠଗଡ଼ ଉପଜିଲାପାଳ, ପ୍ରହ୍ଲାଦ ନାରାୟଣ ଶର୍ମା, ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ, ବିଡିଓ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର, ସମ୍ବଲପୁର ଅଞ୍ଚଳର ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଶିଶୁକଳାକାରଙ୍କ ନୃତ୍ୟଅଭିନୟ ଦର୍ଶକ ମନ୍ତ୍ରମୁଗ୍ଧ କରିଥିଲା।

### ବଡ଼ମ୍ବା ଚନ୍ଦନ ମହୋତ୍ସବ ଷଷ୍ଠ ସନ୍ଧ୍ୟା


**Repco Home Finance**

## ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

**କର୍ପୋରେଟ୍ କାର୍ଯ୍ୟାଳୟ:** ଆଲେକ୍ଜାଣ୍ଡ୍ରର ସ୍କୋୟାର୍, ନଂ.୨ (ପୁରୁଣା ନଂ. ୩୪ ଓ ୩୫), ୩ୟ ମହଲା, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ - ୬୦୦ ୦୩୨

### ଇ - ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖାରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି । ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **''ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ''** ଏବଂ **''ଯେମିତି ଅଛି ଯାହା ଅଛି ସ୍ଥିତିରେ''** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି ।

**ଇ-ନିଲାମର ତାରିଖ ଓ ସମୟ: ୨୬.୦୬.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡରର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୨୫.୦୬.୨୦୨୫, ଅପରାହ୍ନ ୪.୦୦ ଘଟିକା**

**ଭୁବନେଶ୍ୱର ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ବିଦ୍ୟାଧର ନାଏକ,** ପିତା: ଶ୍ରୀ କିଣା ନାଏକ, **ସହ-ଋଣଗ୍ରହୀତା: ଶ୍ରୀମତୀ ନିରୁପମା ଦେହୁରୀ,** ସ୍ୱା- ଶ୍ରୀ ବିଦ୍ୟାଧର ନାଏକ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରାଣକୃଷ୍ଣ ଦେହୁରୀ,** ପିତା- ଶ୍ରୀ ରାମ ଚନ୍ଦ୍ର ଦେହୁରୀ; ଡିମାଣ୍ଡ ନୋଟିସ ତାରିଖ: **୦୫.୦୯.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୭୧**) ହେଉଛି **ତା୦୫.୦୯.୨୦୨୦ରିଖ ସୁଦ୍ଧା ₹୧୦,୮୭,୨୨୮/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୯.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୪,୨୭,୩୨୩/- ।**

**କ୍ର.ସଂ. ୧୧: ଋଣଗ୍ରହୀତା: ଶ୍ରୀମତୀ ସୁଲତା ସିଂହ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ନାୟକ, **ସହ-ଋଣଗ୍ରହୀତା: ୧. ଶ୍ରୀ ଅଶୋକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୨. ଶ୍ରୀ ଦୀପକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୩. ଶ୍ରୀ ହୀରକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୪. ଶ୍ରୀମତୀ ସରିତା ନାୟକ,** ସ୍ୱାମୀ: ଶ୍ରୀ ହୀରକ କୁମାର ନାୟକ, **୫. ଶ୍ରୀମତୀ ସୁବେଦିତା ନାୟକ,** ସ୍ୱାମୀ: ଶ୍ରୀ ଦୀପକ କୁମାର ନାୟକ; ଡିମାଣ୍ଡ ନୋଟିସ ତାରିଖ: **୨୭.୦୧.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୮୦**) ହେଉଛି **ତା୨୫.୦୧.୨୦୨୩ରିଖ ସୁଦ୍ଧା ₹୧୯,୯୪,୪୮୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୫.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୭,୭୦,୦୭୦/- ।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ମୌଜା: ଜଟଣୀ ଟାଉନ**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.:

**କ୍ର.ସଂ: ୨୦: ଋଣଗ୍ରହୀତା: ଶ୍ରୀ ସୁଧୀର କୁମାର ଚୌଧୁରୀ,** ପିତା: ଶ୍ରୀ ଦୟାନିଧି ଚୌଧୁରୀ, **ସହ-ଋଣଗ୍ରହୀତା: ୧. ଶ୍ରୀ ଦୟାନିଧି ଚୌଧୁରୀ,** ପିତା- ଶ୍ରୀ ମୁଷା ଚୌଧୁରୀ, **୨. ଶ୍ରୀମତୀ କଳ୍ପନା ଚୌଧୁରୀ,** ସ୍ୱାମୀ- ଶ୍ରୀ ସୁଧୀର କୁମାର ଚୌଧୁରୀ; ଡିମାଣ୍ଡ ନୋଟିସ ତାରିଖ: **୦୯.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୮୦୦୦୦୧୩୪**) ହେଉଛି **ତା୦୮.୦୩.୨୦୨୨ରିଖ ସୁଦ୍ଧା ₹୫,୧୩,୪୨୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୩.୦୨.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୨.୦୫.୨୦୨୫ରିଖ ସୁଦ୍ଧା ₹୮,୩୮,୦୮୫/- ।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ: ବଡ଼ମ୍ବା, ମୌଜା: ଚୁନାପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୪୫୭/୧୫୩, **ପ୍ଲଟ୍ ନଂ. ୩୧୪୮,** ରକବା ଏ୦.୦୧୦ ଡିସିମିଲ, **ପ୍ଲଟ୍ ନଂ. ୩୧୫୨,** ରକବା ଏ୦.୦୧୦ ଡିସିମିଲ, କ୍ରୟ ରକବା **ଏ୦.୦୨୦ ଡିସିମିଲ,** ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ମୁଷା ଚୌଧୁରୀ, ପଶ୍ଚିମ: ସିନ୍ଧୁ ଚୌଧୁରୀ।

| ସଂରକ୍ଷିତ ମୂଲ୍ୟ | ₹୯,୬୨,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୯୬,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ ।
ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି ।

ପ୍ରାଧିକୃତ ଅଧିକାରୀ
ତାରିଖ: ୦୯.୦୫.୨୦୨୫ / ୧୩.୦୫.୨୦୨୫ — ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

# ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭ଭାଗ ସଂରକ୍ଷଣ ଲାଗୁ ଦାବିକଲା ସିପିଆଇ(ଏମ୍)

**ଭୁବନେଶ୍ୱର, ୧୯।୫ (ବନ୍ଦନା ସେଠୀ):** ଉଚ୍ଚ ମାଧ୍ୟମିକ ଏବଂ ଉଚ୍ଚ ଶିକ୍ଷାରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗ (ଏସ୍ଇବିସି)ଙ୍କ ପାଇଁ ଘୋଷିତ ୧୧.୨୫% ସ୍ଥାନ ସଂରକ୍ଷଣ ଏକ ଦୁର୍ବଳ ଆରକ୍ଷଣ ବ୍ୟବସ୍ଥା ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ଉଦ୍‌ବେଗ ପ୍ରକାଶ କରିବା ସହ ଦୁର୍ବଳ ଆରକ୍ଷଣ ବଦଳରେ ପଛୁଆ ବର୍ଗ ପାଇଁ ପୂର୍ଣ୍ଣାଙ୍ଗ ୨୭ଭାଗ ସଂରକ୍ଷଣ ଲାଗୁ କରିବାକୁ ଦାବି କରାଯାଇଛି। ୧୯୯୦ ଓ ୨୦୦୬ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷିତ ନିର୍ଦ୍ଦେଶନାମା ଓ ୧୯୯୨ରେ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ, ଓଡ଼ିଶା ସରକାର ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗ ପାଇଁ ସଂରକ୍ଷଣ ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ। ସେହିପରି ଉଚ୍ଚ ଶିକ୍ଷା, ଉଚ୍ଚ ମାଧ୍ୟମିକ ଶିକ୍ଷା ସହିତ ଇଞ୍ଜିନିୟରିଂ, ମେଡ଼ିକାଲ ସମେତ ସମସ୍ତ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏହି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ କାର୍ଯ୍ୟକାରୀ କରିବା, ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଛାତ୍ରୀଛାତ୍ରଙ୍କ ହାର ଅନୁପାତରେ ସେମାନଙ୍କ ପାଇଁ ମେଡ଼ିକାଲ, ଇଞ୍ଜିନିୟରିଂ ତଥା ଅନ୍ୟାନ୍ୟ ବୈଷୟିକ ଶିକ୍ଷାରେ ସଂରକ୍ଷଣ ଲାଗୁ କରିବାକୁ ଦାବି କରାଯାଇଛି।

# ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ କାର୍ଯ୍ୟକାରିତାରେ ଓଡ଼ିଶା ସର୍ବାଗ୍ରେ

## ଶେଷ ପର୍ଯ୍ୟାୟରେ ପ୍ରକଳ୍ପ କାର୍ଯ୍ୟ

ଭୁବନେଶ୍ୱର, ୧୯।୫(ବନ୍ଦନା ସେଠୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ରାଜ୍ୟରେ ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜଙ୍ଗଲ ଜମିର ସଂରକ୍ଷଣ, ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ, ଜଙ୍ଗଲ ଜମି ଉପରେ ଆଦିବାସୀଙ୍କ ଅଧିକାରର ସୁରକ୍ଷା, ଜଙ୍ଗଲ ଉପକଣ୍ଠରେ ରହୁଥିବା ଲୋକଙ୍କ ଅଣଜଙ୍ଗଲଜାତ ଉତ୍ପାଦ ସଂଗ୍ରହ ଏବଂ ଜଙ୍ଗଲ ଜମିକୁ ନେଇ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ବିବାଦର ସମାଧାନ କ୍ଷେତ୍ରରେ ଏହି ଜିଓ-ରେଫରେନ୍ସିଂ ସହାୟତା କରିବ। ବିଭିନ୍ନ ମାମଲାକୁ ବିଚାରକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କେନ୍ଦ୍ରୀୟ କ୍ଷମତାସମ୍ପନ୍ନ କମିଟି ନିର୍ଦ୍ଦେଶରେ ଏହି କାର୍ଯ୍ୟ ଜାରି ରହିଛି। ସମଗ୍ର ଦେଶରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ ସହ ସର୍ବାଗ୍ରେ ରହିଛି ବୋଲି ସୋମବାର ଲୋକସେବା ଭବନଠାରେ ଆୟୋଜିତ ସମୀକ୍ଷା ବୈଠକରେ କମିଟି ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ କହିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ୬୦ହଜାର ବର୍ଗ କି.ମି. ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ କାର୍ଯ୍ୟ ଜାରି ରହିଥିବାବେଳେ ଏହାର ପ୍ରାୟ ୯୫% କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକ୍ରିୟା ଦ୍ୱାରା ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ ମତ ରଖିଛନ୍ତି। ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ଯେକୌଣସି ଜଙ୍ଗଲ ଜମିରେ ଅଣଜଙ୍ଗଲ ବିକାଶ କାର୍ଯ୍ୟ କରିବା ପାଇଁ କେନ୍ଦ୍ରର ଅନୁମତି ଆବଶ୍ୟକ। ପୂର୍ବରୁ ଠିକ୍ ରେକର୍ଡ ଉପଲବ୍ଧ ନ ଥିବାରୁ ବିଭିନ୍ନ ସମୟରେ ଉନ୍ନୟନ କାର୍ଯ୍ୟକୁ ନେଇ ବିଳମ୍ବ ହେଉଥିଲା। ଏହି ଜିଓ-ରେଫରେନ୍ସିଂ ମାଧ୍ୟମରେ ଜଙ୍ଗଲ ଜମିର ଠିକ୍ ସୀମା ନିର୍ଦ୍ଧାରଣ ହୋଇପାରିବ ଏବଂ ଜଙ୍ଗଲ ଜମିକୁ ନେଇ ଅନେକ ସମସ୍ୟା ସମାଧାନ ହୋଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଥିବା ବୈଷୟିକ ସଂସ୍ଥା ସ୍ପାଟିଆଲ ପ୍ଲାନିଂ ଆଣ୍ଡ୍ ଆନାଲିସିସ୍ ରିସର୍ଚ୍ଚ ସେଣ୍ଟରର ପରିଚାଳନା ନିର୍ଦ୍ଦେଶକ ଶୁଭଦର୍ଶୀ ମିଶ୍ର ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ବିଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଥିଲା। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନସଂରକ୍ଷକ ସୁରେଶ ପନ୍ତ, ପ୍ରଧାନ ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ, ବନ ସଂରକ୍ଷଣ ଆଇନ ନୋଡାଲ ଅଧିକାରୀ ଡଃ କେ. ମୁର୍ଗେସନ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ, ୨ ଖଣ୍ଡା ଜବତ

## ଯୁବକଙ୍କୁ ଗୋଡ଼ାଇ ହାଣିବା ଘଟଣା

ଭୁବନେଶ୍ୱର,୧୯।୫(ସତ୍ୟଜିତ ରାଉତ)

ଶିଶୁ ଭବନ ଟ୍ରାଫିକ୍ ଛକ ପାଖ ଫରେଷ୍ଟ ପାର୍କ ରାସ୍ତାରେ ଭିକି ନାୟକଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ଏୟାରପୋର୍ଟ ଥାନା ପୋଲିସ ଅଧିକ ଛାନଭିନ୍ ଚଳାଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ଝରଣା ସାହିରେ ରହୁଥିବା ଏମ୍‌ଡି ରାଜା, ଏମ୍‌ଡି ସଦାମ, ରାମୁ ଓରଫ ନସାମୁଦ୍ଦିନ୍ ସାହା ଓ ଚୁମୁ ଓରଫ ଆଜାମୁସିନ୍ ସାହ। ଏମାନଙ୍କଠାରୁ ୨ଟି ବାଇକ ଓ ଦୁଇ ଖଣ୍ଡା ଜବତ ହୋଇଛି। ଫେରାର ଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଗୁନା ସିଂ ସମେତ ଅନ୍ୟମାନଙ୍କୁ ପୋଲିସ ଖୋଜୁଛି। ପୋଲିସ ସୂଚନା ଅନୁଯାୟୀ, ଗତବର୍ଷ ଜାଗର ବେଳେ ଝରଣା ସାହିରେ କ୍ରିକେଟ ଖେଳ ହେଉଥିବା ବେଳେ ବିକିଙ୍କ ସହ ଗୁନା ଓ ରାଜାଙ୍କ ଝଗଡା ହୋଇଥିଲା। ଏହାପରେ ଗୁନା ଓ ରାଜା ଅନ୍ୟମାନଙ୍କ ସହ ମିଶି ଆପରାଧିକ ଷଡ଼ଯନ୍ତ୍ର କରିଥିଲେ। ମେ' ୧୨ ରାତି ପ୍ରାୟ ୯ଟା ବେଳେ ବିକି ଫରେଷ୍ଟ ପାର୍କ ରାସ୍ତାରେ ଜଳଖିଆ ଖାଉଥିବା ସମୟରେ ଅଭିଯୁକ୍ତମାନେ ଏକ କାର୍‌ରେ ଆସି ଖଣ୍ଡାରେ ଗୋଡ଼ାଇ ଆକ୍ରମଣ କରିଥିଲେ। ବିକି ଜୀବନ ବଞ୍ଚାଇ ପଳାଇ ଯାଉଥିବା ବେଳେ ରାସ୍ତା ମଝିରେ ପଡ଼ିଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ନିର୍ମମ ଭାବେ ହାଣିଥିଲେ। ଫଳରେ ବିକିଙ୍କ ହାତ, ଗୋଡ ଏବଂ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା।

# ୩ ଦିନରେ ୩ ସ୍ଥାନରୁ ଚୋରି

ବାଲିପାଟଣା,୧୯।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ତିନିଦିନ ମଧ୍ୟରେ ୩ସ୍ଥାନରୁ ଚୋରି ହୋଇଛି। ଏହି ତିନୋଟି ଘଟଣାରେ ପୋଲିସ ପୃଥକ ଭାବେ ୩ଟି ମାମଲା (ନଂ.୨୧୬/୨୫, ୨୧୭/୨୫ ଓ ୨୧୮/୨୫) ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ବାଲିପାଟଣା ସରିପୁର ଛକରେ ଥିବା ବାଗ୍‌ଦେବୀ ବିଦ୍ୟା ମନ୍ଦିରରୁ ୨୦ହଜାର ଟଙ୍କା ଚୋରି ହୋଇଛି। ସେହିପରି ସରିପୁର ଛକଠାରୁ ଚଣାହଟ୍ଟା ରାସ୍ତାରେ ଥିବା ବିଷ୍ଣୁ ପ୍ରସାଦ ସ୍ୱାଇଁଙ୍କ ଫର୍ନିଚର ୱାର୍କଶପ୍‌ରୁ ଯନ୍ତ୍ରାଂଶ ସହ ୧୬ହଜାର ଟଙ୍କା ଚୋରି ହୋଇଥିଲା। ରବିବାର ବାଲିପାଟଣା ଛକ ନିକଟରେ ଥିବା ଏକ ମଦ ଦୋକାନର ତାଲା ଭାଙ୍ଗି ଚୋରି ଉଦ୍ୟମ କରାଯାଇଛି।



ଜାଗୃତି ସାଂସ୍କୃତିକ ପରିଷଦର ୨୩ତମ ବାର୍ଷିକ ଉତ୍ସବ ଅବସରରେ ସୋମବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଛି।

# ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ, ଜନଜୀବନ ଅସ୍ତବ୍ୟସ୍ତ

ଖୋର୍ଦ୍ଧା,୧୯।୫(ପ୍ରଭାତ ପାଣିଗ୍ରାହୀ)

## ଅଘୋଷିତ ବିଦ୍ୟୁତ୍ କାଟ, ଲୋ ଭୋଲଟେଜ ସମସ୍ୟା ଚିନ୍ତା ବଢ଼ାଇଛି

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ରାସ୍ତାଘାଟ ଶୁନଶାନ ହୋଇପଡୁଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ସହରର ବିଭିନ୍ନ ଛକରେ ଫଳରସ ଦୋକାନ, ଜୁସ ସେଣ୍ଟର, ତରଭୁଜ, ଆଖୁରସ ପସରା ମେଲିଛି।ଏଠାରେ ଲୋକଙ୍କ ଭିଡ଼ ଲାଗିରହୁଛି। ଅନେକ ସ୍ଥାନରେ ଲୋକେ ରାସ୍ତାକଡ଼ରେ ପୁଦିନା, ଲେମ୍ବୁ ମିଶ୍ରି, ଭୁଷି ପାଣି ପେୟର ଜମିବାରେ ଲାଗିଛି। ଅନ୍ୟପଟେ ଅଘୋଷିତ ବିଦ୍ୟୁତ୍ କାଟ ଏବଂ ଲୋ ଭୋଲଟେଜ୍ ସମସ୍ୟା ଚିନ୍ତା ବଢ଼ାଇଛି। ଛୋଟପିଲା, ରୋଗୀ, ଗର୍ଭବତୀ, ବୃଦ୍ଧାବୃଦ୍ଧ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରା ଯୋଗୁ ପୁରୁଣା ଏବଂ ନୂଆବସଷ୍ଟାଣ୍ଡରେ କାଁ ଭାଁ ଯାତ୍ରୀଙ୍କୁ ଦେଖିବାକୁ ମିଳୁଛି। ଫଳରେ କେତେକ ବସ୍ ଜନସାଧାରଣ ଯାତ୍ରୀରେ ଯାତାୟାତ କରୁଛି। ଏନେଇ ଗୁରୁଜଙ୍ଗର ରାଜେଶ ସାହୁ କୁହନ୍ତି, ଦିନରେ ଅସହ୍ୟ ଗରମ ସାଙ୍ଗକୁ ବିଦ୍ୟୁତ୍ କାଟ ଅସହ୍ୟ ହେଲାଣି। ବାରମ୍ବାର ବିଦ୍ୟୁତ୍ କାଟ ସମ୍ପର୍କରେ ପଚାରିଲେ, ବିଭାଗ ପକ୍ଷରୁ କୌଣସି ଉତ୍ତର ନାହିଁ। ସେହିପରି ଦଲେଇପୁରରେ ଭୁବନ ସୁବୁଦ୍ଧି କୁହନ୍ତି, ଦିନରେ ଖରା ହେଉଥିବା ବେଳେ ସଞ୍ଜ ନଇଁଲେ ଗୁଳୁଗୁଳି ସହିତ ବିଦ୍ୟୁତ୍ ଅପହାରାନ ଯୋଗୁ ରାତିରେ ନିଦ ହଜିଗଲାଣି। ମୌସୁମୀ ଆସିଲେ ଅସହ୍ୟ ଗରମରୁ ମୁକ୍ତି ମିଳିବ। ଗୋସେବକ ବିକାଶ ପ୍ରଧାନ କୁହନ୍ତି,ଗ୍ରୀଷ୍ମ ପ୍ରବାହ ଯୋଗୁ ଜୀବଜନ୍ତୁ ମଧ୍ୟ ପାଣି ପାଇଁ ଡହଳବିକଳ ହେଉଛନ୍ତି। ସ୍ଥାନୀୟ ପୌର ପ୍ରଶାସନ ପକ୍ଷରୁ କେତେକ ସ୍ଥାନରେ ପାଣିକୁଣ୍ଡ ବ୍ୟବସ୍ଥା ସତ୍ତ୍ୱେ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ। ଏମାନଙ୍କ ପାଇଁ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା କରାଯାଉ। ପୌର ନିର୍ବାହୀ ଅଧିକାରୀ ରିଜ୍ୱାନା କାଉକବ କୁହନ୍ତି, ସମସ୍ତ ଜନସାଧାରଣ ସ୍ଥାନରେ ଜଳଛତ୍ର ଏବଂ ପାଣିକୁଣ୍ଡ ରଖାଯାଇଛି। ଏଥିଲାଗି ପୌର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନିଜ ଘର ପାଖରେ ସାଧାରଣ ଲୋକେ ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା କରିବାକୁ ଆହ୍ୱାନ କରିଛନ୍ତି। ଜିଲାପାଳ ଚଞ୍ଚଳ ରାଣା କୁହନ୍ତି, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟାଳୟ ସମେତ ବ୍ଲକସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ, ଜରୁରୀକାଳୀନ ସେବା କାର୍ଯ୍ୟକ୍ଷମ ରହିଛି। ଅଂଶୁଘାତ ମୁକାବିଲା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ କୁହନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ମେଡ଼ିକାଲରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଲୋକେ ଘରୁ ବାହାରିଲେ ଛତା, ପାଣି ବୋତଲ ଧରି ବାହାରନ୍ତୁ। କାମ ନ ଥିଲେ ଘରୁ ବାହାରନ୍ତୁ ନାହିଁ। ସ୍ୱାସ୍ଥ୍ୟର ଯତ୍ନନେବାକୁ ପରାମର୍ଶ ଦେଇଛନ୍ତି।

# ଜବକାର୍ଡଧାରୀଙ୍କ ବଦଳରେ ମେସିନ ଖୋଳୁଛି ପୋଖରୀ



ନିରାକାରପୁର,୧୯।୫ (ମାନସ ରଞ୍ଜନ ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସାନରାଉତପଡ଼ା ପଞ୍ଚାୟତର କୁସୁମି ଗ୍ରାମରେ ଥିବା କୁଆକଣ୍ଡିଆ ପୋଖରୀ କାମ ଚାଲୁ ରହିଛି। ତେବେ ଏଠାରେ ଜବକାର୍ଡଧାରୀଙ୍କ ପରିବର୍ତ୍ତେ ମେସିନରେ ପୋଖରୀ ଖୋଳାଯାଉଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଦାରିଦ୍ର୍ୟ ସୀମା ରେଖାଠାରେ ଥିବା ମହିଳା, ପୁରୁଷଙ୍କୁ କାମ ଯୋଗାଇଦେବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)କରାଯାଇଛି। ହେଲେ ଜବକାର୍ଡଧାରୀଙ୍କୁ କାମ ଦେବା ପରିବର୍ତ୍ତେ ମେସିନରେ କାମ କରାଯାଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜବକାର୍ଡ ଧାରୀମାନେ କାମ ନ ପାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ନଜିର ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ କରାଯିବ ବୋଲି ଟାଙ୍ଗୀ ବିଡିଓ ଗୁମାନ ଜାମ୍ପିନ କହିଛନ୍ତି।


Repco Home Finance

## ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

**କର୍ପୋରେଟ୍ କାର୍ଯ୍ୟାଳୟ:** ଆଲେକ୍ସାଣ୍ଡ୍ରର ସ୍କୋୟାର୍, ନଂ.୨ (ପୁରୁଣା ନଂ. ୩୪ ଓ ୩୫), ୩ୟ ମହଲା, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ - ୬୦୦ ୦୩୨

## ଇ - ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖାରୁ ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି। ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **"ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ"** ଏବଂ **"ଯେମିତି ଅଛି ଯାହା ଅଛି ସ୍ଥିତିରେ"** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି।

**ଇ-ନିଲାମର ତାରିଖ ଓ ସମୟ: ୨୬.୦୬.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡରର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୨୫.୦୬.୨୦୨୫, ଅପରାହ୍ନ ୪.୦୦ ଘଟିକା**

**ଭୁବନେଶ୍ୱର ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ବିଦ୍ୟାଧର ନାଏକ,** ପିତା: ଶ୍ରୀ କିଶା ନାଏକ, **ସହ-ଋଣଗ୍ରହୀତା: ଶ୍ରୀମତୀ ନିରୁପମା ଦେହୁରୀ,** ସ୍ୱା- ଶ୍ରୀ ବିଦ୍ୟାଧର ନାଏକ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରାଣକୃଷ୍ଣ ଦେହୁରୀ,** ପିତା- ଶ୍ରୀ ରାମ ଚନ୍ଦ୍ର ଦେହୁରୀ; ଡିମାଣ୍ଡ ନୋଟିସ ତାରିଖ: **୦୫.୦୯.୨୦୨୦;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୭୧**) ହେଉଛି **ତା୦୫.୦୯.୨୦୨୦ରିଖ ସୁଦ୍ଧା ₹୧୦,୮୭,୨୨୮/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୯.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୪,୨୭,୩୨୩/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ବଡ଼ କୁସୁନାପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୧୨୩/୨୭୬, **ପ୍ଲଟ୍ ନଂ. ୪୧୮/୧୪୧୫,** ରକବା: ଏ୦.୦୫୦ ଡିସିମିଲ, କ୍ରୟ ରକବା: ଏ୦.୦୫୦ ଡିସିମିଲ, ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ ଘରବାରି ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ବିକ୍ରେତା, ଦକ୍ଷିଣ: ରାସ୍ତା: ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୪୧୭।

ସଂରକ୍ଷିତ ମୂଲ୍ୟ ₹୧୯,୩୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୧,୯୩,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ସୌଭାଗ୍ୟ ସାହୁ,** ପିତା: ସର୍ବେଶ୍ୱର ସାହୁ, **ସହ-ଋଣଗ୍ରହୀତା: ଶ୍ରୀମତୀ ସୁଲୋଚନା ସାହୁ,** ସ୍ୱା- ଶ୍ରୀ ସର୍ବେଶ୍ୱର ସାହୁ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଅମୀୟ କୁମାର ସାହୁ,** ପିତା- ଶ୍ରୀ ଗୋଦାବରୀ ସାହୁ; ଡିମାଣ୍ଡ ନୋଟିସ ତାରିଖ: **୧୮.୧୧.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୫୬**) ହେଉଛି **ତା୧୭.୧୧.୨୦୨୨ରିଖ ସୁଦ୍ଧା ₹୧୩,୦୫,୭୩୮/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୮,୪୧,୨୧୮/-।**
**ସମ୍ପତ୍ତିର ବର୍ଣ୍ଣନା: ନୟାଗଡ଼ ଜିଲ୍ଲା, ରଣପୁର ତହସିଲ, ଚାନ୍ଦପୁର ମୌଜା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୧୨୦୫/୫୪୮, ପ୍ଲଟ୍ ନଂ. ୪୪୬/୨୯୬୦, ରକବା: ଏ୦.୦୪୦ ଡିସିମିଲ, **ପ୍ଲଟ୍ ନଂ. ୪୪୬/୨୯୬୧,** ରକବା: ଏ୦.୦୧୦ ଡିସିମିଲ, ବାସ୍ତବ କ୍ରୟ ରକବା ଏ୦.୦୫୦ ଡିସିମିଲ, ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ (ଘରବାରି) ଏବଂ ତାହା ନିମ୍ନ ଚଉହଦୀ ମଧ୍ୟରେ ଅବସ୍ଥିତ: ଉତ୍ତର: ରାସ୍ତା, ଦକ୍ଷିଣ: ସୁରେନ୍ଦ୍ର ଛୋଟରାୟ, ପୂର୍ବ: ବ୍ରଜବନ୍ଧୁ ବେହେରା, ପଶ୍ଚିମ: ବିକ୍ରେତା।

ସଂରକ୍ଷିତ ମୂଲ୍ୟ ₹୨୯,୩୪,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୨,୯୩,୪୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ. ୩: ଋଣଗ୍ରହୀତା: ଶ୍ରୀ ପ୍ରକାଶ ଚନ୍ଦ୍ର ବେହେରା,** ପିତା: ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, **ସହ-ଋଣଗ୍ରହୀତା: ୧. ଶ୍ରୀ ପ୍ରଭାସ ଚନ୍ଦ୍ର ବେହେରା,** ପିତା- ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, **୨. ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା,** ପିତା- ଶ୍ରୀ ଦିନବନ୍ଧୁ ବେହେରା, **୩. ଶ୍ରୀମତୀ ସୁଲୋଚନ୍ୟା ବେହେରା,** ପିତା- ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା; ଡିମାଣ୍ଡ ନୋଟିସ ତାରିଖ: **୧୬.୦୩.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୧୧**) ହେଉଛି **ତା୧୫.୦୩.୨୦୨୨ରିଖ ସୁଦ୍ଧା ₹୨୧,୭୧,୩୧୧/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୭.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୨୫,୦୬,୬୨୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ମାଧବପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୨୪୩/୩୨୬, **ପ୍ଲଟ୍ ନଂ. ୨୬୧/୧୩୧୯, ମାଧବପୁର, ଆଠଗଡ଼, କଟକ, ଓଡ଼ିଶା - ୭୫୪୦୨୯,** ଚଉହଦୀ:ପୂର୍ବ: ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୨୬୦, ଉତ୍ତର: ପ୍ଲଟ୍ ନଂ. ୨୫୯, ଦକ୍ଷିଣ: ପ୍ଲଟ୍ ନଂ. ୨୬୧ର ଅବଶିଷ୍ଟାଂଶ। ମୋଟ କ୍ରୟ ରକବା ଏ୦.୦୨୦ ଡିସିମିଲ, ନିର୍ମାଣ ରକବା ଏ୦.୦୨୦ ଡିସିମି, ଜମିର କିସମ ହୋମଷ୍ଟିଡ୍।

ସଂରକ୍ଷିତ ମୂଲ୍ୟ ₹୩୯,୨୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୩,୯୨,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ. ୪: ଋଣଗ୍ରହୀତା: ଶ୍ରୀ ରାକେଶ କୁମାର ନାୟକ,** ପିତା: ଶ୍ରୀ ଅକ୍ରୁର ନାୟକ, **ସହ-ଋଣଗ୍ରହୀତା: ୧. ଶ୍ରୀ ଅକ୍ରୁର ନାୟକ,** ପିତା- ଶ୍ରୀ ବାବନ ନାୟକ, **୨. ଶ୍ରୀମତୀ ସସ୍ମିତା ନାୟକ,** ପିତା- ଶ୍ରୀ ରାକେଶ କୁମାର ନାୟକ ଏବଂ ଗ୍ୟାରେଣ୍ଟିଦାତା: ଶ୍ରୀ ମାନସ କୁମାର ସାହୁ, ସ୍ଥାନ- ବଡ଼ପାଟଣାସାହି; ଡିମାଣ୍ଡ ନୋଟିସ ତାରିଖ: **୧୯.୧୧.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୨୫**) ହେଉଛି **ତା୧୮.୧୧.୨୦୨୨ରିଖ ସୁଦ୍ଧା ₹୧୫,୭୨,୦୦୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୨୨,୧୯,୩୫୬/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ନୟାଗଡ଼, ତହସିଲ: ରଣପୁର, ମୌଜା: ଚାନ୍ଦପୁର**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୧୨୦୫/୪୭, **ପ୍ଲଟ୍ ନଂ. ୪୧୪/୨୬୫୯,** ରକବା: ଏ୦.୦୩୦ ଡେସିମିଲ, ମୋଟ କ୍ରୟ ରକବା ଏ୦.୦୩୦ ଡିସିମିଲ; ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ (ଘରବାରି); ଚଉହଦୀ: ଉତ୍ତର: ବିକ୍ରେତା, ଦକ୍ଷିଣ: ରିତା ସାହୁ, ପୂର୍ବ: ଗୋଚର, ପଶ୍ଚିମ: ବିକ୍ରେତା।

ସଂରକ୍ଷିତ ମୂଲ୍ୟ ₹୩୧,୮୩,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୩,୧୮,୩୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ: ୫: ଋଣଗ୍ରହୀତା: ଶ୍ରୀ ଅମୀୟ ରଞ୍ଜନ ପତି,** ପିତା: ଶ୍ରୀ ବିକ୍ରମ କିଶୋର ପତି, **ସହ-ଋଣଗ୍ରହୀତା: ଶ୍ରୀ ଅସୀମ ପତି,** ପିତା- ବିକ୍ରମ କିଶୋର ପତି; ଡିମାଣ୍ଡ ନୋଟିସ ତାରିଖ: **୨୯.୧୦.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୮୨୧**) ହେଉଛି **ତା୨୯.୧୦.୨୦୨୨ରିଖ ସୁଦ୍ଧା ₹୯,୦୮,୬୧୧/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୮.୦୩.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୨,୧୮,୮୩୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: କଟକ, ମୌଜା: ବରଳ**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୪୮୬, **ପ୍ଲଟ୍ ନଂ. ୧୧୩୪,** ରକବା: ଏ୦.୦୩୦ ଡେସିମିଲ, କ୍ରୟ ରକବା ଏ୦.୧୯୦ ଡିସିମିଲ ମଧ୍ୟରୁ ଏ୦.୦୩୦ ଡିସିମିଲ; ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍; ଚଉହଦୀ: ଉତ୍ତର: ମନୋରଞ୍ଜନ ଶତପଥୀ, ଦକ୍ଷିଣ: ପ୍ଲଟ୍ ନଂ. ୧୧୩୬, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୧୧୩୩।

ସଂରକ୍ଷିତ ମୂଲ୍ୟ ₹୧୫,୬୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୧,୫୬,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୧୦,୦୦୦/-

**କ୍ର.ସଂ: ୬: ଋଣଗ୍ରହୀତା: ଶ୍ରୀ ସରୋଜ କୁମାର ଗୋଛାୟତ,** ପିତା: ଶ୍ରୀ ପ୍ରେମାନନ୍ଦ ଗୋଛାୟତ, **ସହ-ଋଣଗ୍ରହୀତା: ଶ୍ରୀମତୀ ବାସନ୍ତୀ ଗୋଛାୟତ,** ସ୍ୱାମୀ- ଶ୍ରୀ ପ୍ରେମାନନ୍ଦ ଗୋଛାୟତ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ,** ପିତା- ଶ୍ରୀ ପ୍ରଭାକର ସ୍ୱାଇଁ;; ଡିମାଣ୍ଡ ନୋଟିସ ତାରିଖ: **୨୭.୦୩.୨୦୨୩;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୩୨**) ହେଉଛି **ତା୨୭.୦୩.୨୦୨୩ରିଖ ସୁଦ୍ଧା ₹୨୧,୧୩,୧୬୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୬.୦୮.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୨୭,୬୩,୨୭୨/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ରାଧାଗୋବିନ୍ଦପୁର**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୯୧/୪୩୮, **ପ୍ଲଟ୍ ନଂ. ୮/୧୫୦୭,** ରକବା: ଏ୦.୦୧୮ ଡେସିମିଲ, ଜମିର କିସମ ହେଉଛି ହୋମଷ୍ଟିଡ୍ ଯାହା ନିମ୍ନ ଅନୁଯାୟୀ ଆବଦ୍ଧ ଅଟେ: ଉତ୍ତର: ରାସ୍ତା, ଦକ୍ଷିଣ: ନରେନ୍ଦ୍ର ସାମନ୍ତ, ପୂର୍ବ: ସୁଲୋଚନା ପଲେଇ, ପଶ୍ଚିମ: ନଳୀନ ଗୋଛାୟତ।

ସଂରକ୍ଷିତ ମୂଲ୍ୟ ₹୪୪,୮୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୪,୪୮,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ: ୭: ଋଣଗ୍ରହୀତା: ଶ୍ରୀ ଧରଣୀ ଧର ଦାସ,** ପିତା: ଶ୍ରୀ ବରେନ୍ଦ୍ର ନାଥ ଦାସ, **ସହ-ଋଣଗ୍ରହୀତା: ଶ୍ରୀମତୀ ଝରାଶ୍ରୀ ଦାସ,** ସ୍ୱାମୀ- ଧରଣୀଧର ଦାସ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ରାକେଶ ମହାନ୍ତି,** ପିତା- ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି; ଡିମାଣ୍ଡ ନୋଟିସ ତାରିଖ: **୧୭.୦୩.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୭୩**) ହେଉଛି **ତା୧୫.୦୩.୨୦୨୨ରିଖ ସୁଦ୍ଧା ₹୧୩,୯୮,୬୬୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୭.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୨୨,୭୪,୨୯୬/-।**
**ସମ୍ପତ୍ତିର ବର୍ଣ୍ଣନା: ଜଗତ୍‌ସିଂହପୁର, ତହସିଲ ତିର୍ତ୍ତୋଲ, ମୌଜା କୁଟିଲୋ ଗ୍ରାମ ଦୟାଲପୁର**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୨୬୨, ପ୍ଲଟ୍ ନଂ.: ୩୭୮, ରକବା ଏ୦.୦୩୦ ଡିସିମିଲ, ପ୍ଲଟ ନଂ. ୩୮୫ ରକବା ଏ୦.୦୩୦ ଡିସିମିଲ, ପ୍ଲଟ୍ ନଂ. ୩୮୯ ରକବା ଏ୦.୦୨୦ ଡିସିମିଲ ଏବଂ ପ୍ଲଟ୍ ନଂ. ୩୯୬ ରକବା ଏ୦.୦୨୦ ଡିସିମିଲ ବିଶିଷ୍ଟ, **କୁଟିଲୋ ଗ୍ରାମ, ଦୟାଲପୁର, ତିର୍ତ୍ତୋଲ ତହସିଲ, ଜଗତସିଂହପୁର ଜିଲ୍ଲା,** ଚଉହଦୀ: ପୂର୍ବ: ରଜନୀକାନ୍ତ ଦାସ, ପଶ୍ଚିମ: ଗୋପାଳ ଚରଣ ଦାସ, ଉତ୍ତର: ମାଲିକଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା। ମୋଟ କ୍ରୟ ରକବା ଏ୦.୬୫୦ ଡିସିମିଲ, ଯାହା ମଧ୍ୟରୁ **ଏ୦.୧୦୦ ଡିସିମିଲ** ରକବାରେ ନିର୍ମାଣ କରାଯାଇଛି, ଜମିର କିସମ ହେଉଛି ହୋମଷ୍ଟିଡ୍।

ସଂରକ୍ଷିତ ମୂଲ୍ୟ ₹୨୮,୦୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୨,୮୦,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ: ୮: ଋଣଗ୍ରହୀତା: ଶ୍ରୀ ମନୋଜ କୁମାର ରାଉତରାୟ,** ପିତା: ଶ୍ରୀ ଧରଣୀଧର ରାଉତରାୟ, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ଲକୀ ରାଉତରାୟ,** ସ୍ୱାମୀ- ଶ୍ରୀ ମନୋଜ କୁମାର ରାଉତରାୟ, **୨. ଶ୍ରୀମତୀ ସୁମିତ୍ରା ରାଉତରାୟ,** ସ୍ୱାମୀ- ଶ୍ରୀ ଧରଣୀଧର ରାଉତରାୟ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ରାଜୀବଲୋଚନ ପାଣି,** ପିତା- ଶ୍ରୀ କେଦାରନାଥ ପାଣି; ଡିମାଣ୍ଡ ନୋଟିସ ତାରିଖ: **୧୯.୧୧.୨୦୨୦;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୨୦୦୦୬୬୭**) ହେଉଛି **ତା୧୮.୧୧.୨୦୨୦ରିଖ ସୁଦ୍ଧା ₹୧୨,୦୮,୯୭୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୧,୫୪,୧୨୩/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ ଟାଙ୍ଗୀ ଚୌଦ୍ୱାର, ମୌଜା: ମଙ୍ଗୁଳି**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୩୧, **ପ୍ଲଟ୍ ନଂ. ୫୮୨, ରକବା: ଏ୦.୦୨୦ ଡେସିମିଲ, ଜମିର କିସମ- ହୋମଷ୍ଟିଡ୍** ଏବଂ ଚଉହଦୀ: ଉତ୍ତର: କିଶୋର ରାଉତରାୟ, ଦକ୍ଷିଣ, ଜୟରାମ ରାଉତ, ପୂର୍ବ: ପ୍ଲଟ ନଂ. ୬୭୫, ପଶ୍ଚିମ: ପ୍ଲଟ୍ ନଂ. ୬୭୦।

ସଂରକ୍ଷିତ ମୂଲ୍ୟ ₹୨୯,୦୭,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୨,୯୦,୭୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ: ୯: ଋଣଗ୍ରହୀତା: ଶ୍ରୀ ପିଣ୍ଟୁ କର୍ମକାର,** ପିତା: ବିଭାସ ଚନ୍ଦ୍ର କର୍ମକାର, **ସହ-ଋଣଗ୍ରହୀତା: ଶ୍ରୀମତୀ ସୋମା କର୍ମକାର,** ସ୍ୱାମୀ- ଶ୍ରୀ ପିଣ୍ଟୁ କର୍ମକାର, ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଦୀପିକା କର୍ମକାର,** ସ୍ୱାମୀ: ଶ୍ରୀ ଆନନ୍ଦ କର୍ମକାର; ଡିମାଣ୍ଡ ନୋଟିସ ତାରିଖ: **୨୩.୦୭.୨୦୨୦;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୧୫**) ହେଉଛି **ତା୧୦.୦୭.୨୦୨୦ରିଖ ସୁଦ୍ଧା ₹୧୧,୯୬,୬୮୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୨,୮୨,୧୩୮/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ ଟାଙ୍ଗୀ ଚୌଦ୍ୱାର, ମୌଜା ମଙ୍ଗଳପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୨୪୩/୧୪୯, **ପ୍ଲଟ୍ ନଂ. ୬୧୧/୭୭୭,** ରକବା: ଏ୦.୦୪୦ ଡେସିମିଲ ଏବଂ ଚଉହଦୀ: ଉତ୍ତର: ବିକ୍ରେତା, ଦକ୍ଷିଣ: ରାଜେନ୍ଦ୍ର ଶତପଥୀ, ପୂର୍ବ: ରାସ୍ତା, ପଶ୍ଚିମ: ଇନ୍ଦ୍ରମଣି ସାହୁ।

ସଂରକ୍ଷିତ ମୂଲ୍ୟ ₹୨୩,୪୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୨,୩୪,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ: ୧୦: ଋଣଗ୍ରହୀତା: ଶ୍ରୀ ପତିତପାବନ ମହାପାତ୍ର,** ପିତା: ଶ୍ରୀ ବିମଳ ଚରଣ ନାୟକ, **ସହ-ଋଣଗ୍ରହୀତା: ଶ୍ରୀମତୀ ଆରତୀ ମହାପାତ୍ର,** ସ୍ୱାମୀ- ଶ୍ରୀ ପତିତପାବନ ମହାପାତ୍ର, **ଗ୍ୟାରେଣ୍ଟିଦାତା (ଋଣ ଖାତା ନଂ. ୬୧୪): ଶ୍ରୀ ପୀତାମ୍ବର ମଲ୍ଲିକ,** ପିତା: ଶ୍ରୀ ବାସୁଦେବ ମଲ୍ଲିକ ଏବଂ **ଗ୍ୟାରେଣ୍ଟିଦାତା (ଋଣ ଖାତା ନଂ. ୭୩୧): ଶ୍ରୀ ଲିଙ୍ଗରାଜ ସାହୁ;** ଡିମାଣ୍ଡ ନୋଟିସ ତାରିଖ: **୧୦.୦୩.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୧୪ ଏବଂ ୧୬୮୧୮୬୦୦୦୦୦୭୩୧**) ହେଉଛି **ତା୦୭.୦୩.୨୦୨୨ରିଖ ସୁଦ୍ଧା ଯଥାକ୍ରମେ ₹୧୨,୫୦,୭୭୧/- ଏବଂ ₹୬,୮୭,୮୦୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୧୭,୪୬,୬୦୦/- ଏବଂ ୭,୧୫,୦୪୬₹/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା ଜଗତସିଂହପୁର, ତହସିଲ ଜଗତସିଂହପୁର, ମୌଜା ବୀରବରପାଟଣା**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୩୦୭/୯୭, **ପ୍ଲଟ୍ ନଂ. ୧୦୬୭/୧୭୧୨, ରମ୍ଭାଦେଈପୁର, ବୀରବରପାଟଣା, ଜଗତସିଂହପୁର, କଟକ- ୭୫୪୧୦୨;** ଚଉହଦୀ: ପୂର୍ବ: ପ୍ଲଟ୍ ନଂ. ୧୦୬୯, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୧୦୬୭ର ଅବଶିଷ୍ଟାଂଶ, ଦକ୍ଷିଣ: ପ୍ଲଟ୍ ନଂ. ୧୦୬୬। ମୋଟ ପରିମାପ ରକବା ଏ୦.୦୨୦ ଡିସିମିଲ, ଜମିର କିସମ ହୋମଷ୍ଟିଡ୍।

ସଂରକ୍ଷିତ ମୂଲ୍ୟ ₹୩୨,୭୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୩,୨୭,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ. ୧୧: ଋଣଗ୍ରହୀତା: ଶ୍ରୀମତୀ ସୁଲତା ସିଂହ,** ସ୍ୱାମୀ: ଶ୍ରୀ ଅଶୋକ କୁମାର ନାୟକ, **ସହ-ଋଣଗ୍ରହୀତା: ୧. ଶ୍ରୀ ଅଶୋକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୨. ଶ୍ରୀ ଦୀପକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୩. ଶ୍ରୀ ହୀରକ କୁମାର ନାୟକ,** ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, **୪. ଶ୍ରୀମତୀ ସରିତା ନାୟକ,** ସ୍ୱାମୀ: ଶ୍ରୀ ହୀରକ କୁମାର ନାୟକ, **୫. ଶ୍ରୀମତୀ ସୁବେଦିତା ନାୟକ,** ସ୍ୱାମୀ: ଶ୍ରୀ ଦୀପକ କୁମାର ନାୟକ; ଡିମାଣ୍ଡ ନୋଟିସ ତାରିଖ: **୨୭.୦୧.୨୦୨୩;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୮୦**) ହେଉଛି **ତା୨୫.୦୧.୨୦୨୩ରିଖ ସୁଦ୍ଧା ₹୧୯,୯୪,୪୮୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୫.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୭,୭୦,୦୭୦/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ମୌଜା: ଜଟଣୀ ଟାଉନ୍**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୯୭, **ପ୍ଲଟ୍ ନଂ. ୨୫୬,** ରକବା: ଏ୦.୧୨୦ ଡିସିମିଲ। ଜମିର କିସମ: ହୋମଷ୍ଟିଡ୍। ଚଉହଦୀ: ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ ନିତ୍ୟାନନ୍ଦ ନାୟକ, ପୂର୍ବ: ପ୍ରଦୀପ କୁମାର ମିଶ୍ର, ପଶ୍ଚିମ: ସୁଜାତା ସାହୁ।

ସଂରକ୍ଷିତ ମୂଲ୍ୟ ₹୯୪,୦୯,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୯,୪୦,୯୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୧,୦୦,୦୦୦/-

**କ୍ର.ସଂ. ୧୨: ଋଣଗ୍ରହୀତା: ଶ୍ରୀ କାଞ୍ଚୁ ପାହାଡ଼ସିଂହ,** ପିତା: ଶ୍ରୀ ରାଘବ ପାହାଡ଼ସିଂହ, **ସହ-ଋଣଗ୍ରହୀତା: ଶ୍ରୀମତୀ ବିନୋଦିନୀ ପାହାଡ଼ସିଂହ,** ସ୍ୱା- ଶ୍ରୀ କାଞ୍ଚୁ ପାହାଡ଼ସିଂହ, **ଗ୍ୟାରେଣ୍ଟିଦାତା: ଶ୍ରୀ ଗୁରୁଦତ୍ତ ପାହାଡ଼ସିଂହ,** ପିତା- ଶ୍ରୀ ମାଗୁଣି ପାହାଡ଼ସିଂହ ଗୋଡ଼ା; ଡିମାଣ୍ଡ ନୋଟିସ ତାରିଖ: **୦୫.୦୩.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୮୧୫**) ହେଉଛି **ତା୦୪.୦୩.୨୦୨୨ରିଖ ସୁଦ୍ଧା ₹୭,୩୮,୫୭୨/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୯.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୬.୦୫.୨୦୨୫ରିଖ ସୁଦ୍ଧା ₹୧୦,୩୮,୧୧୮/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା ଖୋର୍ଦ୍ଧା, ତହସିଲ ଖୋର୍ଦ୍ଧା, ମୌଜା ଗୋଡ଼ା**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୪୭୭/୫୧, **ପ୍ଲଟ୍ ନଂ. ୧୦୭୫, ରକବା ଏ୦.୦୨୫ ଡିସିମିଲ ଏବଂ ପ୍ଲଟ୍ ନଂ. ୧୦୭୬/୨୦୦୧ ରକବା ଏ୦.୦୬୦ ଡିସିମିଲ, ଗୋଡ଼ା, ଦେଉଳି, ଖୋର୍ଦ୍ଧା-୭୫୨୦୬୨।** ଚଉହଦୀ:- ପୂର୍ବ: ପ୍ଲଟ୍ ନଂ. ୧୦୭୪ ଓ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୧୦୭୭, ଉତ୍ତର: ବିକ୍ରେତା, ଦକ୍ଷିଣ: ବିକ୍ରେତା। ସମୁଦାୟ ରକବା: ଏ୦.୦୮୫ ଡିସିମିଲ, ଜମିର କିସମ ହେଉଛି ହୋମଷ୍ଟିଡ୍।

ସଂରକ୍ଷିତ ମୂଲ୍ୟ ₹୧୬,୧୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୧,୬୧,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ. ୧୩: ଋଣଗ୍ରହୀତା: ଶ୍ରୀ ଶ୍ରୀବତ୍ସ ମିଶ୍ର,** ପିତା: ଶ୍ରୀ ଶ୍ରୀନିବାସ ମିଶ୍ର, **ସହ-ଋଣଗ୍ରହୀତା: ଶ୍ରୀମତୀ ଭାର୍ଗବୀ ମିଶ୍ର,** ସ୍ୱା.- ଶ୍ରୀ ଶ୍ରୀବତ୍ସ ମିଶ୍ର, **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ଦେହୁରୀ,** ପିତା- ଶ୍ରୀ ପ୍ରେମାନନ୍ଦ ଦେହୁରୀ; ଡିମାଣ୍ଡ ନୋଟିସ ତାରିଖ: **୨୧.୦୮.୨୦୨୦;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୦୨**) ହେଉଛି **ତା୧୮.୦୮.୨୦୨୦ରିଖ ସୁଦ୍ଧା ₹୧୧,୦୯,୫୩୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୧.୦୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୭.୦୫.୨୦୨୫ରିଖ ସୁଦ୍ଧା ₹୧୪,୮୭,୨୮୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଟାଙ୍ଗୀ ଚୌଦ୍ୱାର, ମୌଜା: ବ୍ରହ୍ମପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୫୦୫/୪୨୦, **ପ୍ଲଟ୍ ନଂ. ୧୩୬୫/୨୧୯୦, ରକବା: ଏ୦.୦୧୫ ଡିସିମିଲ,** ମୋଟ କ୍ରୟ ରକବା ଏ୦.୦୧୫ ଡିସିମିଲ, କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ:ଉତ୍ତର: ଭାଗିରଥି ସ୍ୱାଇଁ, ଦକ୍ଷିଣ: ରାସ୍ତା, ପୂର୍ବ: କୃଷ୍ଣ ବାରିକ, ପଶ୍ଚିମ: ରାସ୍ତା।

ସଂରକ୍ଷିତ ମୂଲ୍ୟ ₹୨୪,୨୦,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୨,୪୨,୦୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୧୦,୦୦୦/-

**କ୍ର.ସଂ. ୧୪: ଋଣଗ୍ରହୀତା: ଶ୍ରୀ ସୁଧାଂଶୁ ଶେଖର ଷଡ଼ଙ୍ଗୀ,** ପିତା: ଶ୍ରୀ ବସନ୍ତ କୁମାର ଷଡ଼ଙ୍ଗୀ, **ସହ-ଋଣଗ୍ରହୀତା: ୧. ବସନ୍ତ କୁମାର ଷଡ଼ଙ୍ଗୀ,** ପିତା- ଶ୍ରୀ ଭି. ପ୍ରାଣବନ୍ଧୁ ଷଡ଼ଙ୍ଗୀ, **୨. ଶ୍ରୀମତୀ ଗୀତାଞ୍ଜଳି ଷଡ଼ଙ୍ଗୀ,** ସ୍ୱା.- ଶ୍ରୀ ସୁଧାଂଶୁ ଶେଖର ଷଡ଼ଙ୍ଗୀ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ସନ୍ତୋପ କୁମାର ମହାପାତ୍ର,** ପିତା: ଶ୍ରୀ ପୁରୁଷୋତ୍ତମ ମହାପାତ୍ର; ଡିମାଣ୍ଡ ନୋଟିସ ତାରିଖ: **୨୭.୦୧.୨୦୨୩;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୩୫**) ହେଉଛି **ତା୨୫.୦୧.୨୦୨୩ରିଖ ସୁଦ୍ଧା ₹୨୭,୨୮,୮୪୯/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୭.୦୫.୨୦୨୫ରିଖ ସୁଦ୍ଧା ₹୩୬,୭୫,୧୫୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ନିଜିଗଡ଼**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୬୦୪/୪୪୨, **ପ୍ଲଟ୍ ନଂ. ୨୧୦୫/୩୧୨୦,** ରକବା: ଏ୦.୨୧୦ ଡିସିମିଲ। **ଜମିର କିସମ ହେଉଛି ହୋମଷ୍ଟିଡ୍।** ଚଉହଦୀ: ଉତ୍ତର: ରାସ୍ତା, ଦକ୍ଷିଣ: ସଂଯୁକ୍ତା ସାହୁ, ପୂର୍ବ: ବିକ୍ରେତା, ପଶ୍ଚିମ: ପ୍ରସ୍ତାବିତ ରାସ୍ତା।

ସଂରକ୍ଷିତ ମୂଲ୍ୟ ₹୬୪,୧୯,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୬,୪୧,୯୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୫୦,୦୦୦/-

**କ୍ର.ସଂ: ୧୫: ଋଣଗ୍ରହୀତା: ଶ୍ରୀ ଅନ୍ତର୍ଯ୍ୟାମୀ ପରିଡ଼ା,** ପିତା: ଶ୍ରୀ ପ୍ରସନ୍ନ ପରିଡ଼ା, **ସହ-ଋଣଗ୍ରହୀତା: ଶ୍ରୀମତୀ ସରଳା ବାଳା ସାମଲ,** ସ୍ୱା.- ଶ୍ରୀ ଅନ୍ତର୍ଯ୍ୟାମୀ ପରିଡ଼ା ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ବିଜୟ କୁମାର ଖୁଣ୍ଟିଆ,** ପିତା: ଶ୍ରୀ ନାରାୟଣ ଖୁଣ୍ଟିଆ; ଡିମାଣ୍ଡ ନୋଟିସ ତାରିଖ: **୨୦.୧୦.୨୦୨୦;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୪୮୪ ଏବଂ ୧୬୮୧୮୬୦୦୦୦୬୬୩**) ହେଉଛି **ତା୧୯.୧୦.୨୦୨୦ରିଖ ସୁଦ୍ଧା ₹୯,୯୯,୭୭୫/- ଏବଂ ₹୯,୮୭,୮୭୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା [illegible]

[illegible]

**କଟକ ଶାଖା - ଫୋନ୍: ୦୬୭୪ - ୨୩୦୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

[illegible]

ସଂରକ୍ଷିତ ମୂଲ୍ୟ ₹୧୭,୯୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୧,୭୯,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

**କ୍ର.ସଂ: ୨୦: ଋଣଗ୍ରହୀତା: ଶ୍ରୀ ସୁଧୀର କୁମାର ଚୌଧୁରୀ,** ପିତା: ଶ୍ରୀ ଦୟାନିଧି ଚୌଧୁରୀ, **ସହ-ଋଣଗ୍ରହୀତା: ୧. ଶ୍ରୀ ଦୟାନିଧି ଚୌଧୁରୀ,** ପିତା- ଶ୍ରୀ ମୁଷା ଚୌଧୁରୀ, **୨. ଶ୍ରୀମତୀ କଳ୍ପନା ଚୌଧୁରୀ,** ସ୍ୱାମୀ- ଶ୍ରୀ ସୁଧୀର କୁମାର ଚୌଧୁରୀ; ଡିମାଣ୍ଡ ନୋଟିସ ତାରିଖ: **୦୯.୦୩.୨୦୨୨;** ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୦୦୦୦୧୩୪**) ହେଉଛି **ତା୦୮.୦୩.୨୦୨୨ରିଖ ସୁଦ୍ଧା ₹୫,୧୩,୪୨୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୩.୦୨.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୨.୦୫.୨୦୨୫ରିଖ ସୁଦ୍ଧା ₹୮,୩୮,୦୮୫/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ: ବଡ଼ମ୍ବା, ମୌଜା: ଚୁନାପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖତିୟାନ ନଂ.: ୪୫୭/୧୫୩, **ପ୍ଲଟ୍ ନଂ. ୩୧୫୮,** ରକବା ଏ୦.୦୧୦ ଡିସିମିଲ, **ପ୍ଲଟ୍ ନଂ. ୩୧୫୨,** ରକବା ଏ୦.୦୧୦ ଡିସିମିଲ, କ୍ରୟ ରକବା **ଏ୦.୦୨୦ ଡିସିମିଲ,** ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ମୁଷା ଚୌଧୁରୀ, ପଶ୍ଚିମ: ସିନ୍ଧୁ ଚୌଧୁରୀ।

ସଂରକ୍ଷିତ ମୂଲ୍ୟ ₹୯,୬୨,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) ₹୯୬,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ ₹୨୫,୦୦୦/-

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ।
ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ସମ୍ପୃକ୍ତ ଶାଖାର ଶାଖା ମୁଖ୍ୟଙ୍କ ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି।

ପ୍ରାଧିକୃତ ଅଧିକାରୀ
ତାରିଖ: ୦୯.୦୫.୨୦୨୫ / ୧୩.୦୫.୨୦୨୫
ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

# କାଳବୈଶାଖୀକୁ ଦୁର୍ବଳ କରୁଛି ସହରୀ ଉଷ୍ଣତା

## ଖରା, ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି ରାଜଧାନୀବାସୀ

ଭୁବନେଶ୍ୱର, ୧୯।୫ (ଅନୁରାଧା ମହାରଣା)

ଗତ ୭ରୁ ୮ ଦିନ ଧରି ରାଜଧାନୀ ଉପକଣ୍ଠ ସହ ନୟାଗଡ, ବାଙ୍କୀ, ଆଠଗଡ଼, ଢେଙ୍କାନାଳ, ଯାଜପୁର ଓ କଟକ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ରଚୁଥିବା ବେଳେ ରାଜଧାନୀ ନିକଟତର ହେବା ବେଳକୁ ଦୁର୍ବଳ ହୋଇପଡୁଛି। ଫଳରେ ରାଜଧାନୀବାସୀ ଖରା ଗୁଳୁଗୁଳିରୁ ମୁକୁଳି ପାରୁନାହାନ୍ତି ବୋଲି ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାଶ କହିଛନ୍ତି।

ବିଜ୍ଞାନଭିତ୍ତିକ ଗବେଷଣାକୁ ଲକ୍ଷ୍ୟ କଲେ କେବଳ ଭୁବନେଶ୍ୱର ନୁହେଁ, ଦେଶର ରାଜଧାନୀ ଦିଲ୍ଲୀ, କୋଲକାତା ଓ ହାଇଦ୍ରାବାଦ ପରି ସହରଗୁଡିକ ଏମିତି ସ୍ଥିତି ଦେଇ ଗତିକରିଛି। ଗତ ୧୭ ତାରିଖରେ ୮୬୮ କି.ମି.ର କାଳବୈଶାଖୀ ସାରା ପଶ୍ଚିମବଙ୍ଗକୁ ପ୍ରଭାବିତ କରିଥିବା ବେଳେ କୋଲକାତାରେ ପହଞ୍ଚିବା ବେଳକୁ ସହରୀକରଣଜନିତ ଉଷ୍ମ ଦ୍ୱୀପ ପ୍ରଭାବରେ ଏହା ଦୁର୍ବଳ ହୋଇଥିଲା ଓ ପୁଣି ଅତିକ୍ରମ ପରେ ଶକ୍ତିଶାଳୀ ହୋଇଉଠିଥିଲା। ସହରଗୁଡ଼ିକ ନିଜ ଆଖପାଖ ଅଞ୍ଚଳ ଅପେକ୍ଷା ଅଧିକ ଗରମ ଶୁଷ୍କ ହୋଇଥାଏ, ଯାହା ଫଳରେ ଏକ ଉତ୍ତପ୍ତ ସ୍ଥିର ବାୟୁ ପିଣ୍ଡ ସୃଷ୍ଟି ହୋଇ ବାୟୁମଣ୍ଡଳର ୨ରୁ ୪ କିମି ଉଚ୍ଚତା ଯାଏ ଏକ ବଳୟ ସୃଷ୍ଟି କରିଥାଏ। ଏହି ଶୁଷ୍କ ସ୍ଥିର ବାୟୁ ବଳୟରେ ଧୂଳିକଣା ସହ ଅନ୍ୟାନ୍ୟ ଛୋଟ ଛୋଟ କଣିକା ପର୍ଯ୍ୟାପ୍ତ ମାତ୍ରାରେ ସଂଘଟିତ ହୋଇଥାଏ। ଏଗୁଡିକ ମେଘ ସୃଷ୍ଟିକାରୀ କଣିକା ପରି କାର୍ଯ୍ୟ କରିଥାଏ, ଅର୍ଥାତ ଜଳୀୟବାଷ୍ପ ଏହାକୁ ବସା ଭାବେ ବ୍ୟବହାର କରି ମେଘ କଣିକା ସୃଷ୍ଟି କରିଥାଏ। ଯେତେବେଳେ କାଳବୈଶାଖୀ କିମ୍ବା ବଜ୍ରପାତ ଭୁବନେଶ୍ୱର ପରି ସହରରେ ଥିବା ବଳୟ ନିକଟତର ହୁଏ, ବଳୟର ସ୍ଥିରତା କାଳବୈଶାଖୀ ସହ ଜଡିତ ବାୟୁର ଉପରମୁହାଁ ପ୍ରବାହ ଏବଂ ଆର୍ଦ୍ରତା ଯୋଗାଣକୁ ବାଧା ଦେଇଥାଏ। ଅତ୍ୟଧିକ ଧୂଳିକଣା ସହ ଶୁଷ୍କ ବାୟୁର ଉପସ୍ଥିତି ହେତୁ କାଳବୈଶାଖୀ ବାଦଲକୁ ପ୍ରାୟତଃ ଦୁର୍ବଳ କରିବା ସହ କେବଳ ଭ୍ରମ ସୃଷ୍ଟି କରିଥାଏ। ସହରାଞ୍ଚଳ ପାଖକୁ ଆସିବା ସମୟରେ ଏହି କାରଣରୁ ଦୁର୍ବଳ ହୋଇଯାଏ। ଉଷ୍ମ ଦ୍ୱୀପ ପ୍ରଭାବ ସହରାଞ୍ଚଳ ଏବଂ ଆଖପାଖ ଗ୍ରାମାଞ୍ଚଳ ମଧ୍ୟରେ ତାପମାତ୍ରା ପାର୍ଥକ୍ୟ ସୃଷ୍ଟି କରିଥାଏ। ସେହିପରି ବଜ୍ରପାତ ଶକ୍ତିଶାଳୀ ହେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ବୃଷ୍ଟିପାତକୁ ପରିବର୍ତ୍ତନ କରିପାରେ। ସହରଗୁଡ଼ିକର କଂକ୍ରିଟ ସଂରଚନା, ଆର୍ଦ୍ରଭୂମି ନଷ୍ଟ ପ୍ରଭାବରେ ଏହା ଏକ ସ୍ଥାନୀୟ ଉଷ୍ମ ଦ୍ୱୀପ ଭାବରେ କାର୍ଯ୍ୟ କରେ, ବାୟୁମଣ୍ଡଳୀୟ ପରିସ୍ଥିତିକୁ ବ୍ୟାହତ କରେ ଏବଂ ଝଡ଼ ଆଚରଣକୁ ପ୍ରଭାବିତ କରେ। ଏହା ସହର ପାଖକୁ ଆସିବା କିମ୍ବା ଅତିକ୍ରମ କରିବା ସମୟରେ ଝଡ଼ ବିଭାଜିତ, ଦୁର୍ବଳ କିମ୍ବା ଦିଗ ପରିବର୍ତ୍ତନ କରିଥାଏ। ଦିନକୁ ଦିନ ରାଜଧାନୀ ଭୁବନେଶ୍ୱର ଓ କଟକରେ ସହରୀକରଣରେ ବ୍ୟାପକତା ସହ ଆର୍ଦ୍ରଭୂମି ନଷ୍ଟ, ଜଙ୍ଗଲ ନଷ୍ଟ ଆଦି ବଢୁଥିବାରୁ ଆଗାମୀ ଦିନରେ ବିଶେଷକରି ଖରାଦିନରେ ଏହା ଚିନ୍ତାର ବିଷୟ ପାଲଟିଥିବା ବିଶେଷଜ୍ଞ ଦାଶ କହିଛନ୍ତି।



ପୁରୀ: ସୋମବାର ଭଉଁରି ଅବସରରେ ପଞ୍ଚପାଣ୍ଡବଙ୍କ ସହ ମହାପ୍ରଭୁ ଶୋଭାଯାତ୍ରାରେ ଯାଉଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ମହାପ୍ରଭୁଙ୍କ ଭଉଁରି ନୀତି ସରିଲା, ଆଜି ହଳଦୀପାଣି

ପୁରୀ, ୧୯।୫ ( ଅଜିତ୍ କୁମାର ମହାନ୍ତି)

ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ବିଂଶତମ ଦିବସକୁ ଭଉଁରି କୁହାଯାଏ। ୨୧ ଦିନିଆ ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସରେ ସୋମବାର ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଭଉଁରି ନୀତି ସମ୍ପନ୍ନ ହୋଇଯାଇଛି। ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଶ୍ରୀରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ସେଠାରେ ଭିତରଚ୍ଛ ସେବକଙ୍କ ଦ୍ୱାରା ଠାକୁରଙ୍କୁ ଜଳଲାଗି କରାଯାଇଥିଲା। ଠାକୁରମାନେ ଦିନଚାପ ଖେଳିବା ନିମନ୍ତେ ନନ୍ଦା ଓ ଭଦ୍ରା ଚାପଡଙ୍ଗାକୁ ବିଜେ କରିଥିଲେ। ଦିନଚାପ ସରିବା ପରେ ଠାକୁରମାନେ ଚକଡ଼ା ପରିସରସ୍ଥ ଚନ୍ଦନକୁଣ୍ଡକୁ ବିଜେ କରିଥିଲେ। ପରେ ବେଶ ଓ ଭୋଗ ମଣୋହି କରାଯାଇଥିଲା। ବିଡିଆ ମଣୋହୀ ହୋଇ ଠାକୁରମାନେ ଭଉଁରି ଯାତ୍ରା କରିବା ପାଇଁ ଚାପଡଙ୍ଗାକୁ ବିଜେ କରିଥିଲେ। ପୁଷ୍କରିଣୀର ସମସ୍ତ କୋଣ ଓ ଦିପିଦାଣ୍ଡି ନିକଟରେ ୨୧ ଘେରା ଲେଖାଏ ଠାକୁରମାନେ ଚାପ ଡଙ୍ଗାରେ ବୁଲିଥିଲେ। ଭଉଁରି ନୀତି ସରିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ନରେନ୍ଦ୍ର ପୁଷ୍କରିଣୀ ପରିସର ଓ ଚତୁଃପାର୍ଶ୍ୱରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ପାରମ୍ପରିକ ବାଦ୍ୟ ତଥା ଭଜନ କୀର୍ତ୍ତନ ପଟୁଆରରେ ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ପାଲିଙ୍କି ଓ ବିମାନ ଆଗେ ଆଗେ ପୁରୀର ବିଭିନ୍ନ ଯାଗା ଆଖଡ଼ା ପକ୍ଷରୁ ପାରମ୍ପରିକ ସମରକଳା ନୃତ୍ୟ ଯଥା- ମେଢ, ବାଡ଼ିଖେଳ, ନାଗା, ହନୁମାନ, କାଳୀମେଢ, ଖୋଲା ମେଢ ଆଦି ବାହାରିଥିଲା। ବିଶେଷକରି କୁନି ପିଲାଙ୍କ ମେଢ଼ ନୃତ୍ୟ ମନ ମୋହିଥିଲା। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ, ମାହାରୀ ଆଦି ପରିବେଷଣ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ମଣ୍ଡଳୀଙ୍କ ସଂକୀର୍ତ୍ତନ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ସପରିବାର ଆସି ଭଉଁରୀ ଦର୍ଶନ କରିଥିଲେ। ସିଂହଦ୍ୱାର, ବଡ଼ଦାଣ୍ଡ, ମାର୍କେଟଛକ ଓ ନରେନ୍ଦ୍ର ପୁଷ୍କରିଣୀ ସମେତ ବିଭିନ୍ନ ପ୍ରବେଶ ପଥରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମଙ୍ଗଳବାର ଠାକୁରଙ୍କ ହଳଦୀପାଣି ନୀତି ଅନୁଷ୍ଠିତ ହେବ।

# ମହାନଦୀ ବିବାଦ ସମାଧାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଆ ଅସ୍ମିତା ପରିଷଦର ଚିଠି

ଭୁବନେଶ୍ୱର, ୧୯।୫ (ବନ୍ଦନା ସେଠୀ)

ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ପୋଲାଭରମ ପ୍ରକଳ୍ପର ସମୀକ୍ଷା କରିବେ। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡ଼କୁ ନେଇ ଉପୁଜିଥିବା ଏହି ଆନ୍ତଃରାଜ୍ୟ ବିବାଦ ନେଇ ୪ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆସନ୍ତା ୨୮ ତାରିଖରେ ଆଲୋଚନା କରିବେ। ପୋଲାଭରମ୍‌କୁ ନେଇ ଦେଖାଦେଇଥିବା ଆନ୍ତଃରାଜ୍ୟ ବିବାଦ ସମାଧାନ କ୍ଷେତ୍ରରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରାଯାଇଛି। ଓଡ଼ିଶାର ୧୬ଟି ଜିଲାର ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣ ମହାନଦୀ ପାଣି ଉପରେ ନିର୍ଭରଶୀଳ। କୃଷି, ଶିଳ୍ପ, ଶକ୍ତି ଉତ୍ପାଦନ ଓ ପାନୀୟ ଜଳ ପାଇଁ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ମାତ୍ର ଦୀର୍ଘ ୨୦ ବର୍ଷ ହେଲା ଓଡ଼ିଶାକୁ ନ ଜଣାଇ କେନ୍ଦ୍ର ଜଳ ଆୟୋଗର ସମସ୍ତ ନିୟମକୁ ବେଖାତିର କରି ଛତିଶଗଡ଼ ସରକାର ମହାନଦୀ ଓ ତା'ର ଶାଖାନଦୀ, ଉପନଦୀ ଉପରେ ଛୋଟବଡ଼ ଶତାଧିକ ବ୍ୟାରେଜ୍ ନିର୍ମାଣ କରିଛନ୍ତି। ଫଳରେ ମହାନଦୀକୁ ଯେତିକି ପାଣି ଆସିବା କଥା ତାହା କମିଯାଇଛି। ବିଶେଷତଃ ଅଣମୌସୁମୀ ଋତୁରେ ମହାନଦୀର ଉପରମୁଣ୍ଡରୁ ଆଦୌ ପାଣି ଆସୁନାହିଁ। ମହାନଦୀ ଏକ 'ମରୁ ନଦୀ'ରେ ପରିଣତ ହେବା ସହ ହୀରାକୁଦ ଏକ ମୃତ ଜଳଭଣ୍ଡାରରେ ପାଲଟି ଯାଇଛି। ଏହାକୁ ଆଖି ଆଗରେ ରଖି ପ୍ରଧାନମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରିବା ସହିତ ମହାନଦୀ ଜଳ ବିବାଦର ଆପୋସ ସମାଧାନ କରିବାକୁ ପରିଷଦର ଆବାହକ ରବି ବେହେରା ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

# ଦେବଯାନୀ ଭୂୟାଁ ଲଳିତ କଳା ଏକାଡେମୀ ସଚିବ



ଦାୟିତ୍ୱ ଗ୍ରହଣ ଅବସରରେ ଦେବଯାନୀ ଭୂୟାଁଙ୍କୁ ସ୍ୱାଗତ କରାଯାଉଛି।

ଭୁବନେଶ୍ୱର, ୧୯।୫ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ ସୋମବାର ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ବୈଠକରେ ଯୋଗଦେଇ ସେ କଳା ଓ ସଂସ୍କୃତିର ପ୍ରଚାର ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପୀଙ୍କ ପାଇଁ ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ଯୋଜନା ଉପରେ ଆଲୋଚନା କରିଥିଲେ। ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦେବାନନ୍ଦ ବରିହା ନୂଆ ସଚିବଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏକାଡେମୀ କର୍ମଚାରୀ ଉପସ୍ଥିତ ଥିଲେ।

# ଶ୍ରୀଲିଙ୍ଗରାଜ ମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

ପୁରୁଣା ଭୁବନେଶ୍ୱର, ୧୯।୫ (ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଉପରେ ସୋମବାର ଏକ ଡ୍ରୋନ୍ ଉଡ଼ିଛି। ଫଳରେ ମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ତେବେ ଏ ସଂକ୍ରାନ୍ତରେ ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ, ସୋମବାର ବିନ୍ଦୁସାଗରକୁ ଶ୍ରୀଜୀଉମାନେ ଚନ୍ଦନ ଯାତ୍ରାକୁ ବିଜେ କରିବା ଅବସରରେ ଅର୍ଥାତ୍ ଅପରାହ୍ନ ୫ଟା ୧୫ରେ ଏହି ଡ୍ରୋନ୍ ମନ୍ଦିର ଉପରେ ଉଡ଼ିବା ଆରମ୍ଭ କରିଥିଲା। ଏହା ଦେଖି ସେବାୟତମାନେ ପୋଲିସକୁ ଅବଗତ କରାଇଥିଲେ। ୧୫ମିନିଟ୍ ଏହି ଡ୍ରୋନ ଉଡ଼ିଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ କିଏ ଏହି ଡ୍ରୋନ୍ ଉଡ଼ାଇଲା ତାହା ସ୍ପଷ୍ଟ ହୋଇପାରି ନାହିଁ ବୋଲି ଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ଶ୍ରୀଲିଙ୍ଗରାଜ ମନ୍ଦିର ଭିତରକୁ ମୋବାଇଲ ଭଳି ବିଭିନ୍ନ ଧାତବ ସାମଗ୍ରୀ ନିଷେଧ ଥିବା ବେଳେ ଡ୍ରୋନ୍ ଉଡ଼ାଇବା ଉପରେ ମଧ୍ୟ କଟକଣା ରହିଛି। ଏହା ସତ୍ତ୍ୱେ ଡ୍ରୋନ୍ ଉଡ଼ିବା ମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲଗାଇଲେ ଦୁର୍ବୃତ୍ତ

କଣାସ, ୧୯।୫ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ୍‌ରେ ୭୨ ଏକର ସରକାରୀ ଜମିରେ ବନୀକରଣ ପାଇଁ ଗୋପୀନାଥପୁର ପଞ୍ଚାୟତର ପାଇକମରା ଗ୍ରାମବାସୀଙ୍କୁ ଦାୟିତ୍ୱ ଦିଆଯାଇଛି। ଗ୍ରାମବାସୀ ୨୨ ଏକର ସରକାରୀ ଜମିରେ ଝାଉଁଗଛ ଲଗାଇଥିଲେ। କେହି ଦୁର୍ବୃତ୍ତ ୪ ଦିନ ତଳେ ଝାଉଁ ଜଙ୍ଗଲରେ ନିଆଁ ଲଗାଇଦେବାରୁ ଅନେକ ଗଛ ପୋଡ଼ି ପାଉଁଶ ହୋଇଯାଇଛି। ଏ ସମ୍ପର୍କରେ ଗ୍ରାମବାସୀ କଣାସ ତହସିଲ୍‌ଦାର ଏବଂ ବନ କର୍ମଚାରୀଙ୍କୁ ନିଆଁ ଲାଗିଥିବା ସମ୍ପର୍କରେ ଜଣାଇଥିଲେ। ତହସିଲ୍‌ଦାର ଟ୍ରେନିଂରେ ଯାଇଥିବାରୁ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ କହିଛନ୍ତି, ଗ୍ରାମବାସୀ ମୋ ପାଖରେ ଅଭିଯୋଗ କରିବାରୁ ସୁପରଭାଇଜରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି। ସୁପରଭାଇଜର ତଦନ୍ତ କରି କୌଣସି ରିପୋର୍ଟ ମୋତେ ଦେଇନାହାନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ପାଇଁ ବୈଠକ



ବୈଠକରେ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ସଂସ୍କୃତି ବିଭାଗର ଅଧିକାରୀଙ୍କ ସହ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା ଓ କଳାକାରମାନେ।

- ମତ, ପ୍ରସ୍ତାବ ଦେଲେ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଲେଖକ, କଳାକାର
- ପ୍ରତିବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନକୁ ଗୁରୁତ୍ୱ

ଭୁବନେଶ୍ୱର, ୧୯।୫ (ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଓ ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ସୋମବାର ଏକ ବୈଠକ ବସିଥିଲା। ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ଲେଖକ, ସଙ୍ଗୀତଜ୍ଞ ପ୍ରମୁଖ ଯୋଗଦେଇ ମତ ଓ ପ୍ରସ୍ତାବ ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ପ୍ରତିବର୍ଷ ନିୟମିତ ଭାବରେ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ବିଚାରକମଣ୍ଡଳୀ ସଦସ୍ୟ ଓ ଅଧ୍ୟକ୍ଷ ଚୟନ ଉପରେ ଆଲୋଚନା ହୋଇଥିଲା। କଳା ଓ ଚଳଚ୍ଚିତ୍ରଜଗତ ସହିତ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷ ଏବଂ ଯୁବ କଳାପ୍ରେମୀଙ୍କୁ ବିଚାରକମଣ୍ଡଳୀରେ ସାମିଲ କରିବା, ପୁରସ୍କାର ରାଶି ବୃଦ୍ଧି, ବର୍ତ୍ତମାନ ୩୩ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଆଗକୁ ଅଧିକ ବର୍ଗକୁ ସାମିଲ କରିବା, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ବନ୍ଧୀୟ ସମସ୍ତ ତଥ୍ୟ ଲାଗି ସ୍ୱତନ୍ତ୍ର ୱେବ୍‌ସାଇଟ୍ ତିଆରି ଏବଂ ପୁରସ୍କାର ପାଇଥିବା ସମସ୍ତ ଚଳଚ୍ଚିତ୍ର ଓ କଳାକାରଙ୍କ ବିବରଣୀକୁ ଏଥିରେ ସ୍ଥାନିତ କରିବା ନେଇ ଆଲୋଚନା କରାଯାଇଥିଲା। ଏହିସହିତ ନୂତନ ଚଳଚ୍ଚିତ୍ର ନୀତିର (ଫିଲ୍ମ ପଲିସି) କରିବା, ଚଳଚ୍ଚିତ୍ର ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ, କଳିଙ୍ଗ ଷ୍ଟୁଡ଼ିଓର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ କରିବା, ପ୍ରେକ୍ଷାଳୟ ବୃଦ୍ଧି, ସୁଲଭ ମୂଲ୍ୟରେ ଟିକେଟ୍, ସ୍ୱତନ୍ତ୍ର ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା, ଓଟିଟି ଏବଂ ଡିଜିଟାଲ କଣ୍ଟେଣ୍ଟକୁ ପ୍ରୋତ୍ସାହନ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦିଗରେ ପ୍ରସ୍ତାବ ରଖାଯାଇଥିଲା। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତାଙ୍କ ସମେତ ଅଭିନେତା ଅରିନ୍ଦମ ରାୟ, ଶ୍ରୀତମ ଦାସ, ସବ୍ୟସାଚୀ ମିଶ୍ର, ହରିହର ମହାପାତ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ପିଙ୍କି ପ୍ରଧାନ, ଅନୁ ଚୌଧୁରୀ, ସଙ୍ଗୀତଜ୍ଞ ଦେବାଶିଷ ମହାପାତ୍ର, ପଞ୍ଚାନନ ନାୟକ, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଦୀପ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସତ୍ୟ



@ ଯତୀନ୍



@ ନିବେଦିତା



@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୭ ଘଣ୍ଟାରେ ମିଳିଲା ଦିବ୍ୟାଙ୍ଗ ପ୍ରମାଣପତ୍ର

## ମନ୍ତ୍ରୀ ନିର୍ଦ୍ଦେଶ ଦେଲେ ବୋଲି...

ଭୁବନେଶ୍ୱର, ୧୯।୫ (ବନ୍ଦନା ସେଠୀ)

ଦିବ୍ୟାଙ୍ଗ ହୋଇ ମଧ୍ୟ ପ୍ରମାଣପତ୍ର ନ ଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିଲେ ସଙ୍ଗୀତା ସାହୁ। ଏପରିକି ବାରମ୍ବାର ଆବେଦନ ସତ୍ତ୍ୱେ ପ୍ରମାଣପତ୍ର ମିଳୁ ନ ଥିଲା। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଅବଗତ ହେବା ପରେ ମାତ୍ର ୭ ଘଣ୍ଟାରେ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଦୀର୍ଘବର୍ଷର ଏହି ସମସ୍ୟାକୁ ମାତ୍ର କେଇ ଘଣ୍ଟା ମଧ୍ୟରେ ସମାଧାନ କରିଥିବାରୁ ସଙ୍ଗୀତାଙ୍କ ପରିବାର ଲୋକେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେର ଗାଁର ସରୋଜକାନ୍ତ ସାହୁଙ୍କ ଝିଅ ହେଉଛନ୍ତି ସଙ୍ଗୀତା ସାହୁ। ସେ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସରକାରଙ୍କ ଦ୍ୱାରା ମିଳୁଥିବା ଭତ୍ତା ଓ ଅନ୍ୟାନ୍ୟ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଥିଲେ। ଦିବ୍ୟାଙ୍ଗ ପ୍ରମାଣପତ୍ର ନ ଥିବାରୁ ତାଙ୍କୁ ଏହି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ଏନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ଡାକ୍ତରୀ ପରୀକ୍ଷା କରି ତୁରନ୍ତ ସଙ୍ଗୀତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିବାକୁ କେନ୍ଦ୍ରାପଡ଼ା ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସଙ୍ଗୀତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ମାତ୍ର ୭ଘଣ୍ଟା ମଧ୍ୟରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି, ଯାହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଅନ୍ୟପକ୍ଷରେ ସଙ୍ଗୀତା ପୂର୍ବରୁ ବାରମ୍ବାର ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରୁଥିଲେ ମଧ୍ୟ ଏକ୍ଷେତ୍ରରେ ଅବହେଳା କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିହେଉଛି।



ଦିବ୍ୟାଙ୍ଗ ପ୍ରମାଣପତ୍ର ଲାଗି ସଙ୍ଗୀତା ସାହୁଙ୍କ ଡାକ୍ତରୀ ପରୀକ୍ଷା କରାଯାଉଛି।

# ନବୀକରଣ ହେବ ମାରିଟାଇମ୍ ମ୍ୟୁଜିୟମ ଇଣ୍ଡୋନେସିଆ ଗ୍ୟାଲେରି

**ଭୁବନେଶ୍ୱର,୧୯।୫(ରବିନାରାୟଣ ଜେନା)**

କଟକସ୍ଥିତ ଓଡ଼ିଶା ରାଜ୍ୟ ମାରିଟାଇମ ମ୍ୟୁଜିୟମ ଇଣ୍ଡୋନେସିଆ ଗ୍ୟାଲେରିର ନବୀକରଣ ହେବ। ଏଥିଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଇଣ୍ଡୋନେସିଆ ଦୂତାବାସର ଅନୁମୋଦନ ଲୋଡ଼ାଯାଇଛି। ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ସୁବ୍ରତ କୁମାର ନାୟକ ଏନେଇ ଇଣ୍ଡୋନେସିଆ ଦୂତାବାସ ମନ୍ତ୍ରୀ ପରିଷଦକୁ ଚିଠି ଲେଖିଛନ୍ତି। ସେଥିରେ ଜଳସମ୍ପଦ ବିଭାଗ କଟକର ଜୋବ୍ରାସ୍ଥିତ ଓଡ଼ିଶା ରାଜ୍ୟ ମାରିଟାଇମ ମ୍ୟୁଜିୟମରେ ଥିବା ଇଣ୍ଡୋନେସିଆନ ଗ୍ୟାଲେରିର ନବୀକରଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟର ଅନୁମୋଦନ ପାଇଁ କୁହାଯାଇଛି। ଏହି କାର୍ଯ୍ୟ ନୂଆଦିଲ୍ଲୀସ୍ଥିତ ଇଣ୍ଡୋନେସିଆ ଦୂତାବାସର ନିଜସ୍ୱ ଖର୍ଚ୍ଚରେ କରାଯିବ। ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ନାୟକଙ୍କ ଚିଠି ଅନୁଯାୟୀ, ଇଣ୍ଡୋନେସିଆ ଗ୍ୟାଲେରିରେ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ମରାମତି ଆବଶ୍ୟକ ପଡୁଛି। ସମସ୍ତ ପ୍ରଦର୍ଶିତ ସାମଗ୍ରୀର ପଲିଶ୍ ଓ ରକ୍ଷଣାବେକ୍ଷଣ ଆବଶ୍ୟକ। ମ୍ୟୁଜିୟମଟି ଏକ ଐତିହ୍ୟ ଭବନ। ତେଣୁ କୌଣସି ରକ୍ଷଣାବେକ୍ଷଣ ପାଇଁ ଅନୁମତି ଜରୁରୀ। ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ସାଂସ୍କୃତିକ ସମ୍ପର୍କର ଇତିହାସ ଏଠାରେ ସାଇତା ହୋଇଛି।

# ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍‌ର ରକ୍ତ ନମୁନା ସଂଗ୍ରହ

**ପଡ଼ିଆ, ୧୯।୫(ଭାସ୍କର ରାଓ):** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକର ଲୋକେ ଗତ ପ୍ରାୟ ୧ ମାସ ଧରି କୌଣସି ଅଜଣା ରୋଗରେ ପଡିଆରୁ ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ଚିକିତ୍ସିତ ହୋଇ ନୟାନ୍ତ ହେଲେଣି। କିନ୍ତୁ ରୋଗର କାରଣ ଜଣାପଡୁ ନାହିଁ। ଏ ସମ୍ପର୍କରେ ସୂଚନା ପାଇ ଗଣମାଧ୍ୟମ ଟିମ୍ ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇବା ସହ ଖବର ପ୍ରକାଶ କରିଥିଲେ। ସୋମବାର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ୪ଟି ମେଡିକାଲ ଟିମ୍ ପଡିଆ ଗ୍ରାମ ଖ୍ରୀଷ୍ଟିଆନ ସାହି, ମୋଟୁମଗୁଡା, ଗୁଟାଗୁଡା ଓ ଶାନ୍ତିନଗରରେ କ୍ୟାମ୍ପକରି ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ।

**ପଡ଼ିଆ ବ୍ଲକରେ ଅଜଣା ରୋଗ ବ୍ୟାପିବା ଘଟଣା**

# ରଥଯାତ୍ରା ପାଇଁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ

**ପୁରୀ,୧୯।୫(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ସୁପରିଚାଳନା ପାଇଁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି. ଖୁରାନିଆ ସୋମବାର ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଛନ୍ତି। ସୁରକ୍ଷା ଓ ସ୍ପେଶାଲ ବ୍ରାଞ୍ଚ ବ୍ୟବସ୍ଥା ଦାୟିତ୍ୱରେ ଗୋଇନ୍ଦା ନିର୍ଦ୍ଦେଶକ ଆର୍.ପି. କୋଚେ ରହିଛନ୍ତି। ସେହିପରି ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଭିତର ବ୍ୟବସ୍ଥା ଦାୟିତ୍ୱରେ ଆଇଜିପି, ସିଆଇଡି, ସିବି, କଟକର ସାର୍ଥକ ଷଡ଼ଙ୍ଗୀ ଏବଂ ପୁରୀ ଏସ୍‌ପି ବିନିତ୍ ଅଗ୍ରୱାଲ ରହିଛନ୍ତି। ରଥ ଗାର୍ଡ, ଭିତର ସାଧାରଣ କର୍ଡନ ଓ ରଥଟଣା ଦାୟିତ୍ୱରେ ପରିବହନ କମିଶନର ଅମିତାଭ ଠାକୁର ଏବଂ ଡିଆଇଜିପି ଏସ୍‌ଟିଏଫ୍ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ଓ ବାହାର ସାଧାରଣ କର୍ଡନ ଦାୟିତ୍ୱରେ ଏଡିଜିପି (ଏମ୍‌ଓଡି) ଏସ୍.କେ. ପ୍ରିୟଦର୍ଶୀ, ଏନ୍‌ସିଆର, ତାଳଚେର ସତ୍ୟବ୍ରତ ଭୋଇ, ଆଇଜିପି ଏସ୍‌ଏପି, ଓଡ଼ିଶା ଅବିନାଶ କୁମାର ଏବଂ ଡିଆଇଜିପି (ପ୍ରଦେଶ) କଟକର ଚରଣ ସିଂହ ମୀନା ରହିଛନ୍ତି। ଟ୍ରାଫିକ୍, ପାର୍କିଂ, କମ୍ୟୁନିକେଶନ ଓ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଏଡିଜିପି (ଏଚ୍‌ଡିକ୍ୟୁଆର୍‌ଏସ୍) ଦୟାଲ ଗଙ୍ଗୱାର, ଏସ୍‌ଆଇଡବ୍ଲ୍ୟୁ, ଡିଆଇଜିପି କେ. ବିଶାଳ ସିଂ, ଡିଆଇଜିପି ସିଆଇଡି, ସିବି ବି. ଗଙ୍ଗାଧର ଏବଂ ଓପିଏସ୍-ଏସ୍, ଏସ୍‌ପି (ସିଗ୍‌ନାଲ) ବିକ୍ରମ କେଶରୀ ଭୋଇ ଦାୟିତ୍ୱରେ ରହିଛନ୍ତି। ରେଲୱେ ପୋଲିସ ବ୍ୟବସ୍ଥାରେ ଏଡିଜିପି ଅରୁଣ ବୋଥ୍ରା ଓ ଉପକୂଳ ସୁରକ୍ଷାରେ ରେଲୱେ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। ଭିଆଇପି ସେକ୍ଟର ଅଫ୍ ଜେନେରାଲ କର୍ଡନରେ ଆଇଜିପି (ଟିଆର୍‌ଜି), ବିପିଏସ୍‌ପିଏ, ଭୁବନେଶ୍ୱର ଅନୁପ କୁମାର ସାହୁ, ଲଜିଷ୍ଟିକ୍, ୱେଲଫେୟାର ଆଣ୍ଡ ଆସୋସିଏଟେଡ୍ ସପୋର୍ଟ ମ୍ୟାଟର୍ସ ଅଫ୍ ଫୋର୍ସ ଆଣ୍ଡ ଅଫିସର୍ସ ଏଡିଜିପି ରାଜେଶ କୁମାରଙ୍କୁ ଦାୟିତ୍ୱ ମିଳିଛି। କ୍ୟାମ୍ପ କମାଣ୍ଡାଣ୍ଟ ଭାବେ ଓଏପିଏସ୍ (ଏସ୍‌ଏଜି) କମାଣ୍ଡାଣ୍ଟ ଏ.କେ. ମହାନ୍ତିଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସାଧାରଣ ପୋଲିସ ବ୍ୟବସ୍ଥା ଦାୟିତ୍ୱ ଏଡିଜିପି ସଞ୍ଜୟ କୁମାରଙ୍କୁ ଦିଆଯାଇଛି।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**

No.A-201

**'e' Procurement Notice No. ACECIC - 02/2025-26**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | NGR-02/2025-26 | Flood Protection Work on river Brutang Left Bank to Protect Khordha-Balangir Railway Line near Village Gopalpur of Takera GP under Daspalla Block of Nayagarh District | 790.92 | 791000/- (Online) | 10000/- (Online) | "A" & "Special" Class | 22.05.2025 At 10.00 Hours | 05.06.2025 At 17.00 Hours | 06.06.2025 At 11.00 Hours | 18 (Eighteen Calendar Month) |
| | KID-01/2025-26 | Improvement to Mahanadi Right Embankment from Sunadei Hill to Harirajpur | 380.85 | 380900/- (Online) | 10000/- (Online) | "A" Class | 22.05.2025 At 10.00 Hours | 05.06.2025 At 17.00 Hours | 06.06.2025 At 11.00 Hours | 08 (Eight Calendar Month) |
| | KID-02/2025-26 | Improvement to Malaguni Left Embankment from Golabai to Atharabatia (Working RD.0.0 Km to 3.25 Km) | 465.02 | 465100/- (Online) | 10000/- (Online) | "A" Class | 22.05.2025 At 10.00 Hours | 05.06.2025 At 17.00 Hours | 06.06.2025 At 11.00 Hours | 08 (Eight Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
OIPR-32160/11/0027/2526 — Sd./- Additional Chief Engineer, Central Irrigation Circle



**OFFICE OF THE PRINCIPAL, STATE INSTITUTE OF TRAINING & EXTENSION, BARAMUNDA, BHUBANESWAR**
(email-agromi.dag@nic.in)
No. - 1168 — Date - 17.05.2025

**Tender Call Notice**

**No.L-15** : Principal, State Institute of Training & Extension, Bhubaneswar invites tender for selection of catering agency for supply of food during different trainings and other programmes organized at State Institute of Training and Extension (SITE), Bhubaneswar. The detailed RFP document can be downloaded from the website www.agri.odisha.gov.in from dt. 17.05.2025. The last date for submitting the tender documents alongwith Bid Processing Fees of Rs.1000/- (Rupees One Thousand) only in favour of Principal, State Institute of Training & Extension payable at Bhubaneswar through Speed Post / Registered Post / Courier only on or before **dt.06.06.2025 up to 04.00 P.M.** The Technical Bids will be opened on **dt.09.06.2025 at 11.30 A.M.** The opening of Financial Bids will be intimated later on. Principal, SITE reserves the right to accept or Reject any/ all proposals/ terminate the entire selection process at any stage without assigning any reason thereof.

Sd./ Principal
SITE, Bhubaneswar
OIPR-11170/11/0003/2526



**OFFICE OF THE PRINCIPAL NETAJI SUBHASH CHANDRA BOSE COLLEGE, SAMBALPUR (GOVT. LEAD COLLEGE)**
Tel:- (0663) 2546403, e-mail id :-nscbcsbp@gmail.com
No.919/NSCB — Date:15.5.2025

**TENDER CALL NOTICE**

**No.N-47:** Sealed tenders are invited in two bid system from interested reputed registered firms / authorized suppliers having valid up-to-date GST/IT clearance for supply of Electronic, Furniture items and Library Books from Reputed suppliers/ firms, so as to reach the undersigned on or before 18.06.2025, 04.00 PM through registered / Speed Post only. The authority reserves the right to cancel the tender without assigning any reason thereof.
For details, please visit the College Website: **https://nscbcollegesbp.org.**

Sd./- Principal
OIPR-27139/11/0001/2526 — NSCB College, Sambalpur



**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT,
POST:BALIMELA:DIST:MALKANGIRI (ODISHA),PIN:764051
Phones:06861-232581 (O)/232641 (R), Fax:06861-232541, E-Mail:unit.head_balimela@yahoo.com
REGD. OFFICE : ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR-22
Tel:91-0674-2542983, 2542802, 2545526, Fax:2542102, GRAM:HYDROPOWER
E-MAIL: ohpc.co@gmail.com/md@ohpcltd.com, Web: www.ohpcltd.com
CIN:U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE NO: BHEP/TECH/14/2025-26, Dtd.17.5.2025**

**No.CAD-447:** The Sealed tenders are invited in single part bid basis from the Manufacturer/Reputed Suppliers/ Authorized Dealers for supply of materials as detailed below.

| Sl.No. | Description of Items | Cost of Tender Paper in Rs. |
|---|---|---|
| 1 | Supply of HYDAC make Pressure Switches for BHEP, Balimela | Rs.7080/- Inclusive of GST @ 18% |

The Sale of Tender Paper will be from : 21.05.2025 to 06.06.2025 (upto 11.00 hrs)
The last date & time of receipt of tenders : Upto 11.30 hrs. of 06.06.2025
Date and time of opening of the Bid : 06.06.2025 at 12.00 Hrs.
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com.**

Sd./- C & P Head
BHEP, Balimela
OIPR-04019/11/0089/2526



**DISTRICT MINERAL FOUNDATION, JAJPUR**
Ph.06728-222227
Email:dmfjajpur@gmail.com, Website:https://jajpur.odisha.gov.in

**WALK-IN INTERVIEW FOR SPECIALISTS/ DOCTORS**

**No.CAD-458:** Candidatures are invited for walk-in interview for appointment of Superspecialists/ Specialists/ General Duty Medical Officers in CHC Sukinda, Danagadi and Jajpur Road, PHC (N) Hatibari, Duburi, Kaliapani, Jakhapura & Tamka out of District Mineral Foundation Fund. The Vacancy details and all other requisite qualification, experience is available in website www.jajpur.odisha.gov.in.
The date of walk-in interview: 06.06.2025 at 08.00 AM
Venue: Collectorate Conference Hall.

Sd./-
Collector & Managing Trustee,
DMF, Jajpur
OIPR-30025/11/0012/2526



**ଓଡ଼ିଶା ସରକାର**
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଯାଜପୁର ଜଳସେଚନ ବିଭାଜନ**

No.A-197

ଫୋନ୍ ନଂ.06728-222022,ଇ-ମେଲ୍-jpt.irrigation@gmail.com
**'e'-Procurement Notice No.01/2025-26**

1. କାର୍ଯ୍ୟର ନାମ : ନଦୀବନ୍ଧ ଓ କେନାଲ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟର ସଂଖ୍ୟା : ୪୮ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୪.୨୩ ଲକ୍ଷ ରୁ ୭୯.୭୦ ଲକ୍ଷ
4. ଇ.ଏମ୍.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/ WE Dated 05.12.2017 as Mentioned in DTCN
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ:

I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନ ଯାଜପୁର
II. ଅନ୍‌ଲାଇନ Biddingର ସମୟସୀମା : ତା.୨୦.୦୫.୨୦୨୫ ଦିବା ୧୦ ଘଟିକାରୁ ତା. ୨୮.୦୫.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial Bid ଖୋଲାଯିବାର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୯.୦୫.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୯.୦୬.୨୦୨୫ ଦିବା ୧୧.୦୦ ଘଟିକା ସମୟରେ।

ଅନ୍ୟାନ୍ୟ ତଥ୍ୟ ଏହି ୱେବ୍‌ସାଇଟ୍‌ରେ ପ୍ରଦାନ କରାଯାଇଛି। www.tendersorissa.gov.in

ସ୍ୱା./-ଅଧୀକ୍ଷଣ ଯନ୍ତ୍ରୀ,
OIPR-32130/11/0028/2526 — ଯାଜପୁର ଜଳସେଚନ ବିଭାଜନ, ଯାଜପୁର



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION-I, SAMBALPUR**

No.B-134

E-mail - exeengsbp@rediffmail.com

**e-Procurement Notice**

**BID IDENTIFICATION No.:SE/R AND B/ SBP/03/2025-26**
**Order No.1766, Dtd.15.05.2025**

1. The **Superintending Engineer, Sambalpur (R&B) Division No-I, Sambalpur** on behalf of Governor of Odisha invites **Percentage Rate Bids in Single/Double Cover System in ONLINE MODE** for **Building** (Civil+EI+PH) **& Road Works** as detailed in the **DTCN** from the eligible class of Contractors.
2. No. of Works : 08 (Eight) (Building & Road)
3. Tender Cost: Rs.10,000/-, Rs.6000/- & Rs.4000/- (Online)
4. Class of Contractor : "B" Class Contractor and "D" & "C" Class Contractor.
5. Date and Time available in Website & receipt of Bids: **11.00 Hrs. 21.05.2025 to 16.00 Hrs. of 28.05.2025.**
6. Date of Opening of Tender : **28.05.2025 at 17.00 Hrs.**
7. The Bidders have to participate in ONLINE bidding only. Further details can be seen from the Website.
8. Any Corrigendum/ Addendum will be displayed in the website www.tendersodisha.gov.in only.

Sd./- Superintending Engineer
OIPR-34112/11/0009/2526 — Sambalpur (R&B) Division-I



**ODISHA PUBLIC SERVICE COMMISSION CUTTACK**

**NOTICE**

**No. 3350 / P.S.C., Dt. 19.05.2025**
**(1R-08-2025/26)(DR-V)**

**No.D-** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Civil Engineering,** pursuant to Advertisement No.4 of 2024-25 shall be held on **29.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 29.05.2025 | 2.30 P.M. | P240306409, P240306811 & P240311345 = **03 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree(BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University / Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.04 of 2024-25.
18. Any other documents as mentioned in para-09 of Advt. No.04 of 2024-25

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0214/2526 — Sd./- Secretary



**ODISHA PUBLIC SERVICE COMMISSION CUTTACK**

**NOTICE**

**No. 3356 / P.S.C., Dt. 19.05.2025**
**(1R-01-2025/26)(DR-V)**

**No.D-** : It is for information of all concerned that, document verification of candidates having **PPSAN** mentioned below for the Post of **Professor in Civil Engineering,** pursuant to Advertisement No.31 of 2023-24 shall be held on **29.05.2025** as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 29.05.2025 | 10.30 A.M. | P240302365, P240245064, P240306409, P240306995 & P240311345 = **05 Candidates** |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size **photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree(BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University / Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note :-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0216/2526 — Sd./- Secretary



See Career Appointment on every **Wednesday & Saturday**



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ, ସୋନପୁର**
**OFFICE OF THE SUPERINTENDING ENGINEER RURAL WATER SUPPLY & SANITATION DIVISION, SONEPUR**
Pin-767017, Ph:06654-220259 (Off), Email: eerwssdivsnpr@gmail.com
GOVERNMENT OF ODISHA "e" PROCUREMENT NOTICE
**Bid Identification No.05 of 2025-26 Dt.17.05.2025**

No.O-176: The Superintending Engineer, RWSS Division, Sonepur on behalf of the Governor of Odisha invites Percentage Rate Bids through e-procurement in Single Cover system according to norm of e-procurement system in on-line mode for the work **"Construction of Hand Pump Tube Well's Platforms (204 Nos) as per UNICEF Design & Specifications in Binka Block, B.M.Pur Block & Ullunda Block under RWS&S Sub-division, Birmaharajpur in the district of Subarnapur."**
1. Nature of Work: - Construction of Hand Pump Tube Well's Platforms (204 Nos) as per UNICEF Design & Specifications in Binka Block, B.M.Pur Block & Ullunda Block under RWS&S Sub-division, Birmaharajpur in the district of Subarnapur. 2.Total no. of Work:- 01. 3.Tender Paper Cost:- Rs. 6000/-. 4. Value of Work :- Rs. 19.94 Lakhs. 5. Class of Contractor:- "D" & "C". 6.Period of Completion:- 90 days (Refer DTCN available in the Website **www.tendersodisha.gov.in.**

| Procurement Officer- Publisher | Bid Identification No. | Date and time of availability of documents in the portal From | To | Last Date & Time of Seeking Clarification on Tender/ Bid | Date & Time of Opening of Tender |
|---|---|---|---|---|---|
| Superintending Engineer, RWS&S Division, Sonepur | Notification No.05 of 2025-26 | Dt.21.05.2025 @11.00 AM | Dt.29.05.2025 Upto 5.00 PM | Dt.26.05.2025 upto 2.00 PM | Dt.30.05.2025 @11.00 AM |

OIPR-25037/11/0010/2526 — Sd./- Superintending Engineer, RWS&S Division, Sonepur



**OFFICE OF THE DIVISIONAL FOREST OFFICER, BALLIGUDA FOREST DIVISION, BALLIGUDA KANDHAMAL-762103**
Tel: - 06846-295392, Fax:-06846-243066, E-mail:- dfo.baliguda@odisha.gov.in
**CLAIM ON SEIZED VEHICLE- REGARDING**
**Notification No. 2833 /Dated 15.05.2025**

**No.MM-44** : It is for information of the General public that the following vehicles are involved in transporting of contraband forest produces for which forest offence cases have been registered, as per Legal provisions confiscation proceeding U/S of Orissa Forest Act 1972 under trial. The name and address of the registered owners of some seized vehicles are could not be ascertained by the Regional Transport Authorities despite attempts of several reminders made by the authorized officers of Balliguda Forest Division. As well as some motor vehicles Regd. Number, some vehicles of engine number & chassis numbers are also not visible, addressee not found & insufficient address. And as per received from RTO information of the owner details of some seized vehicles this office has issued shows cause notice to the concerned Regd. Owner for submission of claims with substantial proof before authorized officers of Balliguda Forest Division for necessary action. But no response/claims have been received in this regard from date of receipt till date to this office. Further no claim has been made for the seized vehicles before the Authorized Officers of Balliguda Forest Division till yet. Hence anybody having property rights over the following seized vehicles are hereby invited to file representation/claim petition with substantial proof before the Authorized Officers of Balliguda Forest Division within one month from the date of publication of this notice failing of which ex-party decision will be taken as deemed proper as per Orissa Forest Act 1972 & the seized vehicles along with the seized forest produce will be confiscated to the Govt. & no further claim shall be entrained.

| Sl. No. | Name of the vehicle & bearing Regd. No | Case No. with name of range | Date of Seizure | Present status of OR/UD Cases |
|---|---|---|---|---|
| 1 | Tata Magic Regd. No. OD-12-3160 | OR Case No.110 of 2017-18 of Balliguda Range | 05.08.2017 | Show cause notice & 1st reminder issued Insufficient address & could not be traced |
| 2 | Bolero Max Pick up white colour engine No.0302AB030DN | OR Case No.26 of 2020-21 of Balliguda Range | 06.10.2020 | No engine number found as per RTO letter |
| 3 | Ashok Leyland Regd. No-OD-25B-9932 | OR Case No.21 of 2021-22 of Tumudibandha Range | 12.09.2021 | Show cause notice & 1st reminder issued, Addressee left without instruction. Returned to sender |
| 4 | Maxx Pick up Regd. No OR-03F-9578 | OR Case No.74 of 2014-15 of Balliguda Range | 13.11.2015 | Show cause notice & 3rd reminder issued, but no reply submitted |
| 5 | Massy Fegruson Tractor Regd. No. OR-12-1911 & OR-12-1912 (Trolley) | OR Case No. 168 of 2017-18 of Daringbadi Range | 31.01.2018 | Show cause notice & 1st reminder issued. Addressee not found |
| 6 | Sonalika Bhumiputra Tractor Regd.No. OD-12C-5925 (Tractor) & OD-12C-5926 (Tolley) | OR Case No.01 of 2024-25 of Kotgarh Range | 20.04.2024 | Show cause notice & 3rd reminder issued, but no reply submitted |
| 7 | Bolero Pick up OD-05-6698 | OR Case No.31 of 2024-25 of Brahmanigaon Range | 05.07.2024 | Show cause notice & 3rd reminder issued, but no reply submitted |

Sd./- Divisional Forest Officer
Balliguda Forest Division
OIPR-08047/11/0008/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**
email- serwsbd2003@yahoo.com

**e- Procurement Notice for Roads and Bridge Works**

**No.O-178:** 1.Name of the work : Construction of Road and Bridge Works (07 Nos.). 2. Class of contractor : "B" & "A" , Special Class of (Odisha PWD) or relevant class of other licensing authority. 3. Estimated Cost : Varies from Rs.113.93 Lakhs to Rs.739.32 Lakhs (Approximately). 4.Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding From | To | Last date & time of seeking tender clarification | Date & Time of opening of tender: Technical Bid | Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-03/2025-26 | 23.05.2025 at 11.00 A.M. | 10.06.2025 upto 5.00 P.M. | 09.06.2025 upto 2.00 P.M. | 11.06.2025 at 10.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**
6. Any Corrigendum/Addendum will be displayed in the above e-tender website.

OIPR-25182/11/0059/2526 — Chief Construction Engineer, Rural Works Circle, Sunabeda



**ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି**
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
**Odisha Rural Development & Marketing Society**
*creating competence and values in rural Odisha*
Panchayati Raj and Drinking Water Department, Government of Odisha

ORMAS
SIRD & PR Campus
Unit - VIII, Bhubaneswar
Odisha-751012, India
Tel : 0674-2565870/71
Email : ormashq@gmail.com
Website : www.ormas.org

**RFP No. : 1654** — **Date : 19.05.2025**
PT2-ORMAS-FIN-MISC-0001-2021

**REQUEST FOR PROPOSAL**

**Selection of Agency for providing Manpower to ORMAS for "Formation and Promotion of 10000 FPOs" Scheme under ORMAS**

**No.CAD-457** : Odisha Rural Development & Marketing Society (ORMAS), Panchayati Raj & DW Department, Govt. of Odisha invites sealed proposals from eligible bidders to carry out **"Selection of Agency for providing Manpower to ORMAS for "Formation and Promotion of 10000 FPOs" Scheme under ORMAS".** Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.ormas.org/panchayat.odisha.gov.in./ www.tendersodisha.gov.in. The major events under the bid process are :

| Sl. | List of Key Events | Critical Dates |
|---|---|---|
| 1 | Date of Issue of RFP | 20.05.2025 |
| 2 | Date of Pre-Bid Meeting | 28.05.2025 - 11.30 A.M. |
| 3 | Last Date for Submission of Proposal | 10.06.2025 - 2.00 P.M. |
| 4 | Date of Opening of Technical Proposal | 11.06.2025 - 3.00 P.M. |
| 5 | Date of Opening of Financial Proposal | 12.06.2025 - 3.00 P.M. |

The bidders must apply their proposal through e-tender process www.tendersodisha.gov.in latest by 10.06.2025 by 2 P.M. In case of any Addendum/ Clarification/ Corrigendum/ Extension regarding this tender, the same will be published in e tender portal. The proposals received beyond the last date and time will be rejected without assigning any reason. The authority reserves all the rights to reject any/all proposals at any stage without assigning any reason thereof.

**Address for Submission of Proposal :**
**The Chief Executive Officer**
**ORMAS, SIRD & PR Campus**
**Unit-VIII, Bhubaneswar, PIN-751012, Odisha**

Sd./- Chief Executive Officer
OIPR-19004/11/0020/2526

# ଭୁବନେଶ୍ୱରରେ ଯୁବତୀଙ୍କୁ ଏସିଡ୍ ମାଡ଼ ଧମକ

ଭୁବନେଶ୍ୱର,୧୯।୫ (ସତ୍ୟଜିତ ରାଉତ)

ଏକତରଫା ପ୍ରେମରୁ ଯୁବକଙ୍କ ଉନ୍ମତ୍ତ କାଣ୍ଡ। ଯୁବତୀଙ୍କ ଫଟୋ ଭାଇରାଲ୍ କରିବା ସହ ବ୍ଲାକମେଲ୍ କଲେ। ବିବାହ କରିବାକୁ ଯୁବତୀ ରାଜି ନ ହେବାରୁ ପ୍ରତିଶୋଧ ପରାୟଣ ହୋଇ ଏସିଡ୍ ଆଟାକ୍ କରିବାକୁ ଧମକ ଦେଇ ଉଠାଇ ନେବାକୁ ଜଣେ ଯୁବକ ଉଦ୍ୟମ କରିଛନ୍ତି। ଭୁବନେଶ୍ୱର ଶହୀଦନଗର ସାଇମନ୍ଦିର ସାମ୍ନାରେ ସୋମବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଶହୀଦନଗର ପୋଲିସ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଛି। ଅଭିଯୁକ୍ତ ହେଲେ କଣ୍ଟାବାଡ଼ ଅଞ୍ଚଳର ସୁନୀଲ କୁମାର ସେଠୀ। ଭିଏସ୍‌ଏସ୍ ନଗର ପଥରବନ୍ଧ ବସ୍ତିର ପୀଡ଼ିତା ଯୁବତୀଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୪୦/୨୦୨୫) ରୁଜୁ କରି ତଦନ୍ତ କରୁଛି।

## ଏକତରଫା ପ୍ରେମ

ସୂଚନା ଅନୁଯାୟୀ, ସୁନୀଲଙ୍କ ଜଣେ ସମ୍ପର୍କୀୟ ଭଉଣୀ ଶହୀଦନଗରରେ ଟେଲରିଂ ଶିଖୁଥିଲେ। ସେଠାରେ ପୀଡ଼ିତା ମଧ୍ୟ ଟେଲରିଂ ଶିଖୁଥିଲେ। ପରେ ପୀଡ଼ିତା ଓ ସୁନୀଲଙ୍କ ମଧ୍ୟରେ ଇନ୍‌ଷ୍ଟାଗ୍ରାମରେ ସମ୍ପର୍କ ହୋଇଥିଲା। ସମୟକ୍ରମେ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା। ଏପରି କି ସାଙ୍ଗ ହୋଇ ସେମାନେ ଭୁବନେଶ୍ୱରରେ ବୁଲାବୁଲି ମଧ୍ୟ କରିଥିଲେ। ସୁନୀଲ ବିବାହିତ ହୋଇଥିବାବେଳେ ତାଙ୍କର ଦାମ୍ପତ୍ୟ ଜୀବନରେ ମତାନ୍ତର ହୋଇଥିଲା। ସୁନୀଲଙ୍କ ସ୍ତ୍ରୀ ୩ ମାସ ହେବ ବାପଘରକୁ ମଧ୍ୟ ଚାଲିଯାଇଛନ୍ତି। ଏପରି କି କୋର୍ଟରେ ମଧ୍ୟ ମାମଲା ଚାଲିଛି। ଏପଟେ ସୁନୀଲ ପୀଡ଼ିତାଙ୍କୁ ବିବାହ କରିବାକୁ ଚାପ ପକାଉଥିଲେ। ଉଭୟଙ୍କ ଫଟୋକୁ ଏଡିଟ୍ କରି ସୋସିଆଲ ମିଡିଆରେ ଭାଇରାଲ କରି ବ୍ଲାକମେଲ୍ କରୁଥିଲେ। ବ୍ଲାକ୍‌ମେଲ୍ ନ କରିବାପାଇଁ ପୀଡ଼ିତା ୫୦ହଜାର ଟଙ୍କା ମଧ୍ୟ ସୁନୀଲଙ୍କୁ ଦେଇଥିଲେ। ବର୍ଷେ ହେବ ପୀଡ଼ିତାଙ୍କୁ ସୁନୀଲ ଏଭଳି ବ୍ଲାକମେଲ୍ କରି ଆସୁଥିଲେ। ତେବେ ତାଙ୍କଠାରୁ ଦୂରେଇ ଯିବାକୁ ଯୁବତୀ ଜଣକ କହିଥିଲେ। ସ୍ତ୍ରୀଙ୍କ ସହ ଭଲରେ ରୁହ ବୋଲି ପରାମର୍ଶ ଦେଇଥିଲେ। ହେଲେ ସୁନୀଲ ଏହାକୁ ମାନୁ ନ ଥିଲେ। ୪ରୁ ୫ ଦିନ ତଳେ ସୁନୀଲ ଭେଟିବା ସହ ଏସିଡ୍ ଆଟାକ୍ କରିବାକୁ ପୀଡ଼ିତା ଯୁବତୀଙ୍କୁ ଧମକ ଦେଇଥିଲେ। ମୋର ନୁହେଁ ତ ଆଉ କାହାର ନୁହେଁ ବୋଲି କହିଥିଲେ। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ପୀଡ଼ିତା ଘରୁ ଶହୀଦନଗର ଯିବା ବାଟରେ ସୁନୀଲ ତାଙ୍କୁ ଅଟକାଇଥିଲେ। ସାଇ ମନ୍ଦିର ସାମ୍ନାରେ ସୁନୀଲ ତାଙ୍କୁ ଏସିଡ୍ ପକାଇବାକୁ ଧମକ ଦେଇଥିଲେ। ଏପରି କି ସୁନୀଲଙ୍କ ଜଣେ ସାଙ୍ଗ ହାତରେ ରଡ୍ ଓ ଅନ୍ୟଜଣେ ସାଙ୍ଗଙ୍କ ହାତରେ ଏକ ଛୋଟ ବୋତଲରେ ଏସିଡ୍ ଥିଲା ବୋଲି ଯୁବତୀ କହିଛନ୍ତି। ତେବେ ସେହି ସମୟରେ ପୀଡ଼ିତା ଜୀବନ ବଞ୍ଚାଇ ଦୌଡ଼ିବା ସହ ସ୍ଥାନୀୟ ଲୋକଙ୍କ ସହାୟତା ନେଇଥିଲେ। ପୋଲିସ ଟିମ୍ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ଅପରପକ୍ଷରେ ପୀଡ଼ିତାଙ୍କ ଭାଇ ଓ ଅନ୍ୟମାନେ ସୁନୀଲଙ୍କୁ ମାରପିଟ୍ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଘଟଣାର ବିଭିନ୍ନ ଦିଗ ପ୍ରତି ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୁଚିତ୍ର ଦାସ କହିଛନ୍ତି।

# ଯୁବତୀଙ୍କୁ ୭ ଦିନ ଭଡ଼ାଘରେ ରଖି ଗଣବଳାତ୍କାର

## ୩ ଗିରଫ

ବାଲିଗୁଡ଼ା,୧୯।୫
(ସଞ୍ଜୟ କୁମାର ପାଣିଗ୍ରାହୀ)



ଗିରଫ ୩ ଅଭିଯୁକ୍ତ।

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣ ବଳାତ୍କାର କରାଯାଇଛି। ଯୁବତୀଙ୍କୁ ଅଟୋରେ ଘରକୁ ଛାଡ଼ି ଦେବାକୁ କହି ୩ଜଣ ସାଙ୍ଗ ୭ଦିନ ଏକ ଭଡ଼ାଘରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତମାନଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତମାନଙ୍କ ଟିଆଇ ପରେଡ ହେବାକୁ ଥିବାରୁ ପୋଲିସ ସେମାନଙ୍କ ନାମ ପ୍ରକାଶ କରିନାହିଁ। ସେମାନେ ଯୁବତୀଙ୍କୁ ନେବା ପାଇଁ ବ୍ୟବହାର କରିଥିବା ଅଟୋ ଜବତ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ସୋମବାର ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଓ ତଦନ୍ତ ଅଧିକାରୀ ଆଇଆଇସି ସମ୍ବିତ କୁମାର ସ୍ୱାଇଁ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗତ ୧୧ ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ଯୁବତୀ ଜଣକ ଔଷଧ ଆଣିବା ପାଇଁ ବଜାରକୁ ଆସିଥିଲେ। ଘରକୁ ଫେରିବା ବେଳେ ସ୍ଥାନୀୟ ତ୍ରିବେଦୀ ପାର୍କ ସମ୍ମୁଖରୁ ଅଟୋ ଡ୍ରାଇଭର ତାଙ୍କୁ ଘରେ ଛାଡିଦେବା ପାଇଁ କହିଥିଲେ। ଯୁବତୀ ଜଣକ ଅଟୋରେ ବସିବା ପରେ ଡ୍ରାଇଭର ତାଙ୍କୁ ଘରେ ଛାଡ଼ିବା ପରିବର୍ତ୍ତେ ଏକ ଭଡାଘର ନିକଟକୁ ନେଇଥିଲେ। ଅଟୋରୁ ଯୁବତୀଙ୍କୁ ଜୋରଜବରଦସ୍ତ ଟାଣି ନେଇ ଉକ୍ତ ଘରେ ବନ୍ଦ କରିଦେଇଥିଲେ। ଏହାପରେ ଅଟୋଚାଳକ ସହ ୨ ସାଙ୍ଗ ମିଶି ତାଙ୍କୁ ବଳାତ୍କାର କରିଥିଲେ। ଯୁବତୀଙ୍କୁ ୭ ଦିନ ଭଡ଼ାଘରେ ରଖି ସେମାନେ ବଳାତ୍କାର କରିଥିଲେ। ଏ ନେଇ ସେ ଗତ ୧୭ ତାରିଖରେ ବାଲିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୮/୨୫ରେ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ ଏତଲାର ୨୪ ଘଣ୍ଟା ନ ପୂରୁଣୁ ଗିରଫ କରିବା ସହ ଡାକ୍ତରୀ ମାଇନା କରାଯାଇଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ମହିଳାଙ୍କ ଉପରେ କୌଣସି ଅତ୍ୟାଚାର ଖବର ଆସିଲେ କାହାରିକୁ ଛଡାଯିବ ନାହିଁ ବୋଲି ଏସଡିପିଓ କହିଛନ୍ତି।

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

## ୨୪ ଘଣ୍ଟା ପରେ ମୃତଦେହ ଜବତ

ତିହିଡ଼ି,୧୯।୫ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାରସର ପଞ୍ଚାୟତର ସାପକାଟିଆ ଗ୍ରାମରେ ପାରିବାରିକ କଳହକୁ ନେଇ ସ୍ତ୍ରୀଙ୍କୁ ପିଟି ହତ୍ୟା କରାଯାଇଛି। ମୃତା ମହିଳା ହେଲେ ଉର୍ବଶୀ ଦାସ(୩୫)। ରବିବାର ପୂର୍ବାହ୍ନରେ ଏହି ଘଟଣା ଘଟିଥିବା ବେଳେ ମୃତା ଉର୍ବଶୀଙ୍କ ସ୍ୱାମୀ ପପୁ ଦାସଙ୍କୁ ପୋଲିସ ସୋମବାର ଗିରଫ ପରେ କୋର୍ଟଚାଲାଣ କରିଛି। ହତ୍ୟାର ୨୪ ଘଣ୍ଟା ପରେ ପୋଲିସ ସାପକାଟିଆ ଗ୍ରାମରୁ ମୃତଦେହ ଜବତ କରିଛି। ଉର୍ବଶୀଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ରମେଶ ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୦/୨୫) ରୁଜୁ କରିଛି।

ସୂଚନା ଅନୁଯାୟୀ, ବାଂଶଡ଼ା ଥାନା ଅଧୀନ ଛେଡ଼ାକ ଗ୍ରାମର ରମେଶଙ୍କ ଝିଅ ଉର୍ବଶୀ ୧୨ବର୍ଷ ପୂର୍ବେ ସାପକାଟିଆ ଗ୍ରାମର ପପୁଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ବିଭିନ୍ନ ସମୟରେ ପାରିବାରିକ କଳହ ଉପୁଜୁଥିଲା। ରବିବାର ପୂର୍ବାହ୍ନ ୧୧ଟା ବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହେବାରୁ ପପୁ ଏକ ବାଡ଼ିରେ ଉର୍ବଶୀଙ୍କୁ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ବହୁ ସମୟ ପରେ ପପୁ ଶ୍ୱଶୁର ଘର ଲୋକଙ୍କୁ ଉର୍ବଶୀଙ୍କ ମୃତ୍ୟୁ ଖବର ଦେଇଥିଲେ। ଛାତରୁ ଖସିପଡ଼ି ଉର୍ବଶୀଙ୍କ ମୃତ୍ୟୁ ଘଟିଥିବା ଜଣାଇଥିଲେ। ଉର୍ବଶୀଙ୍କ ବାପା ରମେଶ ଓ ଅନ୍ୟମାନେ ସାପକାଟିଆ ଗ୍ରାମରେ ପହଞ୍ଚି ମୃତଦେହ ଦେଖିବା ପରେ ତାଙ୍କ ମନରେ ସନ୍ଦେହ ଉପୁଜିଥିଲା। ପରେ ରମେଶ ଏନେଇ ପୀରହାଟ ପୋଲିସକୁ ଖବର ଦେଇଥିଲେ। ରାତି ପ୍ରାୟ ୧୧ଟା ବେଳେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଖସି ପଳାଉଥିବା ପପୁଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ତାଙ୍କ ଝିଅକୁ ପପୁ ପିଟି ପିଟି ହତ୍ୟା କରିଥିବା ରମେଶ ଅଭିଯୋଗରେ ଦର୍ଶାଇଛନ୍ତି। ସୋମବାର ପୂର୍ବାହ୍ନ ୧୦ଟା ବେଳେ ଆଇଆଇସି ରୋଜାଲିନ ବେହେରା, ଏସ୍‌ଆଇ ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ହତ୍ୟାକାଣ୍ଡର ଦୀର୍ଘ ସମୟ ବିତିଯିବା ପରେ ବି ଖବର ନ ପାଇବା ପୋଲିସର ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଆଇଆଇସି ବେହେରା କହିଛନ୍ତି, ଘଟଣା ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବାରୁ ପୋଲିସ ଜାଣିପାରି ନ ଥିଲା। ମୃତା ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ଜଣାପଡ଼ିଲା। ତେବେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି।

# ରାଜା ଚକ୍ରଙ୍କ ଓକିଲଙ୍କ ନାଁରେ ମାନହାନି ମାମଲା: କୋର୍ଟରେ ସାକ୍ଷ୍ୟ ଗ୍ରହଣ

ବାଲେଶ୍ୱର,୧୯।୫(ବାଞ୍ଛାନିଧି ଦେ)

ଗନ୍ଧମାର୍ଦ୍ଦନ ଲୋଡ଼ିଂ ଏଜେନ୍ସିରେ ଆର୍ଥିକ ଦୁର୍ନୀତି ମାମଲାରେ ଛନ୍ଦି ହୋଇପଡ଼ିଥିବା ବିଜେଡି ନେତା ସୌମ୍ୟଶଙ୍କର ଓରଫ୍ ରାଜା ଚକ୍ରଙ୍କ ଓକିଲ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ବିରୋଧରେ ଗତ ୩ତାରିଖରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମାନହାନି ମକଦ୍ଦମା ଦାଏର କରିଥିଲେ। ଏନେଇ ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା (ନଂ. ୨୫/୨୫) ରୁଜୁ ହୋଇଥିଲା। ଏହି ମାମଲାରେ ସୋମବାର ରାଜ୍ୟ ସଭାପତି ସାମଲଙ୍କ ପକ୍ଷରୁ କୋର୍ଟରେ ଦୁଇଜଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଏନେଇ ରାଜ୍ୟ ସଭାପତି ସାମଲଙ୍କ ଓକିଲ ହରେକୃଷ୍ଣ ଦାଶ କହିଛନ୍ତି, ରାଜା ଚକ୍ରଙ୍କ ଓକିଲଙ୍କ ବିରୋଧରେ ଯେଉଁ ମାନହାନି ମାମଲା ଦାଏର ହୋଇଥିଲା, ସେଥିରେ ୨ଜଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଏହାପରେ କୋର୍ଟ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ।

# ଗୋରୁ ଚାଲାଣ: ୭ ଗୋରୁ ଉଦ୍ଧାର, ୨ ଗିରଫ

ଟିଗିରିଆ,୧୯।୫(ଜାଫର ଖାଁ)

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତ ଶାସନ ଛକ ନିକଟରେ ସୋମବାର ଗୋରୁ ଚାଲାଣବେଳେ ଟିଗିରିଆ ପୋଲିସ ୭ ଗୋରୁଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ବଅଁରପାଳ ଥାନା ତଳମୂଳସ୍ଥିତ ଚନ୍ଦନପୁର ଗ୍ରାମର ରାକେଶ ସାହୁ ଓ ଢେଙ୍କାନାଳ ଜିଲାର କଣ୍ଟାବଣିଆ ଥାନା ଅନ୍ତର୍ଗତ ପାଣଘୁଣ୍ଟୁଘୁଡା ଅଞ୍ଚଳର ସାମନ୍ତ ବିଶ୍ୱାଳ। ଏଥିସହ ଅଭିଯୁକ୍ତମାନଙ୍କଠାରୁ ନମ୍ବରବିହୀନ ବୋଲେରୋ ଗାଡ଼ି ଜବତ ହୋଇଛି। ଭୋର ପ୍ରାୟ ୪ଟା ବେଳେ ଟିଗିରିଆ ଥାନା ଶାସନ ଛକ ଦେଇ ଏକ ନମ୍ବର ବିହୀନ ବୋଲେରୋ ଗାଡ଼ିରେ ଗୋରୁ ଚାଲାଣ ଖବରପାଇ ପୋଲିସ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ, ୨ ଖଣ୍ଡା ଜବତ

ଭୁବନେଶ୍ୱର,୧୯।୫(ସତ୍ୟଜିତ ରାଉତ)

ଶିଶୁ ଭବନ ଟ୍ରାଫିକ୍ ଛକ ପାଖ ଫରେଷ୍ଟ ପାର୍କ ରାସ୍ତାରେ ଭିକି ନାୟକଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ଏୟାରପୋର୍ଟ ଥାନା ପୋଲିସ ଅଧିକ ଛାନଭିନ୍ ଚଳାଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ଝରଣା ସାହିରେ ରହୁଥିବା ଏମ୍‌ଡି ରାଜା (୨୮), ଏମ୍‌ଡି ସଦାମ (୩୦), ରାମୁ ଓରଫ ନସାମୁଦ୍ଦିନ୍ ସାହା (୨୫) ଓ ଗୁମୁ ଓରଫ ଆଜାମୁସିନ୍ ସାହ (୨୪)। ସେମାନଙ୍କଠାରୁ ୨ଟି ବାଇକ ଓ ଦୁଇ ଖଣ୍ଡା ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଅଭିଯୁକ୍ତ ଇସ୍ମାଇଲ୍ ମହମ୍ମଦ ଗିରଫ ହୋଇଥିବା ବେଳେ ଏବେ ଏହି ସଂଖ୍ୟା ୫ରେ ପହଞ୍ଚିଛି। ଫେରାର ଥିବା

## ଯୁବକଙ୍କୁ ଗୋଡ଼ାଇ ହାଣିବା ଘଟଣା

ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଗୁନା ସିଂ ସମେତ ଅନ୍ୟମାନଙ୍କୁ ପୋଲିସ ଖୋଜୁଛି।

ପୋଲିସ ସୂଚନା ଅନୁଯାୟୀ, ଗତବର୍ଷ ଜାଗର ବେଳେ ଝରଣା ସାହିରେ କ୍ରିକେଟ ଖେଳ ହେଉଥିବା ବେଳେ ବିକିଙ୍କ ସହ ଗୁନା ଓ ରାଜାଙ୍କ ଝଗଡା ହୋଇଥିଲା। ଏହାପରେ ଗୁନା ଓ ରାଜା ଅନ୍ୟମାନଙ୍କ ସହ ମିଶି ଆପରାଧିକ ଷଡ଼ଯନ୍ତ୍ର କରିଥିଲେ। ମେ’ ୧୨ ରାତି ପ୍ରାୟ ୯ଟା ବେଳେ ବିକି ଫରେଷ୍ଟ ପାର୍କ ରାସ୍ତାରେ ଜଳଖିଆ ଖାଉଥିବା ସମୟରେ ଅଭିଯୁକ୍ତମାନେ ଏକ କାର୍‌ରେ ଆସି ଖଣ୍ଡାରେ ଗୋଡ଼ାଇ ଆକ୍ରମଣ କରିଥିଲେ। ବିକି ଜୀବନ ବଞ୍ଚାଇ ପଳାଇ ଯାଉଥିବା ବେଳେ ରାସ୍ତା ମଝିରେ ପଡ଼ିଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ନିର୍ମମ ଭାବେ ହାଣିଥିଲେ।

# ଦୁଇ ଲୁଟେରାଙ୍କୁ ବର୍ଷେ ଲେଖାଏ ଜେଲଦଣ୍ଡ

ଭୁବନେଶ୍ୱର,୧୯।୫(ସତ୍ୟଜିତ ରାଉତ)

ମୋବାଇଲ ଲୁଟ୍ ମାମଲାରେ ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ହଳଦୀ ଓରଫ ଅଶୋକ ଦାଶ (୨୫) ଓ ଗଙ୍ଗାଧର ପ୍ରଧାନ (୩୭)। ଉଭୟଙ୍କୁ ବର୍ଷେ ଲେଖାଏ ଜେଲଦଣ୍ଡ ସହ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୧୫ଦିନ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ଅନୁଯାୟୀ, ୨୦୨୪ ଅଗଷ୍ଟ ୧୨ ପୂର୍ବାହ୍ନ ୧୧ଟାରେ ଅଭିଯୋଗକାରୀ ଜଗନ୍ନାଥ ବେହେରା ଅଫିସ ଯାଉଥିଲେ। ଶହୀଦନଗରରୁ ମହର୍ଷି କଲେଜକୁ ସଂଯୋଗ କରୁଥିବା ରାସ୍ତାରେ ଜଗନ୍ନାଥଙ୍କୁ ହଳଦୀ ଓ ଗଙ୍ଗାଧର ଏକ ବାଇକରେ ଆସି ଟାର୍ଗେଟ୍ କରିଥିଲେ। ସେମାନେ ଜଗନ୍ନାଥଙ୍କଠାରୁ ମୋବାଇଲ ଛଡାଇ ନେଇଯାଇଥିଲେ। ସ୍ଥାନୀୟ ଲୋକମାନେ ଦୁହିଁଙ୍କୁ କାବୁ କରିଥିଲେ ହେଁ କିଛି ସମୟ ପରେ ସେମାନେ ଖସି ପଳାଇ ଯାଇଥିଲେ। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ସୁଶାନ୍ତ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ଆନ୍ତଃରାଜ୍ୟ ଲୁଟେରା ଗିରଫ, ୭୩ ଗ୍ରାମ୍ ସୁନା ଜବତ


ଜବତ ଅଳଙ୍କର।


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

ପାରଳାଖେମୁଣ୍ଡି,୧୯।୫
(ଗିରିଧାରୀ ପରିଚ୍ଛା)

## ଭଉଣୀ ଘରେ ରହି ଲୋକଙ୍କ ସୁନା ଅଳଙ୍କାର ଝାମ୍ପୁଥିଲେ

ଗଜପତି ପୋଲିସ ଜଣେ ଆନ୍ତଃରାଜ୍ୟ ଲୁଟେରାଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲା ମାନ୍ଦାସା ମଣ୍ଡଳ ସୋଣ୍ଡିପୋଡି ଗ୍ରାମର ୟୁ. ନବୀନ କୁମାର। ନବୀନ ଜଗପତି ଜିଲା ପାରଳାଖେମୁଣ୍ଡି ବଡ଼ବ୍ରାହ୍ମଣ ସାହିରେ ତାଙ୍କ ଭଉଣୀ ଘରେ ରହୁଥିଲେ। ସେ ବାଇକ୍‌ରେ ବୁଲି ନିର୍ଜନ ରାସ୍ତାରେ ଯାଉଥିବା ବୟସ୍କା ମହିଳା ଓ ଦମ୍ପତିଙ୍କ ବେକରୁ ସୁନା ଅଳଙ୍କାର ଝାମ୍ପିନେଇ ଚମ୍ପଟ ମାରୁଥିଲେ। ନବୀନଙ୍କଠାରୁ ୭୩ ଗ୍ରାମ ସୁନା, ବାଇକ୍ ଓ ମୋବାଇଲ ଫୋନ ଜବତ କରାଯାଇଥିବା ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

ଏସ୍‌ପି ଆହୁରି କହିଛନ୍ତି ଯେ, ନବୀନ ଚୋରି କରୁଥିବା ସୁନା ଅଳଙ୍କାରକୁ ନିଜ ଭଉଣୀ ଘରେ ରଖୁଥିଲେ। ଭଉଣୀ ଏସବୁ କାହାର ସୁନା ବୋଲି ପଚାରିଲେ ସେ ତାଙ୍କ ସାଙ୍ଗମାନଙ୍କର ବୋଲି କହୁଥିଲେ। ଏସବୁ ସୁନାଗହଣା ବନ୍ଧକ ରଖି ପୂର୍ବରୁ ଆନ୍ଧ୍ରରେ ଅନେକ ଲୋକଙ୍କଠାରୁ ଆଣିଥିବା କରଜ ଶୁଝିବେ ବୋଲି ନବୀନ ତାଙ୍କ ଭଉଣୀଙ୍କୁ କହିଥିଲେ। ନବୀନଙ୍କ ନାଁରେ ପୂର୍ବରୁ ଆନ୍ଧ୍ରର ମେଳିଆପୁଟି, ପଲାସ ଆଦି ଥାନାରେ ଏକାଧିକ ଲୁଟ ମାମଲା ରହିଛି। ଏପଟେ ଗତ ଜାନୁଆରୀ ମାସରୁ ଗଜପତି ଜିଲାର କାଶୀନଗର, ଗୁରାଣ୍ଡି ଓ ପାରଳାଖେମୁଣ୍ଡି ଥାନା ଅଞ୍ଚଳରେ ସୁନା ଲୁଟ ହୋଇଥିବା ନେଇ ୫ଟି ମାମଲା ରୁଜୁ ହୋଇଥିଲା। ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ୨ଟି ଟିମ ଗଠନ କରି ସାଇବର ସେଲ ସହାୟତାରେ ପୋଲିସ ନବୀନଙ୍କୁ କାବୁ କରିଥିଲା। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି।

# ସଂରକ୍ଷିତ ଜଙ୍ଗଲରୁ ଖଣିଜ ଚୋରି

## ଲୁହାପଥର ବୋଝେଇ ହାଇୱା ଜବତକଲା ବନ ବିଭାଗ

ଯୋଡ଼ା,୧୯।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବୈତରଣୀ ସଂରକ୍ଷିତ ଜଙ୍ଗଲର ଖଣ୍ଡବନ୍ଧ ନିକଟରୁ ବେଆଇନ ଖଣିଜ ଚୋରି ହୋଇଛି। ଚୋରା ଲୁହାପଥର ବୋଝେଇ କରି ପରିବହନ ହେଉଥିବା ହାଇୱାକୁ ବନ ବିଭାଗ ସୋମବାର ଭୋର ୩ଟା ୩୦ରେ ଜବତ କରିଛି। ଉକ୍ତ ହାଇୱାରେ ପ୍ରାୟ ୫ ମେଟ୍ରିକ ଟନ୍ ଲୁହାପଥର ଚାଲାଣ ହେଉଥିଲା। ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଭୋର ସମୟରେ ଖଣ୍ଡବନ୍ଧ ଜଙ୍ଗଲ ଅଞ୍ଚଳରୁ ହାଇୱା (ନଂ. ଓଡି ୧୪ ଏସି ୪୩୭୫)ରେ ଲୁହାପଥର ବୋଝେଇ କରି ଚୋରାଚାଲାଣ ହେଉଥିଲା। ବନ ବିଭାଗ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା। କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ଏସିଏଫ୍ ଅକ୍ଷୟ ଛତ୍ରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଡ଼ା ବନପାଳ, ବନରକ୍ଷୀ ନୀଲମ ମହାନ୍ତ, ସୁରଜ କୁମାର ଦାସ ଓ ବନ ସ୍କ୍ୱାଡ ଚଢ଼ାଉ କରି ଲୁହାପଥର ବୋଝେଇ ହାଇୱାକୁ ଜବତ କରିବାରେ ସକ୍ଷମ ହୋଇଥିଲେ। ଚଢ଼ାଉ ସମୟରେ ଅନ୍ଧାରର ସୁଯୋଗ ନେଇ ଟ୍ରକ୍ ଡ୍ରାଇଭର, ବେଆଇନ ଖଣିଜ ବ୍ୟବସାୟୀ ଫେରାର ହୋଇଯାଇଥିଲେ। ଏ ନେଇ ଚମ୍ପୁଆ ରେଞ୍ଜରେ ଏକ ମାମଲା(ନଂ. ୭/୨୦୨୫-୨୬)ରୁଜୁ ହୋଇଥିବା ଯୋଡ଼ା ବନପାଳ ଜେନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଚମ୍ପୁଆ ବନାଞ୍ଚଳରେ ବନ ବିଭାଗ ଗାଡ଼ି ଜବତ କରିବାରେ ସକ୍ଷମ ହେଉଥିବା ବେଳେ ବଡ଼ବିଲ ରେଞ୍ଜ ଅନ୍ତର୍ଗତ ଟାଙ୍ଗୁରା, ରୋଇଡ଼ା, ସିଦ୍ଧ ମଠ, ରୁଗୁଡ଼ି, ଠାକୁରାଣୀ ପ୍ରଭୃତି ବନାଞ୍ଚଳରେ ସଂରକ୍ଷିତ ଜଙ୍ଗଲରୁ ବେଧଡ଼କ ଖଣିଜ ଚୋରି ହେଉଛି। କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ କହିଛନ୍ତି, ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଖୋଜାଚାଲିଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଜବତ ଖଣିଜ ବୋଝେଇ ଟ୍ରକ୍।

# ରାତୁ ଭୁଏ ହତ୍ୟା ମାମଲା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ବଲାଙ୍ଗୀର,୧୯।୫ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ସୋମବାର ରାତୁ ଭୁଏ ହତ୍ୟା ମାମଲାର ରାୟ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ସାନବୁର୍କାବାହାଲ ଗାଁର ସୋନୁ ଓରଫ ସାନୁ ବାଗ (୬୬)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ହେଲେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ୨୦୨୩ ଜାନୁଆରୀ ୪ ତାରିଖ ରାତିରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଅଏଲାବୁଆଁ ଗାଁରେ ଥିବା ଏକ ଫାର୍ମରେ ସାନବୁର୍କାବାହାଲ ଗାଁର ଦୁଇ ରାତ୍ର ଜଗୁଆଳି ରାତୁ ଭୁଏ (୨୫) ଓ ସୋନୁ ବାଗ (୬୬)ଙ୍କ ମଧ୍ୟରେ ଗଞ୍ଜେଇ ଟଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ରାତୁ ଭୁଏଙ୍କୁ ସୋନୁ ଏକ ଲୁହା ହାମରରେ ଶୋଇଥିବା ରାତୁଙ୍କ ମୁଣ୍ଡକୁ ହାଣିଥିଲେ। ଫଳରେ ଘଟଣାସ୍ଥଳରେ ରାତୁଙ୍କର ମୃତ୍ୟୁ ଘଟିଥିଲା। ପରଦିନ ସକାଳେ ଫାର୍ମର ମାଲିକ ଘଟଣା ସମ୍ପର୍କରେ ସଦର ଥାନାରେ ଏତଲା ଦେଇଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

ଯାଜପୁର ଟାଉନ,୧୯।୫
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଶରତ କୁମାର ଦେହୁରୀ ସୋମବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତ ୨ବର୍ଷ ଅଧିକ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କାର ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଅଗଷ୍ଟ ୧୯ ତାରିଖ ରାତିରେ ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଚିଡିରି ନୂଆଗାଁର ଉତ୍ତମ ସିଂହ ଏକ ଅର୍ଦ୍ଧ ନିର୍ମିତ ଘରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। କାଳେ ନାବାଳିକା ପାଟି କରିବେ ସେଥିପାଇଁ ସେ ତାଙ୍କ ପାଟିକୁ ଏକ ଫିତାରେ ବାନ୍ଧି ଦେଇଥିଲେ। ସେଥିପାଇଁ ଅନ୍ୟ କୋଠରିରେ ନାବାଳିକାଙ୍କ ମା’ ଓ ବଡ଼ ଭଉଣୀ ଶୋଇଥିଲେ ମଧ୍ୟ କିଛି ଜାଣି ପାରି ନ ଥିଲେ। ଅଭିଯୁକ୍ତ ବଳାତ୍କାର ପରେ ସେଠାରୁ ଚାଲିଯାଇଥିଲେ। ଏହି ସମୟରେ ନାବାଳିକାଙ୍କ ଚିତ୍କାର ଶୁଣି ପୀଡ଼ିତାଙ୍କ ମା’ ଓ ବଡ଼ ଭଉଣୀ ଦୌଡ଼ି ଆସିଥିଲେ। ନାବାଳିକା ଜଣକ ମା’ଙ୍କୁ ସମସ୍ତ ଘଟଣା କହିଥିଲେ। ନାବାଳିକାଙ୍କ ମା’ ସେହି ମାସ ୨୦ତାରିଖ ଦିନ ଟମକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୬୬/୨୪) ରୁଜୁ କରି ଉତ୍ତମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଅତିରିକ୍ତ ଜିଲା ଦୌରାଜଜ୍ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଦେହୁରୀ ୯ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ବଳାତ୍କାର ମାମଲାରେ ଗିରଫ ହୋଇ ଉତ୍ତମ ବିଚାର ଶେଷ ପର୍ଯ୍ୟନ୍ତ କାରାଗାରରେ ବିଚାରଧୀନ କଏଦୀ ଭାବେ ରହିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।

# ବରଯାତ୍ରୀ ଶୋଭାଯାତ୍ରାରେ ଗଣ୍ଡଗୋଳ

- ବରଯାତ୍ରୀଙ୍କ ବସ୍ ଭାଙ୍ଗିଲେ କନ୍ୟାପକ୍ଷ
- ଥାନାରେ ରୁଜୁ ହେଲା ମାମଲା
- ବିବାହ ପରେ ବରକନ୍ୟା ସମେତ ବରଯାତ୍ରୀ ଅଟକ

ସିଂହପୁର,୧୯।୫
(ଅନଙ୍ଗଉଦୟ ବେହୁରିଆ)



କନ୍ୟାପକ୍ଷ ଭାଙ୍ଗି ଥିବା ବରଯାତ୍ରୀଙ୍କ ବସ୍।

ବିବାହ ଉତ୍ସବରେ ଯୋଗଦେବାକୁ ଆସି ହଟହଟା ହୋଇଛନ୍ତି ୬୦ରୁ ଊର୍ଦ୍ଧ୍ୱ ବରଯାତ୍ରୀ। ଏପରି କି ବିବାହ ପରେ ମଧ୍ୟ ବରଯାତ୍ରୀ ଓ ବରକନ୍ୟାଙ୍କୁ ୧୦ ଘଣ୍ଟା ଧରି ଅଟକ ରହିବାକୁ ପଡିଛି। ବିବାହ ଶୋଭାଯାତ୍ରାରେ ନାଚକୁ ନେଇ ଘଟିଛି ଏଭଳି ଅଭାବନୀୟ ଘଟଣା। କନ୍ୟାପକ୍ଷ ଲୋକ ବରଯାତ୍ରୀଙ୍କୁ ମାଡ଼ ମାରିବା ସହିତ ସେମାନେ ଆସିଥିବା ବସକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରୀ ପଞ୍ଚାୟତରେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ରାକେଶ ପରିଡାଙ୍କ ପୁଅ ଓ ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରୀ ପଞ୍ଚାୟତର ସୁରେନ୍ଦ୍ର ସାମଲଙ୍କ ଝିଅ ବାହାଘର ରବିବାର ଅନୁଷ୍ଠିତ ହୋଇଥିଲା। ଅସ୍ତରଙ୍ଗରୁ ବର ଓ ବରଯାତ୍ରୀ ଜରୀରେ ପହଞ୍ଚି ଶୋଭାଯାତ୍ରା ଆରମ୍ଭ କରିଥିଲେ। ଶୋଭାଯାତ୍ରା ଆଗକୁ ଚାଲିଥିବା ବେଳେ କନ୍ୟାଙ୍କ ଦାଦା ପୁଅ ଭାଇ ଓ ଗ୍ରାମର କେତେକ ଯୁବକ ବରଯାତ୍ରୀଙ୍କ ସହିତ ନୃତ୍ୟ କରିଥିଲେ। ଏହାକୁ ନେଇ ବରଯାତ୍ରୀ ଓ କନ୍ୟାଙ୍କ ଦାଦାପୁଅ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ କନ୍ୟାଙ୍କ ଦାଦାପୁଅ ଭାଇ ଓ ତାଙ୍କ ସାଙ୍ଗମାନେ ବରଯାତ୍ରୀଙ୍କୁ ମାଡ଼ ମାରିବା ସହିତ ସେମାନେ ଆସିଥିବା ବସ (ନଂ.ଓଡି୦୨ଏଏନ ୮୪୬୯)କୁ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ବାଦ ବିବାଦ ପରେ ଯଦିଓ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ବରଯାତ୍ରୀମାନେ କିନ୍ତୁ କିଛି ଭୋଜି ଖାଇ ନ ଥିଲେ। ସକାଳୁ ବସ ଚାଳକ ଓ ବରଯାତ୍ରୀ କ୍ଷତିପୂରଣ ଦାବି କରିଥିଲେ। ୬୦ରୁ ଊର୍ଦ୍ଧ୍ୱ ବରଯାତ୍ରୀଙ୍କ ସମେତ ବରକନ୍ୟା ଅଟକ ରହିଥିଲେ। ଘଟଣା ସମ୍ପର୍କରେ ବରପକ୍ଷ ଓ କନ୍ୟାପକ୍ଷ ବିଞ୍ଝାରପୁର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅପରାହ୍ନରେ ବରଯାତ୍ରୀ ଓ ବରକନ୍ୟା ପୋଲିସର ହସ୍ତକ୍ଷେପ ପରେ ଅସ୍ତରଙ୍ଗ ଫେରିଥିଲେ। ତେବେ ଏହି ଘଟଣାକୁ ନେଇ ସୋମବାର ଦିନ ତମାମ ବିଞ୍ଝାରପୁରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରୁଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ଅଟେଇ ଜଙ୍ଗଲରେ ବାଉଁଶ ବନୀକରଣ

**କେନ୍ଦୁଝର, ୧୯।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

- ମଞ୍ଜି ଭର୍ତ୍ତି ବଲ ଫିଙ୍ଗାଯାଉଛି
- ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ପଦକ୍ଷେପ
- ୫ ଲକ୍ଷ ବାଉଁଶ ବିହନ ବଲ୍ ଫିଙ୍ଗିବା ଲକ୍ଷ୍ୟ



ବନ କର୍ମଚାରୀମାନେ ନିର୍ଦ୍ଧାରିତ ସ୍ଥାନରେ ମଞ୍ଜି ଭର୍ତ୍ତି ବଲ୍ ଫିଙ୍ଗୁଛନ୍ତି।

କେନ୍ଦୁଝର ବନ ବିଭାଗ ଦ୍ୱାରା ପରିବେଶଗତ ପୁନରୁଦ୍ଧାର ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଘଟଗାଁ ରେଞ୍ଜ ଅଧୀନ ଅଟେଇ ସଂରକ୍ଷିତ ଜଙ୍ଗଲରେ ଏକ ବଡ଼ ଧରଣର ବାଉଁଶ ପୁନଃ ବନୀକରଣ ପାଇଁ ବଲ୍ ଫିଙ୍ଗାଯାଉଛି। ବର୍ଷା ଆସିଲେ ମାଟି ବଲ୍ ଧୋଇ ଗଲେ ଭିତରେ ଥିବା ବିହନ ମାଟିରେ ପଡ଼ିବ। ପରେ ମଞ୍ଜିରୁ ଗଜା ବାହାରି ଆପେ ଗଛ ବଢ଼ିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଏହି ସବୁଜ ମିଶନର ଅଂଶ ଭାବରେ ଜଙ୍ଗଲର ବିସ୍ତାର ପାଇଁ ବନ ବିଭାଗ ୮୦ ହଜାର ବାଉଁଶ ବିହନ ବଲ ପ୍ରସ୍ତୁତ କରିଛି। କାଦୁଅ ଭିତରେ ବାଉଁଶ ମଞ୍ଜି ଭର୍ତ୍ତି କରି ଏହି ବଲ ପ୍ରସ୍ତୁତ କରି ଜଙ୍ଗଲର ବିଭିନ୍ନ ସ୍ଥାନରେ ଫିଙ୍ଗା ଯାଇଛି। ବନ ବିଭାଗ ପକ୍ଷରୁ ଚଳିତ ବର୍ଷାଋତୁ ପୂର୍ବରୁ ସମଗ୍ର ଅଟେଇ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ୫ ଲକ୍ଷ ମାଟିରେ ପ୍ରସ୍ତୁତ ବିହନ ବଲ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରୟାସକୁ ସମର୍ଥନ କରିବା ପାଇଁ, ଭୁବନେଶ୍ୱରର ରାଜ୍ୟ ସିଲ୍ଭିକଲଚରିଷ୍ଟ କାର୍ଯ୍ୟାଳୟରୁ ୩ ଶହ କିଲୋଗ୍ରାମ ସାଲିଆ ବାଉଁଶ ବିହନ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ପୂର୍ବତନ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ତଥା ପୂର୍ବତନ ସଦସ୍ୟ ଓଡ଼ିଶା ଲୋକାୟୁକ୍ତ ଡ. ଦେବବ୍ରତ ସ୍ୱାଇଁ, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦୁଝରଙ୍କ ସହିତ ଉଦ୍‌ଘାଟନ କରିଥିଲେ; ଯାହାକି କେନ୍ଦୁଝରର ଜଙ୍ଗଲ ସଂରକ୍ଷଣ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ମତ ପ୍ରକାଶ ପାଉଛି। ବିହନ ବଲ୍ ବିସ୍ତାର ସହିତ ବନ ବିଭାଗ ପକ୍ଷରୁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଘାସ ପଡ଼ିଆ ଏବଂ ଜଳାଶୟ ସଂଲଗ୍ନ ୩ ହେକ୍ଟର ଅଞ୍ଚଳରେ ହାତରେ ବାଉଁଶ ବିହନ ବୁଣାଯାଇଛି। ସୁରକ୍ଷା ପାଇଁ ବୁଣାଯାଇଥିବା ଅଞ୍ଚଳଗୁଡ଼ିକର ସୁରକ୍ଷା ପାଇଁ ୩ ବର୍ଷ ପାଇଁ ବାଡ଼ ଦିଆଯିବ ବୋଲି ଜଣାପଡ଼ିଛି।

କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ବାସସ୍ଥାନର ଗୁଣବତ୍ତା ଏବଂ ବନ୍ୟ ପରିସଂସ୍ଥାନରେ ତୃଣଭୋଜୀ ପ୍ରାଣୀ ସଂଖ୍ୟା ବୃଦ୍ଧି କରିବା। ବିଶେଷକରି ବାଉଁଶ ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ଏକ ପ୍ରମୁଖ ଖାଦ୍ୟ ଉତ୍ସ। ତେଣୁ ବାଉଁଶକୁ ଗୁରୁତ୍ୱ ଦିଆଯାଉଛି। ଜିଲାରେ ବର୍ତ୍ତମାନ ପ୍ରାକୃତିକ ବାଉଁଶ ଆଚ୍ଛାଦନର ଅଭାବ ରହିଛି। ଏହି ଉଦ୍ୟମ ଜିଲାରେ ବାଉଁଶ ଜଙ୍ଗଲ ସୃଷ୍ଟି ପାଇଁ ଏକ ପାଇଲଟ ପଦକ୍ଷେପ ଭାବରେ ଗ୍ରହଣ କରାଯାଇଛି। ଏହି ପ୍ରୟାସ ଜୈବ ବିବିଧତା ସଂରକ୍ଷଣ ଏବଂ ବାସସ୍ଥାନ ସମୃଦ୍ଧିରେ ଯୋଗଦାନ ଦେବା ସହିତ ମାନବ-ହାତୀ ସଂଘର୍ଷ ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ରାଜ୍ୟର ଅନ୍ୟ ବନ ବିଭାଗଗୁଡ଼ିକରେ ସମାନ ପରିବେଶଗତ ହସ୍ତକ୍ଷେପ ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରିବ ବୋଲି ପରିବେଶବିତ୍‌ମାନେ ଆଶା କରୁଛନ୍ତି।

# ଭାଜପା ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି: ଯୋଗାଣ ମନ୍ତ୍ରୀ

**ଅନୁଗୋଳ, ୧୯।୫ (ମାନସ ବିଶ୍ୱାଳ)**

## ଅନୁଗୋଳରେ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ



ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ ସହର ସଭାଘରଠାରେ ସୋମବାର 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ତ କ୍ଷେତ୍ରରେ ବିକାଶ ଚାଲୁ ରହିଛି। ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକଙ୍କ ସରକାର ମହିଳା, ଯୁବକ, ଶ୍ରମିକ ଓ କୃଷକମାନଙ୍କ ସାମଗ୍ରୀକ ବିକାଶ ପାଇଁ କାର୍ଯ୍ୟ କରୁଛି। ନିର୍ବାଚନ ସମୟରେ ଭାଜପାର ସଂକଳ୍ପପତ୍ରରେ ସ୍ଥାନିତ ହୋଇଥିବା ସମସ୍ତ ପ୍ରତିଶ୍ରୁତି ଗୋଟି ଗୋଟି କରି ପୂରଣ ହେବାରେ ଲାଗିଛି। କୃଷକମାନଙ୍କ ଆୟ ଦୁଇଗୁଣିତ କରିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଉଛି। ବିକଶିତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅହରହ ପରିଶ୍ରମ କରୁଥିବାରୁ ତାଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ହେବ ବୋଲି ମନ୍ତ୍ରୀ ପାତ୍ର ପ୍ରକାଶ କରିଥିଲେ। ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ମୋହନ ସରକାର ୨୦୪୭ ଓ ୨୦୩୬ ମିଶନକୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ କୃଷକମାନଙ୍କ ସମସ୍ୟା ଯେଉଁଭଳି ଭାବେ ସମାଧାନ କରାଯାଉଛି, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ପୁଲିନ ପ୍ରକାଶ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ରେ ନୀତି ଆୟୋଗ ବୈଠକ, ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୫ (ରବିନାରାୟଣ ଜେନା)**

ଚଳିତ ମାସ ୨୪ରେ ନୂଆଦିଲ୍ଲୀରେ ନୀତି ଆୟୋଗର ୧୦ମ ଗଭର୍ଣ୍ଣିଂ କାଉନସିଲ ବୈଠକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ହେବାକୁଥିବା ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ବିକଶିତ ଏବଂ ବିକଶିତ ଭାରତ-୨୦୪୭ର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ ବୋଲି ଜଣାଯାଇଛି।

ଉକ୍ତ ବୈଠକରେ ବିକଶିତ ଓ ପୂର୍ବ ବୈଠକରେ ଦେଇଥିବା ବିଭିନ୍ନ ପ୍ରସ୍ତାବ କେତେଦୂର କାର୍ଯ୍ୟକାରୀ ହୋଇଛି ତା' ଉପରେ ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିବେ। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ କି ପ୍ରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ଏବଂ ଗ୍ରହଣ କରାଯିବାକୁ ରହିଛି ତା' ଉପରେ ଚୁମ୍ବକରେ ରିପୋର୍ଟ ପ୍ରଦାନ କରିବାକୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସବୁ ବିଭାଗ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଉନ୍ନୟନ ଆୟୁକ୍ତ ଚଳିତମାସ ୧୪ରେ ଦେଇଥିବା ସବୁ ବିଭାଗକୁ ପତ୍ରରେ ଦର୍ଶାଇଛନ୍ତି, ୨୭ ଜୁଲାଇ ୨୦୨୪ରେ ନବମ ଗଭର୍ଣ୍ଣିଂ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକର ନିର୍ଯ୍ୟାସ ଅନୁଯାୟୀ ରାଜ୍ୟ ସରକାରଙ୍କ କେଉଁ ବିଭାଗ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଅବଗତ କରାଇବାକୁ ହେବ। ଏହାସହ ୨୦୨୪ ଡିସେମ୍ବର ୧୩-୧୫ରେ ହୋଇଥିବା ଚତୁର୍ଥ ଜାତୀୟ ସମ୍ମିଳନୀରେ ମୁଖ୍ୟ ଶାସନ ସଚିବ ଯୋଗଦେଇଥିଲେ। ଏହି ଉଭୟ ବୈଠକର ନିର୍ଯ୍ୟାସକୁ ନେଇ ଏକ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିବାକୁ ସେ ଦର୍ଶାଇଛନ୍ତି।

ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ପ୍ରଥମ ନୀତି ଆୟୋଗ ବୈଠକରେ କହିଥିଲେ, ଓଡ଼ିଶାର ବିକାଶ ପାଇଁ ୪୮୦ କି.ମି. ବେଳାଭୂମିର ବିକାଶ, ବନ୍ଦରଭିତ୍ତିକ ଶିଳ୍ପ, ପର୍ଯ୍ୟଟନର ବିକାଶ, ଆଇଟି କ୍ଷେତ୍ରର ବିକାଶ, ଜନଜାତିମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦେଇଛି।

# ନାବାଳିକା ବଳାତ୍କାରୀଙ୍କୁ ଆଜୀବନ ଜେଲ

**ବାରିପଦା, ୧୯।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ସ୍ପେଶାଲ ପୋକ୍‌ସୋ କୋର୍ଟ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୩ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିଶ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଯଶିପୁର ଥାନା ଅଞ୍ଚଳର ହେମେନ୍ଦ୍ର ନାଏକ(୩୦)।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

**କେନ୍ଦୁଝର, ୧୯।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ସଦର ବନାଞ୍ଚଳ କୁସୁମିତା ଗ୍ରାମରେ ସୋମବାର ସକାଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସୁନାଫୁଲ ପ୍ରଧାନ(୬୦)। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପରିବାରର ନିକଟତମ ଆତ୍ମୀୟଙ୍କୁ ୬ ଲକ୍ଷ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ସୁନାଫୁଲ ଆମ୍ବତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ସେଠାରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁନାଫୁଲଙ୍କୁ ମୃତ ଘୋଷଣା କରିଥିଲେ। ପଳାସପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସ ଓ ସଦର ଏସ୍‌ଆଇ ନୀହାର ରଞ୍ଜନ ରାଉତ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ଏକ ମାମଲା(ନଂ.୩୨/୨୫)ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତୁରନ୍ତ ବନ ବିଭାଗ ପକ୍ଷରୁ ସମ୍ପର୍କୀୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ସରକାରଙ୍କ ନିୟମାନୁଯାୟୀ ସହାୟତା ମିଳିବ। ତେବେ ଲୋକଙ୍କୁ ଏ ନେଇ ସଚେତନ କରାଯାଉଛି। ହାତୀ ଚଳପ୍ରଚଳ ଅଞ୍ଚଳକୁ ନ ଯିବାକୁ କୁହାଯାଉଛି।

# କାର୍-ବାଇକ୍ ଧକ୍କା: ୨ ଯୁବକ ମୃତ

**ଭବାନୀପାଟଣା, ୧୯।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଟିଟେଗୁଡା ଛକଠାରେ ସୋମବାର ସନ୍ଧ୍ୟାରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ଥିବା ୨ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଭବାନୀପାଟଣା ନୂଆପଡ଼ାର ସାହିଲ ପଟ୍ଟନାୟକ ଓ ରୋହନ ଭୋଇ। ମିଳିଥିବା ସୂଚନା ଅନୁଯାୟୀ, ଧର୍ମଗଡ଼ରୁ ସାହିଲ ଓ ରୋହନ ଏକ ବୁଲେଟ (ଓଡ଼ି୦୮ଯୁ-୬୧୦୩)ରେ ଆସୁଥିବାବେଳେ ଜୁନାଗଡ଼ ପଟୁ ଆସୁଥିବା କାର୍ (ନଂ.ଓଡ଼ି୦୮ଟି-୩୭୦୭) ସହ ଧକ୍କା ହୋଇଥିଲା। ଫଳରେ ବାଇକରେ ଥିବା ସାହିଲ ଓ ରୋହନ ଛିଟିକିପଡ଼ି ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ଜୁନାଗଡ଼ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

## BUSINESS

# ଇସ୍ପାତ୍ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ

**ଭୁବନେଶ୍ୱର, ୧୯।୫**



ବର୍ତ୍ତମାନ ସମୟରେ ବିଭିନ୍ନ ରାଷ୍ଟ୍ର ଭୂ-ରାଜନୈତିକ ସମସ୍ୟା ପାଇଁ ଚିନ୍ତିତ ଥିଲାବେଳେ ଆମଦାନୀ ସାମଗ୍ରୀ ଟାରିଫ(ଶୁଳ୍କ) ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଏପରିକି ଭାରତର ଘନିଷ୍ଠ ସହଯୋଗୀ ରାଷ୍ଟ୍ର ଆମେରିକା, କାନାଡ଼ା ଏବଂ ମେକ୍ସିକୋ ସମେତ ସମସ୍ତ ଦେଶରୁ ଇସ୍ପାତ୍ ଏବଂ ଆଲୁମିନିୟମ ଆମଦାନୀ ଉପରେ ୨୫% ଅଧିକ ଶୁଳ୍କ ଲାଗୁ କରିବା ସହିତ ବିଶ୍ୱ ଧାତୁ ବଜାର ବ୍ୟାପକ ବାଧାପ୍ରାପ୍ତ ହେଉଛି। ଏହି ପ୍ରତିକ୍ରିୟାରେ ଭାରତ ମଧ୍ୟ ଏହାର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଇସ୍ପାତ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ ଲାଗୁ କରିଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ବିଶ୍ୱ ବାଣିଜ୍ୟ ଯୁଦ୍ଧ ମଧ୍ୟରେ ଆଲୁମିନିୟମର ରଣନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଏପରିକି ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ କରିବା ପାଇଁ ନୀତିଗତ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଛନ୍ତି। ଚଳିତ ବିଶ୍ୱ ବାଣିଜ୍ୟ ଯୁଦ୍ଧରେ ଆଲୁମିନିୟମ ଏବଂ ଇସ୍ପାତ୍‌ର ରଣନୈତିକ ଭୂମିକା ପ୍ରତି ଅନିଲ ଦୃଷ୍ଟି ଆକର୍ଷଣ କରିଛନ୍ତି। ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ ଭାବେ ପ୍ରତିଷ୍ଠା କରିବାର ସୁଯୋଗକୁ ଗୁରୁତ୍ୱ ଦେବା ପାଇଁ ସେ ତାଙ୍କ ଲିଙ୍କଡିନ୍ ପୋଷ୍ଟରେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ବିଶେଷକରି ଅଗ୍ରୱାଲ ଆମେରିକା ଏବଂ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କ ମଧ୍ୟରେ କିପରି ବାଣିଜ୍ୟ ଅଚଳାବସ୍ଥାରେ ଆଲୁମିନିୟମ ଏବଂ ଇସ୍ପାତ୍ ପ୍ରମୁଖ ସାମଗ୍ରୀ ଭାବେ ଉଭା ହୋଇଛି ତାହାକୁ ସେ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରି ଅନିଲ କହିଛନ୍ତି, ମୁଁ ସରକାରଙ୍କ ସକ୍ରିୟତା ଏବଂ ଇସ୍ପାତ ଉପରେ ସୁରକ୍ଷା ଶୁଳ୍କ ଲାଗୁ କରିବା ପାଇଁ ପ୍ରଶଂସା କରୁଛି। ମୁଁ ନିଶ୍ଚିତ ଯେ ସରକାର ଆଲୁମିନିୟମ ପାଇଁ ମଧ୍ୟ ସମାନ ପଦକ୍ଷେପ ବିଚାର କରିବେ। ଆଲୁମିନିୟମର ହାଲୁକା ଏବଂ ପୁନଃଚକ୍ରଣୀୟ ପ୍ରକୃତି ଯୋଗୁ ରଣନୈତିକ ମୂଲ୍ୟରେ ଇସ୍ପାତକୁ ପଛରେ ପକାଇବାକୁ ପ୍ରସ୍ତୁତ ରହିଛି। ଆଲୁମିନିୟମ ବିମାନବନ୍ଦର ହେଉ କି ରେଳବାଇ, ଘର, ଯାନବାହନ କିମ୍ବା ମୋବାଇଲ୍ ଫୋନ୍‌ରେ ବ୍ୟାପକ ଭାବେ ବ୍ୟବହୃତ ହେଉଛି। ଆଧୁନିକ ଅର୍ଥନୀତି ଏହି ଦୁଇଟି ଧାତୁ ଉପରେ ନିର୍ମିତ କିନ୍ତୁ ଆଲୁମିନିୟମର ଚାହିଦା ଏବଂ ଭାରତର ବିପୁଳ ବକ୍ସାଇଟ୍ ଭଣ୍ଡାର ସହିତ ଆମେ ବିଶ୍ୱସ୍ତରରେ ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ଅଛୁ ବୋଲି ସେ କହିଛନ୍ତି। ଅପରପକ୍ଷରେ ସେ ତାଙ୍କ ପୋଷ୍ଟ ସହିତ ଏକ ଆକର୍ଷଣୀୟ ଦୃଶ୍ୟ ଶୀର୍ଷ ବକ୍ସାଇଟ୍ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକୁ ଉଜ୍ଜ୍ୱଳ କରିଦେଇଛି, ଯେଉଁଥିରେ ଭାରତ, ଅଷ୍ଟ୍ରେଲିଆ, ଗିନି ଏବଂ ଚାଇନା ଭଳି ନେତାଙ୍କ ସହ ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ରଖିଛି। ଶୁଳ୍କ ପ୍ରତିବନ୍ଧକ ଯୋଗୁ ପାରମ୍ପରିକ ବଜାରକୁ ପ୍ରବେଶ ହରାଇଥିବା ଦେଶଗୁଡ଼ିକ ଭାରତ ପରି ବିକଳ୍ପ ଗନ୍ତବ୍ୟସ୍ଥଳ ଖୋଜିବେ, ଯାହା ନୀତିନିର୍ଦ୍ଧାରକମାନଙ୍କ ପାଇଁ ଘରୋଇ ଆଲୁମିନିୟମ କ୍ଷେତ୍ରକୁ ସମର୍ଥନ କରିବା ଗୁରୁତ୍ୱପୂର୍ଣ୍ଣ କରିଦେବ।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ, ୧୯।୫**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୨୭୧( ୨୭୧.୧୭) ପଏଣ୍ଟ ହ୍ରାସ ଘଟି ୮୨,୦୫୯ ( ୮୨,୦୫୯.୪୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭୪(୭୪.୩୫) ପଏଣ୍ଟ କମି ୨୪,୯୪୫(୨୪,୯୪୫.୪୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଦକ୍ଷତା ବିକାଶ ଜରିଆରେ ସଶକ୍ତୀକରଣ



ଏମ୍‌ଓୟୁ ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର, ୧୯।୫**

ଫିକି ଫ୍ଲୋ ଭୁବନେଶ୍ୱର ଏବଂ ସୋ ଆମ୍ ଆଇ ଫାଉଣ୍ଡେଶନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସୋମବାର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ଭୁବନେଶ୍ୱରଠାରେ କରାଯାଇଥିଲା। ଏହି ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ଏମ୍‌ଓୟୁ ଅନୁଯାୟୀ ଉଭୟ ସଂସ୍ଥାର ମିଳିତ ସହଯୋଗରେ ରାଜ୍ୟର କୋଣ ଅନୁକୋଣର ଉତ୍ସାହୀ ମହିଳାମାନଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ସଶକ୍ତୀକରଣ କରାଯିବ। ଏହାଫଳରେ ଆଗ୍ରହୀ ମହିଳାମାନେ କର୍ମନିଯୁକ୍ତି ଓ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଫିକି ଫ୍ଲୋ ଭୁବନେଶ୍ୱରର ଅଧ୍ୟକ୍ଷା ଡା. ପ୍ରଜ୍ଞା ପାରମିତା ମିଶ୍ର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଉଭୟ ସଂସ୍ଥାର ମିଳିତ ସହଯୋଗରେ ପ୍ରୋଜେକ୍ଟ ସମ୍ପୂର୍ଣ୍ଣାର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପ ପ୍ରାଥମିକ ପର୍ଯ୍ୟାୟରେ ଗ୍ରାମୀଣ ଅଞ୍ଚଳରୁ ଆରମ୍ଭ ହେବ ବୋଲି ଲକ୍ଷ୍ୟ ରଖାଯାଇଛି।

# ଅବସରକାଳୀନ ଯୋଜନା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୯।୫**

ପେନ୍‌ସନ ଫଣ୍ଡ୍ ରେଗୁଲେଟୋରି ଆଣ୍ଡ ଡେଭ୍‌ଲପମେଣ୍ଟ ଅଥୋରିଟି (ପିଏଫ୍‌ଆର୍‌ଡିଏ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ଇଣ୍ଟରାକ୍ଟିଭ ଅଧିବେଶନ ଭୁବନେଶ୍ୱରର ହୋଟେଲ ଦି ନ୍ୟୁ ମାରିଅନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ଅବସରକାଳୀନ ଯୋଜନା ଉପରେ ଗୁରୁତ୍ୱ-ଏନ୍‌ପିଏସ୍‌ର ଭୂମିକା' ଶୀର୍ଷକ ବିଷୟବସ୍ତୁ/ପ୍ରସଙ୍ଗ ଉପରେ ଏକ ଭାବବିନିମୟ/ଇଣ୍ଟରାକ୍ଟିଭ ଅଧିବେଶନ ଆୟୋଜିତ ହୋଇଥିଲା। ପିଏଫ୍‌ଆରଡିଏ ଏବଂ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ର ମିଳିତ ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରକାଳୀନ ଆର୍ଥିକ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହାସହିତ ନ୍ୟାଶନାଲ ପେନ୍‌ସନ ସିଷ୍ଟମ(ଏନ୍‌ପିଏସ୍) ଏବଂ କର୍ପୋରେଟ ତଥା ବ୍ୟକ୍ତିଗତ କ୍ଷେତ୍ରରେ ଏନ୍‌ପିଏସ୍‌ର ବଢ଼ୁଥିବା ଗୁରୁତ୍ୱ ଉପରେ ସ୍ୱତନ୍ତ୍ର ଧ୍ୟାନ ପ୍ରଦାନ କରାଯାଇଛି। ପିଏଫ୍‌ଆରଡିଏର ଅଧ୍ୟକ୍ଷ ଡା. ଦୀପକ ମହାନ୍ତି ଏବଂ ଏଏଫ୍‌ସିଟିର ଅଧ୍ୟକ୍ଷ ଡି. ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ଏହି ଅଧିବେଶନକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ପିଏଫ୍‌ଆରଡିଏର ଡେପୁଟି ଜେନେରାଲ ମ୍ୟାନେଜର/ସହକାରୀ ପ୍ରବନ୍ଧକ ଦେବେଶ ମିତ୍ତଲ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଏନ୍‌ପିଏସ୍‌ର ସୁବିଧା ଓ ଏହାର ଟିକସ ଲାଭଗୁଡିକ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଓଡ଼ିଶାର ରଣନୈତିକ ମହତ୍ତ୍ୱକୁ ଆଲୋକପାତ କରି କୁହାଯାଇଥିଲା ଯେ, ରାଜ୍ୟ ଏନ୍‌ପିଏସ୍ ଅଧୀନରେ ୭୩,୮୦୦ ରୁ ଅଧିକ କର୍ପୋରେଟ୍ ସେକ୍ଟର ସବ୍‌ସ୍କ୍ରାଇବର ଅଛନ୍ତି, ଯାହାକି ଭାରତର ମୋଟ ହାର ତୁଳନାରେ କେବଳ ୩.୧% । ଯଦିଓ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରୁ କେବଳ ୫୬ କର୍ପୋରେଟ ପଞ୍ଜୀକରଣ କରାଇଛନ୍ତି। କେବଳ ଭୁବନେଶ୍ୱରରେ ୩୫,୦୦୦ ଏନ୍‌ପିଏସ୍ ସବ୍‌ସ୍କ୍ରାଇବର ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୫୦%ରୁ ଅଧିକ ବ୍ୟକ୍ତିଙ୍କ ବୟସ ୩୦ ରହିଛି, ଯାହା ଯୁବ ପେସାଦାରମାନଙ୍କ ମଧ୍ୟରେ ଏହାର ଶୀଘ୍ର ଗ୍ରହଣୀୟତାକୁ ସୂଚାଉଛି।

# ଗୁଜରାଟରେ ଫାଲ୍‌କନର ଆଳୁ ପ୍ରକ୍ରିୟାକରଣ ୟୁନିଟ୍

**ଭୁବନେଶ୍ୱର, ୧୯।୫ (ଅଭୟ ଦାଶ)**



ଫାଲକନ ଗ୍ରୁପ୍‌ର ବରିଷ୍ଠ ଅଧିକାରୀମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଫାଲ୍‌କନ ଏଗ୍ରିଫ୍ରିଜ୍ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏବଂ ସ୍ୱୟଂଚାଳିତ ଫ୍ରୋଜନ ପଟାଟୋ ପ୍ରଡକ୍ଟସ ବା ଆଳୁ ପ୍ରକ୍ରିୟାକରଣ ୟୁନିଟ୍/ପ୍ଲାଣ୍ଟ ଗୁଜରାଟର ମେହେସାନାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୁଜରାଟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ବଳବନ୍ତ ସିଂ ରାଜପୁତ, ରାଜ୍ୟ ସଭା ସଦସ୍ୟ ମୟଙ୍କ ଭାଇ ନାୟକ, ମେହେସାନା ସାଂସଦ ହରି ଭାଇ ପଟେଲଙ୍କ ସମେତ ଫାଲ୍‌କନ ଗ୍ରୁପ୍‌ର ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାରତୀୟ କୃଷି ମାନଚିତ୍ରରେ ଗୁଜରାଟ ସବୁବେଳେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି। ଫାଲ୍‌କନ ପାଇଁ ଏହା(ଗୁଜରାଟ) ସବୁବେଳେ ଉତ୍ତମ ପସନ୍ଦ ଥିଲାବେଳେ ଅଧିକ ଆଳୁ ଉତ୍ପାଦନ ଓ ଚାଷୀ ଉପଯୋଗୀ ଏବଂ ଉତ୍କୃଷ୍ଟ ବାଣିଜ୍ୟିକ ବାତାବରଣ ଫାଲକନ ଗ୍ରୁପ୍ ପାଇଁ ଏଠାରେ ସୁଯୋଗ ସୃଷ୍ଟି କରିଛି। ଏହି ପ୍ଲାଣ୍ଟ କେବଳ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ନୁହେଁ, ବରଂ ଭବିଷ୍ୟତକୁ ସମ୍ବେଦନଶୀଳ କରି ଗଢିତୋଳିବା ଲକ୍ଷ୍ୟ। ଅନ୍ତର୍ଜାତୀୟ ଗୁଣବତ୍ତା ବଜାୟ ରଖିବା ପାଇଁ ଆମେ ଲକ୍ଷ୍ୟ ରଖୁଛୁ। ଖାଦ୍ୟ ପ୍ରକ୍ରିୟାକରଣରେ ଭାରତକୁ ଏକ ପ୍ରମୁଖ ରାଷ୍ଟ୍ର କରିବା ଆମ ଉଦ୍ଦେଶ୍ୟ ବୋଲି ଫାଲକନ ଗ୍ରୁପ୍‌ର ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି। ସେହିପରି ଫାଲକନ ଗ୍ରୁପ୍‌ର ଉପସଭାପତି ପାର୍ଥଜିତ ପଟ୍ଟନାୟକ କହିଥିଲେ, ବିଭିନ୍ନ କ୍ଷେତ୍ରରେ ପିଢ଼ି ଅନୁଯାୟୀ ସଂସ୍କାର ଆଣିବା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ଅଗ୍ରଣୀ ଭୂମିକା ନେବା ଫାଲକନ ଗ୍ରୁପ୍‌ର ମୂଳ ଲକ୍ଷ୍ୟ। ଚାଷୀଙ୍କୁ ଅଧିକ ସଶକ୍ତ କରିବା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗକରି ନୂଆ ଭାରତ ଗଢ଼ିବାରେ ଯୋଗଦାନ ଦେବା ଆମର ମୂଳ ଉଦ୍ଦେଶ୍ୟ।

# ବଜାର ଅସ୍ଥିରତାକୁ ନିବେଶକମାନେ ସୁଯୋଗ ଭାବେ ଦେଖିବା ଉଚିତ

**ଭୁବନେଶ୍ୱର, ୧୯।୫**

ବର୍ତ୍ତମାନର ଭୌଗୋଳିକ ରାଜନୈତିକ ଉତ୍ତେଜନା ଏବଂ ଆର୍ଥିକ ଅନିଶ୍ଚିତତା ଭଳି ବୈଶ୍ୱିକ ଆହ୍ୱାନ ସତ୍ତ୍ୱେ ଭାରତୀୟ ଅର୍ଥନୀତି ସୁଦୃଢ଼ ରହିଛି। ଏପରିକି ନିବେଶକଙ୍କ ପାଇଁ ଏହା ବ୍ୟାପକ ଅନୁକୂଳ ସୁଯୋଗ ପ୍ରଦାନ କରିଚାଲିଛି। ବିଶ୍ୱବ୍ୟାପୀ ଜାରି ରହିଥିବା ବିବାଦ ଓ ପ୍ରତିଶୋଧମୂଳକ ଶୁଳ୍କ ଅନ୍ତର୍ଜାତୀୟ ବଜାର ଉପରେ ପ୍ରଭାବ ପକାଇଥିବାବେଳେ ଭାରତର ଶକ୍ତିଶାଳୀ ଅର୍ଥନୈତିକ ମୌଳିକ ବ୍ୟବସ୍ଥା ଏହି ଝଡ଼ର ମୁକାବିଲା କରିବାରେ ସହାୟକ ହୋଇଛି। ସମ୍ପ୍ରତି ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ତିକ୍ତତା ଯୋଗୁ ଭାରତୀୟ ବଜାରରେ ଅସ୍ଥିରତା ଦେଖାଦେଇଛି। ତେବେ ନିବେଶକମାନେ ଏହି ସ୍ୱଳ୍ପକାଳୀନ ବ୍ୟାଘାତକୁ ଆଧାରକରି ସେମାନଙ୍କ ମୂଳ ପୋର୍ଟଫୋଲିଓ କିମ୍ବା ସମ୍ପତ୍ତି ଆବଣ୍ଟନରେ ବ୍ୟାପକ ପରିବର୍ତ୍ତନ କରିବାରୁ ଦୂରେଇ ରହିବା ଉଚିତ ଏବଂ ଏହା ବଦଳରେ ଏଭଳି ଅସ୍ଥିରତାକୁ ଆକର୍ଷଣୀୟ ମୂଲ୍ୟାଙ୍କନରେ ଉନ୍ନତମାନର ଷ୍ଟକ୍ ସଂଗ୍ରହ କରିବା ସୁଯୋଗ ଭାବେ ବ୍ୟବହାର କରିବା ଉଚିତ ବୋଲି ବଜାଜ ଫିନ୍‌ସର୍ଭ ଏଏମ୍‌ସିର ମୁଖ୍ୟ ନିବେଶ ଅଧିକାରୀ ନିମେଶ ଚନ୍ଦନ ପରାମର୍ଶ ଦେଇଛନ୍ତି। ସେହିଭଳି ଦୀର୍ଘକାଳୀନ ପୁଞ୍ଜିନିବେଶ ଦିଗ ସହ ଜଡ଼ିତ ରହିଥିବା ନିବେଶକମାନେ ଭୟଭୀତ ନ ହୋଇ ଏହି ଅସ୍ଥିରତାକୁ ଏକ ଷ୍ଟ୍ରାଟେଜିକ୍ ଏଣ୍ଟ୍ରି ପଏଣ୍ଟ ଭାବେ ଦେଖନ୍ତୁ। ସୁଦୃଢ଼ ଘରୋଇ ଚାହିଦା, ସହାୟକ ବିତ୍ତୀୟ ଓ ମୁଦ୍ରାନୀତି ଏବଂ ଦୃଢ଼ ଜିଡିପି ଅଭିବୃଦ୍ଧି ଯୋଗୁ ଭାରତୀୟ ଅର୍ଥନୀତି ସକାରାତ୍ମକ ଧାରା ବଜାୟ ରଖିବ ବୋଲି ଆଶା କରାଯାଉଛି। ନିଫ୍ଟି ୫୦ କମ୍ପାନି ସମେତ କର୍ପୋରେଟ୍ ଆୟରେ ଗତବର୍ଷଠାରୁ ସୁଧାର ଆସିବ ବୋଲି ଆକଳନ କରାଯାଇଥିବାରୁ ନିବେଶକଙ୍କ ମନୋବଳ ବୃଦ୍ଧି ପାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ବିଶେଶ୍ୱର ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାଫ୍ ଟାଇଟଲ ବିଜୟ ଉତ୍ସାହିତ କରିଛି: ସୂରଜ

**ଭୁବନେଶ୍ୱର, ୧୯।୫ (ତପନ ସ୍ୱାଇଁ):** ଅରୁଣାଚଳ ପ୍ରଦେଶର ୟୁପିଆଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲରେ ବାଂଲାଦେଶକୁ ପେନାଲ୍ଟି ଶୁଟ୍‌ଆଉଟ ୪-୩ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଛି। ଭାରତର ଏହି ଐତିହାସିକ ବିଜୟ ନିମନ୍ତେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଜୟୀ ଭାରତୀୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିଜ ବାର୍ତ୍ତାରେ ସେ କହିଛନ୍ତି ଯେ, "ସାଫ୍ ଫୁଟବଲ୍ ଚାମ୍ପିୟନଶିପ୍‌ରେ ଭାରତୀୟର ଐତିହାସିକ ବିଜୟ ପାଇଁ ଆମ ଦେଶ ଆଜି ଗର୍ବିତ। ଏହି ବିଜୟ ଆମ ଦେଶ ଓ ରାଜ୍ୟର କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ାକ୍ଷେତ୍ରରେ ନିଜ ପାଇଁ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବାକୁ ପ୍ରେରିତ କରିଛି"।


## ଜନ୍ମଦିନ ଶୁଭେଚ୍ଛା



**ବିଶେଶ୍ୱର ସାମଲ**

ଆମ୍ଭେ ପିତା ମାତା ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିଶେଶ୍ୱରର ଜନ୍ମଦିନ ଲାଗି ମଙ୍ଗଳ କାମନା କରୁଛୁ। ପ୍ରଭୁ ତାକୁ ଦୀର୍ଘାୟୁ କରନ୍ତୁ ଏବଂ ତା'ର ଚଲାପଥ ସର୍ବଦା କୁସୁମିତ ହେଉ। ଏହାହିଁ ଆଜିର ଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

ଧ-୬୧୪


# କେକେଆର୍ ଶୁକ୍ଳାଙ୍କୁ, ଆର୍‌ସିବି ମୁଜାରାବାନୀଙ୍କୁ ନେଲା

**ନୂଆଦିଲ୍ଲୀ, ୧୯।୫ (ପି.ଟି.):** କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସେମାନଙ୍କ ଆଘାତପ୍ରାପ୍ତ ଖେଳାଳିଙ୍କ ସ୍ଥାନରେ ଯଥାକ୍ରମେ ଶିବମ ଶୁକ୍ଳା ଓ ବ୍ଲେସିଂ ମୁଜାରାବାନୀଙ୍କୁ ଦଳରେ ସାମିଲ କରିଛି। ଗତଥରର ଚାମ୍ପିୟନ କେକେଆର୍ ଇତିମଧ୍ୟରେ ପ୍ଲେ ଅଫ୍‌ରୁ ବିଦାୟ ନେଇସାରିଛି। ତେବେ ଦଳ ସିଜନର ଅବଶିଷ୍ଟ ମ୍ୟାଚ ପାଇଁ ରୋଭମାନ ପାଓ୍ୱେଲଙ୍କ ସ୍ଥାନରେ ଶୁକ୍ଳାଙ୍କ ସହିତ ଚୁକ୍ତି କରିଛି। ପାଓ୍ୱେଲଙ୍କ ଟନ୍‌ସିଲରେ ଅସ୍ତ୍ରୋପଚାରର ଆବଶ୍ୟକତା ରହିଛି। ଶୁକ୍ଳା ହେଉଛନ୍ତି ଜଣେ ଲେଗ୍ ସ୍ପିନର। ଅନ୍ୟପକ୍ଷରେ ଆରସିବି ଲୁନ୍‌ଗି ଏନ୍‌ଗିଡିଙ୍କ ସ୍ଥାନରେ ମୁଜାରାବାନୀଙ୍କୁ ନେଇଛି। ମେ ୨୬ରୁ ଖେଳାଳି ବଦଳି କାର୍ଯ୍ୟକାରୀ ହେବ। ମୁଜାରାବାନି ହେଉଛନ୍ତି ଜିମ୍ବାୱେ ପେସ୍ ବୋଲର। ସେ ୭୦ ଅନ୍ତର୍ଜାତୀୟ ଟି୨୦ ଖେଳି ୭୮ ଉଇକେଟ ନେଇଛନ୍ତି। ୧୨ ଟେଷ୍ଟ ଓ ୫୫ ଦିନିକିଆ ମଧ୍ୟ ଖେଳିଛନ୍ତି। ସେ ୭୫ଲକ୍ଷ ଟଙ୍କା ବିନିମୟରେ ଆରସିବିରେ ଯୋଗ ଦେବେ।

# ଏଚ୍‌ଆଇଏଲ୍ ପଞ୍ଜୀକରଣ ଆରମ୍ଭ

**ନୂଆଦିଲ୍ଲୀ, ୧୯।୫ (ପି.ଟି.)**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପାଇଁ ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। ଏହା ୩ ମାସ ଧରି ଚାଲିବ। ଏଥିରେ ୧,୦୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଖେଳାଳି ସେମାନଙ୍କ ନାମ ପଞ୍ଜୀକୃତ କରିବେ ବୋଲି ଆଶା କରାଯାଉଛି। ଦୀର୍ଘ ୭ବର୍ଷ ବ୍ୟବଧାନରେ ଏଚଆଇଏଲ ଗତବର୍ଷରୁ ପୁନଃ ଆରମ୍ଭ ହୋଇଛି। ଗତଥର ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ ପୁରୁଷ ଟାଇଟଲ ଜିତିଥିବା ବେଳେ ଓଡ଼ିଶା ୱାରିଅର୍ସ ମହିଳା ବିଭାଗରେ ଚାମ୍ପିୟନ ହୋଇଥିଲା। ପୁରୁଷ ବିଭାଗରେ ନେଦରଲାଣ୍ଡ୍ସ, ବେଲଜିୟମ, ୟୁନାଇଟେଡ୍ କିଙ୍ଗଡମ (ୟୁକେ), ଜର୍ମାନୀ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ସ୍ପେନ, ଆର୍ଜେଣ୍ଟିନା, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଦକ୍ଷିଣ କୋରିଆର ଖେଳାଳିମାନେ ପଞ୍ଜୀକରଣ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ସେହିପରି ମହିଳା ବିଭାଗରେ ଭାରତ, ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ବେଲଜିୟମ, ଚାଇନା, ଅଷ୍ଟ୍ରେଲିଆ, ଜର୍ମାନୀ, ସ୍ପେନ, ୟୁନାଇଟେଡ କିଙ୍ଗଡମ୍ (ୟୁକେ), ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ଚିଲି, ଜାପାନ, ୟୁଏସ୍‌ଏ ଓ ସ୍କଟଲାଣ୍ଡର ଖେଳାଳିମାନେ ସେମାନଙ୍କ ନାମ ପଞ୍ଜୀକୃତ କରିବାରେ ସମର୍ଥ ହେବେ। ଏଚ୍‌ଆଇଏଲ୍ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଅଗଷ୍ଟ ୨୦ରେ ଶେଷ ହେବ। ଗତ ୨୦୨୪-୨୫ ସିଜନ ସଫଳତାର ସହିତ ଆୟୋଜିତ ହୋଇପାରିଥିଲା। ଏଥିରେ ୮ ପୁରୁଷ ଓ ୪ ମହିଳା ଫ୍ରାଞ୍ଚାଇଜ୍ ଦଳ ଭାଗ ନେଇଥିଲେ। ଏଥର କଳେବର ବୃଦ୍ଧି ପାଇବ ଆଶା କରାଯାଉଛି ବୋଲି ହକି ଇଣ୍ଡିଆ ଏକ ପ୍ରେସ ଇସ୍ତାହାରରେ କହିଛି। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଖେଳାଳି ଦିଲୀପ ତିର୍କି କହିଛନ୍ତି ଯେ, ଏଚ୍‌ଆଇଏଲ୍ ଖେଳକୁ ଏକ ଭିନ୍ନ ସ୍ତରକୁ ନେଇଯାଇଛି। ଏଚ୍‌ଆଇଏଲ୍ ଭାରତୀୟ ହକିରେ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି। ୨୦୨୬ ସିଜନରେ ଖେଳାଳି ଓ ପ୍ରଶଂସକଙ୍କ ପ୍ରତିକ୍ରିୟା ଅଭୁତପୂର୍ବ ଥିଲା। ଆସନ୍ତା ସିଜନରେ ଭାରତୀୟ ହକିର ମାନ ଯଥେଷ୍ଟ ବୃଦ୍ଧି ପାଇବ। ଏନେଇ ଆମେ ଦୃଢ଼ ଆଶାବାଦୀ ବୋଲି ଦିଲୀପ ପ୍ରକାଶ କରିଛନ୍ତି।

# ଅପରେଶନ ସିନ୍ଦୂର ବେଳେ ମୋଇନଙ୍କ ମା' ଓ ବାପା ପିଓକେରେ ଥିଲେ

**କୋଲକାତା,୧୯।୫:** ଭାରତ ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର ବେଳେ ଇଂଲଣ୍ଡ ତଥା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଅଲରାଉଣ୍ଡର ମୋଇନ ଅଲୀଙ୍କ ମା'ବାପା ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିଲେ। ଏ ନେଇ ମୋଇନ ନିଜେ ସୋମବାର ପ୍ରକାଶ କରିଛନ୍ତି।

"ମୋ ମା'ବାପା ଅପରେଶନ ସିନ୍ଦୂର ବେଳେ ପିଓକେରେ ଥିଲେ। ସେମାନେ ରହୁଥିବା ସ୍ଥାନଠାରୁ ଘଣ୍ଟାଏ ଦୂରରେ ଭାରତ ଦ୍ୱାରା ଷ୍ଟ୍ରାଇକ୍ କରାଯାଇଥିଲା। ଏହା ପାଗଳାମି ଥିଲା। ସେମାନେ ପରେ ସେହିଦିନ ଫ୍ଲାଇଟ୍ସ ଜରିଆରେ ପିଓକେରୁ ଚାଲିଯାଇଥିଲେ। ସେମାନେ ବାହାରିପାରି ଥିବାରୁ ମୁଁ ବହୁତ ଖୁସି" ବୋଲି ଅଲୀ ଏକ ପଡକାଷ୍ଟରେ କହିଛନ୍ତି। ଏତଦ୍ ବ୍ୟତୀତ ଏକ ସପ୍ତାହ ପାଇଁ ଆଇପିଏଲ୍ ବାଧାପ୍ରାପ୍ତ ହେବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ପିଓକେ ଉପରେ ଭାରତ ଦ୍ୱାରା ଷ୍ଟ୍ରାଇକ୍ କରାଯିବା ପରେ ସବୁ କିଛି ଆରମ୍ଭ ହୋଇଥିଲା। ଏହାପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଦ୍ରୁତଗତିରେ ବୃଦ୍ଧି ପାଇଥିଲା। ହଠାତ୍ ଆମେ ଯୁଦ୍ଧ ମଧ୍ୟରେ ଥିବାଭଳି ଅନୁଭବ ହେଉଥିଲା। କିନ୍ତୁ ଆମେ କୌଣସି ମିସାଇଲ ଷ୍ଟ୍ରାଇକ୍ କରୁଥିବାର ଶବ୍ଦ ଶୁଣି ନାହୁଁ। ଆମେ ଯେମିତି ହେଲେ ସ୍ୱଦେଶ ଫେରିବାକୁ ଚାହୁଁଥିଲୁ। କାରଣ ଆମ ପରିବାର ଲୋକେ ଆମ ଲାଗି ଚିନ୍ତିତ ଥିଲେ। କ'ଣ ଘଟୁଥିଲା ସେ ସମ୍ପର୍କରେ ଆମକୁ ସବୁ କିଛି ଜଣା ନ ଥିଲା। କିଛି କହୁଥିଲେ ଯେ, ଯୁଦ୍ଧ ହେବ ନାହିଁ। ସବୁ କିଛି ଠିକ୍ ହୋଇଯିବ। ଏଭଳି ଘଟଣା ପୂର୍ବରୁ ଘଟିଛି। ଅନ୍ୟ କିଛି ଲୋକେ ଯୁଦ୍ଧ ହେବ କହୁଥିଲେ। ଲୋକେ ଏତେ ମିଛ କହୁଥିଲେ ଯେ, ସେମାନଙ୍କ କଥା ଉପରେ ଭରସା କରିବା କଷ୍ଟକର ଥିଲା। ଫ୍ଲାଇଟ୍ସ ବାରମ୍ବାର ବାତିଲ ହେଉଥିବାରୁ ଆମକୁ ଯିବାରେ ବିଳମ୍ବ ହୋଇଥିଲା। ଏଥିଯୋଗୁ ଆମେ ଅଧିକ ଚିନ୍ତିତ ଥିଲୁ।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବାବାଜୀ ଚରଣ ପରିଡ଼ା**

ଅର୍ଡ଼ିଆ, କୁସୁନପୁର, ଯାଜପୁର

ଆବିର୍ଭାବ: ୧୫।୦୧।୧୯୪୯

ତିରୋଧାନ: ୧୦।୦୫।୨୦୨୫

ତୁମ ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ ଜୀବନରେ ପାଥେୟ ହୋଇ ରହିବ। ବ୍ୟାଙ୍କ ପରିଚାଳକରୁ ଅବସର ପରେ ସମାଜ ସେବା ଅନ୍ୟମାନଙ୍କୁ ପ୍ରେରଣା ଦେବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ- ସହଧର୍ମିଣୀ: ସନ୍ଧ୍ୟାରାଣୀ ପରିଡ଼ା, ପୁତ୍ର-ପୁତ୍ରବଧୂ: ସମିତ-ଗାୟତ୍ରୀ, ସନ୍ଦିପ୍-ଶର୍ବାଣୀ, ଝିଅ-ଜ୍ୱାଇଁ: ସ୍ୱାଗତିକା-ଆନନ୍ଦ, ପରିଡ଼ା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୬୧୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ତିଳୋତ୍ତମା ଦାଶ**

ସ୍ୱାମୀ: ଦାମୋଦର ଦାଶ (ଦିବଂଗତ)

(ପୂର୍ବତନ ଚେୟାରମ୍ୟାନ୍- ଟାଙ୍ଗୀବ୍ଲକ୍)

ଆବିର୍ଭାବ: ୧୨।୦୯।୧୯୪୫

ତିରୋଧାନ: ୩୦।୦୫।୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ଶ୍ରୀଚରଣରେ ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାରବର୍ଗ, ସ୍ୱଜନ ପରିଜନ ଓ ଡିଆ (କୋଳସାହି) ନିରାକାରପୁର ଅଞ୍ଚଳବାସୀ

ଧ-୬୧୨



# Classified Everyday

0674-2580101, 9692975378



## REAL ESTATE SALE

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

Near Lingaraj Temple gharabari plot 2003sf. with boundary wall, no litigation direct owner. Contact No.- 9178924698, 8895829129. D-607

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

Plot for sale 345 dec Mouza Naugaon Bhubaneswar propose road 100sqft. side contact 9337469627. D-76457



**Hostel space with 170 bed available for rent behind Trident Engineering College, Infosys, Patia. Contact- 7008181478.** D-579



Newly open Jyoti SPA positively health benefits (Expert therapist). 8458067955. D-76914

Full body massage by odia therapist in homely atmosphere. 9556498382. D-75386

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76913


## AFFIDAVIT

By virtue of an affidavit No.-827, dated 16.05.25 sworn before the Executive Magistrate, Boudh, I, Deepa Sahu formerly called Deepanjali Sahoo, D/o- Sambhu Sahu, R/o. Village- Palas, P.O.- Butupali, P.S./ Dist.- Boudh, Odisha, PIN- 762014 declare that I have changed my name from Deepanjali Sahoo to Deepa Sahu. Henceforth, I shall be known as Deepa Sahu for all purposes.

Deepa Sahu D-618

By virtue of an affidavit sworn before the Executive Magistrate, Thuamul Rampur, dated 19.05.2025, I, Basudev Naik, S/o- Late Jadu Naik, R/o. At- Dakkota, P.O.- Gopalpur, P.S.- Th. Rampur, Dist.-Kalahandi, Odisha declare that I have changed my daughter's name from Susrismutirekha Naik to Smrutirekha Naik. Henceforth, she shall be known as Smrutirekha Naik for all future purposes.

Basudev Naik D-619

I, Prasadi Bagh, R/o. Village- Dhaurakhaman, P.O.- Baraghat, P.S.- Reamal, Dist.- Deogarh, Odisha- 768121 declare by this affidavit No.-309, dated 26.03.25 sworn before the Executive Magistrate, Deogarh that I have changed my minor daughter's name from Ankita Kisan to Ankita Bagh. Henceforth, she shall be known as Ankita Bagh for all future purposes. D-620

I, Gandauri Kujur, W/o- Mudli Oram, R/o. Village- Dimrikuda P.O.- Laimura, Dist.- Deogarh, declare that in Aadhaar Card bearing No.xxxx xxxx 4808 my name has been wrongly mentioned as Gandauri Oram instead of Gandauri Kujur. By this affidavit No.-189, dated 11.03.25 sworn before the Notary Public, Deogarh. I have changed my name to Gandauri Kujur for all future purposes. D-621

Notice by virtue of an affidavit sworn before in the Court of the Executive Magistrate, Daspalla, dated 05.05.2025, I, Lija Parida, Adress: Vill/P.O.-Subalaya, P.S.-Daspalla, Dist.- Nayagarh, PIN-752091 declare that I have changed the name of my daughter from Rojal Parida to Rojalin Parida. Henceforth, she shall be known as Rojalin Parida for all purposes. D-622

I, Subash Chandra Nayak, S/o- Late Baikuntha Nath Nayak, At/P.O.- Khalarda, Dist.- Cuttack, PIN- 753011, Odisha declared by this affidavit No.- 1137, dated- 30.03.2022 by that now onwards I shall be known as SUBASH ACHARYA for all purposes. D-623


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


By virtue of an affidavit sworn before the Executive Magistrate, Rasulpur, dated 19.05.2025, I, Keshab Guin, Address: At- Gopalpur, P.O.-Prathamakhandi, P.S.-Kuakhia, Dist.- Jajpur, Odisha-755008 declare that I have changed my daughter's name from Sayena Guin to Suchismita Guin. Henceforth, she shall be known as Suchismita Guin for all purposes. D-616

Before Executive Magistrate, Khallikote affidavit No.- A/1438, 15.05.2025, I, Srisinti Shradhanjali Patra, Res/ Vill- Srikrushnaranapur, P.O.- Panditgaon, P.S.- Khallikote, Ganjam changed my name as Srisinti Shradhanjali Patra to S.Shraddhanjali Patra. Henceforth, I shall be known as S.Shraddhanjali Patra for future purposes. D-617

By virtue of an affidavit sworn before Executive Magistrate, Nayagarh, dated 19.05.2025, I, Prasant Kumar Behera, S/o- Address: At- Ramachandrapur patana, P.O.- Manikagoda, Dist.- Khordha, PIN- 752066 declare that I have changed my name from P.K. Behera to Prasant Kumar Behera. Henceforth, I shall be known as Prasant Kumar Behera for all purposes.

Prasant Kumar Behera D-615

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IR No. - 773, date- 15.05.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ ଶ୍ରୀ ପ୍ରଦୀପ କୁମାର ନାୟକ (ଭାରତୀୟ ପ୍ରଶାସନିକ ସେବା) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

ଓ.ଏସ୍.ଏସ୍.କେସ୍ ନମ୍ବର- ୧୫୫/୨୦୨୧

ନୋଟିସ

(ଦେଓ୍ୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ମୀନା କୁମାରୀ ଷଡ଼ଙ୍ଗୀ, ବ୬୭ର୍ଷ, ସ୍ୱାମୀ- ବିଜୟ କୁମାର ଷଡ଼ଙ୍ଗୀ, ଗ୍ରାମ- ପ୍ଲଟ୍ ନଂ.- ୭୩୭/ପି, ଜୟଦେବ ବିହାର, ପୋ: ଆର୍‌ଆର୍‌ଏଲ୍, ଥାନା- ସହିଦନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା .....ବାଦୀ

ବନାମ

ଗଙ୍ଗାଧର ସାହୁ ଏବଂ ଓଗେର

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନମ୍ବର ୨ଏ.- ରଞ୍ଜନ ମହାରଣା, ପିତା- ୰କୃଷ୍ଣ ମହାରଣା, ସା/ପୋ- ବରମୁଣ୍ଡା, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନମ୍ବର ୪ ଏ.- ମନୋଜ ମହାରଣା, ପିତା- ୰ରେବତୀ ମହାରଣା, ସା/ପୋ: ବରମୁଣ୍ଡା, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୫ ଏ.- ବସନ୍ତ ମହାରଣା, ପିତା- ୰ବାନାମ୍ବର ମହାରଣା, ସା/ପୋ: ଜୟଦେବ ବିହାର, ଥାନା- ସହିଦନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

....ପ୍ରତିବାଦୀ

ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉପରୋକ୍ତ ପ୍ରତିବାଦୀମାନେ ତାଙ୍କ ଗ୍ରାମରେ ରହୁ ନ ଥିବାରୁ ନୋଟିସ୍‌ଗୁଡ଼ିକ ଫେରସ୍ତ ଆସିଛି। ଉପରୋକ୍ତ ପ୍ରତିବାଦୀମାନଙ୍କର ବର୍ତ୍ତମାନ ଠିକଣା ଆମ୍ଭଙ୍କୁ ଜଣାନାହିଁ। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନାଲ କୋର୍ଟ ନଂ.-୨ ସରକାରୀ ଅଫିସ୍, ୟୁନିଟ୍-୫, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କୋଠା, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୪।୦୬।୨୦୨୫ରିଖ ଦିବା ୧୧.୧୫ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଜମିର ବିବରଣୀ

ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ନିୟୁ କ୍ୟାପିଟାଲ୍, ଥାନା ନଂ.- ୩୩, ନୂଆ ଥାନା- ନୟାପଲ୍ଲୀ, ମୌଜା-ଭୁବନେଶ୍ୱର ସହର, ୟୁନିଟ୍- ୧୬

ସାବକ

ଖାତା ନମ୍ବର- ୧୨୩, ପ୍ଲଟ୍ ନମ୍ବର- ୭୩୭, କିସମ- ବାଜେ ଫସଲ, ରକବା- ଏ.୪.୩୦୫ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୪୦, ପ୍ଲଟ୍ ନମ୍ବର- ୧୧୭/୩୩୫୩, କିସମ- ଘରବାରି-୨, ରକବା- ଏ୦.୦୭୪ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ସ୍ୱୟଂ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:

ଭୁବନେଶ୍ୱର- ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ

ସ୍ୱା./- କୋର୍ଟ ଅଫିସର

ଧ-୬୨୪

Notice U/o-5, Rule-20 C.P.C.

Court of the 5th Additional Civil Judge, Senior Division, Cuttack

C.S.No.-1146 of 2022

Kousik Samantray .....Plaintiff

-Versus-

Debasish Samantaray and others ....Defendants

To

2) Seema Samantaray @ Mohapatra, D/o- Late Nityananda Samantray, 3) Bindu Samantray @ Pradhan, D/o- Late Nityananda Samantray, W/o-Mihir Pradhan

All are of At/P.O.- Rajabagicha, P.O.-Telenga Bazar, P.S- Badambadi, Dist.-Cuttack.

That the above mentioned suit is posted to 21.06.25 for appearance.

You are hereby directed to appear in this Court on that date, failing which the suit is heard exparty in your absence.

Given under my hand and seal of this Court on 03.05.2025.

5th Additional CJ, SD, Cuttack

D-610


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ମାର୍କେଟ୍‌ରେ ଫ୍ରୁଟ୍‌ଜୁସ୍ ପିଉଥିଲେ...

**ବାହାରକୁ ବୁଲିଯିବା ବେଳେ ବିଶେଷକରି ଖରାଦିନେ ଅନେକେ ଥଣ୍ଡା ପାନୀୟ ପିଇବାକୁ ଭଲ ପାଆନ୍ତି, ଯେଉଁଥିରେ ଥଣ୍ଡା ଥଣ୍ଡା ଫ୍ରୁଟ୍‌ଜୁସ୍‌ର ଡିମାଣ୍ଡ ସର୍ବାଧିକ। ହେଲେ ରାସ୍ତା କଡ଼ରେ ଅସ୍ଥାୟୀ ଭାବେ ଖୋଲିଥିବା ସମସ୍ତ ସିଜନାଲ୍ ଷ୍ଟଲ୍‌ରୁ ଜୁସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇ ନ ପାରେ। ତେଣୁ ବାହାରକୁ ଯାଉଥିଲେ ବିଶେଷକରି ପିଲାଙ୍କୁ ସାଙ୍ଗରେ ନେଉଥିଲେ ବାହାରେ ଜୁସ୍ ପିଇବା ପୂର୍ବରୁ କେତେକ ଦିଗ ପ୍ରତି ଧ୍ୟାନଦେବା ଆବଶ୍ୟକ...**



– ବାହାରେ ଜୁସ୍ ପିଉଥିଲେ ପ୍ରଥମେ ଉକ୍ତ ଦୋକାନର ଫୁଡ୍ ଲାଇସେନ୍ସ ଅଛି ନା ନାହିଁ ଦେଖନ୍ତୁ। ସେଠାରେ ବ୍ୟବହୃତ ପାଣି ପରିଷ୍କାର କି ନାହିଁ ଏବଂ ଫଳ ତାଜା କି ନାହିଁ ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ହାଇଦ୍ରାବାଦରେ ଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିଶନ୍ ପକ୍ଷରୁ ହୋଇଥିବା ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାସ୍ତାକଡ଼ରେ ଖରାଦିନେ ଅସ୍ଥାୟୀ ଭାବେ ହୋଇଥିବା ଅଧିକାଂଶ ଫ୍ରୁଟ୍‌ଜୁସ୍ ଦୋକାନରେ ମିଳୁଥିବା ଜୁସ୍ ସ୍ୱାସ୍ଥ୍ୟ ପ୍ରତି ହିତକର ନୁହେଁ। ସେଠାରେ ବ୍ୟବହୃତ ଅପରିଷ୍କାର ପାଣି ଦ୍ୱାରା ଶରୀରକୁ ବିଭିନ୍ନ ରୋଗ ଜୀବାଣୁ ଯାଇ ଝାଡ଼ା, ବାନ୍ତି ଭଳି ଅନେକ ରୋଗର କାରଣ ସାଜିଥାଏ।

– ଏ ଦିନେ ଫ୍ରୁଟ୍‌ଜୁସ୍ ଷ୍ଟଲ୍ ମଧ୍ୟରୁ ଅନେକେ ଅଧିକ ଟଙ୍କା ପାଇବା ଲୋଭରେ ଅଳ୍ପ ଟଙ୍କାରେ ପଚା କିମ୍ବା ବେଶି ଦିନ ରହିଯାଇଥିବା ଫଳ କିଣି ଆଣି ଗ୍ରାହକଙ୍କୁ ଜୁସ୍ କରିଦିଅନ୍ତି। ହେଲେ ଏହାକୁ ପିଇବା ଦ୍ୱାରା ପେଟ ଖରାପ ହେବା ସହ ଅନ୍ୟାନ୍ୟ ରୋଗ ଦେଖାଦେବା ଆଶଙ୍କା ରହିଛି।

– ଜୁସ୍ ପାଇଁ ବ୍ୟବହୃତ ପାଣି କିମ୍ବା ବରଫ ଅପରିଷ୍କାର ହୋଇଥିଲେ ସେଥିରେ ଥିବା ବ୍ୟାକ୍ଟେରିଆ କଲେରା, ଟାଇଫଏଡ୍, ଜଣ୍ଡିସ୍ ଭଳି ଜଳଜନିତ ରୋଗର କାରଣ ସାଜିପାରେ।

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୋକାନୀ ଜୁସ୍‌ରେ ସାକାରିନ୍ ଭଳି କେତେକ ଆର୍ଟିଫିସିଆଲ୍ ସୁଗାର ବ୍ୟବହାର କରୁଥିଲେ ଏହାକୁ ପିଇବା ଦ୍ୱାରା ମେଦବହୁଳତା, ବ୍ରେନ୍ ଟ୍ୟୁମର, ବ୍ଲାଡର କ୍ୟାନ୍‌ସର ଭଳି ଅନେକ ସମସ୍ୟା ଉପୁଜିପାରେ। ତେଣୁ ଏଥିପ୍ରତି ଧ୍ୟାନଦେବା ନିହାତି ଆବଶ୍ୟକ।

# ରଜ, ସାବିତ୍ରୀ ଶପିଂ କରୁଥିଲେ

**ସାଧାରଣତଃ ମହିଳାମାନେ ଶପିଂ ପ୍ରିୟ। ତେଣୁ ରଜ, ସାବିତ୍ରୀ ଭଳି ସ୍ପେଶାଲ ପୂଜା ପର୍ବରେ ସେମାନଙ୍କ ପାଇଁ ବିଭିନ୍ନ ଦୋକାନ, ଶପିଂ ମଲ୍‌ଗୁଡ଼ିକରେ ସ୍ପେଶାଲ ଡିସ୍‌କାଉଣ୍ଟ ଅଫର ମିଳିଥାଏ। ହେଲେ ଏଭଳି ଡିସ୍‌କାଉଣ୍ଟ ବା ସେଲ୍ ଦେଖି ଜିନିଷ କିଣୁଥିଲେ କେତୋଟି କଥା ପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ...**



⏭ବିଭିନ୍ନ ସାମଗ୍ରୀରେ ବିଶେଷକରି ଗାର୍ମେଣ୍ଟ ଆଇଟମ୍ ଉପରେ କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍ ଭଳି ଅଫର ଦିଆଯାଉଛି। ଯାହାକୁ ଦେଖି ଅନେକ ମହିଳା ଆଗ ପଛ ବିଚାର ନ କରି କିଣିନିଅନ୍ତି ଏବଂ ପରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସେଲ୍‌ରେ କିଛି ବି ସାମଗ୍ରୀ କିଣିବା ବେଳେ ପ୍ରଥମେ ଟର୍ମ ଆଣ୍ଡ କଣ୍ଡିଶନ ସମ୍ପର୍କରେ ପ୍ରଥମେ ଭଲ ଭାବେ ବୁଝିନିଅନ୍ତୁ।

⏭ସେହିପରି ଅନେକ ମହିଳା ଅଫର ହାତଛଡ଼ା ନ ହୋଇଯିବା ଲୋଭରେ ଶୀଘ୍ର ଜିନିଷ କିଣିନିଅନ୍ତି। ହେଲେ ତରବର ଭାବେ ନିଷ୍ପତ୍ତି ନ ନେଇ ଅନ୍ୟ ଦୋକାନରେ କିମ୍ବା ଅନ୍‌ଲାଇନରେ ଉକ୍ତ ସାମଗ୍ରୀର ଦାମ୍ କେତେ ଦେଖିବା ପରେ କିଣିପାରିବେ।

⏭ଅନ୍‌ଲାଇନ ହେଉ କିମ୍ବା ଅଫ୍‌ଲାଇନରେ ସେଲ୍ ସମୟରେ କିଛି କିଣୁଥିଲେ ଜିନିଷ ପସନ୍ଦ ନ ହେଲେ ବଦଳାଇବାର ସୁବିଧା ଅଛିକି ନାହିଁ ଜାଣିବା ପରେ ହିଁ କିଣନ୍ତୁ। କାରଣ ଡିସ୍‌କାଉଣ୍ଟ ସେଲ୍ ବେଳେ ସାମଗ୍ରୀରେ ଏକ୍ସଚେଞ୍ଜ ଅଫର ନ ଥିଲେ ପରେ ସାମଗ୍ରୀ କିଣନ୍ତୁ ନଚେତ୍ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

⏭ଅନେକ ଶପିଂ ମଲ୍‌ରେ ରଜ, ସାବିତ୍ରୀ ଆଦି ପାଇଁ ଲକି ଡ୍ର ସିଷ୍ଟମ ରଖାଯାଇଥାଏ। ଉଦାହରଣ ସ୍ୱରୂପ, କେଉଁଠି କ୍ୟାଶ୍ ପ୍ରାଇଜ୍ ତ କେଉଁଠି କାର୍, ବାଇକ୍, ଇଲେକ୍ଟ୍ରୋନିକ୍ ସାମଗ୍ରୀ ଭଳି ବିଭିନ୍ନ ଆକର୍ଷଣୀୟ ପ୍ରାଇଜ୍ ଥିବାରୁ ଅନେକେ ଜିତିବା ଲୋଭରେ ଆବଶ୍ୟକ ନ ଥିବା ଜିନିଷ ବି କିଣିଥାନ୍ତି। ହେଲେ ଏହାଦ୍ୱାରା ଯେ ସେମାନେ ଅଯଥା ଟଙ୍କା ନଷ୍ଟ କରୁଛନ୍ତି ଭୁଲିଯାଆନ୍ତି।

# ଫ୍ୟାଶନ ଜୁଏଲେରି କ୍ରେଜ୍

**ଗୋଟେ ପଟେ ସୁନା ଦର ଆକାଶଛୁଆଁ ହୋଇଥିବା ବେଳେ ଆଉ ଗୋଟେ ପଟେ ଆଉଟ୍‌ଫିଟ୍ ସହ ଭଲ ଜୁଏଲେରିର କମ୍ବିନେଶନ ବିନା ମହିଳାମାନଙ୍କର ଯେମିତି ଫ୍ୟାଶନ ଅସମ୍ପୂର୍ଣ୍ଣ। ଆଉ ଏଥିପାଇଁ ଦିନକୁ ଦିନ ବଢ଼ିବାରେ ଲାଗିଛି ବିଭିନ୍ନ ଆର୍ଟିଫିସିଆଲ ଫ୍ୟାଶନ ଜୁଏଲେରି କ୍ରେଜ୍...**





**ଅ**ଳଙ୍କାର ନାରୀ ଆଭୂଷଣ ଓ ସୌନ୍ଦର୍ଯ୍ୟର ଅଭିନ୍ନ ଅଂଶ। ତେଣୁ ଟ୍ରାଡିଶନାଲ୍ ହେଉ ଅବା ମଡର୍ନ ସବୁ ଆଉଟ୍‌ଫିଟ୍ ସହିତ ବିଭିନ୍ନ ପ୍ରକାରର ଜୁଏଲେରି ପିନ୍ଧିବାକୁ ମହିଳାମାନେ ବେଶ୍ ପସନ୍ଦ କରନ୍ତି। ଯଦିଓ ସୁନା ଗହଣାର ଆଦର ସବୁବେଳେ ରହିଆସିଛି ତଥାପି କମ୍ ଦାମ୍‌ରେ ଅଧିକ ପ୍ରକାରର କଲେକ୍ସନ୍ ମିଳିପାରୁଥିବାରୁ ହେଉ ଅବା ଚୋରି ଡକାୟତି ଭୟ ନ ଥିବାରୁ ବର୍ତ୍ତମାନ ବିଭିନ୍ନ ପ୍ରକାରର ଫ୍ୟାଶନ୍ ଜୁଏଲେରି କ୍ରେଜ୍ ଅଧିକ ବଢୁଥିବାର ଦେଖିବାକୁ ମିଳୁଛି।

**ପର୍ସନାଲାଇଜ୍ଡ ଏବଂ ହ୍ୟାଣ୍ଡକ୍ରାଫ୍ଟେଡ୍ ଜୁଏଲେରି:** ଆଜିକାଲି ଅନେକ ମହିଳା ଅନ୍ୟଠୁ ଡିଫରେଣ୍ଟ ଜୁଏଲେରୀ କଲେକ୍ସନ ରଖିବାକୁ ପସନ୍ଦ କରୁଛନ୍ତି। ଏମିତିରେ ସେମାନେ ପର୍ସନାଲାଇଜ୍ଡ ବା କଷ୍ଟୋମାଇଜ୍ଡ ଜୁଏଲେରି ହେଉ ଅବା ହ୍ୟାଣ୍ଡକ୍ରାଫ୍ଟେଡ୍ ଜୁଏଲେରିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିରେ ସେମାନେ ନିଜ ମନପସନ୍ଦର ଡିଜାଇନ୍ କିମ୍ବା ନାମ ଲେଖିବା, ଫଟୋ ରଖିବା ଆଦି ବରାଦ ଦେଇ ପ୍ରସ୍ତୁତ କରାଇପାରୁଛନ୍ତି। ଯାହାକି ସମ୍ପୂର୍ଣ୍ଣ ୟୁନିକ୍ ଲୁକ୍ ଦେବା ସହ ସଭିଙ୍କ ଦୃଷ୍ଟି ଆକର୍ଷଣ କରିପାରୁଛି। ବର୍ତ୍ତମାନ ଏଥିପ୍ରତି ଅଧିକାଂଶଙ୍କର ବଢୁଥିବା ଆଗ୍ରହକୁ ଦେଖି କେବଳ ଅଫ୍‌ଲାଇନ୍‌ରେ ନୁହେଁ ଅନ୍‌ଲାଇନ୍‌ରେ ମଧ୍ୟ ଏଭଳି ଜୁଏଲେରି କଷ୍ଟୋମାଇଜ୍ଡ କରିବାର ସୁବିଧା ମିଳିପାରୁଛି।

**ମେଟାଲିକ୍ ଜୁଏଲେରି:** ସୁନା, ରୁପା, ପ୍ଲାଟିନମ୍ ଭଳି ମୂଲ୍ୟବାନ୍ ମେଟାଲ ଜୁଏଲେରି ପ୍ରାୟ ସଭିଙ୍କୁ ପସନ୍ଦ। ତେବେ ପୂର୍ବରୁ ଏହାର ସାଧାରଣତଃ ଟ୍ରାଡିଶନାଲ ଡିଜାଇନ ହିଁ ମିଳୁଥିଲା। ହେଲେ ବର୍ତ୍ତମାନର ଫ୍ୟାଶନ ଟ୍ରେଣ୍ଡରେ ଭଳିକିଭଳି ମଡର୍ନ ଲାଇଟ୍ ୱେଟ୍ ଆଟ୍ରାକ୍ଟିଭ୍ ଡିଜାଇନର ଇୟର ରିଂ, ବ୍ରେସ୍‌ଲେଟ୍, ରିଙ୍ଗ୍, ଚେନ୍, ନେକ୍‌ଲେସ୍, ଆଙ୍କ୍‌ଲେଟ୍, ନୋଜ୍‌ପିନ୍ ଆଦିକୁ ଅଧିକାଂଶ ବେଶି ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ପର୍ଲ ଜୁଏଲେରି:** କ୍ଲାସିକ୍ ଏବଂ ଟାଇମ୍‌ଲେସ୍ ଜୁଏଲେରି ଫ୍ୟାଶନରେ ପର୍ଲ ଜୁଏଲେରି ସବୁବେଳେ ଅଧିକ ଡିମାଣ୍ଡରେ ଥାଏ। ସବୁ ପ୍ରକାର ଆଉଟ୍‌ଫିଟ୍ ସହ ଏହାକୁ ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ମିଳୁଥିବାରୁ ଅଧିକାଂଶ ମହିଳା ଏହାକୁ ବେଶ୍ ପସନ୍ଦ କରିଥାନ୍ତି।

**ଆର୍ଟିଫିସିଆଲ୍ ଜୁଏଲେରି:** ବଜେଟକୁ ସୁହାଇଲା ଭଳି ଦାମ୍‌ରେ ବର୍ତ୍ତମାନ ଗୋଲ୍‌ଡେନ୍, ବ୍ଲାକ୍ ମେଟାଲ୍, ଅକ୍ସିଡାଇଜ୍ଡ ଆଦି ଜୁଏଲେରିର ଅନେକ ପ୍ରକାର କଲେକ୍‌ଶନ୍ସ ଉପଲବ୍ଧ, ଯାହାର ସେମାନେ ଭରପୂର ଫାଇଦା ନେଉଛନ୍ତି। କମ୍ ଖର୍ଚ୍ଚରେ ଅଧିକ ଭେରାଇଟିର ଜୁଏଲେରି କଲେକ୍‌ଶନ୍ସ ରଖିବାକୁ ପସନ୍ଦ କରୁଥିବା ମହିଳାଙ୍କ ଲାଗି ବିଭିନ୍ନ ପ୍ରକାର ଆର୍ଟିଫିସିଆଲ ଜୁଏଲେରି ଏବେ ଫ୍ୟାଶନ ଷ୍ଟେଟ୍‌ମେଣ୍ଟ ପାଲଟିଛି।

**ଟ୍ରାଇବାଲ ଜୁଏଲେରି:** ଆଦିବାସୀଙ୍କ ବିଭିନ୍ନ ଜୁଏଲେରି ବର୍ତ୍ତମାନ ଫ୍ୟାଶନ୍‌ର ରୂପ ନେଇଛି। କାରଣ ଏହା ପ୍ରାୟ ସବୁ ପ୍ରକାର ଆଉଟ୍‌ଫିଟ୍ ସହ ପିନ୍ଧିଲେ ଫ୍ୟାଶନେବଲ୍ ଲୁକ୍ ଦେଉଛି। ବିଶେଷକରି ଆଣ୍ଟିକ୍ ତଥା ଅକ୍ସିଡାଇଜ୍ଡ ଟ୍ରାଇବାଲ ଜୁଏଲେରିକୁ ଚୁଡ଼ିଦାର ପଞ୍ଜାବି, କୁର୍ତ୍ତୀ, ଲଙ୍ଗ ଗାଉନ୍, ଲଙ୍ଗ୍ ଫ୍ରକ୍, ଜିନ୍ସ ଟପ୍ସ ଆଦି ଭଳି ପୋଷାକ ସହ ବ୍ୟବହାର କରିବା ଦ୍ୱାରା ଆକର୍ଷଣୀୟ ଲୁକ୍ ମିଳିପାରୁଛି।

**କ୍ଲଥ୍ ଜୁଏଲେରି:** ବର୍ତ୍ତମାନ ଫ୍ୟାଶନ ଦୁନିଆରେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି କ୍ଲଥ୍ ଜୁଏଲେରି। ଏହା କଲରଫୁଲ୍ ହୋଇଥିବାରୁ ନା କେବଳ ସବୁ ପ୍ରକାର ଆଉଟ୍‌ଫିଟ୍‌କୁ ମ୍ୟାଚ୍ କରୁଛି ବରଂ ଅପେକ୍ଷାକୃତ ଟ୍ରେଣ୍ଡି ଏବଂ ଫଙ୍କି ଲୁକ୍ ମଧ୍ୟ ଦେଉଛି। ତା'ଛଡ଼ା ଏହା ଲାଇଟ୍‌ୱେଟ୍, ୱାଶେବଲ୍ ହୋଇଥିବାରୁ ଅଧିକାଂଶ ମହିଳା ଏହାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**ବିଡ୍ ଜୁଏଲେରି:** ଆଉଟ୍‌ଫିଟ୍ କଲରକୁ ମ୍ୟାଚ୍‌କରି ଜୁଏଲେରି ପିନ୍ଧିବାକୁ ପସନ୍ଦ କରୁଥିବା ମହିଳାଙ୍କଠାରେ ଏବେ ବରଡ୍ ଜୁଏଲେରି କ୍ରେଜ୍ ବଢୁଥିବାର ଦେଖିବାକୁ ମିଳୁଛି। ବିଶେଷ କରି ପ୍ଲାଷ୍ଟିକ୍ ଏବଂ ଗ୍ଲାସ୍‌ର ଛୋଟ, ବଡ ବିଭିନ୍ନ ସେପ୍ ଓ ସାଇଜ୍‌ର ବିଡ୍ସ ଜୁଏଲେରି ଅପେକ୍ଷାକୃତ ଶସ୍ତା ହୋଇଥିବା ବେଳେ ଅଧିକ କ୍ଲାସି ଏବଂ ଆଇକ୍ୟାଚି ଲୁକ୍ ଦେଉଥିବାରୁ ଏହା ସବୁଠୁ ବେଶି ଡିମାଣ୍ଡରେ ରହୁଛି।

## ସବୁ ମହିଳାଙ୍କ ପସନ୍ଦ ଫ୍ୟାଶନ ଜୁଏଲାରୀ



**ସୁନୀତା ବାବୁ(ଅଭିନେତ୍ରୀ)** ସୁନାଗହଣା ମୋର ବହୁ ପସନ୍ଦ। ହେଲେ ବର୍ତ୍ତମାନ ସୁନା ଦାମ୍ ଯେତିକି ବଢୁଛି ଚୋରି ଡକାୟତି ବି ସେତିକି ବଢ଼ିବାରେ ଲାଗୁଛି। ତେଣୁ ସୁନା କିଣିଲେ ବି ପିନ୍ଧିବାକୁ ଭୟ ଲାଗୁଛି। ତା' ବଦଳରେ ବିଭିନ୍ନ ଫ୍ୟାଶନ ଜୁଏଲେରି ଅଧିକ ବ୍ୟବହାର କରୁଛି। କାରଣ ଏହା ଦେଖିବାକୁ ଯେତିକି ଆଇକ୍ୟାଚି କ୍ୟାରି କରିବାକୁ ବି ସେତିକି ସହଜ। ତା'ଛଡା କମ୍ ଖର୍ଚ୍ଚରେ ବିଭିନ୍ନ ଆଟ୍ରାକ୍ଟିଭ୍ ଡିଜାଇନ୍‌ର କଲେକ୍ସନ ମିଳିପାରୁଛି, ଯାହାକୁ ଟ୍ରାଡିଶନାଲଠୁ ଆରମ୍ଭକରି ୱେଷ୍ଟର୍ନ ପର୍ଯ୍ୟନ୍ତ ସବୁ ଆଉଟ୍‌ଫିଟ୍ ସହ ମିକ୍ସ ମ୍ୟାଚ୍‌କରି ପିନ୍ଧିହେଉଛି। ସବୁଠୁ ବଡ କଥା ହେଲା ମାତ୍ର କିଛି ପ୍ରକାରର ସୁନାଗହଣା ବାରମ୍ବାର ପିନ୍ଧିବା ଅପେକ୍ଷା ସବୁବେଳେ ନୂଆ ନୂଆ ଫ୍ୟାଶନ୍ ଜୁଏଲେରୀ ପିନ୍ଧିଲେ ଷ୍ଟାଇଲିସ୍ ଏବଂ ଟ୍ରେଣ୍ଡି ଲୁକ୍ ବି ମିଳି ପାରୁଛି। ତେଣୁ ଷ୍ଟୋନ୍, ଅକ୍ସିଡାଇଜ୍ଡ, ରୋଲ୍ଡଗୋଲ୍ଡର ବହୁତ ପ୍ରକାରର ଜୁଏଲେରି ସେଟ୍ ଏବଂ ଅନେକ ପ୍ରକାରର ହେଭି ଇୟରିଙ୍ଗ୍ସ କଲେକ୍ସନ ରହିଛି। ମୋ ମତରେ କେବଳ ମୁଁ ନୁହେଁ ପ୍ରାୟ ସବୁ ମହିଳାଙ୍କର ଏଭଳି ଜୁଏଲେରୀ ଅଧିକ ପସନ୍ଦ ହୋଇଥିବାରୁ ପ୍ରତ୍ୟେକ ଛୋଟ ବଡ ସହରରେ ଅନେକ ଫ୍ୟାଶନ୍ ଜୁଏଲେରୀ ଶପ୍ ଖୋଲିଯାଇଥିବା ବେଳେ ଅନ୍‌ଲାଇନ୍‌ରେ ମଧ୍ୟ ଖୁବ୍ ସହଜରେ ଏହା ଉପଲବ୍ଧ ହୋଇପାରୁଛି।

**ଜାଣିରଖନ୍ତୁ....**

ଯଦି ଆପଣ ଗୋଲ୍ଡ କିମ୍ବା ଅନ୍ୟ କୌଣସି ଦାମୀ ମେଟାଲିକ୍ ଜୁଏଲେରି ପିନ୍ଧିବାରେ ସଉକ ରଖନ୍ତି, ତେବେ ଏହାକୁ କିଣିବା ବେଳେ ଯେପରି ଠକାମିର ଶିକାର ନ ହୁଅନ୍ତି, ସେଥିପାଇଁ କେଉଁ ଦିଗ ପ୍ରତି ସତର୍କ ରହିବେ ଜାଣିରଖନ୍ତୁ ...

– ଆପଣ ଯେଉଁ ଜୁଏଲେରି କିଣିବାକୁ ଚାହୁଁଛନ୍ତି, ତା'ର ରିସେଲ୍ ଭାଲ୍ୟୁ ଅଛି କି ନାହିଁ ଜାଣନ୍ତୁ। ନଚେତ୍ ଅଧିକ ଦାମ୍ ଦେଇ କିଣିଥିବା ଏହି ସୁନ୍ଦର ଜୁଏଲେରି ପରବର୍ତ୍ତୀ ସମୟରେ ଏହାର ରିସେଲ୍ ଭାଲ୍ୟୁ ଖୁବ୍ କମ୍ ହୋଇଥାଏ କିମ୍ବା କେବେକେବେ ଆଦୌ ନ ଥାଏ।

– ମନେରଖନ୍ତୁ, ଦେଖିବାକୁ ଭଲ ଲାଗୁଥିଲେ ବି ଅଧିକ ହେଭି ପରିବର୍ତ୍ତେ ଲାଇଟ୍ ୱେଟ୍ ଜୁଏଲେରି କିଣନ୍ତୁ, ଯାହାକୁ ଆପଣ ସବୁବେଳେ ଲଗାଇପାରିବେ ଏବଂ ତାହା ଆରାମ ବି ଲାଗିବ।

– ଅନେକଙ୍କଠାରେ ବିଭିନ୍ନ ମେଟାଲ ଆଲର୍ଜି ରହିଛି। ତେଣୁ ଯଦି ଆପଣଙ୍କ ବି ଏପରି କିଛି ସମସ୍ୟା ଥାଏ, ତେବେ ଫ୍ୟାଶନ ଆଳରେ ଏଭଳି ଜୁଏଲେରି ବାଛିବା ପରିବର୍ତ୍ତେ ପ୍ରଥମେ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦିଅନ୍ତୁ।

– ଆଉ ଏକ କଥା ମନେରଖନ୍ତୁ, କେତେକ ଆର୍ଟିଫିସିଆଲ୍ ଫ୍ୟାଶନ ଜୁଏଲେରି ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ ସତ, ହେଲେ ତାହା ପାଣି କିମ୍ବା ଝାଳ ସଂସ୍ପର୍ଶରେ ଆସିଲେ କଲର ଫେଡ୍ ହେବା, ଜଙ୍କ୍ ଲାଗିବା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଥିପ୍ରତି ଧ୍ୟାନ ଦିଅନ୍ତୁ। ବିଶେଷକରି ବର୍ଷାଦିନେ ଏଭଳି ଜୁଏଲେରି ପରିବର୍ତ୍ତେ ବିଭିନ୍ନ ୱାଟରପ୍ରୁଫ୍ ଜୁଏଲେରି ବ୍ୟବହାର କରିପାରିବେ।





ସୌନ୍ଦର୍ଯ୍ୟ

# ଗ୍ଲୋଇଂ ସ୍କିନ୍ ପାଇଁ ଘରୋଇ ପ୍ୟାକ୍



**ବର୍ତ୍ତମାନର ପ୍ରବଳ ଖରା, ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷଣ ଆଦିର ପ୍ରଭାବରେ ଅନେକଙ୍କ ତ୍ୱଚା ରୁକ୍ଷ ଓ ଡଲ୍ ହୋଇଯାଉଛି। ଏହା ଦୂରକରିବା ଲାଗି ଆପଣ ଚାହିଁଲେ କେତୋଟି ଘରୋଇ ଫେସ୍ ପ୍ୟାକ୍ ବ୍ୟବହାରକରି ନିଜ ତ୍ୱଚାକୁ ସ୍ପଟ୍‌ଲେସ୍, ଗ୍ଲୋ ବଢ଼ାଇପାରିବେ...**

**ମୁଲତାନୀ ମାଟି, ଆଲୋଭେରା, ଦହି ପ୍ୟାକ୍:** ୧ ଚାମଚ ମୁଲତାନୀ ମାଟି, ୧ ଚାମଚ ଆଲୋଭେରା ଜେଲ୍, ୧ ଚାମଚ ଦହିକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଘଷି ଭଲ ଭାବେ ଧୋଇଦିଅନ୍ତୁ। ଏହା ଟ୍ୟାନ୍ ଦୂରକରି ତ୍ୱଚାକୁ ଉଜ୍ଜ୍ୱଳ ଓ ଦାଗମୁକ୍ତ କରିଥାଏ।

**ହନି ହାଇଡ୍ରେଶନ ମାସ୍କ:** ଗୋଟେ ଚାମଚ ମହୁରେ, ଗୋଟେ ଚାମଚ ଦହି, ଅଧାଚାମଚ ଲେମ୍ବୁରସ, ୧/୪ ଚାମଚ ହଳଦୀଗୁଣ୍ଡ ପକାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଯେଉଁମାନଙ୍କ ତ୍ୱଚା ଖରା, ଗରମ ଯୋଗୁ ପୋଡ଼ିଥାଏ କିମ୍ବା କୁଣ୍ଡାଇବା ଭଳି ସମସ୍ୟା ଦେଖାଦିଏ ସେମାନଙ୍କ ପାଇଁ ଏବଂ ବେଶ୍ ଉପକାରୀ। ସପ୍ତାହରେ ୨-୩ ଥର ଏହାକୁ ଲଗାଇଲେ ହଳଦୀରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ମହୁରେ ଥିବା ଭିଟାମିନ୍ ବି ତ୍ୱଚାକୁ ସଫ୍ଟ ଏବଂ ଗ୍ଲୋଇଂ କରାଇଥାଏ। ତେବେ ଡ୍ରାଏ ସ୍କିନ୍ ପାଇଁ ଏହି ପ୍ୟାକ୍ ବେଶ୍ ଉପକାରୀ।

**ଅମୃତଭଣ୍ଡା ପ୍ୟାକ୍:** ଅଧକପ୍ ପାଚିଲା ଅମୃତଭଣ୍ଡା ପେଷ୍ଟ ନେଇ ସେଥିରେ ଅଧାଚାମଚ ଚନ୍ଦନ ପାଉଡର, ଆବଶ୍ୟକ ଅନୁସାରେ ଗୋଲାପଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଭଲଭାବେ ଲଗାନ୍ତୁ। ୧୫-୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ ଥର ଏହି ପ୍ୟାକ୍ ଲଗାଇଲେ ସ୍କିନ୍ ଟୋନ୍ ସହ ଗ୍ଲୋ ବି ବଢ଼ିବ।



## ଖାଦ୍ୟରୁଚି // ସୋୟା କଟ୍‌ଲେଟ୍



**ଆବଶ୍ୟକ ସାମଗ୍ରୀ:** ୧ ଗିନା ସୋୟାବିନ୍ ବଡି, ୨ଟି ମଧ୍ୟମ ଆକାରର ସିଝା ଆଳୁ, ଛୋଟ ଛୋଟ କଟାହୋଇଥିବା ୨ ବଡ଼ ଚାମଚ ଲେଖାଏ ପିଆଜ, ଗାଜର ଏବଂ କ୍ୟାପ୍ସିକମ୍, ଛୋଟ କଟାହୋଇଥିବା ୩ଟି କଞ୍ଚାଲଙ୍କା, ୧ଚାମଚ ଅଦା ରସୁଣ ପେଷ୍ଟ, ୨ଚାମଚ କଟାହୋଇଥିବା ଧନିଆ ପତ୍ର, ୪୦ଗ୍ରାମ୍ ପନିର, ଗୋଟିଏ ଲେମ୍ବୁର ରସ, ୪ ଚାମଚ କର୍ନଫ୍ଲୋର୍, ୧/୪ ଚାମଚ ଲେଖାଏ ଗରମ ମସଲା, ଚାଟ୍ ମସଲା, ଜିରା ପାଉଡର, ହଳଦୀ ଗୁଣ୍ଡ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟାବିନ୍ ବଡିକୁ ଭଲ ଭାବେ ଧୋଇଦିଅନ୍ତୁ। ଚୁଲାରେ ଏକ ପାତ୍ରରେ ରଖି ପାଣିରେ ୫-୭ ମିନିଟ୍ ସିଝାଇ ଦିଅନ୍ତୁ। ଏହାକୁ ଛାଣି ଦିଅନ୍ତୁ। ଥଣ୍ଡା ହୋଇଗଲା ପରେ ଗ୍ରାଇଣ୍ଡିଂକରି ଦିଅନ୍ତୁ। ସେଥିରେ ସିଝା ଆଳୁ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ବର୍ତ୍ତମାନ ଅଦା ରସୁଣ ପେଷ୍ଟ, କଟା ପନିପରିବା, ସବୁ ମସଲାଗୁଣ୍ଡ, ଲୁଣ ଏବଂ ଲେମ୍ବୁରସ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ସେଥିରେ ପନିରକୁ ଗ୍ରେଟ୍ କରି ପକାନ୍ତୁ ଏବଂ କର୍ନଫ୍ଲୋର ପକାଇ ପୁଣି ମିଶାନ୍ତୁ। ଏହାକୁ ହାତରେ ଛୋଟ ଛୋଟ ଗୁଳାକରି କଟ୍‌ଲେଟ୍ ଆକାର ଦିଅନ୍ତୁ। ବର୍ତ୍ତମାନ ଚୁଲାରେ କଡ଼େଇ ବସାଇ ତେଲ ଗରମ କରନ୍ତୁ। ସେଥିରେ କଟ୍‌ଲେଟ୍ ପକାଇ ଗୋଲ୍ଡେନ୍ କଲର ହେବା ଯାଏ ଫ୍ରାଏ କରନ୍ତୁ। ମନେରଖନ୍ତୁ ଛାଣିବା ବେଳେ ଚୁଲାକୁ ମିଡିଅମ ଫ୍ଲେମ୍‌ରେ ରଖନ୍ତୁ ନଚେତ୍ କଟ୍‌ଲେଟ୍ ପୋଡ଼ିଗଲେ ଟେଷ୍ଟ ପିତା ଲାଗିପାରେ। କଟ୍‌ଲେଟ୍ ପ୍ରସ୍ତୁତ ହୋଇଗଲା ପରେ ଏହାକୁ ଚଟଣି, ସସ୍ ଆଦି ସହ ଖାଇପାରିବେ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୨୦/୨୦୨୫ Bhubaneswar, Tuesday, May 20/ 2025



Dr. Juneja's ପେଟ ସଫା Natural Laxative Granules & Tablets

ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି

ଯଦି ଆପଣ ମଧ୍ୟ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଛନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲସ/ଟାବ୍‌ଲେଟ୍ସ । ଏହା ମୁହଁରେ ଲାଗେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।



Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested*
24x7 Helpline: 91197 88888 | www.petsaffa.com
Available at all medical & general stores
Divisa www.divisastore.com


# ଏସିଆ କପ୍‌ରୁ ଓହରିବ ନାହିଁ ଭାରତ:ବିସିସିଆଇ

**ନୂଆଦିଲ୍ଲୀ, ୧୯।୫ (ପି.ଟି.):** ଭାରତ ଆସନ୍ତା ପୁରୁଷ ଏସିଆକପ୍ ଓ ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ରୁ ଓହରିଯିବା ଲାଗି ଯେଉଁ ନିଷ୍ପତ୍ତି ନେଇଥିବା ରିପୋର୍ଟ ପ୍ରକାଶ ପାଇଛି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାକୁ ଦୃଢ଼ଭାବେ ଖଣ୍ଡନ କରିବା ସହ ଏହା ଅନୁମାନ ଓ କାଳ୍ପନିକ ବୋଲି କହିଛି। ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି ଯେ, କିଛିଦିନ ତଳର ଦୁଇ ପଡ଼ୋଶୀ ରାଷ୍ଟ୍ରରେ ସାମରିକ ବିବାଦକୁ ନେଇ ବିସିସିଆଇ ଭାରତୀୟ ଦଳକୁ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି)ର ଦୁଇଟି ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଅନୁମତି ଦେବ ନାହିଁ। କାରଣ ପାକିସ୍ତାନର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମହସୀନ ନକ୍‌ଭି ଏସିସିର ସଭାପତି ଥିବାବେଳେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଚେୟାରମ୍ୟାନ ଅଛନ୍ତି। ଗତଥରର ଚାମ୍ପିୟନ ଭାରତ ସେପ୍ଟେମ୍ବରରେ ଟି୨୦ ଫର୍ମାଟରେ ଖେଳାଯାଉଥିବା ପୁରୁଷ ଏସିଆ କପ୍‌ର ଆୟୋଜକ। ଅନ୍ୟପକ୍ଷରେ ଶ୍ରୀଲଙ୍କା ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ର ଆୟୋଜକ ହୋଇଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ସୋମବାର ସକାଳେ କିଛି ଖବର ଆମ ନଜରକୁ ଆସିଛି। ଆସନ୍ତା ଏସିଆ କପ୍ ଓ ମହିଳା ଏମର୍ଜିଂ ଟିମ୍ସ ଏସିଆ କପ୍‌ରେ ଭାରତ ଅଂଶଗ୍ରହଣ ନ କରିବା ଲାଗି ବିସିସିଆଇ ନିଷ୍ପତ୍ତି ନେଇଥିବା ଏଥିରେ ପ୍ରକାଶ ପାଇଛି। ଏଭଳି ଖବରର କୌଣସି ସତ୍ୟତା ନାହିଁ। ବିସିସିଆଇରେ ଏହି ପ୍ରସଙ୍ଗରେ ଏପରି କି କୌଣସି ଆଲୋଚନା ହୋଇନାହିଁ। ସାଇକିଆ କହିଛନ୍ତି, ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କିପରି ସୁଚାରୁ ପରିଚଳିତ ହେବ ଏବଂ ଆସନ୍ତାମାସରେ ଇଂଲଣ୍ଡ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଉପରେ ବିସିସିଆଇର ନଜର ରହିଛି। ଏସିସି ଇଭେଣ୍ଟ ଉପରେ ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଏ ତେବେ ତାହା ଗଣମାଧ୍ୟମ ଜରିଆରେ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

# ପ୍ଲେଅଫ୍‌ରୁ ଲକ୍ଷ୍ନୌ ବାଦ୍



ମୁହାଁମୁହିଁ ପରିସ୍ଥିତିରେ ଦିଗ୍‌ଭେସ୍ ସିଂ ରାଠୀ ଓ ଅଭିଷେକ ଶର୍ମା।

**ଲକ୍ଷ୍ନୌ,୧୯।୫**

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍) ୬ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଏହି ପରାଜୟ ସହ ଲକ୍ଷ୍ନୌ ପଞ୍ଚମ ଦଳ ଭାବେ ପ୍ଲେଅଫ୍‌ରୁ ବାଦ୍ ପଡ଼ିଛି। ଏହା ହାଇଦ୍ରାବାଦ୍‌ର ଚତୁର୍ଥ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ଲାଗି ସପ୍ତମ ପରାଜୟ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ମିଚେଲ ମାର୍ଶ ଓ ଏଡେନ ମାରକ୍ରାମଙ୍କ ଓପନିଂ ଯୋଡ଼ି ୧୦.୩ ଓଭରରେ ୧୧୫ ରନର ଆରମ୍ଭ ଦେଇଥିଲା। ମାର୍ଶ ୩୯ ବଲରେ ୬୫ (୬ ଚୌକା ଓ ୪ ଛକା) ଏବଂ ମାରକ୍ରାମ ୩୮ ବଲରେ ୬୧ (୪ ଲେଖାଏ ଚୌକା ଓ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ପୁରନ ୨୬ ବଲରେ ୪୫ (୬ ଚୌକା ଓ ୧ ଛକା) ରନ କରିଥିଲେ। ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ହାଇଦ୍ରାବାଦ ପକ୍ଷରୁ ଇଶାନ ମାଲିଙ୍ଗା ଦୁଇ ଉଇକେଟ ନେଇଥିଲେ। ଜବାବରେ ହାଇଦ୍ରାବାଦ ଆରମ୍ଭରୁ ଅଥର୍ବ ତାଇଡେ (୧୩)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ଅଭିଷେକ ଶର୍ମା ଓ ଇଶାନ କିଶନ ଦ୍ୱିତୀୟ ଉଇକେଟରେ ୫.୫ ଓଭରରେ ୮୨ ରନ କରିଥିଲେ। ଅଭିଷେକ ୨୦ ବଲରେ ୪ ଚୌକା ଓ ୬ ଛକା ସହିତ ବିସ୍ଫୋରକ ୫୯ ରନ କରି ଦୀଗଭେଶ ସିଂ ରାଠୀଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ରାଠୀଙ୍କ ଚିରାଚରିତ ହ୍ୟାଣ୍ଡ ନୋଟ ସେଲିବ୍ରେଶନ ଲାଗି ଅଭିଷେକ ଓ ରାଠୀ ମୁହାଁମୁହିଁ ହୋଇଥିଲେ। ଏପରିକି ଫିଲ୍ଡ ଅମ୍ପାୟରଙ୍କୁ ଉଭୟ ଖେଳାଳିଙ୍କୁ ବୁଝାଇବାକୁ ପଡ଼ିଥିଲା। ଇଶାନ ୨୮ ବଲରେ ୩ ଚୌକା ଓ ୨ ଛକା ସହିତ ୩୫ ରନ କରି ଆଉଟ୍ ହୋଇଥିଲେ। ହେନରିଚ କ୍ଲାସେନ ଓ କାମିଣ୍ଡୁ ମେଣ୍ଡିସ ଚତୁର୍ଥ ଉଇକେଟରେ ୫୫ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ହାଇଦ୍ରାବାଦ୍ ୧୮.୨ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ କ୍ଲାସେନ ୪୭ (୪ ଚୌକା ଓ ୧ ଛକା) ଓ ମେଣ୍ଡିସ ୩୨ (୩ ଚୌକା) ରନ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ରାଠୀ ଦୁଇ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୦୫/୭ (ମିଚେଲ ମାର୍ଶ-୬୫, ଏଡେନ ମାରକ୍ରାମ-୬୧, ନିକୋଲସ ପୁରନ-୪୫, ଇଶାନ ମାଲିଙ୍ଗା-୨/୨୮, ନୀତିଶ କୁମାର ରେଡ୍ଡୀ-୧/୨୮, ହର୍ଷ ଦୁବେ-୧/୪୪)। ସନରାଇଜର୍ସ ହାଇଦ୍ରାବାଦ: ୧୮.୨ ଓଭରରେ ୨୦୬/୪ (ଅଭିଷେକ ଶର୍ମା-୫୯, ହେନରିଚ୍ କ୍ଲାସେନ-୪୭, ଇଶାନ କିଶନ-୩୫, କାମିଣ୍ଡୁ ମେଣ୍ଡିସ-୩୨, ଦିଗଭେଶ ସିଂ ରାଠୀ-୨/୩୭)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ରାଜସ୍ଥାନ**

ସ୍ଥାନ: ଦିଲ୍ଲୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | -୧.୦୦୫ |
| ରାଜସ୍ଥାନ ରୟାଲ୍ସ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |

# ଆର୍ଟ ଜିତିଲେ ୯ମ ଷ୍ଟେଜ



୯ମ ଷ୍ଟେଜ ଜିତିବାପରେ ୱାଉଟ ଭାନ ଆର୍ଟ।

## ଗିରୋ ଡି ଇଟାଲିଆ

**ରୋମ, ୧୯।୫**

ବେଲଜିୟମର ଭିଷ୍ମା-ଲିଜ୍ ଏ ବାଇକ ଟିମ୍ ରାଇଡର ୱାଉଟ ଭାନ ଆର୍ଟ ଗିରୋ ଡି ଇଟାଲିଆ ସାଇକେଲ ରେସ୍‌ର ୯ମ ଷ୍ଟେଜ ବିଜେତା ହୋଇଛନ୍ତି। ଗୁବିଓଠାରୁ ସିଏନା ପର୍ଯ୍ୟନ୍ତ ୧୮୧ କିଲୋମିଟର ବିଶିଷ୍ଟ ହିଲି ଷ୍ଟେଜ୍‌କୁ ଆର୍ଟ ୪ ଘଣ୍ଟା ୧୫.୮ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୨୦୧୮ରେ ରୋଡ୍ ରେସ୍ କ୍ୟାରିୟର ଆରମ୍ଭ କରିଥିବା ଆର୍ଟଙ୍କର ଏହା ପ୍ରଥମ ଷ୍ଟେଜ୍ ବିଜୟ। ମେକ୍ସିକୋର ୟୁଏଇ ଟିମ୍ ଏମିରେଟ୍ସ ଏକ୍ସଆରଜି ଟିମ୍ ରାଇଡର ଇସାକ ଡେଲ୍ ଟୋରୋ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଏପର୍ଯ୍ୟନ୍ତ କୌଣସି ଷ୍ଟେଜ ବିଜେତା ହୋଇ ନ ଥିଲେ ମଧ୍ୟ ୯ମ ରାଉଣ୍ଡ ଶେଷସୁଦ୍ଧା ମେକ୍ସିକୋର ଟୋରୋ ଓଭରଅଲ୍ ଅଗ୍ରଣୀ ହୋଇ ପିଙ୍କ୍ ଜର୍ସି ହାସଲ କରିଛନ୍ତି। ପ୍ରଥମ ମେକ୍ସିକାନ ଭାବେ ସେ ଗିରୋ ଡି ଇଟାଲିଆରେ ଅଗ୍ରଣୀ ରହିଛନ୍ତି। ଗୋଟିଏ ଦିନର ବିଶ୍ରାମ ପରେ ୧୦ମ ଷ୍ଟେଜ୍ ଇଟାଲିର ଲୁକ୍କାଠାରୁ ପିସା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ୨୮.୬ କିଲୋମିଟର ବିଶିଷ୍ଟ ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ୍ ଷ୍ଟେଜ୍। ପ୍ରତିଯୋଗିତାରେ ମୋଟ ୨୧ଟି ଷ୍ଟେଜ ହେବ। ଜୁନ୍ ୧ରେ ଭାଟିକାନ ଗାର୍ଡେନ୍ସ (ଭାଟିକାନ ସିଟି)ଠାରୁ ୧୪୩ କିଲୋମିଟର ବିଶିଷ୍ଟ ଫ୍ଲାଟ୍ ଷ୍ଟେଜ୍ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ସାଫ୍ ବିଜୟକୁ ଅରୁଣାଚଳ ସମର୍ଥକଙ୍କୁ ଉତ୍ସର୍ଗ କଲେ କୋଚ୍

**ୟୁପିଆ (ଅରୁଣାଚଳ ପ୍ରଦେଶ),୧୯।୫**

ସ୍ଥାନୀୟ ଗୋଲ୍ଡେନ ଜୁବିଲି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲରେ ବାଂଲାଦେଶକୁ ୪-୩ ପେନାଲ୍ଟିରେ ପରାସ୍ତ କରି ଭାରତର ୧୯ବର୍ଷରୁ କମ୍ ପୁରୁଷ ଦଳ ସାଫ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ଦଳର ମୁଖ୍ୟ କୋଚ୍ ବିବିଆନୋ ଫର୍ନାଣ୍ଡିଜ ଏହି ବିଜୟକୁ ଅରୁଣାଚଳ ପ୍ରଦେଶର ସମର୍ଥକଙ୍କଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ସେ କହିଛନ୍ତି, ଏହି ବିଜୟ ସେମାନଙ୍କ ପାଇଁ ସହଜ ନ ଥିଲା। ମ୍ୟାଚଟି ଖୁବ୍ ସଂଘର୍ଷପୂର୍ଣ୍ଣ ଥିଲା। ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ବରାବର ସ୍ଥିତିରେ ଥିଲା। ପରେ ପେନାଲ୍‌ଟି ଶୁଟ୍‌ଆଉଟ୍‌ରେ ଭାରତ ବିଜୟ ଲାଭ କରିଥିଲା। ମ୍ୟାଚରେ ଭାରତୀୟ ଖେଳାଳିମାନେ ଯେଉଁ ଲଢୁଆ ପ୍ରଦର୍ଶନ କରିଥିଲେ ତାହା ପ୍ରଶଂସା ଯୋଗ ବୋଲି ଫର୍ନାଣ୍ଡିଜ କହିଛନ୍ତି। ମ୍ୟାଚ ଜିତିବାରେ ଅରୁଣାଚଳ ପ୍ରଦେଶର ସ୍ଥାନୀୟ ଦର୍ଶକଙ୍କ ବଡ଼ ଭୂମିକା ରହିଛି। ସେମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଭାରତୀୟ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦେଶରେ ଏକ ଜୁନିୟର ଗେମ୍‌ରେ ଏତେ ସଂଖ୍ୟକ ଦର୍ଶକ ସେ କେଉଁଠାରେ ଦେଖି ନ ଥିବା ବିବିଆନୋ କହିଛନ୍ତି।

# ଅନନ୍ୟା, ରିୟାଂଶ ଚାମ୍ପିୟନ

## ରାଜ୍ୟ ୭ ବର୍ଷରୁ କମ୍ ଚେସ୍

**ଭୁବନେଶ୍ୱର, ୧୯।୫ (ତପନ ସ୍ୱାଇଁ)**

ରାଜ୍ୟ ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ସୋମବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଶେଷ ହୋଇଛି। ଏହାର ବାଳିକା ବର୍ଗରେ ଖୋର୍ଦ୍ଧାର ଅନନ୍ୟା ଅନ୍ୱେଷା ମିଶ୍ର ଓ ବାଳକରେ ସୁନ୍ଦରଗଡ଼ର ରିୟାଂଶ ଅଗ୍ରୱାଲ ଚାମ୍ପିୟନ ହୋଇଛନ୍ତି। ଅପରାଜିତ ରହିଥିବା ଅନନ୍ୟା ଏକମାତ୍ର ଖେଳାଳିଭାବେ ପୂରା ୮ ପଏଣ୍ଟ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ପ୍ରତ୍ୟକ୍ଷା ସମ୍ଭବୀ ୭ ଓ ଅର୍ଣ୍ଣବୀ ପଣ୍ଡା ୫.୫ ପଏଣ୍ଟ ପାଇ ଯଥାକ୍ରମେ ରନରଅପ୍ ଓ ତୃତୀୟ ସ୍ଥାନ ପାଇଛନ୍ତି। ବାଳକରେ ରିୟାଂଶ ଓ ପ୍ରଜ୍ଞାନ ମିଶ୍ର ୭.୫ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଟାଇବ୍ରେକ୍ ସ୍କୋରରେ ରିୟାଂଶ ଚାମ୍ପିୟନ ଓ ପ୍ରଜ୍ଞାନ ରନରଅପ୍ ହୋଇଛନ୍ତି। ଦୁଇଜଣ ଯାକ ଖେଳାଳି ଟୁର୍ନାମେଣ୍ଟରେ ଅପରାଜିତ ରହିଥିଲେ। ପରସ୍ପରକୁ ମୁକାବିଲା ବେଳେ ମ୍ୟାଚ ଡ୍ର ରଖି ପଏଣ୍ଟ ଭାଗ କରିଥିଲେ। କାବ୍ୟାଂଶ ଚକ୍ରବର୍ତ୍ତୀ (୬ ପଏଣ୍ଟ) ୩ୟ ସ୍ଥାନ ଅଧିକାର କରିଛନ୍ତି।

ମାଷ୍ଟର ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଲ୍ ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଓ ସମ୍ପାଦକ ଦେବବ୍ରତ ଭଞ୍ଜ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳୀ ମାନଙ୍କୁ ନଗଦ ୨୦,୦୦୦ ଟଙ୍କାର ଅର୍ଥ ପୁରସ୍କାର ସହ ୩୨ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ସିଏଫ ଚେୟାରମ୍ୟାନ ସନ୍ତୋଷ ମହାପାତ୍ର, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଜାତୀୟ ଆର୍ବିଟର ସୁରଜ କୁମାର ମହାରଣା, କ୍ରୀଡ଼ା ବିଭାଗର ସାୟନ ଦାସ, ଅଂଶୁମାନ ଭୂୟାଁ ଏବଂ ମାନସ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ବାଳିକା ଓ ବାଳକ ବର୍ଗରେ ଶ୍ରେଷ୍ଠ ୬ ଜଣ ଲେଖାଏ ଖେଳାଳି ଜାତୀୟ ଶିଶୁ ଚେସ୍ ପ୍ରତିଯୋଗିତାରେ ଭାଗ ନେବେ। ଏହା ଆସନ୍ତା ଜୁନ୍ ୧ରୁ ୬ ପର୍ଯ୍ୟନ୍ତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଶ୍ରେଷ୍ଠ ୩ ଖେଳାଳିଙ୍କ ବ୍ୟତୀତ ବାଳିକାରେ ଦେବାଂଶୀ ସାହୁ, ଆରାଧ୍ୟା ମହାରଣା, ଆଦିଶା କାନୁନ୍‌ଗୋ ଏବଂ ବାଳକରେ ଶିବାଂଶିତ ସାସମଲ, ଗୌରବ ଗୌରୀନନ୍ଦନ ଦାଶ ଓ କ୍ରିଶିତ ପଣ୍ଡା ଏଥିରେ ଖେଳିବେ।




ରାଜ୍ୟ ୭ ବର୍ଷରୁ କମ୍ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଭୁବନେଶ୍ୱର 'ବି', ଖୋର୍ଦ୍ଧା, କିଟ୍ ବିଜୟୀ

## ୧୯ ବର୍ଷରୁ କମ୍ କ୍ରିକେଟ

**ଭୁବନେଶ୍ୱର, ୧୯।୫ (ବିଜୟ ରଣା)**



ମୃତ୍ୟୁଞ୍ଜୟ ମହାପାତ୍ର



ଜଗଦୀଶ ମହାପାତ୍ର



ଧ୍ରୁବଜ୍ୟୋତି ପହାରି



ସ୍ୱୟମ ପଣ୍ଡା

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଓସିଏ ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ପ୍ରିମିୟର ଲିଗ୍ (ଗ୍ରୁପ୍ 'ଏ' ଓ 'ବି')ରେ ସୋମବାର ଝାରସୁଗୁଡ଼ା, ସୋନପୁର, ଖୋର୍ଦ୍ଧା, ଭୁବନେଶ୍ୱର 'ବି' ଓ କିଟ୍ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ବର୍ଷା ଯୋଗୁ ସମ୍ବଲପୁର 'ବି' ଓ ରାୟଗଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଅଧାରୁ ବାତିଲ କରିଦିଆଯାଇଛି। ଅଡ଼ଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଝାରସୁଗୁଡ଼ା ୪୩ରନ୍‌ରେ ଯାଜପୁରକୁ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡ଼ା ୪୭ତମ ଓଭରରେ ୯ଉଇକେଟ ବିନିମୟରେ ୨୩୬ ରନ କରିଥିଲା। ଦଳର ଟପ୍ ସ୍କୋରର ଓମ୍ ସକୁନିଆ ୭୪ ରନ କରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ସଫଳ ବୋଲର ନସିମ ଅହମ୍ମଦ ୪ ଉଇକେଟ ନେଇଥିଲେ। ଜବାବରେ ଯାଜପୁର ୪୬.୪ ଓଭରରେ ୧୯୩ ରନ କରି ଅଲଆଉଟ ହୋଇଯାଇଥିଲା। ଝାରସୁଗୁଡ଼ା ଦଳ ତରଫରୁ ଚମତ୍କାର ବୋଲିଂ କରିଥିବା ନୀରବ ଅଗ୍ରୱାଲ (୫.୪-୧-୨୫-୩) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କଟକ ଡ୍ରିମ୍ସ ଗ୍ରାଉଣ୍ଡରେ ଡିଏଲ୍‌ଏସ୍ ପଦ୍ଧତିରେ ସୋନପୁର ୮ରନରେ ଭଦ୍ରକକୁ ପରାସ୍ତ କରିଛି। ଏଥିରେ ସୋନପୁର ୩୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୪ ରନ କରିଥିଲା। ବର୍ଷା ଯୋଗୁ ଡିଏଲ୍‌ଏସ୍ ପଦ୍ଧତିରେ ଭଦ୍ରକ ପାଇଁ ୨୪ ଓଭରରେ ୧୩୦ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ଦଳ ୨୪ ଓଭରରେ ୮ଉଇକେଟ ହରାଇ ୧୨୧ ରନ କରିବାରେ ସମର୍ଥ ହୋଇଥିଲା। ଏଥିରେ ଭଦ୍ରକ ବୋଲର ଧ୍ରୁବଜ୍ୟୋତି ପହରିଆ (୧୦-୪-୪୩-୪) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କଟକ ସନ୍‌ସାଇନ୍ ଗ୍ରାଉଣ୍ଡରେ ସମ୍ବଲପୁର ଓ ରାୟଗଡ଼ା ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚକୁ ବର୍ଷା ଯୋଗୁ ଅଧାରୁ ବାତିଲ କରିଦିଆଯାଇଥିଲା। ବିଡ଼ାନାସୀ ଗ୍ରାଉଣ୍ଡରେ ନୟାଗଡ଼ ବିପକ୍ଷରେ ଖୋର୍ଦ୍ଧା ୧୬୧ ରନରେ ସହଜ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ମୃତ୍ୟୁଞ୍ଜୟ ମହାପାତ୍ର (୭୯ବଲ୍‌ରୁ ୧୦୧*)ଙ୍କ ଅପରାଜିତ ଶତକ ଓ ୪୫.୪ ଓଭରରେ ୨୩୭ ରନ କରିଥିଲା। ବିପକ୍ଷ ଦଳର ରିକି ମହାନ୍ତି ୪ ଓ ବିଶ୍ୱଜିତ ପ୍ରଧାନ ୩ ଉଇକେଟ ନେଇଥିଲେ। ନୟାଗଡ଼ ୧୮.୫ ଓଭରରେ ମାତ୍ର ୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଖୋର୍ଦ୍ଧାର ଅଭିଜିତ ମହାନ୍ତି ୪ ଓ ପୀୟୂଷ ବଳିୟାର ସିଂ ୩ଉଇକେଟ ଅକ୍ତିଆର କରିଥିଲେ। ଶତକ ହାସଲକାରୀ ମୃତ୍ୟୁଞ୍ଜୟ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ରେଭେନ୍‌ଶା କ୍ରିକେଟ ଗ୍ରାଉଣ୍ଡ-୧ରେ ନବରଙ୍ଗପୁର ବିପକ୍ଷରେ ଭୁବନେଶ୍ୱର 'ବି' ୭ଉଇକେଟରେ ବିଜୟୀ ହୋଇଛି। ବିଜୟୀ ଦଳର ଜଗଦୀଶ ମହାପାତ୍ର (୮-୩-୩୧-୫) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା କ୍ରିକେଟ ଗ୍ରାଉଣ୍ଡ-୨ରେ ବୌଦ୍ଧ ବିପକ୍ଷରେ କିଟ୍ ୮ ଉଇକେଟରେ ସହଜ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବୌଦ୍ଧ ମାତ୍ର ୮୦ ରନ କରି ଅଲଆଉଟ ହୋଇଯାଇଥିଲା। କିଟ୍ ୧୭ ଓଭରରେ ୨ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳର ସ୍ୱୟମ୍ ପଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪ ଉଇକେଟ ନେବା ସହ ୨୬ ରନ କରିଥିଲେ।


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ